79th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

The Prajatantra

ମୀନାବଜାର

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୯ବର୍ଷ ❑ ସଂଖ୍ୟା-୨୬ ● କଟକ ● ମଙ୍ଗଳବାର ● ୦୨ ସେପ୍ଟେମ୍ବର-୨୦୨୫ ● ସିଂହ-୨୫ ● ସାଲ୍-୧୪୩୧

CUTTACK ● TUESDAY ● 02 SEPTEMBER-2025 ● RNI Regd. No. 4001/57

ମୂଲ୍ୟ : ₹ ୫ ଟଙ୍କା

## ଭାରତ ଓ ରୁଷ୍ ଦ୍ୱିପାକ୍ଷିକ ଆଲୋଚନା

# ତ୍ରିଶକ୍ତି ରଣନୀତି ପ୍ରସ୍ତୁତ

ବେଜିଂ,(ଏଜେନ୍ସି):

ସଙ୍ଘାଇ କର୍ପୋରେସନ ଅର୍ଗାନାଇଜେସନ(ଏସ୍‌ସିଓ)ର ସଦସ୍ୟ ରାଷ୍ଟ୍ରମାନେ ପ୍ରଥମଥର ପାଇଁ ଏପ୍ରିଲ ୨୨ର ପହଲଗାମ ନରସଂହାରକୁ ମିଳିତ ଭାବେ ନିନ୍ଦା କରିଛନ୍ତି। ଚୀନ୍‌ର ତିଆନଜିନରେ ଆୟୋଜିତ ଏସ୍‌ସିଓ ସମ୍ମିଳନୀ ପରେ ସୋମବାର ସଦସ୍ୟ ରାଷ୍ଟ୍ରଗୁଡ଼ିକ ପକ୍ଷରୁ ଗୋଟିଏ ମିଳିତ ଘୋଷଣାପତ୍ର ଜାରି କରାଯାଇଛି। ଏଥିରେ ପହଲଗାମ ନରସଂହାରକୁ ଦୃଢ଼ ନିନ୍ଦା କରାଯାଇଛି। ଏହାକୁ ଭାରତର ଗୋଟିଏ ବଡ଼ କୂଟନୀତିକ ବିଜୟ ଭାବେ ବିବେଚନା କରାଯାଉଛି। ଘୋଷଣାପତ୍ରରେ କୁହାଯାଇଛି ଯେ "ସମସ୍ତ ସଦସ୍ୟ ରାଷ୍ଟ୍ର ଦୃଢ଼ ଭାବେ ଏପ୍ରିଲ ୨୨ ପହଲଗାମ ଆତଙ୍କବାଦୀ ହମ୍‌ଲାକୁ ନିନ୍ଦା କରୁଛନ୍ତି।" ହମ୍‌ଲାରେ ମୃତାହତମାନଙ୍କୁ ସଦସ୍ୟ ରାଷ୍ଟ୍ରମାନେ ସହାନୁଭୂତି ଜଣାଇବା ସହ ସେମାନଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଏପରି ହମ୍‌ଲା ପଛରେ ଥିବା ଅପରାଧୀ, ସଂଗଠନ ଓ ପ୍ରାୟୋଜକମାନଙ୍କୁ ଏଥିପାଇଁ ଦାୟୀ କରାଯିବା ଦରକାର ବୋଲି ମିଳିତ ଘୋଷଣା ପତ୍ରରେ ଉଲ୍ଲେଖ କରାଯାଇଛି। ଏସ୍‌ସିଓ ରାଷ୍ଟ୍ରଗୁଡ଼ିକ ଆତଙ୍କବାଦ, ବିଚ୍ଛିନ୍ନତାବାଦ ଓ ଉଗ୍ରବାଦ ବିରୋଧୀ ଲଢ଼େଇ ପାଇଁ ପ୍ରସ୍ତୁତ ଥିବା ପ୍ରତିଶ୍ରୁତିବଦ୍ଧ। ସଦସ୍ୟ ରାଷ୍ଟ୍ରଗୁଡ଼ିକ ଆତଙ୍କବାଦର ସବୁ ପ୍ରକାରର ରୂପକୁ ନିନ୍ଦା କରି ଆତଙ୍କବାଦ ବିରୋଧୀ ଲଢ଼େଇରେ ଦୋମୁହାଁ ନୀତି ଆଦୌ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ଏଥିସହ ଅନ୍ତର୍ଜାତୀୟ ସମୂହକୁ ଆତଙ୍କବାଦୀଙ୍କ ସୀମା ପାର ଗତିବିଧି ସମେତ ଆତଙ୍କବାଦର ମୁକାବିଲା କରିବାକୁ ଆହ୍ୱାନ ଦେଇଛନ୍ତି। ଦୁଇ ମାସ ତଳେ ଚୀନ୍‌ର କ୍ୱିଙ୍ଗଦାଓରେ ଏସ୍‌ସିଓ ରାଷ୍ଟ୍ରଗୁଡ଼ିକର ପ୍ରତିରକ୍ଷା ମନ୍ତ୍ରୀମାନଙ୍କୁ ନେଇ ବୈଠକ ହୋଇଥିଲା। ତେବେ ଏସ୍‌ସିଓ ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ମିଳିତ ଘୋଷଣାପତ୍ରରେ ପହଲଗାମ ଆତଙ୍କବାଦୀ ହମ୍‌ଲା ସମ୍ପର୍କରେ କିଛି ବି କୁହାଯାଇ ନଥିଲା। ଚାଇନା ଏସ୍ ?ସିଓ ଶିଖର ସମ୍ମିଳନୀର ଅଧ୍ୟକ୍ଷତା କରୁଥିବା ବେଳେ ପାକିସ୍ତାନ କଥାରେ ଜାଣିଶୁଣି ପହଲଗାମ ନରସଂହାରକୁ ଏଥିରେ ସାମିଲ କରାଯାଇ ନଥିଲା। ଖାସ୍ ଏହି କାରଣ ପାଇଁ ଭାରତ ମିଳିତ ଘୋଷଣାପତ୍ରରେ ଦସ୍ତଖତ କରିନଥିଲା। ଅନ୍ୟପକ୍ଷରେ ଚୀନ୍‌ରେ ଚାଲିଥିବା ଏସ୍‌ସିଓ ସମ୍ମିଳନୀ ଅବସରରେ ଭାରତ ଓ ରୁଷ ଦ୍ୱିପାକ୍ଷିକ ଆଲୋଚନା ହୋଇଛି। ଆମେରିକାର ଟାରିଫ ଝଡ଼ ଭିତରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରୁଷ୍ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଦୁଇଦେଶ ମଧ୍ୟରେ ଥିବା ସୁସମ୍ପର୍କକୁ ଆହୁରି ମଜବୁତ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ଦ୍ୱିପାକ୍ଷିକ ଆଲୋଚନର ବେଳେ ପ୍ରଧାନମନ୍ତ୍ରୀ ମୋଦୀ ରୁଷ ରାଷ୍ଟ୍ରପତି ପୁଟିନଙ୍କୁ ଭାରତକୁ ନିମନ୍ତ୍ରଣ କରିଛନ୍ତି। ସେହିପରି ସେ ୟୁକ୍ରେନ ସହ ଚାଲିଥିବା ଯୁଦ୍ଧର ସ୍ଥାୟୀ ସମାଧାନ ପାଇଁ ମଧ୍ୟ ପୁଟିନଙ୍କୁ କହିଛନ୍ତି। ପୁଟିନ ମଧ୍ୟ ମୋଦୀଙ୍କୁ ପ୍ରିୟର ବନ୍ଧୁ ବୋଲି ସମ୍ବୋଧନ କରି ଭାରତ ଓ ରୁଷ୍ ସମ୍ପର୍କ ବେଶ ମଜବୁତ ବୋଲି ମତ ରଖିଛନ୍ତି। ତିଆନଜିନରେ ଅନୁଷ୍ଠିତ ହୋଇଥିବା ଦ୍ୱିପାକ୍ଷିକ ବୈଠକ ସମୟରେ ମୋଦୀ କହିଛନ୍ତି, ୟୁକ୍ରେନରେ ସ୍ଥାୟୀ ସମାଧାନ ପୂରା ମାନବଜାତିର ଆହ୍ୱାନ। ସେ କହିଛନ୍ତି, "ଆମେ ନିୟମିତ ଭାବେ ୟୁକ୍ରେନ ଚାଲିଥିବା ବିବାଦ ସମ୍ପର୍କରେ ଆଲୋଚନା କରି ଆସିଛୁ। ଶାନ୍ତିପାଇଁ ଏବେ ନିଆଯାଇଥିବା ପଦକ୍ଷେପକୁ ଆମେ ସ୍ୱାଗତ କରୁଛୁ। ଆମର ଆଶା ସବୁ ପକ୍ଷ ଗଠନମୂଳକ ଢଙ୍ଗରେ ଆଗକୁ ବଢ଼ିବେ। ଯଥା ସମ୍ଭବ ବିବାଦର ସମାଧାନ ପାଇଁ ରାସ୍ତା ବାହାରିବା ଦରକାର। ସ୍ଥାୟୀ ସମାଧାନ ଜରୁରୀ। ୟୁକ୍ରେନରେ ଶାନ୍ତି ପ୍ରତିଷ୍ଠା ପାଇଁ ପୂରା ମାନବଜାତି ଚାହୁଁଛି। ଶାନ୍ତି ପ୍ରତିଷ୍ଠାର ଆହ୍ୱାନ ପୂରା ମାନବତା ଦେଉଛି।" ରୁଷ୍ ରାଷ୍ଟ୍ରପତି ପୁଟିନ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ପ୍ରଶଂସା କରିବାକୁ ପଛାଇ ନାହାନ୍ତି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଆଲୋଚନା କରି ସେ ବେଶ୍ ଖୁସି ବୋଲି ଦ୍ୱିପାକ୍ଷିକ ଆଲୋଚନା ବେଳେ କହିଛନ୍ତି। ପୁଟିନ କହିଛନ୍ତି, "ଆପଣଙ୍କ ସହ ଆଲୋଚନା କରି ବେଶ ଖୁସି। ଏସ୍‌ସିଓ ଗ୍ଲୋବାଲ ସାଉଥ୍ ଓ ଇଷ୍ଟକୁ ଗୋଟିଏ ମଞ୍ଚରେ ଏକାଠି ହେବାକୁ ସୁଯୋଗ ଦେଇଛି। ୨୦୨୫ ମସିହା ୨୧ ଡିସେମ୍ବରରେ ଭାରତ-ରୁଷ୍ ସମ୍ପର୍କର 'ବିଶେଷ ଓ ବିଶେଷାଧିକାର ରଣନୀତିକ ଭାଗିଦାରୀ'କୁ ସର୍ବୋଚ୍ଚ ସ୍ତରରେ ପହଞ୍ଚାଇବାର ୧୫ତମ ବର୍ଷ ପୂର୍ତ୍ତି। ଆମ ଭିତରେ ବହୁସ୍ତରୀୟ ସମ୍ପର୍କ ରହିଛି। ଆଜିର ବୈଠକ ଭାରତ-ରୁଷ୍ ସମ୍ପର୍କକୁ ଆହୁରି ମଜବୁତ କରିବ। ଭାରତ ଓ ରୁଷ୍ ମଧ୍ୟରେ ବହୁତ ଭଲ ସମ୍ପର୍କ ରହିଛି। ପ୍ରିୟ ବନ୍ଧୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମୟରେ ରୁଷ୍ ଓ ଭାରତ ମଧ୍ୟରେ ସମ୍ପର୍କ ବେଶ ଗତିଶୀଳ ହେବାରେ ଲାଗିଛି।" ଦୁଇନେତାଙ୍କ ବନ୍ଧୁତା ଏବଂ ଆଲୋଚନା ଏବେ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି। ଖାସ କଥା ଏହା ଯେ ପୁଟିନ ଏବଂ ମୋଦୀ ଗୋଟିଏ କାର୍‌ରେ ଯାତ୍ରା କରିଥିଲେ। ଏସ୍‌ସିଓ ସମ୍ମିଳନୀ ସ୍ଥଳରୁ ହୋଟେଲ ପର୍ଯ୍ୟନ୍ତ ମୋଦୀ ପୁଟିନଙ୍କ ଅରସ ଲିମୋସିନ କାର୍‌ରେ ବସି ଯାତ୍ରା କରିଥିଲେ। ସମ୍ମିଳନୀ ସରିବା ପରେ ପୁଟିନ ଆଗ ବାହାରକୁ ଚାଲିଆସିଥିଲେ। କିନ୍ତୁ ସେ ମୋଦୀଙ୍କ ସହିତ ହୋଟେଲ ପର୍ଯ୍ୟନ୍ତ ଯିବାକୁ ଆଗ୍ରହ ପ୍ରକାଶ କରିଥିଲେ। ସେଥିପାଇଁ ସେ ବାହାରେ ମୋଦୀଙ୍କୁ ପ୍ରାୟ ୧୦ ମିନିଟ୍ ଧରି ଅପେକ୍ଷା କରିରହିଥିଲେ।



### ମୋଦୀ-ପୁଟିନ୍-ଜିନ୍‌ପିଙ୍ଗ ଏକାଠି

## 'ସୁପ୍ରିମ୍' ଆଦେଶ

# ଶିକ୍ଷକଙ୍କ ପାଇଁ ଟିଇଟି ପାସ୍ ବାଧ୍ୟତାମୂଳକ

ନୂଆଦିଲ୍ଲୀ,(ପିପିଏସ୍):

ଶିକ୍ଷକ ଚାକିରି ପାଇଁ ଏଣିକି ଟିଚର୍ସ ଇଲିଜିବିଲିଟି ଟେଷ୍ଟ ବା ଟିଇଟି ପାସ୍ ବାଧ୍ୟତାମୂଳକ। ସେହିପରି ଚାକିରିରେ ଥିବା ଶିକ୍ଷକମାନଙ୍କୁ ମଧ୍ୟ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ ବୋଲି ସୋମବାର ସୁପ୍ରିମ୍‌କୋର୍ଟ ରାୟ ଦେଇଛନ୍ତି। ୨୦୦୯ ମସିହା ଆର୍‌ଟିଇ ଆଇନ ବା ପିଲାଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ଲାଗୁ ହେବା ପୂର୍ବରୁ ନିଯୁକ୍ତି ପାଇଥିବା ଓ ଯେଉଁମାନଙ୍କ ଚାକିରି ୫ବର୍ଷରୁ ଅଧିକ ସମୟ ବାକି ରହିଛି, ସେମାନଙ୍କୁ ୨ବର୍ଷ ମଧ୍ୟରେ ଟିଇଟି ପାସ୍ କରିବାକୁ ପଡ଼ିବ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ରାୟ ଦେବା ବେଳେ ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ ଆର୍‌ଟିଇ ଅଧୀନରେ ଟିଇଟି ବାଧ୍ୟତାମୂଳକ ନିୟମ ଦେଶର ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ପାଇଁ ଲାଗୁ ହେବନାହିଁ। ବୃହତ୍ତର ଖଣ୍ଡପୀଠ ସଂଖ୍ୟାଲଘୁ ସ୍କୁଲଗୁଡ଼ିକ ଆର୍‌ଟିଇ ଆକ୍ଟ ଅଧୀନରେ ଆସୁଛନ୍ତି କି ନାହିଁ, ତା'ର ନିଷ୍ପତ୍ତି ନେବେ। ଏହାପରେ ଟିଇଟି ବାଧ୍ୟତାମୂଳକ ନିୟମ କାର୍ଯ୍ୟକାରୀ ହେବ କି ନାହିଁ, ତା' ନିଷ୍ପତ୍ତି ହେବ। ଶୁଣାଣି ବେଳେ ତୃଣମୂଳସ୍ତରର ବାସ୍ତବ ସ୍ଥିତିକୁ ଦେଖି ଜଷ୍ଟିସ୍ ଦୀପଙ୍କର ଦତ୍ତା ଓ ଜଷ୍ଟିସ୍ ମନମୋହନ ଏବେ ଯେଉଁ ଶିକ୍ଷକମାନଙ୍କ କାର୍ଯ୍ୟକାଳ ୫ବର୍ଷରୁ କମ୍ ସମୟ ରହିଛି ଓ ପଦୋନ୍ନତି ପାଇବାକୁ ଚାହୁଁନାହାନ୍ତି; ସେମାନଙ୍କୁ ଟିଇଟି ବାଧ୍ୟତାମୂଳକ ନିୟମରୁ ବାହାରେ ରଖିବାକୁ କହିଛନ୍ତି। ୨୦୧୧ ମସିହା ଜୁଲାଇ ୨୯ରେ ନ୍ୟାସନାଲ କାଉନ୍‌ସିଲ ଫର ଟିଚର ଏଡୁକେସନ (ଏନସିଟିଇ) ଶିକ୍ଷକ ଭାବେ କ୍ୟାରିୟର ଗଢ଼ିବାକୁ ଚାହୁଁଥିବା ଆଶାୟୀଙ୍କ ପାଇଁ ଟିଇଟି ବାଧ୍ୟତାମୂଳକ କରିଥିଲା। ଏ ସଂକ୍ରାନ୍ତରେ ଏକାଧିକ ଆବେଦନ ସୁପ୍ରିମ୍‌କୋର୍ଟରେ ଆଗତ କରାଯାଇଥିଲା। ସଂଖ୍ୟାଲଘୁ ସଂଖ୍ୟାନୁଷ୍ଠାନ ପାଇଁ ଆରଟିଇ ଆଇନ ଲାଗୁହେବ କି? ଯଦି ହଁ, ତା'ହେଲେ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନର ଶିକ୍ଷକମାନଙ୍କ ପାଇଁ ଟିଇଟି ବାଧ୍ୟତାମୂଳକ କରାଯିବ? ଏହା ସମ୍ବିଧାନର ଧାରା ୩୦କୁ ଉଲ୍ଲଘଂନ କରୁଛି କି ନାହିଁ, ତା'ର ବିଚାର କରିବାକୁ ସୁପ୍ରିମ୍‌କୋର୍ଟରେ ଆବେଦନ କରାଯାଇଥିଲା।



## ଆର୍‌ଆଇ, ଅମିନ ପରୀକ୍ଷା ଅକ୍ଟୋବର ୮ରୁ

**ଭୁବନେଶ୍ୱର,(ପିପିଏସ୍):** ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ(ଓଏସ୍‌ଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ରାଜସ୍ୱ ନିରୀକ୍ଷକ, ଅମିନ, ସହକାରୀ ରାଜସ୍ୱ ନିରୀକ୍ଷକ, ଏସ୍‌ଏଫ୍‌ଏସ୍ ଏବଂ ଆଇସିଡିଏସ୍ ସୁପରଭାଇଜର ପରୀକ୍ଷା ଆସନ୍ତା ଅକ୍ଟୋବର ୮ତାରିଖରୁ ଅନୁଷ୍ଠିତ ହେବ। ଏହା ନଭେମ୍ବର ୩ୟ ସପ୍ତାହ ପର୍ଯ୍ୟନ୍ତ ଚାଲିପାରେ। ଏ ସମ୍ପର୍କରେ ଆୟୋଗ ପକ୍ଷରୁ ସୋମବାର ବିଜ୍ଞପ୍ତି ଜାରି କରାଯାଇଛି। ପରୀକ୍ଷା ତାରିଖ, ସ୍ଥାନ ଏବଂ କେନ୍ଦ୍ର ସମ୍ପର୍କିତ ତଥ୍ୟ ପ୍ରବେଶ ପତ୍ରରେ ଉଲ୍ଲେଖ କରାଯିବ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ପରୀକ୍ଷାରେ ଅନିୟମିତତା ହୋଇଥିବା ଅଭିଯୋଗ କରି ପୂର୍ବ ପରୀକ୍ଷାକୁ ରଦ୍ଦ କରିବା ଲାଗି କିଛି ପରିକ୍ଷାର୍ଥୀଙ୍କ ପକ୍ଷରୁ ହାଇକୋର୍ଟରେ ମାମଲା ଦାଏର କରାଯାଇଥିଲା। ହାଇକୋର୍ଟ ଏହାର ସାନି ପରୀକ୍ଷା କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ୮୦୦ ଏକରରେ ହେବ ନୂଆ ଭୁବନେଶ୍ୱର

### ବଢ଼ିବ ରାଜଧାନୀର କଳେବର

ଭୁବନେଶ୍ୱର,(ପିପିଏସ୍):

ଭୁବନେଶ୍ୱରରେ ସିଙ୍ଗାପୁର ମଡେଲ୍। ବଢ଼ିବ ରାଜଧାନୀର ପରିସର। ୮୦୦ ଏକର ଜମିରେ ପ୍ରତିଷ୍ଠା ହେବ ନୂଆ ଭୁବନେଶ୍ୱର। ଗୁଜୁରାଟ ଦୋଲେରା ସିଟି ଢାଞ୍ଚାର ଅନୁକରଣ। ରାଜ୍ୟରେ ବିଜେପି ସରକାର ଆସିବା ପରେ ଦ୍ରୁତଗତିରେ ହେଉଛି ବିକାଶ। ଏହି ଗତି ସହ ତାଳ ଦେଇ ବଦଳୁଛି ଲୋକଙ୍କ ଜୀବନଶୈଳୀ। ଏସବୁ ଭିତରେ ରାଜଧାନୀବାସୀଙ୍କୁ ଉନ୍ନତ ଜୀବନଚର୍ଯ୍ୟାର ଅନୁଭବ ଦେବାକୁ ରାଜ୍ୟ ସରକାର ନେବେ ପଦକ୍ଷେପ। ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, କୋଲକାତା ଭଳି ଭୁବନେଶ୍ୱରକୁ ମେଟ୍ରୋ ପଲିଟାନ ସିଟି ଭାବେ ଗଢ଼ିବାକୁ କରାଯାଉଛି ଯୋଜନା। ମଳିପଡ଼ା, ଦାସପୁର, ଅନ୍ଧାରୁଆ, ଗୋଠପାଟଣା ଭଳି ଅଞ୍ଚଳକୁ ନେଇ ମୋଟ୍ ୮୦୦ ଏକର ଜମିରେ ପ୍ରତିଷ୍ଠାହେବ ନୂଆ ଭୁବନେଶ୍ୱର। ଗୁଜୁରାଟର ଦୋଲେରା ଗିଫ୍ଟ ସିଟି ଢାଞ୍ଚାରେ ଏହାର ନିର୍ମାଣ ନେଇ ଚିନ୍ତା କରାଯାଉଛି। ସିଙ୍ଗାପୁର ସରକାର ଡିପିଆର୍ ପ୍ରସ୍ତୁତି ପାଇଁ ନେଇଛନ୍ତି ଦାୟିତ୍ୱ। ଖୁବ୍‌ଶୀଘ୍ର ଏହି ପରିକଳ୍ପନା ବାସ୍ତବତାର ରୂପ ନେବ ବୋଲି କହିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ନୂଆ ସହରରେ ଆଇଟି ପାର୍କ, ମେଡିକାଲ୍ ସୁବିଧା, ଲୋକ ରହିବା ପାଇଁ ଘର, ବ୍ୟବସାୟିକ ପ୍ରତିଷ୍ଠାନ, ପେଡେଷ୍ଟ୍ରିୟାନଙ୍କ ପାଇଁ ଚାଲିବା ବ୍ୟବସ୍ଥା, ଓପନ୍ ସ୍ପେସ, ଅର୍ଥନୀତିକ ଆକ୍ଟିଭିଟି ରହିବା ସହ ନନ୍ ପୋଲୁଟିଂ ହବ୍ ନିର୍ମାଣ ନେଇ ବ୍ୟବସ୍ଥା ହୋଇଛି। ନୂଆ ସହର ମଧ୍ୟରେ ଶିଳ୍ପ ସଂସ୍ଥାକୁ ମଧ୍ୟ ଦିଆଯିବ ଗୁରୁତ୍ୱ। ସହର ବୃଦ୍ଧି ସହ ଏହାର ପୁନଃ ବିକାଶ କରିବାକୁ ଯୋଜନା କରୁଛନ୍ତି ରାଜ୍ୟ ସରକାର। ସେହିପରି କ୍ୱାଡ୍ ସିଟି ପ୍ରୋଗ୍ରାମ ଜରିଆରେ ଭୁବନେଶ୍ୱର, ପୁରୀ, କଟକ, ପାରାଦୀପକୁ ମିଶାଇ ଇକୋନୋମିକ ଜୋନ୍ ଗଠନ କରିବାକୁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର। କେବଳ ଏହି ୪ଟି ସ୍ଥାନ ନୁହେଁ, ରାଜ୍ୟର ଚାରି ଦିଗରେ ଥିବା ପ୍ରମୁଖ ସହର, ଯେଉଁଗୁଡିକର ଅର୍ଥନୀତିରେ ପ୍ରମୁଖ ଯୋଗଦାନ ରହିଛି, ସେସବୁର ବିକାଶ କରାଯିବ।

## ବାଜିବନି ଡିଜେ, ଫୁଟିବନି ବାଣ

### ପଡ଼ିବନି ଲେଜର ଲାଇଟ୍

ଭୁବନେଶ୍ୱର,(ପିପିଏସ୍):

ଆଉ କେଇଟା ଦିନ ପରେ ଶାରଦୀୟ ଦୁର୍ଗା ପୂଜା। ରାଜଧାନୀର ବିଭିନ୍ନ ଦୁର୍ଗା ପୂଜା କମିଟି ପକ୍ଷରୁ ଚାଲିଛି ଜୋରଦାର ପ୍ରସ୍ତୁତ। ତେବେ ଏଥର ଦୁର୍ଗା ପୂଜାରେ ବାଜିବନି ଡିଜେ, ଫୁଟିବନି ଆତସବାଜି। ଲୋକଙ୍କ ଉପରକୁ ପଡ଼ିବନି ଲେଜର ଲାଇଟ୍। ଭୁବନେଶ୍ୱର କମିଶନରଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ୟୁପିଡିରେ ହେବାକୁ ଥିବା ୧୯୦ ମଣ୍ଡପର କର୍ମକର୍ତ୍ତାଙ୍କୁ ନେଇ ଆୟୋଜିତ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଭସାଣ ବେଳେ ଦେଖାଯାଉଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ଦୁର୍ଗାପୂଜା କମିଟିର କର୍ମକର୍ତ୍ତା ମାନେ ପୁଲିସ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହା ସହିତ ଭୁବନେଶ୍ୱର ୟୁପିଡିରେ ଫୁଟିବନି ବାଣ। କେବଳ ରାବଣ ପୋଡ଼ିରେ ନିର୍ଦ୍ଦିଷ୍ଟ ଡେସିବେଲର ଆତସବାଜିକୁ ଅନୁମତି ଦିଆଯିବ। ମେଢ଼ ଗୁଡ଼ିକରେ ଲାଗିବନି ଲେଜର ଲାଇଟ୍। ଅନେକ ସମୟରେ ଲୋକଙ୍କ ଆଖିରେ ପଡୁଥିବା ଲେଜର ଲାଇଟ୍ ଯୋଗୁ ଆଖି ହରାଇଛନ୍ତି ସାଧାରଣ ଲୋକେ। ସେହିପରି ଝାରପଡ଼ା ମଣ୍ଡପରେ ଏଥର ପୂଜା ପାଇବେନି ମାଆ ଦୁର୍ଗା। ଦୁଇ ଗୋଷ୍ଠୀ କନ୍ଦଳ ଯୋଗୁ ଦୁଇପକ୍ଷକୁ ଅନ୍ୟତ୍ର ଭିନ୍ନ ଭିନ୍ନ ସ୍ଥାନରେ ପୂଜା କରିବା ପାଇଁ ଅନୁମତି ଦିଆଯାଇଛି। କମିଟି ସଦସ୍ୟଙ୍କ ଅଭିଯୋଗ ବର୍ଷା ଯୋଗୁ ପ୍ରାୟ ମଣ୍ଡପ ସାମ୍ନା ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ରହିଛି। ମଣ୍ଡପ ନିକଟରେ ଥିବା ବଡ଼ ବଡ଼ ଗଛ କଟାଯାଉ। ତୋରଣ ପାଇଁ ମଣ୍ଡପ ନିକଟରେ ଯାଇଥିବା ବିଦ୍ୟୁତ୍ ତାର କାଢ଼ିବାର ବ୍ୟବସ୍ଥା କରାଯାଉ। ପ୍ରତି ମଣ୍ଡପରେ ଗତବର୍ଷ ଭଳି ସିସିଟିଭି ଲାଗିବା ବାଧ୍ୟତାମୂଳକ କରାଯାଇଛି। ଏହା ସହିତ ମଣ୍ଡପରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଭଲେଣ୍ଟିୟରଙ୍କୁ ନିୟୋଜିତ କରାଯିବ। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା କହିଛନ୍ତି ଟ୍ରାଫିକ ଡିସିପି। ଏହି ବୈଠକରେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ ଆଇନ ଶୃଙ୍ଖଳା ନିୟନ୍ତ୍ରଣ ଦିଗରେ ପୁଲିସ ପୂଜା ସମୟରେ ଅଧିକ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ପ୍ରଥମ ଦୁର୍ଗାପୂଜା ପ୍ରସ୍ତୁତି ବୈଠକରେ ଭୁବନେଶ୍ୱର ଡିସିପି, ବିଭିନ୍ନ ବିଭାଗର ଅଧିକାରୀ ଓ ପୂଜା କମିଟିର ସଦସ୍ୟମାନେ ଯୋଗ ଦେଇଥିଲେ।



## ଗଣେଶ ଭସାଣିରେ ଗଣ୍ଡଗୋଳ, ଜଣେ ମୃତ

### ଶବ ରଖି ରାସ୍ତା ଅବରୋଧ

### ଦୁଇ ଗାଁରେ ଫୋର୍ସ ମୁତୟନ

ଭାପୁର,(ପିପିଏସ୍):

ବିଘ୍ନବିନାଶକଙ୍କ ଭସାଣିରେ ଗଣ୍ଡଗୋଳ ହୋଇ ଜଣେ ବୃଦ୍ଧଙ୍କ ମୃତ୍ୟୁହେବା ଏବଂ ଗ୍ରାମବାସୀ ଶବକୁ ଭାପୁର ଡାକ୍ତରଖାନା ସମ୍ମୁଖ ରାସ୍ତାରେ ରଖି ଟାୟାର ଜାଳି ରାସ୍ତା ଅବରୋଧ କରିବା ଘଟଣା ସମଗ୍ର ଭାପୁର ବ୍ଲକ୍ ଅଞ୍ଚଳରେ ଆଲୋଡନ ସୃଷ୍ଟିକରିଛି। ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଅନ୍ତର୍ଗତ କରଡ଼ାପଲ୍ଲୀ ଗ୍ରାମରେ ରବିବାର ରାତିରେ ଘଟିଛି ଏହି ଘଟଣା। ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ବେଳେ



ଅଭିଯୋଗକୁ ଆଧାର କରି ପୁଲିସ ମାମଲା ରୁଜୁକରି ଡିଜେ ଗାଡ଼ି ଓ ଚାଳକକୁ ଥାନାରେ ଅଟକ ରଖି ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରିରଖିଛି। ପୁଲିସ ସୂତ୍ରରୁ ପ୍ରକାଶ, ଭାପୁର ବ୍ଲକ୍ ଗୋଳାପୋଖରୀ ପଞ୍ଚାୟତ ପାଥପୁର ଗ୍ରାମରେ ଗଣେଶ ପୂଜା ଧୁମ୍‌ଧାମରେ ପାଳିତ ହୋଇଥିଲା। ରବିବାର ଦିନ ଗ୍ରାମର ଯୁବକମାନେ ଡିଜେ ବଜାଇ ଗ୍ରାମରେ ଭସାଣି ସାରି ରାତି ପ୍ରାୟ ୧୦ଟାରେ ନିକଟସ୍ଥ କରଡ଼ାପଲ୍ଲୀ ଗ୍ରାମକୁ ଯାଇଥିଲେ। କରଡ଼ାପଲ୍ଲୀ ଗ୍ରାମରେ ଭସାଣି ଶୋଭାଯାତ୍ରା ଚାଲିଥିବା ବେଳେ ଗ୍ରାମର ରଶ୍ମିରଂଜନ ସାଇଁଙ୍କ ସହ ପାଥପୁର ଗ୍ରାମର ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳ ସମୟରେ ରଶ୍ମିରଞ୍ଜନ ସାଇଁଙ୍କ ବାପା ହରିହର(୬୨) ହଠାତ୍ ଗଣ୍ଡଗୋଳ ମଝିରେ ପଶି ବୁଝାସୁଝା କରିବା ପାଇଁ ଚେଷ୍ଟା କରୁଥିବା ବେଳେ ଯୁବକଙ୍କ ମାଡ଼ରେ ଘଟଣାସ୍ଥଳରେ ସେ ଟଳି ପଡ଼ିଥିଲେ। ଗ୍ରାମବାସୀ ହରିହରଙ୍କୁ ସଙ୍ଗେସଙ୍ଗେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମବାସୀ ସୋମବାରସକାଳେ ଶବକୁ ଡାକ୍ତରଖାନା ସମ୍ମୁଖ ଫତେଗଡ଼ - ଖଣ୍ଡପଡ଼ା ରାସ୍ତାରେ ରଖି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଉଭୟ ଗ୍ରାମରେ ଉତ୍ତେଜନାକୁ ଦୃଷ୍ଟିରେ ରଖି ଏପିଆର ଫୋର୍ସ ମୁତୟନ କରାଯାଇଛି। ୪ ଜଣକୁ ଥାନାରେ ଅଟକ ରଖି ପଚରା ଉଚରା ଜାରିରଖିଥିବା ଏସ୍‌ଡିପିଓ କହିଛନ୍ତି।

### ସମ୍ପାଦକୀୟ

ମୋଦୀ-ଜିନ୍‌ପିଙ୍ଗ ସାକ୍ଷାତ

### ବାଟେଘାଟେ



କଟକ ସ୍ୱାୟତ୍ତ ଶାସନ ଦିବସ
ଶହୀଦ ଭବନ ଠାରେ
ପାଳନ ପାଇଁକି ସଭା ହୋଇଥିଲା
ସନ୍ଧ୍ୟା ଛଅଟା ବେଳରେ
ଦୁର୍ନୀତି କଥା ଉଠିଲାନି ତହିଁ
ଖାଲି ବିକାଶ କାମରେ
କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି
ରାସ୍ତା ନାଳନର୍ଦ୍ଦମାରେ
ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ
ପକାଇଛି ଅକଳରେ
ପାର୍ବଣ ବେଳକୁ ଗୁମର ଫିଟିବ
କିଏ କେତେ ଦୁର୍ନୀତିରେ

- ରାହୀ

# ଭୂକମ୍ପରେ ଥରିଲା ଆଫଗାନିସ୍ତାନ

## ୧୦୦୦ରୁ ଊର୍ଦ୍ଧ୍ୱ ମୃତ, ୨୮୦୦ ଗୁରୁତର

ନୂଆଦିଲ୍ଲୀ,(ପିପିଏସ୍):

ପ୍ରଳୟଙ୍କରୀ ଭୂକମ୍ପରେ ଛାରଖାର ହୋଇଯାଇଛି ଆଫଗାନିସ୍ତାନ। ତାଲିବାନ ଶାସିତ ଆଫଗାନିସ୍ତାନରେ ରବିବାର ବିଳମ୍ବିତ ରାତିରେ ହୋଇଥିବା ଭୂକମ୍ପରେ ୧୦୦୦ରୁ ଊର୍ଦ୍ଧ୍ୱ ମୃତ୍ୟୁହୋଇଛି। ସେହିପରି ୨୮ଶହରୁ ଅଧିକ ଲୋକ ଆହତ ହୋଇଛନ୍ତି। ଶତାଧିକ ଘର ଭୁଶୁଡ଼ି ପଡ଼ିଥିବା ବେଳେ ରାସ୍ତାଘାଟ ଫାଟି ଆଁ କରିଛି। ଏବେ ଧ୍ୱଂସାବଶେଷ ତଳେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ଜୋରସୋରରେ ଉଦ୍ୟମ କରାଯାଉଛି। ନ୍ୟାସନାଲ ସେଣ୍ଟର ଫର ସେଇସମୋଲୋଜି ବା ଏନଏସ୍‌ସିର ସୂଚନା ଅନୁଯାୟୀ, ଭାରତୀୟ ସମୟ ରାତି ୧୨.୪୭ ଓ ସ୍ଥାନୀୟ ସମୟ ୧୧.୪୭ରେ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲରେ ଏହା ତୀବ୍ରତା ୬.୦ ରେକର୍ଡ କରାଯାଇଛି। ପୂର୍ବ ଆଫଗାନିସ୍ତାନରେ ଭୂକମ୍ପର କେନ୍ଦ୍ରସ୍ଥଳ ରହିଥିବା ବେଳେ ଏହା ଭୂପୃଷ୍ଠରୁ ୧୬୦ କିମି ଗଭୀରରେ ସୃଷ୍ଟି ହୋଇଥିଲା। ଭୂକମ୍ପର ପ୍ରଭାବ ପାକିସ୍ତାନ ଓ ଉତ୍ତରପୂର୍ବ ଭାରତର କିଛି ସ୍ଥାନରେ ଅନୁଭୂତ ହୋଇଛି। ୬.୦ ତୀବ୍ରତା ପରେ ଆଉ କିଛି ଝଟ୍‌କା ଅନୁଭବ ହୋଇଛି। ସେଗୁଡ଼ିକର ତୀବ୍ରତା ଯଥାକ୍ରମେ ୪.୭, ୪.୩୦, ୫.୦ ଓ ୫.୦ ରେକର୍ଡ କରାଯାଇଛି। ଏଥିଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଭୂକମ୍ପ ଯୋଗୁ ଆଫଗାନିସ୍ତାନର କୁନାର ପ୍ରଦେଶରେ ଥିବା ୩ଟି ଗାଁ ସଂପୂର୍ଣ୍ଣ ମାଟିରେ ମିଶି ଯାଇଛି। ଅନ୍ୟ ଗାଁଗୁଡ଼ିକ ମଧ୍ୟ କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିବା ଆଫଗାନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମନ୍ତ୍ରଣାଳୟର ମୁଖପାତ୍ର ଶରାଫତ ଜମାଣ କହିଛନ୍ତି, "ଗାଁଗୁଡ଼ିକରେ ଘର ଦ୍ୱାର ଭୁଶୁଡ଼ି ପଡ଼ିଥିବାରୁ ଅନେକ ଲୋକ ଏହା ତଳେ ଚାପି ହୋଇ ରହିଛନ୍ତି। ତେଣୁ ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧିପାଇବାର ଆଶଙ୍କା ରହିଛି।" କୁନାର ପ୍ରଦେଶର ମୁଖ୍ୟ ନଜିବୁଲ୍ଲା ହନିଫ ୨୫୦ ଜଣ ପ୍ରାଣ ହରାଇଥିବା ବେଳେ ୫୦୦ରୁ ଅଧିକ ଲୋକ ଆହତ ହୋଇଥିବା ନିଶ୍ଚିତ କରିଛନ୍ତି। କେବଳ ଗୋଟିଏ ଗାଁରେ ୩୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ସେ କହିଛନ୍ତି। ଏହି ପ୍ରଦେଶରେ ଅଧିକାଂଶ ଘର ମାଟି ଓ ପଥରରେ ତିଆରି ହୋଇଥିଲା। ଭୂକମ୍ପର ସର୍ବାଧିକ ପ୍ରଭାବ ମହିଳା ଓ ଶିଶୁମାନଙ୍କ ଉପରେ ପଡ଼ିଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ପୁରୁଷମାନଙ୍କ ତୁଳନାରେ ବହୁତ କମ୍ ମହିଳା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ୨୦୨୨ରେ ପାକ୍ତିକା ଭୂକମ୍ପ ସମୟରେ ମଧ୍ୟ ଏହିପରି ଦୃଶ୍ୟ ଦେଖାଯାଇଥିଲା। ସେତେବେଳେ କିଛି ଦିନ ପରେ ଡାକ୍ତରଖାନାରେ ଆହତ ମହିଳାମାନଙ୍କ ସଂଖ୍ୟା ବଢ଼ିଯାଇଥିଲା। ମିଳିତ ଜାତିସଂଘ କହିଛି ଯେ ତାଙ୍କ ଟିମ୍‌ଗୁଡ଼ିକ ପୂର୍ବରୁ ଘଟଣାସ୍ଥଳରେ ଜରୁରୀ ଓ ଜୀବନ ରକ୍ଷାକାରୀ ସାହାଯ୍ୟ ପହଞ୍ଚାଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି। ସେ ଭୂକମ୍ପରେ ପ୍ରଭାବିତ ଲୋକମାନଙ୍କ ପ୍ରତି ସମର୍ଥନ ଓ ସମବେଦନା ବ୍ୟକ୍ତ କରିଛନ୍ତି। ସେ ଏକ୍ସରେ ଲେଖିଛନ୍ତି,"ଆଫଗାନିସ୍ତାନରେ ଭୂକମ୍ପ କାରଣରୁ ହୋଇଥିବା ଜୀବନ ଓ ସମ୍ପତ୍ତିର କ୍ଷତିରେ ମୁଁ ଗଭୀର ଭାବେ ଦୁଃଖିତ।'



### ମାଟିରେ ମିଳିଲା ୩ ଗାଁ

### ରିକ୍ଟର ସ୍କେଲ୍‌ରେ ତୀବ୍ରତା ୬.୦

### ପାକିସ୍ତାନ ଓ ଉତ୍ତରପୂର୍ବ ଭାରତରେ ବି ଝଟ୍‌କା

### ଦୁଃଖ ପ୍ରକାଶ କଲେ ପ୍ରଧାନମନ୍ତ୍ରୀ ମୋଦୀ




# ଆଜିର ରାଶିଫଳ

**ମେଷ** ସାରାଦିନ କାମରେ ବ୍ୟସ୍ତ ରହିବେ। ଶାନ୍ତ ରହି ବିବାଦକୁ ସମାଧାନ କରନ୍ତୁ। ଭାଗୀଦାରି କାରବାରରେ ଲାଭ ପାଇବେ। ଯେଉଁମାନେ ପ୍ରେମ କରୁଛନ୍ତି ସେମାନେ ମନର କଥା ସାଥୀଙ୍କୁ କହିବେ।

**ବୃଷ** ପୂର୍ବରୁ ଲାଗି ରହିଥିବା ଚିନ୍ତା ଦୂର ହେବ। ରାଜନୀତିରେ ସକ୍ରିୟ ଭୂମିକା ନିର୍ବାହ କରିବେ। ବ୍ୟବସାୟରେ ଲାଭ ହେବ। ଡ଼ାକ୍ତରୀ ଛାତ୍ରଙ୍କୁ ବଡ଼ ଡ଼ାକ୍ତରଙ୍କ ସହ କାମ କରିବାର ଅବସର ମିଳିବ।

**ମିଥୁନ** କାମରେ ବ୍ୟସ୍ତ ରହିବା ସତ୍ତ୍ୱେ ସନ୍ଧ୍ୟାରେ ପରିବାର ସହ ସମୟ ଅତିବାହିତ କରିବେ। ସ୍ୱାଦିଷ୍ଟ ଖାଦ୍ୟ ଭୋଜନ କରିବେ। କଳା କ୍ଷେତ୍ରରେ ଥିବା ବ୍ୟକ୍ତିମାନଙ୍କୁ ସଫଳତା ମିଳିପାରେ।

**କର୍କଟ** ଜୀବନସାଥୀ ସହ କେ ?ଣସି ଧର୍ମାନୁଷ୍ଠାନକୁ ଯିବେ। କ୍ଷୁଦ୍ରଉଦ୍ୟୋଗୀଙ୍କୁ ଯଥେଷ୍ଟ ଲାଭ ହେବ। ରାଜନୀତି କ୍ଷେତ୍ରରେ ଥିବା ବ୍ୟକ୍ତିମାନଙ୍କୁ ଲାଭ ମିଳିବ। ପୂର୍ବ କଥା ଦାମ୍ପତ୍ୟ ଜୀବନକୁ ମଧୁର କରିବ।

**ସିଂହ** ଜରୁରୀ କାମ ବ୍ୟବସ୍ଥିତ କରିବା ପାଇଁ ଅଧିକ ପରିଶ୍ରମ କରିବେ। ବ୍ୟବସାୟୀଙ୍କ ପାଇଁ ଦିନଟି ବହୁତ ଭଲ। ଜୀବନସାଥୀଙ୍କର ସ୍ନେହ ଆଦର ପାଇବେ। ଶିକ୍ଷାର୍ଥୀଙ୍କର ମନ ପାଠପଢ଼ାରେ ଲାଗି ରହିବ।

**କନ୍ୟା** କାରବାର ବୃଦ୍ଧି ପାଇଁ ଉପାୟ ଫଳପ୍ରଦ ହେବ। ଧନଲାଭ ହେବା ଯୋଗୁଁ ଖର୍ଚ୍ଚ ଭରଣା କରିବା ସହଜ ହେବ। ଘରକୁ ନୂଆ ବନ୍ଧୁ ଆସିବେ। କଳାକାରଙ୍କୁ ଲାଭ ମିଳିବା ଯୋଗ ଅଛି।

**ତୁଳା** ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। କାରବାରରେ ଧନଲାଭ ହେବ। କେ ?ଣସି ଲୋକଙ୍କ ସହିତ ନୂଆ ଯୋଜନା ଉପରେ କଥା ହେବେ। ବିବାହିତ ବାହାରକୁ ବୁଲି ଯିବେ।

**ବିଛା** ଆପଣଙ୍କ ଯୋଗ୍ୟତା ଅନୁସାରେ ଆପଣଙ୍କୁ ପରିଣାମ ମିଳିବ। ବୈ ?ବାହିକ ଜୀବନ ସୁଖକର ହେବ। ବେକାରଙ୍କୁ ନୂଆ ଚାକିରିର ସୁଯୋଗ ମିଳିବ। ନୂଆ କାର୍ କିଣିବା ଲାଗି ଆଗ୍ରହ ବଢ଼ିବ।

**ଧନୁ** ଆପଣଙ୍କର ନୂଆ ଶକ୍ତିକୁ ପ୍ରୟୋଗରେ ଲଗାନ୍ତୁ। ଧନଲାଭର ନୂଆ ରାସ୍ତା ଖୋଲିବ। ଅଫିସରେ ଆପଣଙ୍କ କାମର ପ୍ରଶଂସା ହେବ। ଜୀବନସାଥୀର ପ୍ରେମ ଓ ସୁଖ ପାଇବେ।

**ମକର** ପୂର୍ବରୁ ପ୍ରୟାସ କରି ଆସୁଥିବା କାମରେ ଆପଣଙ୍କୁ ଲାଭ ମିଳିପାରେ। ଆପଣଙ୍କ ସକାରାତ୍ମକ ବିଚାରରେ ଲୋକେ ପ୍ରଭାବିତ ହେବେ। ରାଜନୀତିରେ କିଛି ଆଶା ପୂରଣ ହେବ। ପ୍ରେମ ଜୀବନ ମଧୁର ହେବ।

**କୁମ୍ଭ** ପୂର୍ବ କଥା ପସୋରି ନୂଆ କାମ ଆରମ୍ଭ କରନ୍ତୁ। ବ୍ୟବସାୟରେ ଯଥେଷ୍ଟ ଲାଭ ପାଇବେ। ଋଣ ପରିଶୋଧ କରିବେ। ଓକିଲ ପୁରୁଣା ମକଦ୍ଦମାରେ ଜିତିବେ। ଛାତ୍ରଙ୍କ ଲାଗି ଦିନଟି ଭଲ।

**ମୀନ** ଆପଣଙ୍କର ଧ୍ୟାନ ଆଧ୍ୟାତ୍ମିକ ଆଡ଼କୁ ଅଧିକ ରହିବ। ପ୍ରତିଟି କାମରେ ନିଜକୁ ଯୋଗ୍ୟ ପ୍ରମାଣିତ କରିବେ। ବନ୍ଧୁ ଆପଣଙ୍କୁ ବଧାଇ ଦେବା ପାଇଁ ଘରକୁ ଆସିବେ। ଦାମ୍ପତ୍ୟ ଜୀବନ ପ୍ରୀତିମୟ ହେବ।

# ପନିର ଚଟପଟା


**ଆବଶ୍ୟକ ସାମଗ୍ରୀ:** ପନିର, କଟା ପିଆଜ, କଟା ରସୁଣ, କଟା ଅଦା, କଟା କଞ୍ଚାଲଙ୍କା, ପିଆଜ-ଅଦା-ରସୁଣ ବଟା, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଲୁଣ, ଧନିଆ ଗୁଣ୍ଡ, କସ୍ତୁରି ମେଥି, ଧନିଆ ପତ୍ର, ଲେମ୍ବୁ ରସ ଓ ତେଲ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପନିରକୁ ଛୋଟ ଛୋଟ ପିସ୍ କରି କାଟି ଦିଅନ୍ତୁ। ତେଲ ଗରମ କରି ଏଗୁଡ଼ିକୁ ଲାଲ୍ ହେବା ଯାଏ ଭାଜି ଏକ ପାତ୍ରରେ କାଢ଼ି ରଖନ୍ତୁ। ଏବେ କଡ଼େଇରେ ତେଲ ଗରମ କରି ସେଥିରେ କଟା ପିଆଜ, କଟା ରସୁଣ, କଟା ଅଦା, କଟା କଞ୍ଚାଲଙ୍କା ପକାଇ ହାଲକା ଭାଜନ୍ତୁ। ଏହାପରେ ଏଥିରେ ପିଆଜ-ଅଦା-ରସୁଣ ବଟା, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ ଓ ଲୁଣ ଦେଇ ଭଲରେ କଷନ୍ତୁ । ମସଲାରୁ ତେଲ ଛାଡ଼ିବା ପରେ ସେଥିରେ ଭଜା ଯାଇଥିବା ପନିର ଖଣ୍ଡ ପକାନ୍ତୁ । ଏଥିରେ ଏବେ ଲେମ୍ବୁ ରସ (ଗୋଟିଏ ଲେମ୍ବ) ପକାନ୍ତୁ । ଏହା ପରେ କସ୍ତୁରି ମେଥି ଓ ଧନିଆ ପତ୍ର ପକାନ୍ତୁ । ମସଲା ଟିକେ ଶୁଖିଲା ହୋଇଗଲେ ଗ୍ୟାସ ଆଞ୍ଚକୁ ବନ୍ଦ କରି ଏହାକୁ ଏକ ପ୍ଲେଟ୍କୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଆପଣଙ୍କର 'ପନିର ଚଟପଟା । ଏହାକୁ ଆପଣ ରୁଟି ଓ ଭାତ ସହ ଖାଇପାରିବେ।



# ସବୁଠୁ ଛୋଟ କୁକୁର

ଅନେକେ କୁକୁରକୁ ପେଟ୍ ଭାବେ ରଖନ୍ତି। କୁକୁର ଏତେ ବିଶ୍ୱସ୍ତ ଓ ମଣିଷ ସହ ଏତେ ନିବିଡ଼ ସମ୍ବନ୍ଧ ଗଢ଼ନ୍ତି ଯେ, ପରିବାରର ସଦସ୍ୟ ପାଲଟି ଯାଆନ୍ତି। ମଣିଷ ଛୁଆ ଭଳି ସେ ବି କେତେ ଅଳି ଅଝଟ କରେ। ବାହାରକୁ ଗଲେ ସେ ବି ସାଥୀରେ ଯିବାକୁ ଅଳି କରେ। ହେଲେ ସବୁ ଜାଗାକୁ ତ ପେଟ୍ କୁକୁରଙ୍କୁ ନେଇ ଯିବା ସମ୍ଭବ ହୋଇ ନ ଥାଏ। ତେଣୁ ସେମାନଙ୍କୁ ଘରେ ରହିବାକୁ ହୁଏ। ହେଲେ ଏମିତି ବି ଏକ କୁକୁର ଅଛି ଯାହାକୁ ଆପଣ ଯେକୌଣସି ସ୍ଥାନକୁ ନେଇପାରିବେ। କାରଣ ଏହାର ଆକାର ଖୁବ୍ ଛୋଟ। ବ୍ୟାଗ ଭିତରେ, ଏମିତିକି ପୁରୁଷମାନେ ନିଜ ପକେଟ୍ରେ ରଖିକି ତାକୁ ନେଇପାରିବେ। ଉକ୍ତ କୁକୁରଟି ଚିହୁଆହୁଆ ପ୍ରଜାତିର କୁକୁର ଅଟେ। ନାଁ ହେଉଛି ପର୍ଲ। ଆମେରିକାରେ ରହୁଥିବା ଏହି କୁକୁରର ଉଚ୍ଚତା ମାତ୍ର ୯.୧୪ ସେ.ମି. ଓ ଲମ୍ବ ୧୨.୭ ସେ.ମି.। ଆଉ ଓଜନ ମାତ୍ର ୫୫୩ ଗ୍ରାମ। ଏହା ଟିଭି ରିମୋଟଠୁ ବି ଛୋଟ। ପର୍ଲର ମାଲିକ ଭେନେସା ସେମଲର୍ କୁହନ୍ତି, 'ପର୍ଲ ଖୁବ୍ ଶାନ୍ତ ସ୍ୱଭାବର ଓ ଖୁବ ଭଲ କୁକୁର। ସେ ସମସ୍ତଙ୍କ ମନ ଖୁବ୍ ଶୀଘ୍ର ଜିଣିନିଏ। ପର୍ଲ ପାଇଁ ମୁଁ ବେଶ୍ ଗର୍ବିତ।'



# ସୁସ୍ଥ ଆଉ ଫିଟ୍ ରହିବାକୁ ଚାହାଁନ୍ତି କି ?

ସକାଳୁ ଉଠିବା ପରେ ଏକ ଗ୍ଲାସ୍ ଗରମ ପାଣି ପିଇବା ସହ ଦିନ ଆରମ୍ଭ କରିବା ଅଭ୍ୟାସ କରନ୍ତୁ । ଏପରି କରିବା ଦ୍ୱାରା ଶରୀରରେ ମେଟାବଲିଜିମ୍ ତୀବ୍ର ହେବା ସହ ବିଷାକ୍ତ ପଦାର୍ଥ ସହଜରେ ବାହାରିଯାଇଥାଏ । ସେହିପରି ପାଚନ ତନ୍ତ୍ରକୁ ସୁସ୍ଥ ରହିବା ସହ ପେଟରେ ଚର୍ବି କମ୍ କରିବାରେ ହାଲ୍କା ଉଷୁମ ପାଣିର ଭୂମିକା ମହତ୍ତ୍ୱପୂର୍ଣ୍ଣ ।

**ପ୍ରୋଟିନ୍‌ଯୁକ୍ତ ଖାଦ୍ୟ :** ସୁସ୍ଥ ଓ ଫିଟ୍ ରହିବା ପାଇଁ ସକାଳ ଜଳଖିଆରେ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇବା ଉଚିତ୍ । ଡାଏଟ୍ରେ ପ୍ରୋଟିନ୍ ସାମିଲ୍ କରିବା ଯୋଗୁ ଅଧିକ ସମୟ ଯାଏ ଭୋକ ହୋଇ ନଥାଏ । ଫଳରେ ଦିନରେ ଏଣୁତେଣୁ କରି ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇବାକୁ ପଡି ନଥାଏ । ସେଥିପାଇଁ ଅଣ୍ଡା, ଗ୍ରୀକ୍ ଦହି ବା ପ୍ରୋଟିନ୍ ସେକ୍ ଆଦି ଡାଏଟ୍ରେ ସାମିଲ୍ କରିପାରିବେ । ଏହାବ୍ୟତୀତ ସକାଳ ଜଳଖିଆରେ ଫାଇବର ଓ ସ୍ୱାସ୍ଥ୍ୟକର ଫ୍ୟାଟ୍ ସାମିଲ୍ କରିବା ଆବଶ୍ୟକ ।

**ସକାଳ ୱାର୍କଆଉଟ୍ :** କ୍ୟାଲୋରୀ ବର୍ଣ୍ଣ ଓ ଫ୍ୟାଟ୍ କମ୍ କରିବା ପାଇଁ ବ୍ୟାୟାମ କରିବା ଜରୁରି । ତେଣୁ ଦିନର ଆରମ୍ଭ ୱାର୍କଆଉଟ୍ ସହ କରିବା ଆବଶ୍ୟକ । ସକାଳେ ୱାର୍କଆଉଟ୍ କରିପାରିବେ କିମ୍ବା ଘରେ କିଛି ସହଜ ବ୍ୟାୟାମ କରିପାରିବେ। ଏହି ଅଭ୍ୟାସ ପେଟର ଚର୍ବିକୁ କମ୍ କରିଥାଏ ।

**ଜଳଖିଆରେ ମିଠା ଆଦୌ ନୁହେଁ :** ନିଜକୁ ସୁସ୍ଥ ରଖିବା ପାଇଁ ଦିନର ଆରମ୍ଭରୁ ଓଜନକୁ ନିୟନ୍ତ୍ରଣ କରିବା ଶିଖନ୍ତୁ । ସେଥିପାଇଁ ସକାଳ ଜଳଖିଆରେ ମିଠାକୁ ଆଦୌ ସାମିଲ୍ କରନ୍ତୁ ନାହିଁ । କାରଣ ଜଳଖିଆରେ ମିଠା ଖାଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ବଢିଥାଏ, ଯାହା ଦ୍ୱାରା ପେଟର ଆଖପାଖରେ ଚର୍ବି ଜମା ହୋଇଥାଏ । ତେଣୁ ଇନ୍ସୁଲିନ୍ ସ୍ତରକୁ ନିୟନ୍ତ୍ରିତ ରଖିବା ପାଇଁ ଜଳଖିଆରେ ଶସ୍ୟ ଜାତୀୟ ଖାଦ୍ୟ, ଲିନ୍ ପ୍ରୋଟିନ୍ ଏବଂ ଫଳ ସାମିଲ୍ କରିବା ଉଚିତ୍ ।

**ପର୍ଯ୍ୟାପ୍ତ ନିଦ ଜରୁରି :** ଓଜନକୁ ନିୟନ୍ତ୍ରିତ କରିବା ଓ ପୁରା ସ୍ୱାସ୍ଥ୍ୟକୁ ବଜାୟ ରଖିବା ପାଇଁ ଭଲ ନିଦ ଖୁବ୍ ଜରୁରି । ନିଦ ଅଭାବରୁ ହର୍ମୋନ୍ରେ ଅସନ୍ତୁଳନ ଦେଖା ଦେଇଥାଏ । ଅସ୍ୱାସ୍ଥ୍ୟକର ଖାଦ୍ୟ ପ୍ରତି ଲୋଭ ବଢିଥାଏ । ଫଳରେ ଓଜନ ବଢିଚାଲେ। ବିଶେଷକରି ପେଟ ଆଖପାଖରେ ଚର୍ବି ବଢିଥାଏ । ତେଣୁ ନିୟମିତ ୭ରୁ ୮ ଘଣ୍ଟା ନିଦରେ ଶୋଇବା ଜରୁରି ।



# ମଙ୍ଗଳସୂତ୍ର ପିନ୍ଧିବା ପଛର କାରଣ

* ବିଶ୍ୱାସ ରହିଛି, ମଙ୍ଗଳସୂତ୍ର ପିନ୍ଧିଲେ ସ୍ୱାମୀଙ୍କ ଉପରକୁ ଆସୁଥିବା ବିପଦ ଟଳି ଯାଇଥାଏ। ବୈବାହିକ ଜୀବନରୁ ସମସ୍ୟା ଦୂର ହୋଇଥାଏ।
* ମଙ୍ଗଳସୂତ୍ର ମା' ଦୁର୍ଗାଙ୍କ ୯ଟି ରୂପକୁ ନେଇ ଆଧାରିତ ଓ ଏହା ଶକ୍ତିର ପ୍ରତୀକ ବୋଲି ଧରାଯାଏ। ଏହା ପୃଥିବୀ, ବାୟୁ, ଅଗ୍ନି ଓ ଜଳର ମଧ୍ୟ ପ୍ରତୀକ ଅଟେ।
* ମଙ୍ଗଳସୂତ୍ର ସବୁବେଳେ ବେକରେ ଧାରଣ କଲେ ସଧବା ନାରୀଙ୍କ ମନରେ ସବୁବେଳେ ସକରାତ୍ମକ ଚିନ୍ତାଧାରା ଆସିଥାଏ । ଏଥିସହ ସେ ସବୁବେଳେ ନିଜକୁ ଉର୍ଜାବାନ ବୋଲି ଭାବିଥାନ୍ତି।
* ଏହାକୁ ଧାରଣ କଲେ ବୃହସ୍ପତି ଗ୍ରହଙ୍କ ଶୁଭ ଦୃଷ୍ଟି ପଡ଼ିଥାଏ। କାରଣ ମଙ୍ଗଳସୂତ୍ର ସୁନା କିମ୍ବା ହଳଦିଆ ଧାତୁରେ ତିଆରି ହୋଇଥାଏ। ଏହାକୁ ଧାରଣ କରିବା ଦ୍ୱାରା ସୂର୍ଯ୍ୟ, ଗୁରୁଙ୍କ ପ୍ରଭାବ ବୈବାହିକ ଜୀବନ ଉପରେ ପଡ଼ିଥାଏ। ସେହିପରି ଯେଉଁମାନେ କଳା ମାଳି ଥିବା ମଙ୍ଗଳସୂତ୍ର ପିନ୍ଧିଥାନ୍ତି ସେମାନଙ୍କ ଉପରେ ଶନି ଦେବତାଙ୍କ କୃପା ଦୃଷ୍ଟି ରହିଥାଏ।
* ସଧବା ମହିଳାଙ୍କ ପାଇଁ ଏହାକୁ ପିନ୍ଧିବାର ନିର୍ଦ୍ଦିଷ୍ଟ ସମୟ ନାହିଁ। ଏହାକୁ ଆପଣ ଛୁଆଁ, ଅଛୁଆଁ ଆଦି ସବୁ ସମୟରେ ପିନ୍ଧି ପାରିବେ।
* ଯେଉଁ ମହିଳା ସବୁବେଳେ ମଙ୍ଗଳସୂତ୍ର ଧାରଣ କରିଥାନ୍ତି, ତାଙ୍କ ଉପରେ ଭଗବାନ ଶିବ ଓ ମାତା ପାର୍ବତୀଙ୍କ କୃପା ଦୃଷ୍ଟି ପଡ଼ିଥାଏ ବୋଲି ବିଶ୍ୱାସ ରହିଛି।



# ଫ୍ରେଞ୍ଚ ଫ୍ରାଇସ୍ କାହିଁକି ଏତେ କ୍ଷତିକାରକ ?



ଆଜିର ବ୍ୟସ୍ତତାଭରା ଜୀବନରେ ଫ୍ରେଞ୍ଚ ଫ୍ରାଇସ୍ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ପ୍ରିୟ ସ୍ନାକ୍ସ ହୋଇପଡ଼ିଛି। ଫାଷ୍ଟଫୁଡ ରେଷ୍ଟୁରାଣ୍ଟରୁ ଘର ପର୍ଯ୍ୟନ୍ତ, ଏହି କୁରକୁରେ ଓ ଲୁଣିଆ ଆଳୁର ଟୁକୁଡ଼ା ଗୁଡ଼ିକ ପ୍ରତ୍ୟେକ ପାର୍ଟି ଓ ହ୍ୟାଙ୍ଗଆଉଟର ଅଂଶ ହୋଇପଡ଼ିଛି। କିନ୍ତୁ ସମ୍ପ୍ରତି ଏକ ଗବେଷଣା ଫ୍ରେଞ୍ଚ ଫ୍ରାଇସ୍ ପ୍ରେମୀମାନଙ୍କୁ ଚିନ୍ତାରେ ପକାଇଛି। ବ୍ରିଟିଶ ମେଡିକାଲ ଜର୍ଣ୍ଣାଲ (BMJ)ରେ ପ୍ରକାଶିତ ଏକ ଅଧ୍ୟୟନରେ, ହାର୍ଭାର୍ଡ ଟି.ଏଚ. ଚାନ ସ୍କୁଲ ଅଫ ପବ୍ଲିକ ହେଲଥର ଗବେଷକମାନେ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ପ୍ରକାଶ କରିଛନ୍ତି। ଏହି ଗବେଷଣା ଅନୁସାରେ, ସପ୍ତାହରେ ମାତ୍ର ତିନିଥର ଫ୍ରେଞ୍ଚ ଫ୍ରାଇସ୍ ଖାଇବା ଦ୍ୱାରା ଟାଇପ-୨ ଡାଇବେଟିସର ଆଶଙ୍କା ପାଖାପାଖି ୨୦ ପ୍ରତିଶତ ବୃଦ୍ଧି ପାଇପାରେ।

**ଉଚ୍ଚ ଗ୍ଲାଇସେମିକ ଇଣ୍ଡେକ୍ସ:** ଆଳୁର ଗ୍ଲାଇସେମିକ ଇଣ୍ଡେକ୍ସ (GI) ଅଧିକ, ଯାହା ରକ୍ତ ଶର୍କରାକୁ ଦ୍ରୁତ ବୃଦ୍ଧି କରେ।

**ଡିପ୍ ଫ୍ରାଇଂ:** ଆଳୁକୁ ବାରମ୍ବାର ଗରମ ତେଲରେ ଛାଣିବା ଦ୍ୱାରା ଟ୍ରାନ୍ସ ଫ୍ୟାଟ ଓ କ୍ଷତିକାରକ ଯୌଗିକ ସୃଷ୍ଟି ହୁଏ, ଯାହା ଶରୀରର ମେଟାବୋଲିଜମକୁ କ୍ଷତି ପହଞ୍ଚାଏ।

**ଅଧିକ ଲୁଣ ଓ କ୍ୟାଲୋରୀ:** ଫ୍ରେଞ୍ଚ ଫ୍ରାଇସରେ ଲୁଣ ଓ କ୍ୟାଲୋରୀର ମାତ୍ରା ଅଧିକ, ଯାହା ମୋଟାପଣ, ଉଚ୍ଚ ରକ୍ତଚାପ ଓ ଡାଇବେଟିସର ଆଶଙ୍କା ବଢ଼ାଇଥାଏ। ଗବେଷଣାରେ ଏହା ମଧ୍ୟ ଦେଖାଗଲା ଯେ ଆଳୁକୁ ଡିପ୍ ଫ୍ରାଇ କରି ଖାଇବା ବଦଳରେ ସିଝାଇ, ବାଷ୍ପରେ ରାନ୍ଧି ବା ହାଲୁକା ଭାବେ ରୋଷ୍ଟ କରି ଖାଇଲେ ଡାଇବେଟିସର ଆଶଙ୍କା ବହୁତାଂଶରେ କମିଯାଏ। ଅର୍ଥାତ୍, ସମସ୍ୟା କେବଳ ଆଳୁ ନୁହେଁ, ବରଂ ତାହାକୁ ରାନ୍ଧିବାର ପଦ୍ଧତି ମଧ୍ୟ।

# ବିପଦରେ ସାଇଗା ପ୍ରଜାତିର ହରିଣଙ୍କ ଅସ୍ତିତ୍ୱ

ବିଶ୍ୱରେ ଅନେକ ପ୍ରକାରର ହରିଣ ପ୍ରଜାତି ଦେଖିବାକୁ ମିଳିଥାଏ। ସାଧାରଣତଃ ହରିଣଗୁଡ଼ିକୁ ସେମାନଙ୍କର ଶିଙ୍ଗ ଏବଂ ସୌନ୍ଦର୍ଯ୍ୟତା ପାଇଁ ବେଶ୍ ପ୍ରଶଂସା କରାଯାଇଥାଏ। କିନ୍ତୁ ଏପରି କିଛି ହରିଣ ପ୍ରଜାତି ରହିଛି, ଯେଉଁମାନଙ୍କ ବିଭିନ୍ନ ବୈଶିଷ୍ଟ୍ୟ ଖୁବ୍ ଅଦ୍ଭୁତ ଏବଂ ଅଜବ। ଶୀତଳ ଅଞ୍ଚଳରେ ପ୍ରତିକୂଳ ପରିସ୍ଥିତିରେ ବଞ୍ଚିବାର କ୍ଷମତା ପାଇଁ ସାଇଗା ପ୍ରଜାତିର ହରିଣ ବେଶ୍ ଜଣାଶୁଣା। ତେବେ ଅତ୍ୟଧିକ ଶିକାର ହେତୁ ସମ୍ପ୍ରତି ଏହି ପ୍ରଜାତିର ହରିଣଙ୍କ ଅସ୍ତିତ୍ୱ ବିପଦରେ ପଡ଼ିଛି। ସାଇଗା ହରିଣଙ୍କୁ ଏକଦା ୟୁରୋପର ୟୁରୋସିଆ ପାହାଡ଼ିଆ ଅଞ୍ଚଳ, କାର୍ପୋଥିୟନ୍ ପର୍ବତମାଳା, ଚାଇନାର ଜୁଙ୍ଗରିଆ ଆଦି ଅଞ୍ଚଳରେ ଦେଖିବାକୁ ମିଳୁଥିଲା। କିନ୍ତୁ ବର୍ତ୍ତମାନ ଏହି ପ୍ରଜାତିର ହରିଣ କେବଳ ରୁଷିଆ ଏବଂ କାଜାଖସ୍ଥାନର ଅଳ୍ପ କିଛି ଅଞ୍ଚଳରେ ଦେଖାଯାଆନ୍ତି। ଅନ୍ୟାନ୍ୟ ଅଞ୍ଚଳରେ ଅତ୍ୟଧିକ ଶିକାର ହେତୁ ଏହି ପ୍ରଜାତିର ହରିଣ ବିଲୁପ୍ତ ହୋଇସାରିଲେଣି। ସାଇଗା ହରିଣର ଅନେକ ଅଜବ ବୈଶିଷ୍ଟ୍ୟ ରହିଛି। ସେମାନଙ୍କର ନାକ ଫୁଲିଯାଇଥିବା ସହ ମୁହଁ ଠିକ୍ ଓଟ ପରି ରହିଥାଏ। ସେହିପରି ଏହି ପ୍ରଜାତିର ହରିଣ ନିଜ ନାକରେ ଆଶ୍ଚର୍ଯ୍ୟଜନକ ଭାବେ ଗନ୍ଧ ବାରିପାରନ୍ତି, ଯାହା ସେମାନଙ୍କୁ ପାଗର ପରିବର୍ତ୍ତନ ସୂଚାଇବା ସହ କଠିନ ପରିବେଶରେ ବଞ୍ଚିବାକୁ ସକ୍ଷମ କରାଇଥାଏ। ସେମାନଙ୍କର ଫୁଲିଥିବା ନାକ ଦେଇ ଭିତରକୁ ଯାଉଥିବା ବାୟୁରୁ ଧୂଳି ଆପେ ବାହାରି ଯାଇଥାଏ। ସେହିପରି ଗ୍ରୀଷ୍ମଋତୁରେ ସେମାନଙ୍କ ନାକ ଦେଇ ଯାଉଥିବା ଗରମ ପବନ ଥଣ୍ଡା ହୋଇଯାଇଥାଏ ଏବଂ ଶୀତଦିନେ ନାକ ଦେଇ ଶରୀର ଭିତରକୁ ପ୍ରବେଶ କରୁଥିବା ଶୀତଳ ପବନ ଗରମ ହୋଇଯାଇଥାଏ।



ସ୍ଥାନାନ୍ତରିତ ପ୍ରାଣୀ ଭାବେ ସାଇଗା ହରିଣ ବେଶ୍ ପ୍ରସିଦ୍ଧ। ସେମାନେ ଶୀତଦିନେ ଥଣ୍ଡାରୁ ଏବଂ ଗ୍ରୀଷ୍ମଦିନେ ଗରମରୁ ରକ୍ଷା ପାଇବା ପାଇଁ କୌଣସି ଏକ ସ୍ଥାନରୁ ପ୍ରାୟ ହଜାର କିଲୋମିଟର ପର୍ଯ୍ୟନ୍ତ ଦୂରତା ଅତିକ୍ରମ କରିପାରନ୍ତି। ସାଇଗା ହରିଣର ଉପର ଚର୍ମ ଚିନାବାଦାମ ରଙ୍ଗର ହୋଇଥାଏ, ଯାହାକୁ କୋଟ କୁହାଯାଏ। ବିଭିନ୍ନ ଜଳବାୟୁରେ ବସବାସ କରୁଥିବାରୁ ଅନେକ ସମୟରେ ଏହି କୋଟର ଆକାର ମଧ୍ୟ ବଦଳିଥାଏ। ଗ୍ରୀଷ୍ମଋତୁରେ ଏହି କୋଟଟି ପତଳା ଏବଂ ହାଲୁକା ହୋଇଯାଉଥିବାବେଳେ ଶୀତଦିନେ ଏହା ମୋଟା ଏବଂ ଘନ ହୋଇଯାଇଥାଏ। ଶୀତଦିନେ ଏହି କୋଟ ଗ୍ରୀଷ୍ମଋତୁର କୋଟ ଅପେକ୍ଷା ପ୍ରାୟ ୨ ଗୁଣ ଲମ୍ବା ଏବଂ ୭୦% ମୋଟା ହୋଇଯାଏ। ସେପଟେ ସାଇଗା ହରିଣ ସାଧାରଣତଃ ଘାସ, ଛୋଟ ଛୋଟ ଉଦ୍ଭିଦ ଏବଂ ବୁଦା ପତ୍ର ଖାଇଥାନ୍ତି। ଅନେକଥର ସେମାନେ ଭଲ ଘାସ ଖାଇବା ପାଇଁ ଜେବ୍ରାମାନଙ୍କୁ ଅନୁସରଣ କରୁଥିବାର ଦେଖିବାକୁ ମିଳେ। ବିଷାକ୍ତ ଉଦ୍ଭିଦ ଖାଇବାର କ୍ଷମତା ମଧ୍ୟ ସାଇଗା ହରିଣଙ୍କର ରହିଛି। ଏହା ସେମାନଙ୍କ ସ୍ୱାସ୍ଥ୍ୟକୁ କୌଣସି ହାନି ପହଞ୍ଚାଇ ପାରି ନ ଥାଏ। ତେବେ ସାଇଗା ହରିଣକୁ ବହୁଳ ମାତ୍ରାରେ ଶିକାର କରାଯାଇ ସେମାନଙ୍କ ଶିଙ୍ଗକୁ ଚୋରା ଚାଲାଣ କରାଯାଇଥାଏ। ସେହିପରି ଏହି ପ୍ରଜାତିର ହରିଣଙ୍କ ଚର୍ମ ଏବଂ ମାଂସ ବଜାରରେ ଅଧିକ ମୂଲ୍ୟରେ ବିକ୍ରି ହୋଇଥାଏ। ଅନେକ ଶିକାରୀ ପ୍ରାଣୀ ମଧ୍ୟ ସାଇଗା ହରିଣଗୁଡ଼ିକୁ ନିଜ ଭୋକ ମେଣ୍ଟାଇବା ପାଇଁ ଶିକାର କରିଥାନ୍ତି। ଫଳରେ ଏହି ପ୍ରଜାତିର ହରିଣଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି।

# ମୋର କୌଣସି ପୁରୁଷର ଆବଶ୍ୟକତା ନାହିଁ : ଡେଜି ଶାହା

କୌଣସି ପୁରୁଷର ଆବଶ୍ୟକତା ନାହିଁ। ମୁଁ ମୋ ଜୀବନକୁ ସେହିପରି ସେଟ୍ କରିଦେଇଛି। ମୁଁ ନିଜକୁ ଆର୍ଥିକ ଭାବରେ ସମ୍ପୂର୍ଣ୍ଣ ସୁରକ୍ଷିତ କରିପାରିଛି। ମତେ କମପ୍ଲିଟ୍ କରିବା ପାଇଁ କେହି ଦରକାର ନାହିଁ। କାରଣ ମୁଁ ନିଜେ ବହୁତ ଭଲ କାମ କରୁଛି।"ଏମିତି ଖୁଲୁମଖୁଲା ମତ ରଖିଛନ୍ତି ସଲମାନ ଖାନଙ୍କ୍ ହିରୋଇନ୍ ଡେଜି ଶାହା। ଅଭିନେତ୍ରୀ ଅଛନ୍ତି ଯିଏ ୪୦ ବର୍ଷରେ ପହଞ୍ଚିଥିବା ଡେଜି ବିବାହ ଚାପରେ ନିଜ ଅଣ୍ଡାକୁ ଫ୍ରିଜ୍ କରିଛନ୍ତି।

ଏକ ସାକ୍ଷାତକାରରେ ଡେଜି କହିଛନ୍ତି – "ମୋ ବାପାଙ୍କ ମୃତ୍ୟୁ ପରେ, ମୋ ଜୀବନରେ ଯିଏ ବି ଆସିଲେ ତାଙ୍କୁ ଲାଗୁଥିଲା, ସେ ହିଁ ଆମ ପରିବାରର ପୁରୁଷ। ଅନ୍ୟପକ୍ଷରେ, ମୋ ଭଉଣୀର ସ୍ୱାମୀ ମଧ୍ୟ ସବୁବେଳେ ଭାବୁଥିଲେ ଯେ ସେ ହିଁ ଏକମାତ୍ର ପୁରୁଷ ଯିଏ ଆମ ପରିବାରର ସମସ୍ତ ନିଷ୍ପତ୍ତି ନେବେ। କିନ୍ତୁ ମୁଁ ଭାବୁଥିଲି, ନା, ମୁଁ ହିଁ ମୋ ପରିବାରର ପୁରୁଷ, ତୁମେ ନୁହେଁ।" ଡେଜିଙ୍କ କହିବା କଥା, ତାଙ୍କୁ ମଧ୍ୟ ବିବାହ କରିବାକୁ ବାଧ୍ୟ କରାଯାଉଥିଲା। ସମସ୍ତେ ତାଙ୍କ ପଛରେ ପଡିଥିଲେ, ଆଉ କହୁଥିଲେ 'ବିବାହ କର, ବିବାହ କର। ଏହାକୁ ନେଇ ସେ କହିଛନ୍ତି – କେବଳ ମୋର ବଡ଼ ବାପା, ଯିଏ ମୋ ମାଆ ଆଉ ଭଉଣୀଙ୍କୁ ଚୁପ୍ କରିଥିଲେ।ଡେଜି କୁହନ୍ତି – ମୋ ବଡ଼ ବାପା କହୁଥିଲେ, 'ଝିଅଟି ସ୍ୱାଧୀନ, ଭଲ ଭାବରେ ସେଟଲ୍ ବି, ସେ ଆଉ କେତେ ସେଟଲ୍ ହେବ ? ସେ କ'ଣ ପୁଅ ଆସିବା ପରେ ସେଟଲ୍ ହେବ କି ?' ତାଙ୍କ ଯୋଗୁଁ ହିଁ ବିବାହ ପାଇଁ ମୋ ଉପରେ ଚାପ ପକାଇବାକୁ କାହାରି ସାହସ ନଥିଲା। ଏବେ ମୋ ମାଆ ମଧ୍ୟ କହୁଛନ୍ତି – ବିବାହ କରିବାରେ ଅଛି ତ କର, ନ ହେଲେ ନାହିଁ, କିଛି ଅସୁବିଧା ନାହିଁ। ଏହା ପରେ ବିବାହକୁ ନେଇ ଦ୍ୱନ୍ଦ୍ୱରେ ଅଛନ୍ତି ଡେଜି ଓ ଆଜିକାଲିର ବୈବାହୀକ ଜୀବନକୁ ଦେଖି ବିବାହ କରିବାକୁ ତାଙ୍କର ଇଛା ନଥିବା କୁହନ୍ତି। ତେବେ ଡେଜି ସିନା ବିବାହ କରିବାକୁ ଇଛା କରୁ ନାହାନ୍ତି, ହେଲେ ସେ ତାଙ୍କ ଲିଗାସୀକୁ ନେଇ ଚିନ୍ତିତ। କାଳେ ଭବିଷ୍ୟତରେ ପିଲା ଚାହିବେ ସେଥିପାଇଁ ସେ ତାଙ୍କ ଏଗ୍ସ ଫ୍ରିଜ୍ କରିଛନ୍ତି।



# ପିକ୍-ଅପ୍ ଭ୍ୟାନ୍ ଧକ୍କାରେ ୨ ଭାଇଙ୍କ ମୃତ୍ୟୁ

ବଲାଙ୍ଗୀର, (ହି.ସ.): ପିକଅପ୍ ଭେନ ଧକ୍କାରେ ଦୁଇ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଚି। ବଲାଙ୍ଗୀର ଜିଲ୍ଲାର ତୁରେକେଲା ବ୍ଲକର ଲର୍କି ଗ୍ରାମର ବୁଲାନି ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି, ଯାହା ଫଳରେ ଦୁଇଜଣ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ହେଉଛି ରାଜକୁମାର ରାୟ ଏବଂ ଡିଲେସ୍ ରାୟ। ଦୁଇଜଣ ସମ୍ପର୍କୀୟ ଭାଇ। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, ଏକ ପିକ୍-ଅପ୍ ଗାଡ଼ି ଦୁଇ ପୀଡିତଙ୍କ ଦ୍ୱାରା ଚଳାଉଥିବା ବାଇକ୍ ?କୁ ଧକ୍କା ଦେବାରୁ ଦୁର୍ଘଟଣା ଘଟିଥିଲା। ବାଇକ୍ ଚାଳକଙ୍କ ମଧ୍ୟରୁ ଜଣେ ରାଜକୁମାର ରାୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା, ଅନ୍ୟ ଜଣେ ଡିଲେସ୍ ରାୟଙ୍କ ତୁରେକେଲା ଡାକ୍ତରଖାନା ନେବା ବାଟରେ ମୃତ୍ୟୁ ହୋଇଥିଲା। ଦୁର୍ଘଟଣାରେ ଜଡ଼ିତ ପିକ୍-ଅପ୍ ଗାଡ଼ି ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା। ଘଟଣା ବିଷୟରେ ତୁରେକେଲା ପୋଲିସକୁ ସୂଚନା ଦିଆଯାଇଥିଲା ଏବଂ ଅଧିକ ତଦନ୍ତ ପାଇଁ ତୁରନ୍ତ ଘଟଣାସ୍ଥଳରେ ପହଂଚିଥିଲା। ମୃତକଙ୍କ ମୃତଦେହକୁ ପୋଷ୍ଟମର୍ଟମ୍ ପାଇଁ କଂଟାବାଞ୍ଜି ହସ୍ପିଟାଲକୁ ନିଆଯାଇଛି।

# ଗଞ୍ଜେଇ ଚୋରାଚାଲାଣ ବେଳେ ଧରିଲା ପୁଲିସ୍

ଚମ୍ପୁଆ,(ହି.ସ.): ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ପୁଲିସ୍ ଚାରି ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ପାଂଚକେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରାଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ ଆଜି ସକାଳ ପ୍ରାୟ ୯ ଘଟିକା ସମୟରେ ଚମ୍ପୁଆ ଥାନା ସବଇନସ୍ପେକ୍ଟର ନିତେଶ କୁମାର ବେହେରା ପୁଲିସ୍ ଟିମ୍ ସହ ପେଟ୍ରୋଲିଂ କରୁଥିବା ବେଳେ ଚମ୍ପୁଆ ଥାନା ଅନ୍ତର୍ଗତ ଶଙ୍କରପୁର ନିକଟରେ ମୋଟର ସାଇକେଲ ରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବାବେଳେ ଚଢାଉ କରି ସନ୍ଦିଗ୍ଧ ମାନଙ୍କୁ ଅଟକ ରଖିଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତି ରେ ଛାନଭିନ କରିବା ପରେ ସେମାନଙ୍କ ନିକଟରୁ ୫ କିଲୋ ୩୪୦ ଗ୍ରାମ ଗଞ୍ଜେଇ ସହ ଏକ ଆର ୧୫ ୟାମାହା ମୋଟର ସାଇକଲ (ଗାଡି ନଂ ଓଡି୦୯ଡବ୍ଲୁ୧୦୯୧) ଏବଂ ଦୁଇଗୋଟି ମୋବାଇଲ ଫୋନ ଜବତ କରିଥିବା ସୂଚନା ମିଳିଛି। ଏହି ଘଟଣାରେ ଗିରଫ ଅଭିଯୁକ୍ତ ମାନେ ହେଲେ ଚମ୍ପୁଆ ଥାନା ଅନ୍ତର୍ଗତ ରିମୁଳି ଗ୍ରାମର ଅଜୟ କୁମାର ସାହୁ (୩୮), ମାନସ କୁମାର ରାଉତ, ବାରିକ ସାହିର ଉଦିପ ରାମ, ଟୁଣ୍ଟୁଣୀର ସତ୍ୟାନନ୍ଦ ନାଏକ। ଚମ୍ପୁଆ ପୁଲିସ୍ ଥାନା କେସ ନଂ ୨୬୪/୨୫ ରେ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ନେଇ ଚମ୍ପୁଆ ଥାନା ଆଇଆଇସି ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି।

# ପ୍ରହସନ ପାଲଟିଛି ସ୍ମାର୍ଟ ସ୍କୁଲ ଶିକ୍ଷା

## ନାହାନ୍ତି ଶିକ୍ଷକ,କମ୍ପ୍ୟୁଟର ଶିକ୍ଷାରୁ ବଂଚିତ ଛାତ୍ରଛାତ୍ରୀ ଖତ ଖାଉଛି ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର

ଅସ୍ତରଙ୍ଗ, (ପିପିଏସ୍): ରାଜ୍ୟ ସରକାର ମାଳ ମାଳ ଯୋଜନା କାର୍ଯ୍ୟକାରୀ କରିଛନ୍ତି।କିନ୍ତୁ ସବୁ ଯୋଜନା ବିଗିଡି ଯାଇଛି।ଛାତ୍ର ଛାତ୍ରୀଙ୍କୁ ସ୍ମାଟ ଶିକ୍ଷା ପ୍ରଦାନ କରିବା ପାଇଁ ତତ୍କାଳୀନ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ କରି ସ୍ମାଟକ୍ଲାସ ରୁମ୍ ପ୍ରତିଷ୍ଠା କଲେ। ସ୍ମାଟ ଶିକ୍ଷାକୁ ଅଗ୍ରାଧିକାର ଦେବା ପାଇଁ ୫ଟି ଯୋଜନାରେ ସହିତ ସରକାର ଖେଳ ଖେଳିଥିଲେ।ଚାକିରୀ ଆଶା ରେ ୫ବର୍ଷ ଶିକ୍ଷକ ନିଯୁକ୍ତି ପାଇବା ପରେ ସେମାନଙ୍କୁ ବାହାର କରିବା ଯୋଗୁଁ ଅଧିକାଂଶ ପରିବାର ଦରିଦ୍ରତା ଆଡକୁ ଗତି କରିଥିଲା। ଏହା ପରେ ସରକାର ପ୍ରତ୍ୟେକ ସ୍କୁଲ କୁ ଫାଇଭି -ଟି ରେ ସାମିଲ କରି ଛାତ୍ର, ଛାତ୍ରୀଙ୍କୁ କମ୍ପୁଟର ଶିକ୍ଷା ବାଧତାମୂଳକ ବୋଲି ଘୋଷଣା କରିଥିଲେ। ସ୍କୁଲ କୁ ୧୫ଟି



ଚେଲା ଚାମୁଣ୍ଡା, କୁଜି ନେତା ଓ ସରକାରୀ କର୍ମଚାରୀ ମାନେ ମିଶି କମ୍ ଟଙ୍କାରେ କମ୍ପୁଟର ଯୋଗାଣ କରିଥିବାରୁ କମ୍ପୁଟର ସବୁ ଅଚଳ ହୋଇପଡିଥିବା କୁହାଯାଉଛି। ସେତିକି ନୁହେଁ ଫାଇଭି -ଟିରେ ସ୍କୁଲକୁ ଦିଆଯାଇଥିବା ସ୍ମାଟ ବୋର୍ଡ ମଧ୍ୟ ଅନେକ ବିଦ୍ୟାଳୟ ରେ କାମ କରୁନି। ଏହାର ରକ୍ଷଣା ବେକ୍ଷଣ ଅଭାବରୁ

ବିଭିନ୍ନ ସ୍କୁଲରେ କମ୍ପୁଟର ଲାଗିଲା। ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଏହି ଯୋଜନା ପ୍ରହସନ ପାଲଟିଥିବା ପରି ଲାଗୁଚି।କାରଣ ଏହି ବ୍ଲକର କମ୍ପୁଟର ଥିବା ବିଦ୍ୟାଳୟ ରେ କମ୍ପୁଟର ଶିକ୍ଷକ ନାହାନ୍ତି। କମ୍ପୁଟର ଶିକ୍ଷକ ନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ହାଇସ୍କୁଲ କୁ କମ୍ପୁଟର କିଣିବା ପାଇଁ ଅନୁଦାନ ଦେବା ସହ କମ୍ପୁଟର ଶିକ୍ଷକ ନିଯୁକ୍ତ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ କମ୍ପୁଟର ଶିକ୍ଷକ ମାନଙ୍କୁ ସରକାର ବାହାର କରି ଦେଇଥିଲେ। ଫଳରେ ଚାକିରୀ ପାଇବା ଆଶାରେ ସହ ସହ ଶିକ୍ଷକ ଙ୍କ ଭାଗ୍ୟ କମ୍ପୁଟର ଯୋଗାଇବା ପରେ ଚୁପ ବସିଥିଲେ ସରକାର। କେବଳ ଧର୍ମକୁ ଆଖି ଠାର ନ୍ୟାୟରେ କମ୍ପୁଟର ଯୋଗାଣ କରି କାମ ସାରି ଦିଆଯାଇଛି। ନାଁ କମ୍ପୁଟର ଶିକ୍ଷକ ନିଯୁକ୍ତି କଲେ କି ଛାତ୍ର, ଛାତ୍ରୀ କମ୍ପୁଟର ଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଇଲେ। ଏବେ କମ୍ପୁଟର ସବୁ ପଡି ପଡି ଖତ ହେଉଛି।ଏ ନେଇ ଛାତ୍ର ଛାତ୍ରୀ ଅଭିଭାବକ ମହଲରେ ଅଶୋନ୍ତସ ପ୍ରକାଶ ପାଇଛି।

ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ କିଛି ହାଇସ୍କୁଲ ସହ କିଛି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କମ୍ପୁଟର ଶିକ୍ଷା ପାଇଁ କମ୍ପୁଟର ଯୋଗାଇ ଦିଆଯାଇଥିଲା। ବିଭିନ୍ନ ବିଦ୍ୟାଳୟରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ବ୍ୟୟ କରାଯାଇ କମ୍ପୁଟର ଶିକ୍ଷା ଆରମ୍ଭ ହୋଇଥିଲା। କିଛି ବର୍ଷ ପୂର୍ବେ ଆଇସିଟି ସ୍କୁଲ କୋର୍ଡିନେଟର ବା କମ୍ପୁଟର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିଲା। ହେଲେ ଏହି କମ୍ପୁଟର ଶିକ୍ଷକ ମାନଙ୍କୁ ୨୦୧୯ଜାନୁଆରୀ ରେ ୨ଟି ପର୍ଯ୍ୟାୟ ରେ ଛଟେଇ କରି ଦିଆଗଲା। ଆଜି ପର୍ଯ୍ୟନ୍ତ ଉକ୍ତ ଶିକ୍ଷକ ମାନଙ୍କୁ କିମ୍ବା ତାଙ୍କ ବଦଳରେ ଅନ୍ୟ କୌଣସି ଶିକ୍ଷକଙ୍କୁ ନିଯୁକ୍ତି ଦିଆଗଲା ନାହିଁ।

ଫଳରେ ଲକ୍ଷାଧିକ ଟଙ୍କାର କମ୍ପୁଟର, ଜେନେରେଟର ଆଦି ବିଭିନ୍ନ ସରଞ୍ଜାମ ଖତ ଖାଉଥିବା ଦେଖିବାକୁ ମିଳିଛି। କମ୍ପୁଟର ଶିକ୍ଷାରୁ ବଂଚିତ ହେଉଛନ୍ତି ଛାତ୍ର ଛାତ୍ରୀ।କମ୍ପୁଟର ଶିକ୍ଷକ ନଥିବାରୁ ସ୍କୁଲର ବିଭିନ୍ନ କାର୍ଯ୍ୟ ଫର୍ମ ଫିଲଅପ, ମଧ୍ୟାହ୍ନ ଭୋଜନ ତଥ୍ୟ ଛାତ୍ର ଛାତ୍ରୀ ଙ୍କ ତଥ୍ୟ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇ ପାରୁନାହିଁ। ଅନେକସ୍କୁଲରେ ପରିସ୍ଥିତି ଦେଖା ଦେଇଥିଲେ ମଧ ସବୁ ଜାଣି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ଶିକ୍ଷା ବିଭାଗ। ଏବେ ସ୍କୁଲ ରେ ଛାତ୍ର, ଛାତ୍ରୀ କମ୍ପୁଟର ଶିକ୍ଷାରୁ ବଂଚିତ ହୋଇଛନ୍ତି। ନେତା ମନ୍ତ୍ରୀଙ୍କ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା କିଛି ଶିକ୍ଷକ ଗୁପ୍ତ ଭାବେ ସୂଚନା ଦେଇ କହିଛନ୍ତି। ସରକାରୀ ଯୋଜନା କାହା ପାଇଁ ବୋଲି ଅଭିଭାବକ ମାନେ ସ୍ୱର ଉଠାଇଛନ୍ତି। ଛାତ୍ର, ଛାତ୍ରୀ ଙ୍କ ଭବିଷ୍ୟତ କୁ ଲକ୍ଷ୍ୟ କରି ସମସ୍ତ କମ୍ପୁଟର ସଜାଡ଼ିବା ସହିତ କମ୍ପୁଟର ଶିକ୍ଷକ ନିଯୁକ୍ତି କରିବାକୁ ଦାବୀ ହୋଇଛି। ନଚେତ ସରକାର ଙ୍କ କମ୍ପୁଟର ଶିକ୍ଷା କେବଳ ଘୋଷଣାରେ ରହିଯିବ ବୋଲି ଶିକ୍ଷକ, ଶିକ୍ଷୟତ୍ରୀ ଙ୍କ ମଧ୍ୟରେ ଆଲୋଚନା ହେଉଛି। ସରକାର ଘଟଣା କୁ ଗୁରୁତର ସହ ନେବାକୁ ଦାବୀ ଉଠିଛି।

# ସୁକୁରଙ୍ଗୀ କ୍ରୋମାଇଟ୍ ଖଣିରୁ କାଦୁଅ ପାଣି ଆସି ଘରେ ପଶିଲା

ଯାଜପୁର (ପିପିଏସ୍): ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ କାଳିଆପାଣି ଖଣି ଉପତ୍ୟକାର କଅଁସ ପଞ୍ଚାୟତ ଅନ୍ତର୍ଗତ ସୁକୁରଙ୍ଗୀ କ୍ରୋମାଇଟ୍ ଖଣି ପାଖ ଚିରିଗୁଡ଼ା ବସ୍ତିରେ ଖଣିର ମାଟି ଡମ୍ପ୍ ଭୁଶୁଡ଼ି ବସ୍ତିର ଏକାଧିକ ଘରେ କାଦୁଅ ମିଶ୍ରିତ ପାଣି ପଶିଯାଇଥିବା ଦେଖିବାକୁ ମିଳିଛି। ଖୁବ୍ ଜୋରରେ ବର୍ଷା ହେବା କାରଣରୁ ଏଠାରେ ସ୍ଥିତି ଗମ୍ଭୀର ଓ ଅଣାୟତ୍ତ ହୋଇପଡ଼ିଛି। ଓଏମସିର ଅବସରପ୍ରାପ୍ତ କର୍ମଚାରୀ ଗଗନ ବିହାରୀ ନାୟକ ଓ ବିନୋଦ ବାରିକଙ୍କ ଘରେ ଆଣ୍ଠୁଏ ଉଚ୍ଚତାରେ କାଦୁଅପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ପରିବାର ସଦସ୍ୟମାନେ ନିଜ ଘରୁ



ଟର୍ମିନାଲର କଂକ୍ରିଟ୍ ଚଟାଣରେ ଫୁଟେ ଉଚ୍ଚାରେ କାଦୁଅପାଣି ମାଡି ଯାଇଥିବା ଦେଖାଯାଇଛି। ଏଠାକାର ବୃହତ୍ତର ଚଟାଣରୁ ପାର୍ଶ୍ୱସ୍ଥ ପୋଲ ବାଟରେ ନିଷ୍କାସିତ ଦୂଷିତ ଜଳ ତଳମୁଣ୍ଡରେ ପ୍ରବାହିତ ହେଉଛି। ଏଠାରେ ଥିବା ଭୈରବ ବେହେରା ଓ ଲକ୍ଷ୍ମଣ ମୁଣ୍ଡାଙ୍କ ଘର ଭିତରେ ପାଣି ପଶିଥିବାରୁ ପ୍ରଭାବିତ ପରିବାରରେ ପରିସ୍ଥିତି ଜଟିଳ ହୋଇଥିବା

ପଦାକୁ ବାହାରି ଆସୁଥିବା ସମୟରେ ବିନୋଦ ବାରିକଙ୍କ ଛାତି ପର୍ଯ୍ୟନ୍ତ କାଦୁଅପାଣି ଛୁଇଁଥିବା ଦେଖାଯାଇଛି। ପାଖରେ ଥିବା ଓଏମ୍‌ସିର ଟ୍ରକ୍ ସ୍ଥାନୀୟ ସରପଞ୍ଚ ବିକାଶ କୁମାର ପାତ୍ର ଓ ସମାଜସେବୀ ଆଶିଷ କୁମାର ଜେନା ଅଭିଯୋଗ କରିଛନ୍ତି।

# ଏନ୍ଏସି ଘୋଷଣାରେ କାକଟପୁରକୁ ଉପେକ୍ଷା

ଅସ୍ତରଙ୍ଗ: ରାଜ୍ୟ ସରକାରଙ୍କର ୩ପର୍ଯ୍ୟାୟରେ ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି )ଘୋଷଣା କୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିଲେ ବି ପୁରୀ ଜିଲ୍ଲା କାକଟପୁର ଏଥିରେ ଉପେକ୍ଷା କରାଯାଇଥିବା ଅଭିଯୋଗ ହୋଇଛି। ୩ଟି ପର୍ଯ୍ୟାୟରେ ସରକାର ୨୮ଟି ନୂଆ ଏନଏସି ଘୋଷଣା କରିଥିବା ବେଳେ ପୁରୀ ଜିଲ୍ଲା କାକଟପୁର ସାମିଲ କରାଯାଇନାହିଁ ଯାହାକୁ ନେଇ ଅଞ୍ଚଳବାସୀ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। କାକଟପୁର କୁ ଏନଏସି କରିବାକୁ ଲୋକେ ଆନ୍ଦୋଳନ କୁ ଓଲ୍‌ହାଇଥିଲେ। ସରକାର ଙ୍କ ଦୃଷ୍ଟି ଆକର୍ଷଣ ପାଇଁ କଂଗ୍ରେସ ତରଫରୁ ୧୨ଘଣ୍ଟିଆ ବନ୍ଦ ମଧ କରାଯାଇଥିଲା। ମାତ୍ର ସ୍ୱାୟତ୍ତ ଶାସନ ଦିବସରେ ତୃତୀୟ ଥର ଘୋଷଣା ରେ ବି ସରକାର କାକଟପୁର କୁ ଏନଏସି ତାଲିକା ଭୁକ୍ତ ନ କରିବା ଯୋଗୁଁ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସ୍ଥାନୀୟ ବାସିନ୍ଦା ଏବେ ଠାରୁ ଚେତାବନୀ ଦେଲେଣି। ସେମାନଙ୍କ ଅଭିଯୋଗ ଅନୁସାରେ ନୂଆ ଏନଏସି ପାଇଁ ଜନସଂଖ୍ୟା, ଅଞ୍ଚଳ ପରିଧି ଓ ଅନ୍ୟାନ୍ୟ ସମସ୍ତ ପ୍ରକାର ଅନୁକୂଳ ଭିତ୍ତିଭୂମି ଉପଲବ୍ଧ ଥିବା ବେଳେ ରାଜନୀତି ପଶା ପାଲିରେ




ପଡି ଏହି କାକଟପୁର କୁ ଅଣଦେଖା କରାଯାଉଛି। ସରକାର ପୁନର୍ବିଚ୍ଚାର ପାଇଁ ବିଭିନ୍ନ ମହଲରୁ ଦାବୀ ହୋଇଛି। ଅନ୍ୟ ପକ୍ଷରେ ବିଗତ ବିଜେଡି ସରକାର ସାଧାରଣ ନିର୍ବାଚନ ପୂର୍ବରୁ ଅର୍ଥାତ ୨୦୨୪ମସିହା ରେ ଘୋଷଣା କରିଥିବା ଏନଏସି କୁ ଏବେର ସରକାର କାର୍ଯ୍ୟକାରୀ କଲେନି। ସେତେ ବେଳେ କାକଟପୁର କୁ ନୂଆ ଏନଏସି ତାଲିକା ଭୁକ୍ତ କରାଯାଇଥିଲା। ସରକାର ବଦଳିବା ପରେ ମଧ ଜନସାଧାରଣ ଆଶାବାଦୀ ଥିଲେ। ସମସ୍ତେ ଭାବିଥିଲେ କାକଟପୁର କୁ ବିଜେପି ସରକାର ଗୁରୁତ୍ୱ ଦେବେ। ମାତ୍ର ତୃତୀୟ ପର୍ଯ୍ୟାୟ ଘୋଷଣା ପରେ କାକଟପୁର ଅଞ୍ଚଳବାସୀ ଙ୍କ ଆଶା ପାଣି ଫୋଟକା ଭଳି ଉଭେଇ ଯିବାକୁ ବସିଛି। ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଆନ୍ଦୋଳନ ହିଁ ଏକ ମାତ୍ର ରାସ୍ତା ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।

# ଥାନାରେ ଫିନାଇଲ ପିଇଲା ନାବାଳିକା ଛାତ୍ରୀ

## ଗୁରୁତର ଅବସ୍ଥାରେ ଏମ୍‌କେସିଜିରେ ଭର୍ତ୍ତି

ବ୍ରହ୍ମପୁର, (ପିପିଏସ୍): ଗୋପାଳପୁର ରେ ଜଣେ ୧୭ ବର୍ଷୀୟା ନାବାଳିକା ଛାତ୍ରୀ ତାଙ୍କ ପ୍ରେମିକ ସହ ଥାନାକୁ ଆସିଥିଲେ। ଥାନା ପରିସରେରେ ସେ ଫିନାଇଲ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ପୋଲିସ ତାଙ୍କୁ କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଛି। ଅନ୍ୟପଟେ ତାଙ୍କ ପ୍ରେମିକ ଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅଟକ ଯୁବକ ଜଣଙ୍କ ନିମଖଣ୍ଡି ଥାନା ଅନ୍ତର୍ଗତ ଯୋଗିଆପଲିର କେଦାର ଦାସ (୨୯)। ସେ ଏମକେସିଜିରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟରତ ଥିବା ଜଣାପଡିଛି। ପୋଲିସ ଅଭିଯୁକ୍ତଙ୍କ ବାଇକ ଓ ମୋବାଇଲ ଜବତ କରି ଘଟଣାର ତଦନ୍ତ କରୁଛି। ସୂଚନା ପ୍ରକାରେ କେଦାର ସୋମବାର ମଧ୍ୟାହ୍ନ ରେ ତାଙ୍କ ପ୍ରେମିକ ଙ୍କୁ ଫୋନ କରି ଖଲ୍ଲିକୋଟ କଲେଜ ଡାକିଥିଲେ। ସେଠାରୁ ଛାତ୍ରୀଙ୍କୁ ନିଜ ବାଇକରେ ବସାଇ ଗୋପାଳପୁର ଆସିଥିଲେ। ଉକ୍ତ ଯୁବକ ଜଣଙ୍କ ୭୦୦ ଟଙ୍କା ଦେଇ ସେଠାରେ ଥିବା ଏକ ଲଡ଼ଜିଂରେ ଏକ ରୁମ ବୁକ କରିଥିଲେ। ସେମାନେ ସେହି ରୁମରେ ପ୍ରାୟ ଦୁଇ ଘଣ୍ଟା ରହିବା ପରେ ସେମାନଙ୍କ ମଧ୍ୟରେ ଟଙ୍କା ପାଇଁ ଝଗଡା ହୋଇଥିଲା। ପରେ ଲଡ଼ଜିଂ ମାଲିକ ତାଙ୍କୁ ରୁମ ଛାଡ଼ିବାକୁ ବାଧ କରିଥିଲେ। ପରେ ସେମାନେ ବାହାରୁ ଆସିଥିଲେ। ଛାତ୍ରୀ ଜଣଙ୍କ ତାଙ୍କ ପୁରୁଷ ବନ୍ଧୁକୁ ଥାନାକୁ ନେବାକୁ କହିଥିଲେ। ପରେ ଥାନାରେ ପହଞ୍ଚି ଥିଲେ କ୍ଷ ଥାନା ଅଧିକାରୀ ଙ୍କ ସହ କିଛି ଛାତ୍ରୀ ଲଡ଼ଜିଂ କୁ ଆସୁଥିବା କହିଥିଲେ କ୍ଷ ଏ ନେଇ ଥାନା ଅଧିକାରୀ ଲିଖିତ ଅଭିଯୋଗ କଲେ ତଦନ୍ତ କରିବୁ ବୋଲି କହିଥିଲେ କ୍ଷ ପରେ ନାବାଳିକା ହୋଇଥିବାରୁ ବାପା,ମା କୁ ଡକାଇ ହସ୍ତାନ୍ତର କରିବା ପାଇଁ ଡାକିଥିଲେ କ୍ଷ ଥାନାରେ ବାପା,ମା ପହଂଚିବା ପରେ ନାବାଳିକା ଭୟରେ ଆଣିଥିବା ଫିନାଇଲ ପିଇ ଦେଇଥିଲେ କ୍ଷ ପରେ ପୁଲିସ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ମେଡିକାଲ ନେଇ ଥିଲେ। ଏନେଇ ଥାନାଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଆଜି ଅପରାହ୍ଣରେ ଜଣେ ଝିଅ ଓ ଗୋଟିଏ ପୁଅ ଥାନାକୁ ଆସିଥିଲେ। ଝିଅର ପରିବାର ଲୋକଙ୍କୁ ଥାନାକୁ ଆସିବାକୁ କୁହାଯାଇଥିଲା। ଅନ୍ୟପଟେ ପୁଅକୁ ଘଟଣା ସମ୍ପର୍କେ ପଚରାଉଚରାବେଳେ ଝିଅ ହଟାତ ବାନ୍ତି କରିବା ଦେଖି ତାଙ୍କୁ ଉଦ୍ଧାର କରି ଏମକେସିଜି ରେ ଭର୍ତ୍ତି କରାଯାଇଥିଲା। ଏନେଇ ପିଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ଆସିଲେ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ତାହାସହ ନାବାଳିକା ସୁସ୍ଥ ଥିବା କହିଛନ୍ତି ।

# ଏନ୍‌ସିଇଆର୍‌ଟି ଭାରତର ଶିକ୍ଷା କ୍ଷେତ୍ରର ମଜବୁତ୍ ସ୍ତମ୍ଭ: ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,(ହି.ସ)- ଏନସିଇଆରଟି ଦେଶର ଶିକ୍ଷାଗତ ଦୃଶ୍ୟପଟ୍ଟର ଏକ ମଜବୁତ୍ ସ୍ତମ୍ଭ । ପ୍ରତିବଦ୍ଧତା ଏବଂ ସମର୍ପଣ ସହିତ ଲମ୍ବା ସମୟ ଧରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ କରିବାରେ ଏନସିଇଆରଟିର ବଡ ଯୋଗଦାନ ରହିଛି ସୋମବାର ନୂଆଦିଲ୍ଲୀ ଠାରେ ଏନସିଇଆରଟିର ୬୫ତମ ପ୍ରତିଷ୍ଠା ଦିବସରେ ଯୋଗଦେବା ଅବସରରେ ଉଦବୋଧନ ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଏହି ଅବସରରେ ଶ୍ରୀ ପ୍ରଧାନ 'ଦୀକ୍ଷା ୨.୦' ସମେତ ବିଭିନ୍ନ ଶିକ୍ଷାଗତ ପଦକ୍ଷେପ ଗୁଡ଼ିକର ଉଦଘାଟନ ଏବଂ ଶୁଭାରମ୍ଭ କରିଥିଲେ । ଆଧୁନିକ ଓଡ଼ିଶାର ବିକାଶ ପାଇଁ ଅବଦାନ ଦେଇଥିବା ଏବଂ ଜାତୀୟ ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ୧୦୦ ଜଣ ମହାନ ବ୍ୟକ୍ତିତ୍ୱଙ୍କ ଜୀବନ ଏବଂ ଅବଦାନ ସମ୍ବଳିତ ଏକ ପୁସ୍ତକ 'ଉତ୍କଳ ଜନନୀଙ୍କର ସୁଯୋଗ୍ୟ ସନ୍ତାନ' ଉନ୍ମୋଚନ କରିଥିଲେ ଶ୍ରୀ ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଗତ ୬୪ ବର୍ଷ ମଧ୍ୟରେ ରାଷ୍ଟ୍ର ଗଠନରେ ଏନସିଇଆରଟିର ଅବଦାନ ଉପରେ ଆଲୋକପାତ କରିଥିଲେ । ଗତ ତିନି ବର୍ଷ ମଧ୍ୟରେ ଏନସିଇଆରଟି ଦ୍ୱାରା ବିକଶିତ ନୂତନ ପାଠ୍ୟକ୍ରମ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ନୂତନ ପାଠ୍ୟପୁସ୍ତକ ଏବଂ ଅନ୍ୟାନ୍ୟ ଶିକ୍ଷାଦାନ ସାମଗ୍ରୀ, ବିଶେଷତଃ ଯାଦୁଇ ପିଟାରାର ପ୍ରଶଂସା କରିଥିଲେ ଶ୍ରୀ ପ୍ରଧାନ । ଏନସିଇଆରଟିକୁ ଭାରତୀୟ ଭାଷାରେ ଶିକ୍ଷା, ଗୁଣାତ୍ମକ ଡିଜିଟାଲ୍ ବିଷୟବସ୍ତୁର ବିକାଶ , ବିଜ୍ଞାନ ଏବଂ ଗଣିତରେ ଶିକ୍ଷା ଉପରେ ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ । ଏନସିଇଆରଟିକୁ ଏକ ଗବେଷଣା ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଦ୍ୱାରା ଦେଶର ଶିକ୍ଷା କ୍ଷେତ୍ର ଅତ୍ୟନ୍ତ ଲାଭବାନ ହେବ ଏବଂ ଶିକ୍ଷାଗତ ଗବେଷଣାରେ ଏନସିଇଆରଟିକୁ ବିଶ୍ୱସ୍ତରୀୟ ଲିଡର ହେବାରେ ସାହାଯ୍ୟ କରିବ ।

ଶ୍ରୀ ପ୍ରଧାନ କହିଛନ୍ତି ଆମ ଦେଶର ଶିକ୍ଷା ବ୍ୟବସ୍ଥାର କେନ୍ଦ୍ରବିନ୍ଦୁରେ ଏକ ପ୍ରତୀକାତ୍ମକ ଅନୁଷ୍ଠାନ ହେଉଛି



ଏନସିଇଆରଟି । ଏହା କେବଳ ଏକ ପ୍ରତିଷ୍ଠାନ ନୁହେଁ ବରଂ ଏହା ଏକ 'ଜ୍ଞାନ-କୁମ୍ଭ' । ପ୍ରତିଷ୍ଠା ଦିନଠାରୁ ଏହା ଶିକ୍ଷା ମାଧ୍ୟମରେ ବିଶେଷ ଭାବରେ ରାଷ୍ଟ୍ର ନିର୍ମାଣରେ ଏକ ଦୀର୍ଘ ଦୂରତା ଅତିକ୍ରମ କରିଛି । ଶ୍ରୀ ପ୍ରଧାନ ଏନସିଇଆରଟିକୁ ନୂଆ ଅବତାର ଭାବରେ ଅବତୀର୍ଣ୍ଣ ହେବା ତଥା ସଂସ୍କାର-ମୁଖୀ, ଟେକ୍ନୋଲୋଜି-ଚାଳିତ ଏବଂ ବିଶ୍ୱର ବେଷ୍ଟ ପ୍ରାକ୍ଟିସ୍ ଉପରେ ଧ୍ୟାନ ଦେଇ ଏକ ପରିବର୍ତ୍ତନକାରୀ ନେତୃତ୍ୱ ହେବା ପାଇଁ ସେ ପରାମର୍ଶ ଦେଇଥିଲେ ।

ସେ ଆହୁରି କହିଛନ୍ତି ଯେ ଆମକୁ ୨୦୪୭ ସୁଦ୍ଧା ଏକ ସମୃଦ୍ଧ ଭାରତ ଗଠନ କରିବାକୁ ପଡିବ । ସମୃଦ୍ଧ ଭାରତର ଲକ୍ଷ୍ୟ ସେତେବେଳେ ସାକାର ହେବ ଯେତେବେଳେ ଆମେ ଆମର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସମାଲୋଚନାତ୍ମକ ଏବଂ ସୃଜନଶୀଳ ଚିନ୍ତାଧାରା ବିକଶିତ କରିବା । 'ଅମୃତ ପିଢି'ରେ ଏନସିଇଆରଟିକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରିଟିକାଲ ଥିଙ୍କିଂ ବିକଶିତ କରିବା ପାଇଁ ବହୁଭାଷୀ ଶିକ୍ଷାକୁ ପ୍ରୋତ୍ସାହିତ କରିବାକୁ ପଡିବ । ଜ୍ଞାନକୁ ଦକ୍ଷତାରେ ପରିଣତ କରିବାର ଉପାୟ ମଧ୍ୟ ବାହାର କରିବାକୁ ପଡିବ । ଏନସିଇଆରଟି ଶିକ୍ଷାଗତ ସଂସ୍କାର ଆଣିବା ସହ ଶିକ୍ଷାଦାନ ଏବଂ ଶିକ୍ଷଣରେ ଏକ ଆଦର୍ଶ ପରିବର୍ତ୍ତନ ଆଣିବ । ସମୃଦ୍ଧ ଭାରତର ଲକ୍ଷ୍ୟକୁ ସାକାର କରିବାରେ ଏନସିଇଆରଟି ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ପ୍ରଧାନ ଦୃଢୋକ୍ତି ପ୍ରକାଶ କରିଛନ୍ତି।

ପ୍ରଯୁକ୍ତିବିଦ୍ୟା-ଚାଳିତ ଶିକ୍ଷାଦାନ ଉପରେ କେନ୍ଦ୍ରମନ୍ତ୍ରୀ ଆଲୋକପାତ କରିବା ସହ 'ଦୀକ୍ଷା ୨.୦' ଉପରେ କହିଥିଲେ ଯେ ଏହା ଏକ ଅପଗ୍ରେଡେଡ୍ ଡିଜିଟାଲ ପ୍ଲାଟଫର୍ମ, ଯାହା ପ୍ରତିକ୍ରିୟାଶୀଳ ଏବଂ ବହୁବିଧ ଡିଭାଇସ୍ ସହିତ ସୁସଙ୍ଗତ । ଏହା ଏହା ଷ୍ଟକଚର୍ଡ ଲେସନ ତଥା ସଂରଚିତ ପାଠ, ଅନୁକୂଳିତ ମୂଲ୍ୟାଙ୍କନ, ଏବଂ ଏଆଇ-ଚାଳିତ ଉପକରଣ ଯଥା ରିଡ୍ ଆଲାଉଡ୍ ଏବଂ ୧୨ଟି ଭାରତୀୟ ଭାଷାରେ ଟେକ୍ସଟ ଫାଇଲ୍ ଅନୁବାଦ ପ୍ରଦାନ କରିବ । ଦୀକ୍ଷା ଦ୍ୱାରା ଉପକୃତ ହେଉଥିବା ଛାତ୍ରଛାତ୍ରୀଙ୍କ ସହ ଶ୍ରୀ ପ୍ରଧାନ ଆଲୋଚନା ମଧ୍ୟ କରିଥିଲେ ।

ଏହି ଅବସରରେ ଶିକ୍ଷା ମନ୍ତ୍ରୀ ଏନସିଇଆରଟି କ୍ୟାମ୍ପସର ନବନିର୍ମିତ ପ୍ରବେଶ ଦ୍ୱାର କମ୍ପ୍ଲେକ୍ସ, ହିନ୍ଦୀ, ସଂସ୍କୃତ, ହୋ-ହିନ୍ଦୀ ଏବଂ କୋୟା ଭଳି ୪ଟି ଭାଷାରେ ପ୍ରାଇମର ପୁସ୍ତକ, ପିଏମଇ ବିଦ୍ୟା ମୋବାଇଲ୍ ଆପ୍ଲିକେସନ୍, ବାଲବାଟିକା ପାଇଁ ପିଏମ ଇବିଦ୍ୟା ଡିଟିଏଚ ଟିଭି ଚ୍ୟାନେଲ୍ ନମ୍ବର ୩୫,ଚାରୋଟି ଡିଏମ ସ୍କୁଲରେ ଭର୍ଚୁଆଲ୍ ରିଆଲିଟି ଲ୍ୟାବ୍, ପ୍ରଶସ୍ତ ୨.୦, କିତାବ୍ ଏକ ପଢେ ଆଦି ଅନେକ ଉପକ୍ରମ ଶୁଭାରମ୍ଭ କରିଥିଲେ ।

ପ୍ରତିଷ୍ଠା ଦିବସରେ ଶିକ୍ଷା ମନ୍ତ୍ରଣାଳୟର ସଚିବ ସଞ୍ଜୟ କୁମାର, ଭାରତୀୟ ଭାଷା ସମିତିର ଅଧ୍ୟକ୍ଷ ଶ୍ରୀ ଚାମୁ କୃଷ୍ଣ ଶାସ୍ତ୍ରୀ,ଏନସିଇଆରଟିର ନିର୍ଦ୍ଦେଶକ ପ୍ରଫେସର ଦିନେଶ ପ୍ରସାଦ ସକଲାନି, ୟୁଜିସିର ଅଧ୍ୟକ୍ଷ ପ୍ରଫେସର ଏମ୍. ଜଗଦେଶ କୁମାର, ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ଏସ. ସୋମନାଥ ଏବଂ ଏନସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର, ଶିକ୍ଷା ମନ୍ତ୍ରଣାଳୟ ଏବଂ ଏନସିଇଆରଟିର ବରିଷ୍ଠ ଅଧିକାରୀମାନଙ୍କ ସହିତ ଉପସ୍ଥିତ ଥିଲେ ।

# ଲକ୍ଷାଧିକ ଟଙ୍କାର ତମ୍ବା ତାର ଜବତ: ୨ ଗିରଫ




କଳିଙ୍ଗନଗର: (ଯାଜପୁର ) ଟାଟା ଷ୍ଟିଲ କଳିଙ୍ଗନଗର କାରଖାନା ରୁ ଲକ୍ଷାଧିକ ଟଙ୍କାର ଚୋରୀ ସାମଗ୍ରୀ ଉଦ୍ଧାର, ବୋଲେରୋ ଗାଡ଼ି ସହ ଦୁଇ ଗିରଫ। କାରଖାନା ପରିସରରୁ ପ୍ରାୟ ଲକ୍ଷାଧିକ ଟଙ୍କାର କପର ତାର ଓ ୧୪ କେଜି କପର ବୋଲ୍ଟ କୁ ଚୋରୀ କରି ଏକ ବୋଲେରୋ ଗାଡ଼ିରେ ଲୋଡ଼ କରି ବାହାରକୁ ଆଣୁ ଥିବା ବେଳେ ଫାଟକ ନିକଟରେ ସୁରକ୍ଷାକର୍ମୀଙ୍କ ହାତରେ ଦୁଇଜଣ ଧରାପଡ଼ିଥିଲେ। କାରଖାନାର ସୁରକ୍ଷା ଅଧିକାରୀ ଘଟଣା ସମ୍ପର୍କରେ କଳିଙ୍ଗନଗର ପୁଲିସକୁ ଖବର ଦେଇଥିଲେ,ପୁଲିସ ପହଁଞ୍ଚି କପର ବୋଝେଇ ଏକ ବୋଲେରୋ ଗାଡ଼ି ନଂ ଓଡି ୦୫ ବିଏଲ ୨୮୧୪ କୁ ଜବତ କରିବା ସହ ବାରଗାଡ଼ିଆ ଗ୍ରାମର ଡ୍ରାଇଭର ହିମାଂଶୁ ଶେଖର ଜେନା ଓ ସୁପର ଭାଇଜର ଡୁବୁରୀ ଗ୍ରାମର ଶିବ ଶଙ୍କର ବାରିକ କୁ ଗିରଫ କରିଥିଲା। କେସ ନମ୍ବର ୩୦୧/୨୫ ରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି, ତେବେ ଗିରଫ ଦୁଇଜଣ ମେସର୍ସ ବୀଣା ଇଲେକଟ୍ରିକାଲ କମ୍ପାନୀରେ କାମ କରନ୍ତି।

# ଗଞ୍ଜାମ ଜିଲ୍ଲାର ସାମୂହିକ ବିକାଶ ଦାବିରେ ଜନଆନ୍ଦୋଳନ ତୀବ୍ରତର ହେବ

ବ୍ରହ୍ମପୁର, (ପିପିଏସ୍): କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ସିପିଆଇ) ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ ଦୀର୍ଘଦିନର ଅବହେଳା, ବେକାରୀ ଓ ସମ୍ପଦର ଅପପ୍ରୟୋଗ ସମସ୍ୟା ସମାଧାନ ପାଇଁ ଜିଲ୍ଲାବ୍ୟାପୀ ଜନ ଆନ୍ଦୋଳନକୁ ତୀବ୍ର କରିବାକୁ ନିଷ୍ପତ୍ତି ନେଇଛି। ଗତ ଅଗଷ୍ଟ ୨୨, ୨୦୨୫ରେ କବିସୂର୍ଯ୍ୟନଗରଠାରେ ଆୟୋଜିତ ପାର୍ଟିର ୨୪ତମ ଜିଲ୍ଲା ସମ୍ମିଳନୀରେ ଚାଷୀ, ଶ୍ରମିକ, ଛାତ୍ର, ଯୁବକ, ମହିଳା ଓ ବୁଦ୍ଧିଜୀବୀଙ୍କୁ ସାମୂହିକ ବିକାଶ ପାଇଁ ଏକଜୁଟ ହେବାକୁ ଆହ୍ୱାନ ଦିଆଯାଇଛି। ଗଞ୍ଜାମର ଅପାର ସମ୍ଭାବନା ସତ୍ତ୍ୱେ କ୍ରମାଗତ ସରକାରମାନେ ପ୍ରତିଶ୍ରୁତି ପୂରଣରେ ବିଫଳ ହୋଇଛନ୍ତି, ଯାହା ଜିଲ୍ଲାକୁ ଅର୍ଥନୈତିକ ସ୍ଥିତିରେ ପଛୁଆ ଓ ଦାଦନ ଶ୍ରମିକ ଉପରେ ନିର୍ଭରଶୀଳ କରିଛି।

ଜିଲ୍ଲାର ଅଧିକାଂଶ ବାସିନ୍ଦା କୃଷି ଉପରେ ନିର୍ଭରଶୀଳ, କିନ୍ତୁ ସରକାରୀ କୃଷକ ବିରୋଧୀ ନୀତି, ଜଳସେଚନର ଅଭାବ, ଲାଭଜନକ ଫସଲ ପାଇଁ ପ୍ରୋତ୍ସାହନର ଅଭାବ, ମଣ୍ଡିର ଅପର୍ଯ୍ୟାପ୍ତତା ଓ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ କୃଷି ଅର୍ଥନୀତି ବିପର୍ଯ୍ୟସ୍ତ। ଶିଳ୍ପ ବିକାଶରେ ଅଗ୍ରଗତି ନାମମାତ୍ର, ଗୋପାଳପୁର ବନ୍ଦର ଓ ଅଧିଗୃହୀତ ଜମିରେ ଥିବା ଛୋଟ ଶିଳ୍ପଗୁଡ଼ିକ ସ୍ଥାନୀୟ ଯୁବକଙ୍କ ପାଇଁ ଉଲ୍ଲେଖନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିନାହିଁ। ବ୍ରହ୍ମପୁରରେ କୃଷି ବିଶ୍ୱବିଦ୍ୟାଳୟ, ହାଇକୋର୍ଟ ବେଞ୍ଚ, ଗୋପାଳପୁର-ତାଳଚେର ରେଳପଥ ଓ ଶୀତଳାପଲ୍ଲୀରେ ରେଳଡବା କାରଖାନା ଭଳି ଦାବିଗୁଡ଼ିକ ସରକାରଙ୍କ ଅଣଦେଖା ଯୋଗୁଁ ଅପୂର୍ଣ୍ଣ ରହିଛି। ସିପିଆଇର ଦାବି ମଧ୍ୟରେ ଗୋପାଳପୁର ବନ୍ଦରକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରି ଶ୍ରମିକଙ୍କ ପାଇଁ ସ୍ଥାୟୀ ନିଯୁକ୍ତି, ଚିନି, ଲୁଗାକଳ ଓ କାଜୁ ଶିଳ୍ପ ପ୍ରତିଷ୍ଠା ସହ ସ୍ଥାନୀୟ ଯୁବକଙ୍କ ପାଇଁ ନିଯୁକ୍ତି, ଭୂମିହୀନଙ୍କ ମଧ୍ୟରେ ଜମି ବଣ୍ଟନ, ଜଳସେଚନ ସମ୍ପ୍ରସାରଣ ଓ ଶୀତଳ ଭଣ୍ଡାର ପ୍ରତିଷ୍ଠା ଅନ୍ତର୍ଭୁକ୍ତ। ଏହା ସହ ଖାଲି ଡାକ୍ତର, ନର୍ସ ଓ ଫାର୍ମାସିଷ୍ଟ ପଦବୀ ପୂରଣ, ଆସିକା ଓ ଇଂଜନଗରରେ ମେଡିକାଲ କଲେଜ, ଶିକ୍ଷା ଭିତ୍ତିଭୂମିର ଉନ୍ନତି, ଏନଆରଇଜିଏ ଯୋଜନାରେ ୨୦୦ ଦିନ କାମ ଓ ୬୦ ବର୍ଷରୁ ଅଧିକ ବୟସ୍କଙ୍କ ପାଇଁ ମାସିକ ୩,୦୦୦ ଟଙ୍କା ପେନସନ ଦାବି କରାଯାଇଛି। ଜିଲ୍ଲା ସମ୍ପାଦକ ଶ୍ରୀହର୍ଷ ରଥ, ସହ-ସମ୍ପାଦକ ପ୍ରଦୀପ ସେଠୀ, ନୀଳକଣ୍ଠ ଦାଶ, ରାଜ୍ୟ ସମ୍ପାଦକ କାମଦେବ ନାହାକ ଓ ପ୍ରକାଶ ପାତ୍ରଙ୍କ ନେତୃତ୍ୱରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ସିପିଆଇ ଗଞ୍ଜାମର ବାସିନ୍ଦାଙ୍କୁ ଜଳ, ଜମି, ଜଙ୍ଗଲ ସୁରକ୍ଷା ଓ ନିଯୁକ୍ତି ସହ ବିକାଶ ନିଶ୍ଚିତ କରିବା ପାଇଁ ଏହି ଆନ୍ଦୋଳନରେ ଯୋଗଦେବାକୁ ଅପିଲ କରିଛି।

# ରାସ୍ତା ପାର୍ଶ୍ୱର କାଶତଣ୍ଡୀ ପ୍ରକୃତିପ୍ରେମୀଙ୍କୁ କରୁଛି ଆନମନା




ଚାରିଛକ, (ପିପିଏସ): ଶ୍ରୀଗଣେଶ ଚତୁର୍ଥୀ ଓ ନୂଆଖାଇ ପରେ ଆରମ୍ଭ ହେବ ପାର୍ବଣ ଋତୁ। ଏବେ ଚାରିଛକ-କାକଟପୁର, ଚାରିଛକ- ନିମାପଡ଼ା, ଚାରିଛକ- ଗୋପ, ଚାରିଛକ- ନଖରା ମୁଖ୍ୟ ରାସ୍ତା ପାର୍ଶ୍ୱର ବିଭିନ୍ନ ସ୍ଥାନରେ ପ୍ରଚୁର ପରିମାଣରେ କାଶତଣ୍ଡୀ ଫୁଟିଛି। କାଶତଣ୍ଡୀକୁ ଦେଖିଲେ ଶରତ ଋତୁର ଆଗମନ ଓ ତା' ସହିତ ଦେବୀ ଦୁର୍ଗାଙ୍କ ପାର୍ବଣ ପୂଜା ପାଖେଇ ଆସୁଥିବା ଜଣାପଡ଼େ। ଏବେ କାଶତଣ୍ଡୀ ହସି କହିଲାଣି ପାର୍ବଣ ଋତୁ ଆସୁଛି। ଜଳବାୟୁ ପରିବର୍ତ୍ତନ ପାଇଁ ଏ ବର୍ଷ ଯଥେଷ୍ଟ ଆଗରୁ କାଶତଣ୍ଡୀ ଫୁଟିଛି। ଆସନ୍ତା ୧୪ ତାରିଖରେ ମା' ଦୁର୍ଗାଙ୍କର ସହସ୍ରାଭିଷେକ ନୀତି ଅନୁଷ୍ଠିତ ହୋଇ ଶାରଦୀୟ ପାର୍ବଣ ପୂଜାର ଅୟମାରମ୍ଭ ହେବ। ତା' ପୂର୍ବରୁ ଚାରିଛକ, ନିମାପଡ଼ା, ନୟାହାଟ ଅଞ୍ଚଳର ବିଭିନ୍ନ ସ୍ଥାନରେ କାଶତଣ୍ଡୀର ଶୋଭା ସମ୍ଭାର ଦେଖିବାକୁ ମିଳିଛି। ସୁଲୁ ସୁଲିଆ ପବନରେ କାଶତଣ୍ଡୀ ହଲି ଦୋହଲି ପ୍ରକୃତିପ୍ରେମୀ, କବି, ଭାବୁକମାନଙ୍କ ମନକୁ ପୁଲକିତ କରୁଛି। ପ୍ରକୃତି ରାଣୀ ସତେ ଯେପରି ଧଳା ରଙ୍ଗର ଚାମର ଧରି ପାର୍ବଣ ଋତୁକୁ ସ୍ୱାଗତ କରିବା ସହ ଜଗତଜନନୀ ମା' ଦୁର୍ଗାଙ୍କ ଆଗମନକୁ ଅପେକ୍ଷା କରି ରହିଛି। କବି ସମ୍ଭବ [illegible] ନୀଳ ଆକାଶରେ ଖଣ୍ଡ ଖଣ୍ଡ ବାଦଲ ଭାସି ଯାଉଥିବା ବେଳେ ତଳେ ପୃଥିବୀ ପୃଷ୍ଠରେ ଧଳା ରଙ୍ଗର ଚିକ୍କଣ କରୁଥିବା କାଶତଣ୍ଡୀ ସତେ ଯେପରି ମେଘ ମାଳାକୁ ହାତ ହଲାଇ ବିଦାୟ ଜଣାଉଛି। ଅପୂର୍ବ ଏ ଦୃଶ୍ୟ। ରାସ୍ତା ପାର୍ଶ୍ୱରେ ଫୁଟିଥିବା କାଶତଣ୍ଡୀ ପଥଚାରୀମାନଙ୍କୁ ଆନ ମନା କରୁଛି। ବିଭୋର ହୋଇ ଉଠୁଛି ଆଉ ପୁଲ୍ଲକିତ ହୋଇ ଉଠୁଛି ମଣିଷର ତନୁ ଆଉ ମନ। କିଛି କିଛି ଲୋକ ଘଡ଼ିଏ ଅଟକି ଯାଉଛନ୍ତି ଆଉ ମନଭରି ଉପଭୋଗ କରୁଛନ୍ତି ପ୍ରକୃତି ରାଣୀର ଏ ମନଲୋଭା ଦୃଶ୍ୟକୁ। ଧଳା ରଙ୍ଗକୁ ଶାନ୍ତିର ପ୍ରତୀକ ଭାବେ ବିବେଚନା କରାଯାଏ। ଏଣୁ କାଶତଣ୍ଡୀ ସାରା ସଂସାରରେ [illegible] ଚାଲିଛି ସତ୍ୟ ଓ ଶାନ୍ତିର ବାର୍ତ୍ତାକୁ। ପ୍ରକୃତି ରାଣୀ ସତେ ଯେପରି ଧଳା ଚାଦର ରେ ନିଜକୁ ଘୋଡ଼ାଇ ଦେଇଛି। ସତରେ ମନକୁ ବିମୋହିତ କରି ଦେଉଛି ରାସ୍ତା ପାର୍ଶ୍ୱର କାଶତଣ୍ଡୀ ଆଉ ହସି କହୁଚି ପଥଚାରୀମାନଙ୍କୁ ପ୍ରସ୍ତୁତ ହୁଅ ସମସ୍ତେ ପାର୍ବଣ ଋତୁ ଆସୁଛି।

# ସେବା ନିବୃତ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



ଧାମନଗର (ପିପିଏସ): ଧାମନଗର ବ୍ଲକ ଅନ୍ତର୍ଗତ ଅସୁରାଳି ପଞ୍ଚାୟତର ବରିଷ୍ଠ ଶିକ୍ଷାବିତ ମାୟାଧର ସାହୁଙ୍କ ପରଲୋକ। ସେ ଦୀର୍ଘବର୍ଷ ହେବ ଡାଇବେଟିସ ରୋଗରେ ପୀଡ଼ିତ ଥାଇ ଭୁବନେଶ୍ୱର ସମ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସୋମବାର ପୂର୍ବାହ୍ନରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ଜଣେ ଆଦର୍ଶ ଶିକ୍ଷକ ଭାବେ ସେ ସର୍ବଜନ ପ୍ରିୟ ଥିଲେ। ଖପରପଦା ହାଇସ୍କୁଲରୁ ଶିକ୍ଷକତା ଆରମ୍ଭ କରି ଶେଷରେ ଅସୁରାଳି ହାଇସ୍କୁଲର ପ୍ରଧାନ ଶିକ୍ଷକ ଥାଇ ଅବସର ନେଇଥିଲେ। ସେ ଧାମନଗର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ନାରାୟଣ ନାରାୟଣ ସାହୁଙ୍କ ସାନଭାଇ ଥିଲେ।ତାଙ୍କ ବିୟୋଗ ଖବର ପାଇ ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଧାମନଗର ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲ୍ଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ସାହୁ, ସରପଞ୍ଚ ମିନତୀ ସାହୁ, ପୂର୍ବତନ ସରପଞ୍ଚ ଅରବିନ୍ଦ ନାୟକ, ବିଜେଡ଼ି ନେତା ତାରାକାନ୍ତ ମିଶ୍ର, କଂଗ୍ରେସ ନେତା ଅଭିଷେକ ରାଉତ, ସ୍ୱର୍ଗତ ସାହୁଙ୍କ ଗୁରୁ ଆନନ୍ଦ ଚନ୍ଦ୍ର ବେହେରା, ସମସାମୟିକ ଶିକ୍ଷକ ଲୋକନାଥ ଦାଶ, ସନ୍ତୋଷ ଦାସ, କାହ୍ନୁ ଚରଣ ନାଥ, ଦୁର୍ଲଭ ମଲ୍ଲିକ,କୋଠାର ସମବାୟ ସମିତି ସଭାପତି ହରେକୃଷ୍ଣ ପାଢ଼ୀ, ଅସୁରାଳି ବଣିକ ସଂଘ ସଭାପତି ଡାକ୍ତର ସଦାନନ୍ଦ ଦାସ, ଆଇନଜୀବୀ ଗଣେଶ ଦାଶ, ଅମରେନ୍ଦ୍ର ମହାନ୍ତି, ସ୍ନେହାଶିଷ ପଣ୍ଡା, ସାମ୍ବାଦିକ ସୁଧାକର ଦାଶ, ବୈକୁଣ୍ଠ ନାଥ ସାହୁ, ଜଗନ୍ନାଥ ବେହେରା, ସମାଜସେବୀ ସହଦେବ ସାହୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ରାତ୍ର ୯ ଘଟିକାରେ ମରଶରୀର ନିଜ ଜନ୍ମ ସ୍ଥାନରେ ପହଞ୍ଚିବା ସହ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ତାଙ୍କ ପୁତ୍ର ଅଶୋକ କୁମାର ସାହୁ ସୂଚନା ଦେଇଛନ୍ତି।

# ସ୍ପେସିଆଲ୍ ସର୍କିଟ୍ ହାଉସ୍‌ରେ ଗଣେଶ ମହୋତ୍ସବ



କଟକ : ଏହି ସ୍ପେସିଆଲ ସର୍କିଟ୍ ହାଉସ୍‌ରେ ଦୀର୍ଘ ଦଶବର୍ଷ ଧରି ଗଣେଶ ମହୋତ୍ସବ ପାଳିତ ହୋଇ ଆସୁଛି। ଏହି ଉତ୍ସବକୁ ସୁଚାରୁରୂପେ ପାଳନ କରାଯାଉଛି। ଗୁରୁ ବାବୁ, ରାଧାକାନ୍ତ ବାବୁ ପ୍ରମୁଖ ଏହି ମହୋତ୍ସବକୁ ସୁଚାରୁ ରୂପେ ପାଳିତ କରୁଛନ୍ତି। ପୂର୍ବ ବର୍ଷଭଳି ଏବର୍ଷ ଉତ୍ସବରେ ବହୁମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଉଥିଲେ। ସର୍କିଟ୍ ହାଉସ୍‌ର ଜନ୍, ସିଂହ, ନନା, ଆସିଫ୍ ଖାନ୍, ମନୋଜ, ଓମ୍, ରାକେଶ, ବିଶ୍ୱ ଭାଇ, ନିରଞ୍ଜନ ପ୍ରମୁଖ ଏହି ଉତ୍ସବକୁ ନିରାଡ଼ମ୍ବର ଭାବେ ଆଧ୍ୟାତ୍ମିକ ପରିବେଶରେ ପାଳିତ କରିଛନ୍ତି। ଗଣେଶଙ୍କ ସାଜସଜ୍ଜା ଖୁବ୍ ଚିତାକର୍ଷକ ହୋଇଥିଲା।

# କୁଶଭଦ୍ରା ନଦୀକୁ ଚିରସ୍ରୋତା କରିବାକୁ ସଂକଳ୍ପ

ଚାରିଛକ,(ପିପିଏସ): ସାମ୍ପ୍ରତିକ ସମୟରେ ରାଜ୍ୟର ଅଧିକାଂଶ ନଦୀରେ ବନ୍ୟା ପରିସ୍ଥିତି ଉପୁଜୁ ଥିବାବେଳେ ନିମାପଡ଼ା ଦେଇ ପ୍ରବାହିତ କୁଶଭଦ୍ରା ନଦୀରେ ପାଣି ଦେଖିବାକୁ ମିଳୁନି। ରାଜ୍ୟର ୩ଟି ନିର୍ବାଚନ ମଣ୍ଡଳୀର ୪ ଟି ବ୍ଲକର ଜନସାଧାରଣ ନିର୍ଭର କରୁଥିବା କୁଶଭଦ୍ରା ନଦୀ ଆଜି ମୃତ ପ୍ରାୟ ସୁପ୍ତ ହୋଇପଡିଛି। ଏହାକୁ ପୁନର୍ବାର ଚିରସ୍ରୋତାରେ ପରିଣତ କରିବା ନିମନ୍ତେ କୁଶଭଦ୍ରା କାନ୍ଦୁଛି ପରିବାର ପକ୍ଷରୁ ସ୍ଥାନୀୟ ଶ୍ରୀରାମ ମଣ୍ଡପ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। କୁଶଭଦ୍ରା କିଭଳି ତା'ର ପୂର୍ବାହୃତ ଗୌରବ ଫେରିପାଇବ ସେ ସମ୍ପର୍କ ରେ ବିଷଦ ଆଲୋଚନା କରାଯାଇ ଥିଲା। ଏହାର ଖନନ କରାଯାଇ ପୁନଃଉଦ୍ଧାର, ମୁହାଣ ଖନନ, ସୁରକ୍ଷାର ଆବଶ୍ୟକତା ରହିଛି ବୋଲି ସମସ୍ତେ ମତପ୍ରକାଶ କରିଥିଲେ। କେବଳ ସରକାରୀ ଯନ୍ତ୍ରୀ, ନେତା ମନ୍ତ୍ରୀ ଚାହିଁଲେ ଯେ, ଏହାର ସମାଧାନ ହୋଇଯିବ ତା' ନୁହେଁ ସମସ୍ତ ଜନସାଧାରଣ ଏଥିପାଇଁ ସଚେତନ ହେବାସହ ଏହାର ସୁରକ୍ଷା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ଦରକାର। କୁଶଭଦ୍ରା କାନ୍ଦୁଛି ପରିବାରର ଆବାହକ ବିକାଶ ବାରିକଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଉକ୍ତ ସଭା ରେ ବରିଷ୍ଠ ଶିକ୍ଷାବିତ ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ନିମାପଡ଼ା କଲେଜ ର ଅଧ୍ୟାପକ ମାନସ ରଞ୍ଜନ ସ୍ୱାଇଁ କୁଶଭଦ୍ରା ନଦୀର ଇତିବୃତ୍ତି ସମ୍ପର୍କୀୟ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ଶରତଚନ୍ଦ୍ର ସେନାପତି, ସମାଜସେବୀ ଚନ୍ଦ୍ରକାନ୍ତ ବରାଳ, ନିଗମାନନ୍ଦ ସାହୁ, ନିରଞ୍ଜନ ସାହୁ, ଦୀପକ ସାହୁ , ଗୋପ ସୁରକ୍ଷା ମଞ୍ଚ ର ସଭାପତି ସଚ୍ଚିଦାନନ୍ଦ ଗୋଛାୟତ ପ୍ରମୁଖ ଯୋଗଦେଇ କୁଶଭଦ୍ରାକୁ ପୁନର୍ଜୀବିତ କରିବା ନିମନ୍ତେ ଜନ ଆନ୍ଦୋଳନର ଆବଶ୍ୟକତା ରହିଥିବା କହିଥିଲେ।

# ଉତ୍ସାହରେ ଖୁଦୁରୁକୁଣୀ ଓଷା ପାଳିତ



କେନ୍ଦ୍ରାପଡା,(ପିପିଏସ):ପାରମ୍ପରିକ ରୀତି-ନୀତି ଓ ସାମାଜିକ ସମ୍ମିଳନୀର ସୁନ୍ଦର ଦୃଷ୍ଟାନ୍ତ ଭାବେ କେନ୍ଦ୍ରାପଡା ଜିଲ୍ଲାର ବଗଡ଼ା ଗ୍ରାମରେ ଖୁଦୁରୁକୁଣୀ ଓଷା ବଡ଼ ଧୁମଧାମରେ ପାଳିତ ହୋଇଛି। ପ୍ରାୟ ୭୦ରୁ ଅଧିକ ପରିବାରର କୁମାରୀ ଯୁବତୀଙ୍କ ସହ ଗାଁର ସମସ୍ତେ—ମହିଳା, ପୁରୁଷ, ଶିଶୁ ଓ ବୃଦ୍ଧବୃଦ୍ଧା- ଏକତ୍ରିତ ହୋଇ ଏହି ପୂଜାରେ ସାମିଲ ହୋଇଥିଲେ। ଗାଁରେ ପାରମ୍ପରିକ ଭାବେ ଚାଲିଆସୁଥିବା ଏହି ଓଷାରେ ବିଶେଷ ନୀତି-ନିୟମ ରହିଛି। ଯିଏ ଯାହା ମାନସିକ କରିଥାନ୍ତି, ତାହା ପୂରଣ ହୋଇଥାଏ, ସେଇ ବ୍ୟକ୍ତି ପୂଜା ଦିନ 'ଖୁଦୁରୁକୁଣୀ ମୂର୍ତ୍ତି' ଦାନ କରନ୍ତି। ଏହି ପରମ୍ପରା ପାଳନ ହୋଇ ଆସିଥିବାରୁ, ପୂଜାକୁ ସମସ୍ତେ ମାନସିକ ସମୃଦ୍ଧି ଓ ଆସ୍ଥାର ପ୍ରତୀକ ଭାବେ ଦେଖନ୍ତି। ଗାଁରେ ବର୍ଷ ସାରା କଳି-ଝଗଡା, ମନ ମାଳିନ୍ୟ ଥିଲେ ମଧ,ସେସବୁ ଭୁଲି ଏହି ଦିନ ସମସ୍ତେ ଏକଜୁଟ ହୋଇ ଓଷା ପାଳନ କରନ୍ତି। ଏହାକୁ ଗାଁର ସାମ୍ପ୍ରତିକ ସମ୍ମିଳନୀ ଓ ଏକତାର ପ୍ରମାଣ ଭାବେ ଗ୍ରାମବାସୀ ବର୍ଣ୍ଣନା କରିଛନ୍ତି। ଚଳିତ ବର୍ଷରେ ମଧ ଗ୍ରାମବାସୀଙ୍କ ସହଭାଗିତା ଓ ଧାର୍ମିକ ଉତ୍ସାହରେ ଖୁଦୁରୁକୁଣୀ ଓଷା ଉତ୍ସବୀୟ ପରିବେଶରେ ପାଳନ ହୋଇଯାଇଛି।

## ବୁଲା ଗାଈ ଗୋରୁଙ୍କ ପାଇଁ ନାହିଁ ଥଇଥାନ କେନ୍ଦ୍ର

# ସଡକ ଦୁର୍ଘଟଣାରେ ଯାଉଛି ଗୋ-ମାତାର ଜୀବନ

କୋଣାର୍କ(ପିପିଏସ): କୋଣାର୍କ ତଥା ଆଖପାଖ ଅଞ୍ଚଳରେ ବୁଲା ଗାଈ ଗୋରୁଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବା ଦେଖିବାକୁ ମିଳିଛି। ଫଳରେ ରାସ୍ତା ଉପରେ ଟ୍ରାଫିକ ସମସ୍ୟା ଦେଖା ଯିବା ସହ ଛୋଟ ବଡ଼ ଦୁର୍ଘଟଣା ଘଟି ଧନ ଜୀବନ ସମେତ ଗୋ ମାତାଙ୍କ ଜୀବନ ଯାଉଅଛି। ଏହି ବୁଲା ଗାଈଗୋରୁଙ୍କ ପାଇଁ ପ୍ରଶାସନ ପକ୍ଷରୁ ଥଇଥାନ କେନ୍ଦ୍ର କିମ୍ବା ଗୋଶାଳା କି କାଞ୍ଜିଆହୁଦା ନଥିବାରେ ଆଶ୍ରୟ ପାଇଁ ସେମାନେ ମୁଖ୍ୟ ରାସ୍ତାକୁ ଆପଣାଇ ନେଇଥିବା ବେଳେ ବେପରୁଆ ଦ୍ରୁତ ଗାଡ଼ି ଚାଳନା ଯୋଗୁଁ ସେମାନଙ୍କ ଜୀବନ ହାନି ହେଉଛି। ଲଗାତାର ଭାବେ କୋଣାର୍କ ଅଞ୍ଚଳରେ ଏହି ସମସ୍ୟା ବୃଦ୍ଧି ପାଇଥିବା ବେଳେ ପ୍ରଶାସନ ପକ୍ଷରୁ ଏହାକୁ ଅଣଦେଖା କରିବାରେ ଚଳିତ ସପ୍ତାହ ମଧ୍ୟରେ ସଡ଼କ ଦୁର୍ଘଟଣାରେ ଅନେକ ଗୋ - ସମ୍ପଦଙ୍କ ଜୀବନ ହାନୀ ହୋଇଥିବା ଜଣାପଡିଛି। ପାଞ୍ଚ ଦିନ ପୂର୍ବେ ଗାଡ଼ି ଧକ୍କାରେ କୋଣାର୍କ ନାଟ୍ୟ ମଣ୍ଡପ ନିକଟରେ ଦୁଇ ଗାଈଙ୍କ ମୃତ୍ୟୁ ହୋଇଥିବା ବେଳେ ରବିବାର ବିଳମ୍ବିତ ରାତ୍ରରେ ଗୁଣ୍ଡି ଛକ ପେଟ୍ରୋଲ ପମ୍ପ ନିକଟରେ ଏକ କାର ଧକ୍କା ରେ ଦୁଇଟି ଷଣ୍ଢ ମୃତ୍ୟୁବରଣ କରିଥିବା ଦେଖିବାକୁ ମିଳିଛି। ସନ୍ଧ୍ୟା ହେଲେ ବୁଲା ଗାଈଗୋରୁ ମାନେ ମୁଖ୍ୟ ରାସ୍ତାକୁ କବଜା କରିନେଉଥିବାରେ ସଡକ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଗୋ ସମ୍ପଦ ସହ ଧନ ଜୀବନ ହାନୀ ଘଟୁଛି। ତୁରନ୍ତ ଜିଲ୍ଲା ପ୍ରଶାସନ ସମେତ ସ୍ଥାନୀୟ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଗୋ ସମ୍ପଦର ସୁରକ୍ଷା ସହ ଥଇଥାନ ପାଇଁ ସୁବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ପ୍ରକାଶ ପାଇଛି।

# ଯାଜପୁର ଜିଲ୍ଲା ଡ୍ରାଇଭର ସଙ୍ଘର ରାଷ୍ଟ୍ରୀୟ ଡ୍ରାଇଭର ଦିବସ



ଯାଜପୁର (ପିପିଏସ): ସୋମବାର ଦିନ ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳର ଦାନଗଦି ଭବନ ଠାରେ ଜିଲା ସଭାପତି ମାନସ ରଞ୍ଜନ ଦେବତା ଙ୍କ ସଭାପତିତ୍ୱରେ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳିତ ହୋଇଯାଇଛି। ଯାଜପୁର ଜିଲ୍ଲା ଡ୍ରାଇଭର ମହାସଂଘ ପକ୍ଷରୁ ଜିଲ୍ଲାସ୍ତରୀୟ ସମାବେଶରେ ମୁଖ୍ୟ ଅତିଥି ଭାବେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ଯୋଗଦେଇ ଥିଲେ ।ସମ୍ମାନିତ ଅତିଥି ଭାବେ ଯାଜପୁର ରୋଡ ଆଦର୍ଶ ଥାନା ଅଧିକାରୀ ଆଶିଷ କୁମାର ସାହୁ, ଯାଜପୁରରୋଡ ଟ୍ରକ୍ ଆସୋସିଏସନ୍ ସଭାପତି ଅମିୟ କୁମାର ବାରିକ ସମ୍ପାଦକ ମାୟାଧର ମଲ୍ଲିକ କୋଷାଧକ୍ଷ ସ୍ମୃତିରଞ୍ଜନ ଘଡେଇ ଉପସ୍ଥିତ ଥିଲେ। ଯାଜପୁର ଜିଲ୍ଲାର ୧୦ଟି ବ୍ଲକ୍ ଏବଂ ୨ଟି ପୌରାଞ୍ଚଳର ସହସ୍ରାଧିକ ଗାଡ଼ି ଚାଳକ ଏକ ବିଶାଳ ଶୋଭାଯାତ୍ରାରେ ଦାନଗଦି ବଜାର ପରିକ୍ରମା କରିଥିଲେ। ଡ୍ରାଇଭର ମାନଙ୍କ ମଧ୍ୟରେ କିପରି ଭାଇଚାରା ବଜାୟ ରଖିବା ସହିତ ସେମାନଙ୍କ ଦୈନନ୍ଦିନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସଂଘବଦ୍ଧ ହୋଇ ରହିବାକୁ ଆହ୍ୱାନ ଦିଆଯାଇଥିଲା। ଆଜିର ଦିନରେ ଡ୍ରାଇଭର ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଏକାଠି ହୋଇ ରହିବାକୁ ବଜ୍ର ଶପଥ ନେଇଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ବ୍ଲକର ବରିଷ୍ଠ ଗାଡ଼ି ଚାଳକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯାଜପୁର ଜିଲ୍ଲା ଡ୍ରାଇଭର୍ ମହାସଂଘ ର ସମ୍ପାଦକ ଶରତ ବେହେରା, ସହ ସମ୍ପାଦକ ଶଶିକାନ୍ତ ବେହେରା, କୋଷାଧକ୍ଷ ଲୋକନାଥ ପୁରୀ, ସଂଯୋଜକ ହୀରାଲାଲ ଭାଇ ସମ୍ପାଦକ ଶରତ ବେହେରା ଓ ଉପଦେଷ୍ଟା ଅଶୋକ କୁମାର ରଥ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବ୍ରହ୍ମପୁରରେ ଗଞ୍ଜାମ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି




ବ୍ରହ୍ମପୁର, (ପିପିଏସ୍): ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ. ଶର୍ବଣ ବିବେକ ଏମ୍, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଆଇଏଏସ ପ୍ରବେସନ୍ ମ୍ରିଣାଲିକା ରାଠୋର ଉପସ୍ଥିତ ରହି ଜନ ସାଧରଣଙ୍କ ଅଭିଯୋଗ ଶୁଣିଥିଲେ।

ଆଜିର ଅଭିଯୋଗ ଗୁଡ଼ିକ ମୁଖ୍ୟତଃ ସ୍ୱାସ୍ଥ୍ୟ,ଶିକ୍ଷା, ସାମାଜିକ ସୁରକ୍ଷା ଭତା, ଜମି, ଶ୍ରମିକ କାର୍ଡ, ରାସନ୍ କାର୍ଡ, ରାସ୍ତା ଇତ୍ୟାଦି। ସମୁଦାୟ ୧୭୫ଟି ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୧୫୦ଟି ଓ ଗ୍ରାମ ଭିତିକ ସମସ୍ୟା ୧୩ଟି ରହିଥିବାବେଳେ ୩ଟି ଅଭିଯୋଗ ତୁରନ୍ତ ସମାଧାନ କରାଯାଇଥିଲା। ରେଡକ୍ରସ ତରଫରୁ ୯ ଜଣଙ୍କୁ ୮୩,୫୦୦ଟଙ୍କା ସହାୟତା ରାଶି ଚେକ୍ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ଶୁଣାଣିରେ ଜିଲ୍ଲା ସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଓ ବ୍ରହ୍ମପୁର ଉପଖଣ୍ଡର ବିଡିଓ ଓ ତହସିଲଦାର ଉପସ୍ଥିତ ରହିଥିଲେ। ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର ପଞ୍ଜିକରଣ ଅବଧି ବୃଦ୍ଧି କରିବା ନିମନ୍ତେ ରାଜ୍ୟ ସାମ୍ବାଦିକ ସଂଘ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ଅତିରିକ୍ତ ଜିଲ୍ଲାପାଳ ଡ. ପୃଷ୍ଟିଙ୍କ ଜରିଆରେ ପ୍ରଦାନ କରିଥିଲେ।




ସାୟତ୍ତ ଶାସନ ଦିବସ ଅବସରରେ ସାମ୍ବାଦିକ ଯୋଡ଼ି ଶିବ ଓ ଚିକୁଙ୍କ ଚିତ୍ତାକର୍ଷକ ଅଭିନୟ ଉପସ୍ଥିତ ଦର୍ଶକଙ୍କ ମନମୋହିଲା

# ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ

ବ୍ରହ୍ମପୁର, (ପିପିଏସ୍): ବିହାରର ଦରଭଙ୍ଗା ଜିଲ୍ଲା ରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଙ୍କ ଭୋଟର ଅଧିକାର ଯାତ୍ରା ବେଳେ ମଞ୍ଚ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ଅପଶବ୍ଦ କହିବା ସହ ଅଶାଳୀନ ଟିପ୍ପଣୀ ଦେବା ସହ ଯାତ୍ରାରେ ସାମିଲ ଥିବା କିଛି ନେତା ଓ କାର୍ଯ୍ୟକର୍ତ୍ତା ମୋଦୀଙ୍କ ବିରୋଧରେ ନାରାବାଜି ଦେବା ସହ ତାଙ୍କ ମା'ଙ୍କ ବିରୋଧରେ ଆପତ୍ତିଜନକ ଶବ୍ଦ ମଧ୍ୟ ପ୍ରୟୋଗ କରିଥିଲେ। ଯାହାକି କେବଳ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ତଥା ଦେଶର ଗଣତନ୍ତ୍ର ପ୍ରତି ଘୋର ଅପମାନ ଅଟେ। ଏହି ପରିପ୍ରେକ୍ଷୀରେ ଭାରତୀୟ ଜନତା ପାର୍ଟି ତରଫରୁ ମାନ୍ୟବର ବିଧାୟକ କେ. ଅନିଲ କୁମାରଙ୍କ ନେତୃତ୍ୱରେ ସ୍ଥାନୀୟ ଗିରିଜା ଛକ ଠାରେ ସାଂସଦ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ନେତା ତେଜସ୍ୱୀ ଯାଦବଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏଥିରେ ମେୟର ପ୍ରାର୍ଥୀନୀ ସବିତା ସୁଆର, ରାଜ୍ୟ ପ୍ରବକ୍ତା ଟି ଗୋପି,ବିଧାୟକ ପ୍ରତିନିଧି ଅଶୋକ ଶୁକ୍ଳ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସରତ ପଟ୍ଟନାୟକ, କର୍ପୋରେଟର ସବିତା ସାହୁ, ବନିତା ସାହୁ, ମଣ୍ଡଳ ସଭାପତି ଜଗନ୍ନାଥ ଜେନା, ସୁମନ୍ତ ସାହୁ, ବର୍ଷା ବିଦୁସ୍ମିତା, ରୀତା ସେଠି, ଏ କିରଣ କୁମାର, ପୂର୍ବତନ କର୍ପୋରେଟର ବଦ୍ରିନାରାୟଣ ନାୟକ, ଉଷା ମହାପାତ୍ର, ସଚିନ ପଣ୍ଡା, ସୁମନ୍ତ ଦଳେଇ, ବୁଢୁ ପାତ୍ର, ଭିକି ଆଚାରୀ, ବିନୋଦ ସିଂ ପ୍ରମୁଖ ଏଥିରେ ସାମିଲ ଥିଲେ।

# ଫୋରଡବାୟା ଆଶ୍ରମରେ ରାଧାଷ୍ଟମୀ ଉତ୍ସବ



କେନ୍ଦ୍ରାପଡ଼ା (ପିପିଏସ୍): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଫୋରଡସ୍ଥିତ ନାମାଚାର୍ଯ୍ୟ ବାୟା ବାବାଙ୍କ ଦ୍ୱାରା ସଂସ୍ଥାପିତ ପୁଣ୍ୟତୋୟା ଗୋବରୀ ନଦୀ ତଟରେ ଥିବାବାୟା ଆଶ୍ରମରେ ରାଧାଷ୍ଟମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଆଶ୍ରମର ମହନ୍ତ ହୃଷୀକେଶ ଦାଶ ମହାରାଜଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଭବ୍ୟ ଉତ୍ସବରେ ପ୍ରେମମୟୀ ଶ୍ରୀରାଧାଙ୍କ ସହିତ ପରମ ପ୍ରେମମୟ ଶ୍ରୀକୃଷ୍ଣଙ୍କୁ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଲା। ଶତାଧିକ ଶ୍ରଦ୍ଧାଳୁ ଆଶ୍ରମରେ ଉପସ୍ଥିତ ରହି ଶ୍ରୀରାଧାକୃଷ୍ଣଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। ଦିନସାରା ଆଶ୍ରମରେ ଭଜନ ଓ ସଙ୍କୀର୍ତ୍ତନ ଲାଗି ରହିଥିଲା। ଏହି ଅବସରରେ ଭାବଗ୍ରାହୀ କଳା ନିକେତନର ସମ୍ପାଦକ ବିମଳ ପ୍ରସାଦ ପରିଡାଙ୍କ ସମେତ କୈଳାସ ଜେନା, ଶିବାନନ୍ଦ ପ୍ରଧାନ, ଗଙ୍ଗାଧର ଜେନା, ପର୍ଶୁରାମ ପ୍ରଧାନ, ବୀରବର ଜେନା, ବାନାମ୍ବର ଜେନା, ପିଣ୍ଟୁ ମୁଦୁଲି, ବାବାଜୀ ଦୀନବନ୍ଧୁ ଦାଶ, କୈଳାସ ରାଉତ, ବାବାଜୀ ବିଶ୍ୱନାଥ ଦାଶ, ସମାଜସେବୀ ମନୋଜ ପଣ୍ଡା, ହୃଷୀକେଶ ଜେନା , କୋରୋ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ସମ୍ପାଦକ ସୀତାକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମହନ୍ତ ହୃଷୀକେଶ ଦାଶ ବାବାଜୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ବିଶ୍ୱର କଲ୍ୟାଣ ପାଇଁ ଶ୍ରୀରାଧାକୃଷ୍ଣଙ୍କ ଶୁଭ ଆଶୀର୍ବାଦ କାମନା କରିଥିଲେ।

# ବିଭିନ୍ନ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଉଚ୍ଚଶିକ୍ଷା ମନ୍ତ୍ରୀ



ଧାମନଗର (ପିପିଏସ): ଧାମନଗରର ଯୁବ ବିଧାୟକ ତଥା ଓଡ଼ିଶାର ଉଚ୍ଚ ଶିକ୍ଷା କ୍ରୀଡ଼ା ଓ ଯୁବ ସେବା ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ଶ୍ରୀମାନ ସୂର୍ଯ୍ୟବଂଶୀ ସୁରଜ ସ୍ଥିତପ୍ରଜ୍ଞ ବିଭିନ୍ନ ରାସ୍ତାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଧାମନଗର ବ୍ଲକ ଅଞ୍ଚଳର ମଙ୍ଗଳପୁର ଠାରୁ ବିଲଣା ରାସ୍ତା, ପୂର୍ତ୍ତ ବିଭାଗ ରାସ୍ତା ଠାରୁ ପଳିକିରୀ ରାସ୍ତା, ଶହୀଦ ଜାଫର ଠାରୁ ଫଳପୁର ରାସ୍ତା, ଗ୍ରାମ୍ୟ ଉନ୍ନୟନ ରାସ୍ତା ଠାରୁ ଇଚ୍ଛଦା ମଜଫରପୁର ରାସ୍ତା ଓ କଲ୍ୟାଣୀ ଠାରୁ କୋଠାର ପର୍ଯ୍ୟନ୍ତ ଏହି ୫ ଟି ରାସ୍ତାର ପ୍ରଶସ୍ତି ସହ ଉନ୍ନତି କରଣ ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। କର୍ମୀ ଏବଂ ସଂଗଠକଙ୍କ ଗହଣରେ ମଙ୍ଗଳପୁର ଠାରୁ ମନ୍ତ୍ରୀଙ୍କୁ ଏକ ବିଶାଳ ପଟୁଆରରେ କଲ୍ୟାଣୀ, ଭଗବାନପୁର ଓ ପଳିକିରୀ ପର୍ଯ୍ୟନ୍ତ ଅଣାଯାଇଥିଲା। ଏହି ଭିତ୍ତି ପ୍ରସ୍ତର ସ୍ଥାପନ ସମାରୋହରେ ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ମହାପାତ୍ର, ସାଂସଦଙ୍କ ପ୍ରତିନିଧି ମନୋଜ କୁମାର ମଲ୍ଲିକ, ବିଜେପି ନେତା ଅରବିନ୍ଦ ପତି, ରଘୁନାଥ ଲେଙ୍କା, ଦୀପ୍ତି ରଞ୍ଜନ ଜେନା, ଶ୍ରୀକାନ୍ତ ନାୟକ, ଅନନ୍ତ ବେହେରା, ରାଜୀବ ନାୟକ, ରାଜୀବ ଦାସ, କିଶୋର ଦାସ, ରାଜକିଶୋର ଦାଶ, ପ୍ରଫୁଲ୍ଲ ପାତ୍ର, ସୁଦର୍ଶନ ସାମଲ, ବଳରାମ ଦାଶ, ମହେଶ୍ୱର ସ୍ୱାଇଁ, ତପନ ପାତ୍ର ପ୍ରମୁଖଙ୍କ ସମେତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ସାରର ଅଭାବ, କଳା ବଜାର, ଚାଷୀ ପଞ୍ଜୀକରଣ ସମସ୍ୟାକୁ ନେଇ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ



ବ୍ରହ୍ମପୁର, (ପିପିଏସ୍) : ଗଞ୍ଜାମ ଜିଲ୍ଲାରେ ସାରର ଅଭାବ ସାଙ୍ଗକୁ କଳା ବଜାରୀ, ଚାଷୀ ପଞ୍ଜିକରଣ ସମୟ ସୀମା ବୃଦ୍ଧି ଏବଂ କୃଷକ ମାନଙ୍କ ବିଭିନ୍ନ ସମସ୍ୟା ନେଇ ଗଞ୍ଜାମ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ରଣ ହୁଙ୍କାର ଦିଆଯାଇଛି କ୍ଷ ଗଞ୍ଜାମ ଜିଲ୍ଲା ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ନେତୃତ୍ୱରେ ଜିଲ୍ଲାର ବହୁ ପୂର୍ବତନ ବିଧାୟକ ଏବଂ ଆଗଧାଡ଼ିର ନେତାମାନେ ଛତ୍ରପୁର ସ୍ଥିତ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଲିଖିତ ଦାବିପତ୍ର ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ସୁନୀଲ କେର୍କେଟାଙ୍କୁ ପ୍ରଦାନ କରିଥିଲେ। ଏହା ସହ ଡବଲ ଇଂଜିନ ଡବଲ ଧୋକ୍କା ଓ ଦିଲ୍ଲୀରୁ ରିମୋର୍ଟ ଚଳିବ ନାହିଁ ବୋଲି ସ୍ଲୋଗାନ ଦେବା ସହ ସରକାରଙ୍କ ଚାଷୀ ମାରଣା ନୀତିକୁ ନିନ୍ଦା କରିଥିଲେ। ଚାଷୀଙ୍କ ପ୍ରତି ଅନ୍ୟାୟକୁ ବିଜୁ ଜନତା ଦଳ କେବେ ବି ସହ୍ୟ କରିପାରିବ ନାହିଁ ତାଙ୍କ ପାଇଁ ଆବଶ୍ୟକ ହେଲେ ଆଇନକୁ ହାତକୁ ନେବ ବୋଲି ମଧ ନେତା ମନ୍ତ୍ରୀ ମାନେ କହିଛନ୍ତି। ଚଳିତ ଖରିଫ ଋତୁରେ ଚାଷୀମାନେ ପର୍ଯ୍ୟାପ୍ତ ପରିମାଣରେ ୟୁରିଆ ସମେତ ଅନ୍ୟାନ୍ୟ ସାର ପାଇ ପାରୁନାହାନ୍ତି, ଚାଷୀ ପଞ୍ଜୀକରଣ ଜଟିଳ ପ୍ରକ୍ରିୟା ଏବଂ ପଞ୍ଜିକରଣ ନିମନ୍ତେ କମ ସମୟ ଅବଧି ମିଳିଥିବାରୁ ଅନେକ ଯୋଗ୍ୟ ଚାଷୀ ଏବଂ ଭାଗଚାଷୀ ପଞ୍ଜିକରଣରୁ ବଞ୍ଚିତ ହୋଇଛନ୍ତି। ଗତବର୍ଷ ଖରିଫ ଧାନ ଅମଳ ସମୟର ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ମିଳିପାରିନାହିଁ ସମସ୍ତ ବୀମା କମ୍ପାନୀ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରିଛନ୍ତି। ଗଞ୍ଜାମ ଜିଲ୍ଲାରେ ଚଳିତ ଖରିଫ ଋତୁରେ ନିଅଣ୍ଟିଆ ବର୍ଷା ବେଳେ ଜଳ ସେଚନର ସୁବିଧା କରାଯାଉନଥିବା ନେଇ ଗଞ୍ଜାମ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଅଭିଯୋଗ ହୋଇଛି କ୍ଷ ଏଣୁ ଏ ସମସ୍ତ ସମସ୍ୟା ର ସମାଧାନ ଲାଗି ସେମାନେ ଦାବି କରିଛନ୍ତି, ଏହି ଦାବୀପତ୍ର ପ୍ରଦାନ ବେଳେ ପୂର୍ବତନ ସାଂସଦ ଚନ୍ଦ୍ର ଶେଖର ସାହୁ, ବିଜୁଜନତା ଦଳର ରାଜ୍ୟ ସମ୍ପାଦକ ଭୃଗୁ ବକ୍ସି ପାତ୍ର, ପୂର୍ବତନ ବିଧାୟକ ଡ଼ଃ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ସୁବାଷ ଚନ୍ଦ୍ର ବେହେରା,ଲତିକା ପ୍ରଧାନ, ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ସୂର୍ଯ୍ୟମଣି ବୈଦ୍ୟ, ମଞ୍ଜୁଳା ସ୍ୱାଇଁ, ଶ୍ରୀକାନ୍ତ ସାହୁ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାଷ ମହାରଣା ଓ କୈଳାଶ ରଣା, ଗଞ୍ଜାମ ଜିଲ୍ଲାପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଉପାଧ୍ୟକ୍ଷା ରାଜେଶ୍ୱରୀ ଦୋରା, ହିଞ୍ଜିଳି ବିଧାୟକ ତଥା ବିରୋଧୀ ଦଳ ନେତାଙ୍କ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ଶ୍ରୀରୂପ ଦେବ, ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି. ପାପା ରାଓ, ଯୁବ ବିଜେଡି ଜୋନ ସଭାପତି ନଟି କେତ ସ୍ୱାଇଁ, ଅଜୟ ମହାରଣା, ଛାତ୍ର ନେତା ପ୍ରଶାନ୍ତ ପଣ୍ଡା, ନୀଳମଣି ପଟନାୟକ, ଦିଲେଶ୍ୱର ରେଡ୍ଡୀ, ସମେତ ବହୁ ଦଳୀୟ ନେତା ଓ କର୍ମୀ ମାନେ ଉପସ୍ଥିତ ଥିଲେ।

# କଳରାପତରିଆ ବାଘ ଚମଡ଼ା ଜବତ, ୪ ଗିରଫ



ରାୟଗଡ଼ା: ରାୟଗଡ଼ା ଜିଲ୍ଲା କୋଲନରା ଅଞ୍ଚଳରୁ ୨ଟି କଲରାପତରିଆ ବାଘ ଚମଡ଼ା ଜବତ ସହ ୪ ଜଣ ଗିରଫ ହୋଇଛନ୍ତି । ରାୟଗଡ଼ା ବନ ବିଭାଗ ସହାୟତାରେ ମୁମ୍ବାଇ ସ୍ଥିତ ଡିରେକ୍ଟର ଅଫ ରେଭେନ୍ୟୁ ଇଂଟେଲ୍ଲିଜେନ୍ସ ବିଭାଗ ଗିରଫ କରିଥିବା ଜଣାପଡିଛି । ଗିରଫ ବ୍ୟକ୍ତିମାନଙ୍କ ଭିତରୁ ୨ ଜଣ ରାୟଗଡ଼ା ଜିଲ୍ଲାର ହୋଇଥିବା ବେଳେ ୨ ଜଣ ମହାରାଷ୍ଟ୍ରର ବୋଲି ଜଣାପଡିଛି ଓ ଏନେଇ ରାୟଗଡ଼ା ରେଞ୍ଜର କାମେଶ୍ୱର ଅଚାରୀ ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ ଗୁଣପୁର ବ୍ଲକ ପୁଟାସିଂ ଅଞ୍ଚଳର ଅଞ୍ଜରସିଂ ଗ୍ରାମର ଜିସୟ ଗମାଙ୍ଗ ଓ ମହେଶ ହୁଇକା ମାଛଖୁଣ୍ଟି ଅଞ୍ଚଳର ଅନ୍ୟ ୨ ଜଣ ବ୍ୟକ୍ତି ମହାରାଷ୍ଟ୍ର ମାତିନଗର ଅଞ୍ଚଳର ପ୍ରଭାକର ନାୟକ ଓ ରାଜ କୁମାର ଗୁପ୍ତାଙ୍କୁ ଏହି ବାଘ ଚମଡ଼ାକୁ ବିକ୍ରି କରିବା ପାଇଁ ଯୋଗାଯୋଗରେ ରହିଥିଲେ ଓ କୌଣସି ସୂତ୍ରରୁ ଏହି ଚାଲାଣ ସମ୍ପର୍କରେ ଖବରପାଇ ଡିରେକ୍ଟର ଅଫ ରେଭେନ୍ୟୁ ବିଭାଗ ଅଭିଯୁକ୍ତମାନଙ୍କୁ ଟ୍ରାକ୍ କରିଥିଲେ । ଏନେଇ ରାୟଗଡ଼ା ବନ ବିଭାଗକୁ ସୂଚନା ଦେଇଥିଲେ । ସୂଚନା ଆଧାରରେ ଉଭୟ ବିଭାଗ ବାଘ ଚମଡ଼ା ବିକ୍ରି କରିବା ସମୟରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ । ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା ।

## ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ଅଖିଳ ଭାରତୀୟ କ୍ରୀଡ଼ା ପାଇଁ ମନୋନୀତ

କେନ୍ଦୁଝର: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସର୍ଣ୍ଣକ୍ଷେତ୍ର ଗଦଗଦିର ଛାତ୍ରୀ ଅଖିଳ ଭାରତୀୟ କ୍ରୀଡ଼ା ପାଇଁ ମନୋନୀତ ହୋଇଛି । ବିଦ୍ୟା ଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ପୂର୍ବ କ୍ଷେତ୍ର କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସର୍ଣ୍ଣକ୍ଷେତ୍ର, ଗଦଗଦି, ଉଦୟପୁର, କେନ୍ଦୁଝରର ଛାତ୍ରୀ ଗୁନଗୁନ୍ ରାଣୀ ମହାନ୍ତ ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ୧୦୦ ମିଟର ହର୍ଡଲସରେ ପ୍ରଥମ ସ୍ଥାନ ଅଧିକାର କରି ଅକ୍ଟୋବର ମାସରେ ବାଙ୍ଗାଲୋରଠାରେ ଅନୁଷ୍ଠିତ ହେବାକୁ ଥିବା ଅଖିଳ ଭାରତୀୟ କ୍ରୀଡ଼ାରେ ଯୋଗଦାନ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏଥିପାଇଁ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଆଚାର୍ଯ୍ୟ ଆଚାର୍ଯ୍ୟା ଏବଂ ପରିଚାଳନା ସମିତି ଶୁଭେଚ୍ଛା ଜଣାଇଛନ୍ତି ।

# ସ୍ୱଚ୍ଛ ସବୁଜ ସହ ପଲିଥିନ୍ ମୁକ୍ତ ସହର ଗଠନ କରିବାକୁ ଆହ୍ୱାନ

## ଗୁଣପୁର ପୌର ପରିଷଦରେ ସ୍ୱାୟତ୍ତ ଶାସନ ଦିବସ




ରାୟଗଡା (ପିପିଏସ୍) : ରାୟଗଡ଼ା ଜିଲ୍ଲା ଗୁଣପୁର ପୌର ପାରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଉତ୍ସାହ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଯାଇଛି । ପ୍ରାତଃ ସମୟରେ ସହରରେ ରାମଧୁନ ପ୍ରଚାର, ସକାଳେ ପୌର ପରିଷଦ ପକ୍ଷରୁ ଅଧ୍ୟକ୍ଷା ମମତା ଗୌଡ଼ ,ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, କାଉନସିଲରଙ୍କ ସହ ଅନ୍ୟ ଅଧିକାରୀ ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସକାଳ ୦୮-୩୦ ସମୟରେ ପୌର ପାରିଷଦର ଅଫିସ ରେ ପତାକା ଉତ୍ତୋଳନ କରାଯାଇଥିଲା । ପରେ ଗୁଣପୁର ଡାକ୍ତରଖାନା, ସେବା ସମାଜ ଓ ବାଳ ନିକେତନକୁ ଯାଇ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ପୌର କାର୍ଯ୍ୟାଳୟ ପରିସରରେ ପୌରନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଗୁଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାର ସହରକୁ ସ୍ୱଚ୍ଛ ସବୁଜ ଓ ସୁନ୍ଦର ଭାବେ ଗଢିବା ସହ ପଲିଥିନ ମୁକ୍ତ ସହର ଗଠନ କରିବାକୁ ଆହ୍ୱାନ ଦେଇଥିଲେ । ଅଧ୍ୟକ୍ଷା ମମତା ଗୌଡ଼ ନିଜ ବକ୍ତବ୍ୟରେ ମହିଳା ସ୍ୱାବଲମ୍ବୀ ହେଲେ ଗୁଣପୁର ବିକାଶ ସମ୍ଭବ ହେବ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ବାଇପାସରେ ମହାରାଜା କୃଷ୍ଣଚନ୍ଦ୍ରଗଜପତିଙ୍କ ପ୍ରତିମୂର୍ତ୍ତିସ୍ଥାପନା, ନୂଆ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ଫୁଡ଼ ପାର୍କ ନିର୍ମାଣ , ଏଣ୍ଟ୍ରି ଗେଟ ନିର୍ମାଣ ସହରରେ ଆଉ ୪ ଟି କଲ୍ୟାଣ ମଣ୍ଡପ ନିର୍ମାଣ, ବିଭିନ୍ନ ସ୍ଥାନ ରେ ପାଦଚଲା ରାସ୍ତା ନିର୍ମାଣ , ନୂଆ ପୌର କାର୍ଯ୍ୟାଳୟ କୋଠା ନିର୍ମାଣ କରିବାକୁ ପ୍ରୟାସ ଜାରି ରହିଥିବା ଓ ସଂକଳ୍ପ ନେଇଥିବା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ନିର୍ବାହୀ ଅଧିକାରୀ ମତବ୍ୟକ୍ତ କରିଥିଲେ । ସହରକୁ ନୂଆ ବାଇପାସ ରାସ୍ତା ଓ ବଂଶଧାରା ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣ କରିବାକୁ ସରକାରଙ୍କ ପାଖରେ ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡ଼ ଦାବି କରିଥିଲେ । ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ସୂର୍ଯ୍ୟନାରାୟଣ ରଥ ଯୋଗଦେଇ ଗୁଣପୁରର ଇତିହାସ ଓ ଗାରିମା ପ୍ରକାଶ କରିଥିଲେ । ଏହିଅବସର ରେ ପୌର ପାରିଷଦର ସମସ୍ତ କାଉନସିଲର ଓ ୪ ଜଣ ବରିଷ୍ଠ ନାଗରିକ ସୂର୍ଯ୍ୟ ରଥ ,କୈଳାସ ଦାସ , ନୀଳମାଧବ ପାଢ଼ୀ , ଓ ପ୍ରଶାନ୍ତ ମିଶ୍ର ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ସ୍ୱାୟତ୍ତ ଶାସନ ଦିବସ ଅବସର ରେ ସ୍କୁଲ ଓ କଲେଜ ସ୍ତର ରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ର କୃତି ପ୍ରତିଯୋଗୀ ଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ସଫେଇ କର୍ମଚାରୀ ଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇ ପୋଷାକ ଓ ଶାଢ଼ୀ ବଣ୍ଟନ କରାଯାଇଥିଲା । ବର୍ଯ୍ୟ ବସ୍ତୁ ପରିଚାଳନା କରୁଥିବା ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠି କୁ ସେମାନଙ୍କ ଉଲ୍ଲେଖ ନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସର ରେ ମଧୁବାବୁ ପେନସନ ଜରିଆରେ ବିଧବା ଓ ବାର୍ଦ୍ଧକ୍ୟ ଭତା ଓ ବର୍ଦ୍ଧିତ ଭତା ପ୍ରଦାନ କରାଯାଇଥିଲା । ଏହି ଅବସର ରେ ରାଜ୍ୟ ସ୍ତରୀୟ ସ୍ୱାୟତ୍ତ ଶାସନ ଦିବସରେ ନଗର ଉନ୍ନୟନ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ଅଭିଭାଷଣ ର ସିଧା ପ୍ରସାରଣ ପ୍ରଦର୍ଶିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଙ୍ଗୀତା ପଟ୍ଟନାୟକ ଓ ଅନନ୍ତ ପାତ୍ର ସଂଯୋଜନା କରିଥିବା ବେଳେ ପୌର ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, କର୍ମଚାରୀ ତାପସ ପଟ୍ଟନାୟକ, ରଶ୍ମି ଚୌଧୁରୀ, ସୁକାନ୍ତ ପ୍ରଧାନ, ବସନ୍ତ ବେହେରାଙ୍କ ସମେତ ପୌର କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ ।

# ସ୍ୱାୟତ୍ତ ଶାସନ ଦିବସ ପାଳିତ

ଜୟପୁର, (ହି.ସ.)- ଜୟପୁର ପୌର ପରିଷଦରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଛି । ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ଯୋଗ ଦେଇ ଆଜି ପତାକା ଉତ୍ତୋଳନ କରିଥିଲେ । ଏଠାରେ ଅନ୍ୟ ମାନଙ୍କ ମଧ୍ୟରେ ପୌର ଉପାଧ୍ୟକ୍ଷ ବି. ସୁନିତା, ଅତିରିକ୍ତ ପୌର ନିର୍ବାହି ଅଧିକାରୀ ପୂଜା ରାଉତ ସହ କାଉନସିଲର, ପୌର କର୍ମଚାରି ପ୍ରମୁଖ ଉପସ୍ଥିତ ଥିଲେ । ରାମଧୁନ ପ୍ରଭାତ ଫେରି, ସହରରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପୌର କାର୍ଯ୍ୟାଳୟରେ ସଫେଇ ଓ ଅନ୍ୟ କର୍ମଚାରି ମାନଙ୍କୁ ପୋଷାକ ବିତରଣ କରାଯାଇଥିଲା । ଆଜିର ଦିବସରେ ବିକାଶମୂଳକ କାର୍ଯ୍ୟର ଲୋକାର୍ପଣ କରାଯାଇଛି । କୁନ୍ତରାଖାଲ ସୁନା ନଗରରେ ନିର୍ମିତ ଗୋ ଶାଳା, ଦ୍ୱିତୀୟ ଦୈନିକ ବଜାରରେ ଭେଣ୍ଡିଂ ଯୋନ, ମେଘମାଳତୋଟା ଠାରେ ନୂତନ ପାର୍କ, ମକାପୁଟ ଠାରେ ଏଫ.ଏସ.ଟି ପ୍ଲାଂଟ ର ନୂତନ ଗୃହ ଉଦଘାଟନ ହୋଇଛି । ଏଠାରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗ ଦେଇ ଉଦଘାଟନ କରିଛନ୍ତି । ସମ୍ମାନିତ ଅତିଥି ଭାବେ ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧ୍ୟକ୍ଷ ବି. ସୁନିତା, ଉପ ଜିଲାପାଳ ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆକା ବରମ ଶଶ୍ୟା ରେଡ୍ଡି, ଅତିରିକ୍ତ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତ, ପୌର ଯନ୍ତ୍ରୀ ଅଜୟ ଜାନି, କନିଷ୍ଠ ଯନ୍ତ୍ରୀ ଚୈତନ୍ୟ ବାସକି, ସହ ସମସ୍ତ କାଉନସିଲର ଉପସ୍ଥିତ ଥିଲେ । ସଂଧ୍ୟାରେ ବାବା ସାହେବ କଲ୍ୟାଣ ମଣ୍ଡପରେ ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରାରମ୍ଭିକ ସଂଗୀତ, ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଠାରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗ ଦେଇ ଗତ ଦିନ ରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତି ଛାତ୍ର ଛାତ୍ରୀ ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହା ସହ ଶ୍ରେଷ୍ଠ ପୌର କର୍ମଚାରିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

# 'ଡେରା ପରିସରରେ ସମ୍ବଲପୁରୀ ସାଧକଙ୍କ ସ୍ମୃତି ରକ୍ଷା କରାଯିବ'

ସମ୍ବଲପୁର, (ହି.ସ.)- ବିଶିଷ୍ଟ ସମ୍ବଲପୁରୀ କବି ପଦ୍ମଶ୍ରୀ ବିନୋଦ ପଶାୟତ ଏବଂ ବିପିନ ଆଚାର୍ଯ୍ୟଙ୍କ ସ୍ମୃତିରେ ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ରବିବାର ବିପୁଳ ସଂଖ୍ୟାରେ ବୃକ୍ଷରୋପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଜେଲ୍ ଛକ ନିକଟସ୍ଥ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ମଂଚର ବରିଷ୍ଠ ସଦସ୍ୟ ସନ୍ତୋଷ ବଡ଼ାଇଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଉଭୟ ସାରସ୍ୱତ ସାଧକଙ୍କ ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ମଂଚର ମହିଳା ସଂଯୋଜିକା ପଙ୍କଜିନୀ ମେହେର ସମ୍ବଲପୁରୀ ଭାଷା ସାହିତ୍ୟ ପ୍ରତି ଉଭୟଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ ୨୦୧୨ ମସିହାରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଗଷ୍ଟ ୧ ତାରିଖକୁ ସମ୍ବଲପୁରୀ ଦିନ ଭାବେ ଆୟୋଜନ ନେଇ ନିଆଯାଇଥିବା ନିଷ୍ପତି ବୈଠକରେ ଉଭୟ ସାମିଲ ରହିଥିଲେ । ଉଭୟ ସାରାଜୀବନ ଗୁରୁ ବହିଦାରଙ୍କ କୃତିତ୍ୱର ବଡ ପ୍ରଶଂସକ ରହିଥିବା ନେଇ ମଂଚର ଆବାହକ ଭବାନୀଶ ଭୋଇ ଆଲୋଚନା କରିଥିଲେ । ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଉଭୟଙ୍କ ନାମରେ ଦୁଇଟି ବୃକ୍ଷ ସମର୍ପଣ କରାଯିବା ସହ ଲିଅ ଏବଂ ଅନ୍ୟାନ୍ୟ ବୃକ୍ଷ ରୋପଣ କରାଯାଇଥିଲା । ଯୋଗ ଗୁରୁ ଟିକେଲାଲ ଭୋଇ ମଣିଷ ଜୀବନ ସହ ବୃକ୍ଷର ସମ୍ପର୍କ ଏବଂ ଉପାଦେୟତା ବିଷୟରେ କହିଥିଲେ । ସମ୍ବଲପୁରୀ ଡେରାରେ ଉଭୟଙ୍କ ସ୍ମୃତିରେ ଆଗକୁ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବା ନେଇ ଏହି ଅବସରରେ ସ୍ଥିର କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପଶ୍ଚିମାଂଚଳ ଏକତା ମଂଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବହିଦାର ଆଗାମୀ ଦିନରେ ଡେରା ପରିସରରେ ସମ୍ବଲପୁରୀ ସାଧକଙ୍କ ସ୍ମୃତିକୁ ସାଇତି ରଖିବାର ବ୍ୟବସ୍ଥା କରାଯିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ର ବର୍ଗୀ, ରାଜେଶ ସାଇଁ, ଶୈଳ ଗୁପ୍ତା, ପ୍ରେମ ସାହାଣୀ, ସୁଭମ ସାହୁ, ପ୍ରଭାତ ମିଶ୍ର, ଋଷା ମିଶ୍ର, ଅନ୍ତର୍ଯ୍ୟାମୀ ଭୋଇ, ବିଙ୍ଗୀନାୟକ ପ୍ରମୁଖ ସାମିଲ ହୋଇ ବୃକ୍ଷ ରୋପଣ କରିଥିଲେ ।

# ଜୟପାଟଣାକୁ ଏନ୍ଏସି ଘୋଷଣାକୁ ସ୍ୱାଗତ

ମୁଖୀଗୁଡା: ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଜିଲ୍ଲାର ଜୟପାଟଣାକୁ ଏନଏସି ଘୋଷଣା କରିବା ପରେ ଅଂଚଳର ଜନସାଧାରଣଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି । ରାଜ୍ୟ ସରକାରଙ୍କ ନିଷ୍ପତିକୁ ସ୍ୱାଗତ ଜଣାଇଛନ୍ତି ଜନତା । ବିଜେଡି ସରକାର ସମୟରେ ଜୟପାଟଣାକୁ ଏନଏସି ଘୋଷଣା କରାଯାଇଥିଲା । କିନ୍ତୁ, ସରକାର ବଦଳିବା ପରେ ଏବେ ନୂତନ ସରକାର ଏନଏସି ଘୋଷଣା କରିଛନ୍ତି । ଏଥି ପୂର୍ବରୁ ସରକାର ଘୋଷଣା କରିଥିବା ତାଲିକାରେ ଜୟପାଟଣା ବାଦ ପଡିଥିଲା ଫଳରେ ବିଜେଡି ତରଫରୁ ଜୟପାଟଣାର ସମସ୍ତ ଦୋକାନ ବଜାର ସରକାରୀ କାର୍ଯ୍ୟାଳୟ ବନ୍ଦ କରି ଦେଇ ଜୟପାଟଣାକୁ ଏନଏସି ଘୋଷଣା କରିବାକୁ ଦାବି କରିଥିଲେ । ଏବେ ଜୟପାଟଣାକୁ ଏନଏସି ଘୋଷଣା ବିକାଶ ପାଇଁ ନୂଆ ଆଶା ସଂଚାର କରିଛି । ହେଲେ ଲୋକଙ୍କ ମନରେ ଦ୍ୱନ୍ଦ ରହିଛି ଯେ, ପୂର୍ବ ସରକାର ବି ଘୋଷଣା କରିଥିଲେ ଏବେ ନୂଆ ସରକାର ବି ଘୋଷଣା କଲେ ହେଲେ କାର୍ଯ୍ୟକାରୀ ହେବ କେବେ ବୋଲି । ଅନ୍ୟପକ୍ଷରେ ଜୟପାଟଣାକୁ ଏନଏସି ଘୋଷଣା ପରେ ବିଜେପି ଏବଂ ବିଜେଡି ନେତାଙ୍କ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଛି । କିଛି ବରିଷ୍ଠ ବିଜେପି ନେତା ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇବା ପରେ ଜୟପାଟଣାକୁ ଏନଏସି ଘୋଷଣା କରାଯାଇଛି ବୋଲି କହୁଥିବା ବେଳେ ବିଜେଡିର ନେତାମାନେ ସେମାନେ ଆନ୍ଦୋଳନ କରିବା ପରେ ସେମାନଙ୍କ ଦାବି ପୂରଣ ହୋଇଛି ବୋଲି କହୁଛନ୍ତି ।

# ଜିଲ୍ଲା କୃଷି ଓ କୃଷକ ସୁରକ୍ଷା ପରିଷଦର ଧାରଣା

କନ୍ଧମାଳ (ହି.ସ.) କନ୍ଧମାଳ ଜିଲ୍ଲା କୃଷି ଓ କୃଷକ ସୁରକ୍ଷା ପରିଷଦ ର ସଦସ୍ୟ ସଦସ୍ୟା ମାନେ ମଣ୍ଡାକିଆ ଛକ ଠାରୁ ମଣ୍ଡାକିଆ ପଂଚାୟତ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବରେ ଗଣ ଧାରଣାରେ ବସିଛନ୍ତି । ଜିଲ୍ଲାର କୃଷି ଓ କୃଷକ ମାନଙ୍କର ୮ ଦଫା ଦାବିରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ସଂଗଠନର ସଦସ୍ୟ ମାନେ କହିଛନ୍ତି । ଆଜି ଧାରଣାର ସପ୍ତମ ଦିନ ରେ ପିଲିମିନା ପ୍ରଧାନ, ମାଗ ପ୍ରଧାନ, ଗୁପୁଡି ପ୍ରଧାନ, ଲୁଲିତା ପ୍ରଧାନ,ଜୟନ୍ତୀ ପ୍ରଧାନ, ପନିମା ପ୍ରଧାନ, ସୁଜାତା ପ୍ରଧାନ, ମାନୀନି ପ୍ରଧାନ, ଇରାବତୀ ପ୍ରଧାନ, ସୁଭଦ୍ରା ପ୍ରଧାନ, ସୁବନ୍ତି ପ୍ରଧାନ, କୃଷି ଓ କୃଷକ ମାନଙ୍କ ଦୈନ ଦିନ ଜୀବନରେ ସମ୍ମୁଖିନ ହେଉଥିବା ସମସ୍ୟା ଗୁଡିକୁ ଉପସ୍ଥାପନ କରିଥିଲେ ବନ୍ୟଜନ୍ତୁ ଦ୍ୱାରା ଫସଲ କ୍ଷୟକ୍ଷତି ହେଲେ କୈଣସି ସରକାରୀ ଅନୁଦାନ ନ ମିଳିବା, ଭାଗଚାଷି ଅଧିକାଂଶ ସମୟରେ ଦୈବିର୍ଦୁବିପାକ, ଜଙ୍ଗଲି ପଶୁ ଯୋଗୁ କ୍ଷତିଗ୍ରସ୍ତ ହେଲେ ସରକାରଙ୍କ କୌଣସି ଅନୁଦାନ ପାଇବାରୁ ବଂଚିତ ହେବା, ହର୍ଟିକଲଚର ଠାରୁ କ୍ରୟ କରାଯାଇଥିବା ଆଳୁ ବିହନର ସବସିଡି ଟଙ୍କା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ନଦେବା ପ୍ରତିବାଦରେ, ବାର୍ଦ୍ଧକ୍ୟ ଭତା ପ୍ରଦାନରେ ଅନିୟମିତା, ସାର କଳାବଜାରୀ , ଖଟିଖିଆ ମଜୁରିଆ , ଜମି ଓ ବାସହିନ ଅଂଚଳ ବାସିନ୍ଦା ସରକାରୀ ଅନୁଦାନରୁ ବଞ୍ଚିତ ଥିବା , ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ପ୍ରଦାନରୁ ବଂଚିତ କରିବା, ଜଙ୍ଗଲରେ ମହୁମାଛିର ଦଂଶନରେ ଛେଳି ଚାଷିର ମୃତ୍ୟୁ ହେବାର ୧୪ ମାସ ପରେ ମଧ ସରକାରଙ୍କ ଅନୁଦାନରୁ ବଂଚିତ, ଛେଳି ମଡକ ଏକ ବର୍ଷରୁ ଉର୍ଦ୍ଧ ହେଲା କୈଣସି କ୍ଷତିପୂରଣର ନଜର ନାହିଁ, ପଂଚାୟତରେ ହୋଇଥିବା ଦୁର୍ନୀତି, ଇତ୍ୟାଦି ସମସ୍ୟା ଗୁଡିକୁ ଉପସ୍ଥାପନ କରିଥିଲେ। ଅନୁଷ୍ଠାନ ର ସଚେତକ ମହମ୍ମଦ ଜିଆଉଦ୍ଦିନ, କାର୍ଯ୍ୟକାରୀ ସଭାପତି ସନାତନ ପ୍ରଧାନ ଏବଂ କୋଷାଧ୍ୟକ୍ଷ ବିପିନ ପ୍ରଧାନ, ସଂଗଠନର ସଭାପତି ବିଜୟ ପ୍ରଧାନ ଏବଂ ଶିବରାମ ପ୍ରଧାନ ଧାରଣାକୁ ସୁଚାରୁରୂପେ ପରିଚାଳନା କରିଥିଲେ । ଏବଂ ଜିଲ୍ଲା ପ୍ରସାଶନ ଆମର ଦାବି ପୁରଣ ନ କରନ୍ତି ତାହାହେଲେ ଆମେ ଆସନ୍ତାକାଲି ପଂଚାୟତ କାର୍ଯ୍ୟାଳୟରେ ତାଲାପକାଇବା ସହିତ ପଂଚାୟତ ସମିତି ରାଇକିଆ କାର୍ଯ୍ୟାଳୟ ସମୁଖରେ ଧାରଣାରେ ବସିବା ସୂଚନା ଦେଇଛନ୍ତି ।

# ବ୍ଲକ୍ସ୍ତରୀୟ ଏକ୍ସକ୍ୟାଡର୍ ଶିକ୍ଷକସଂଘ ଗଠିତ

ସିନାପାଲି : ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ସ୍ତରୀୟ ଏକ୍ସକ୍ୟାଡର୍ ଶିକ୍ଷକ ସଂଘର ନୂତନ କମିଟି ଗଠନ କରାଯାଇଛି । ସ୍ଥାନୀୟ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ବରିଷ୍ଠ ଶିକ୍ଷକ ଲୋକନାଥ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ଏକ୍ସକ୍ୟାଡର୍ ଶିକ୍ଷକ ଯୋଗ ଦେଇଥିଲେ । ନିକଟରେ ସିଆର୍ସିସି ଭାବେ ନିଯୁକ୍ତ ଏକ୍ସକେଡର୍ ଶିକ୍ଷକ ତରୁଣ କୁମାର ମେହେରଙ୍କୁ ପ୍ରଥମେ ସଂଘ ପକ୍ଷରୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ସଂଘର ବିଭିନ୍ନ କାର୍ଯ୍ୟପନ୍ଥାକୁ ନେଇ ବିଷଦ ଆଲୋଚନା କରାଯିବା ସହ ଏକ ନୂତନ କମିଟି ଗଠନ କରାଯାଇଥିଲା । କମିଟିର ସଭାପତି ଭାବେ ତରୁଣ କୁମାର ମେହେର, ଉପସଭାପତି ଖଗେଶ୍ୱର ମେହେର, ଆଲୋକ ପାଣିଗ୍ରାହୀ, ସମ୍ପାଦକ ବେଣୁଧର ନାଏକ, ସହସମ୍ପାଦକ ଅର୍ଜୁନ ନାଏକ ଓ ସାମନ୍ତ ଦାସ ଓ କୋଷାଧ୍ୟକ୍ଷ ଭାବେ ଭୂତେଶ୍ୱର ନାଏକଙ୍କୁ ମନୋନୀତ କରାଯାଇଛି । ସେହିପରି ମିଡିଆ କୋଡିନେଟର୍ ଭାବେ ହିରାଲାଲ ସାହୁ ରହିଥିବା ବେଳେ ସଂଘର କାର୍ଯ୍ୟକାରୀ ସଭ୍ୟ ଭାବେ ଶିବ ମାଝୀ, ଦଶରଥ ଦଣ୍ଡସେନା, କ୍ଷିତିଶ କାଣ୍ଡ, ସନ୍ତୋଷ ସାହୁ, କ୍ରାନ୍ତି ବାଗ, ହୃଷିକେଶ ଛତ୍ରିଆ, ରମେଶ ମେହେର, ସତ୍ୟ ହରିଜନ, ଶଶିମୁଖୀ ପ୍ରଧାନ, ପୁଷ୍ପାଞ୍ଜଳି କାଛି ଓ ଗିତିକା ଖମାରୀ ରହିଛନ୍ତି । ଅବସରପ୍ରାପ୍ତ ଶିକ୍ଷକ ଅରୁଣ କୁମାର ଯୋଶୀଙ୍କ ସହ ଲୋକନାଥ ମେହେର, ଧର୍ମୁ ନାଏକ, ଅଚ୍ୟୁତାନନ୍ଦ ମେହେର ଓ ସରୋଜ ପାଢ଼ୀ ଉପଦେଷ୍ଟା ରହିଛନ୍ତି । ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କପୁରଚନ ମାଝୀ, କ୍ଷେତ୍ରମୋହନ ବନ୍ଦିଛୋର, କୋକିଳ ସୁନାନୀ, ବିନୋଦ ବିହାରୀ ଚିନାଗୁନ, ଲିଙ୍ଗ ନାଗ, ସତ୍ୟବ୍ରତ ଠାକୁର, ଲବ ମେହେର, ନରେଶ ମେହେର, ଭୁପେତ ନିଆଲ, ନରସିଂହ କଟା, ରମେଶ ଖର୍ସେଲ, ତ୍ରିବିକ୍ରମ ଗହୀର ଓ ରୋମାଞ୍ଚଳ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

# ଘୁଟୁର ଗ୍ରାମ ପରିଦର୍ଶନ କଲେ 'ଆପ୍' ଟିମ୍

କେନ୍ଦୁଝର: କେନ୍ଦୁଝର ଆମ୍ ଆଦମୀ ପାର୍ଟିର ଏକ ଟିମ୍ ଜିଲ୍ଲା ସଭାପତି ପ୍ରେମାନନ୍ଦ ସିଂଙ୍କ ନେତୃତ୍ୱରେ କେନ୍ଦୁଝର ସଦର ବ୍ଲକ୍ ମଣ୍ଡୁଆ ପଞ୍ଚାୟତ ଅନ୍ତର୍ଗତ ଘୁଟୁର ଗ୍ରାମକୁ ପରିଦର୍ଶନ କରିଥିଲେ । ଏହି ଗ୍ରାମରେ ବହୁ ସମସ୍ୟା ରହିଥିବା ର ଅନୁଧାନ କରିଥିଲେ । ବହୁଲୋକ ପ୍ରଧାନମନ୍ତ୍ରୀ ଆବାସ ଗୃହ ପାଇବାପାଇଁ ଯୋଗ୍ୟ ଥିଲେ ମଧ୍ୟ ଏଯାଏଁ ଘର ପାଇନାହାନ୍ତି । ଏହି ପରିପ୍ରେକ୍ଷୀରେରେ ଆପ ଟିମ୍ ଭେଟିଥିଲେ ଜଣେ ବୁଢ଼ା ମହିଳାଙ୍କୁ । ନାମ ସୁକୁମାରୀ ଜେନା ବୟସ ପାଖାପାଖି ୮୦ ପାର କଲାଣି । ସେ ଗୋଟିଏ ଭଙ୍ଗା କୁଡିଆ ଘରେ ରହୁଛନ୍ତି ଯାହାକି ସେ ଘରେ ରହିବା ଅସମ୍ଭବ । ବର୍ଷା ଦିନରେ ଘର ସାରା ପାଣି । ରୋଷେଇ ବା ରହିବ କଷ୍ଟକର ହୋଇପଡିଛି । ସେହିପରି ବୟସ ୮୦ ବର୍ଷ ଉପରେ ହେଲାପରେ ମଧ୍ୟ ସରକାରଙ୍କ ବର୍ଦ୍ଧିତ ଭତା ୩୫୦୦ ଟଙ୍କା ତାଙ୍କ ପାଇଁ ଲାଗୁ ହୋଇନି । ତେଣୁ ସରକାରଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଆମ ଆଦମୀ ପାର୍ଟି ର ସଦସ୍ୟ ମାନେ ଜଣାଇଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସାଧାରଣ ସମ୍ପାଦକ ଶୁଭଙ୍କର ମହାନ୍ତି, ସଦର ନିର୍ବାଚନ ମଣ୍ଡଳୀ ସଭାପତି ଜୟକୃଷ୍ଣ ନାଏକ ପ୍ରମୁଖ ଯୋଗଦେଇଥିଲେ ।

# କ୍ରୀଡ଼ା ଦିବସରେ ସାଇକେଲ୍ ରାଲି

ସମ୍ବଲପୁର: ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଏକ ସାଇକେଲ ରାଲି ଆୟୋଜିତ କରି ଜାତୀୟ କ୍ରୀଡ଼ା ଦିବସ ପାଳନ ହୋଇଯାଇଛି । ଏହି ରାଲିଟି ନେଲସନ୍ ମାଣ୍ଡେଲା ଛକରୁ ଆରମ୍ଭ ହୋଇ ଲକ୍ଷ୍ମୀଟକିଜ୍, ମୋଦିପଡ଼ା ଛକ, ବଡ଼ବଜାର ହୋଇ ମା' ସମଲେଶ୍ୱରୀ ମନ୍ଦିର ପାର୍କିଂ ଠାରେ ସମାପ୍ତ ହୋଇଥିଲା । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଅଶୋକ କୁମାର ଭୋଇ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅମୃତ ଲାଲ ବେହେରା ଓ ଜିଲ୍ଲା ସୂଚନା ଓ ଜନସମ୍ପର୍କ ଅଧିକାରିଣୀ ସଞ୍ଜୁକ୍ତା କୁଲ୍ଲୁ ପ୍ରମୁଖ ଉପସ୍ଥିତ ଥିଲେ । ସାଇକେଲ ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ସହରର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ରାଲିରେ ଯୋଗ ଦେଇଥିଲେ ।

# ସାର କଳାବଜାରକୁ ନେଇ ଜାତୀୟ ରାଜପଥ ଅବରୋଧ

ମାଲକାନଗିରି: ୟୁରିଆ ସାର ଅଭାବ ଯୋଗୁଁ ସବୁଆଡେ ଚାଷୀ ଅସନ୍ତୋଷ ଲାଗି ରହିଥିବା ବେଳେ ମୋଟୁ ନିକଟସ୍ଥ ପୁସୁଗୁଡା ନିକଟରେ ଶତାଧିକ ଚାଷୀ ସାରର କଳା ବଜାରୀକୁ ନେଇ ୩୨୬ ନଂ ଜାତୀୟ ରାଜପଥ ଅବରୋଧ କରିଥିବାର ଦେଖିବାକୁ ମିଳିଛି । ୟୁରିଆ ସାର କଳାବଜାରୀକୁ ନେଇ ରାସ୍ତା ଅବରୋଧ କରିବା ସହ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ମୂଲ୍ୟରେ ବିକ୍ରି ହେଉଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରି ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ । ସରକାରଙ୍କ ନିୟମ ଅନୁଯାୟୀ ଗୋଟିଏ ସାର ବସ୍ତାର ମୂଲ୍ୟ ୨୬୮ ଟଙ୍କା ରହିଥିବା ବେଳେ ପୁସୁଗୁଡାର ଜ୍ୟୋତିର୍ମୟୀ ଆଣ୍ଡ ସୁଦର୍ଶନ ଟ୍ରେଡ଼ର୍ସ ଡିଲର ଚାଷୀମାନଙ୍କୁ ବସ୍ତା ପ୍ରତି ୮୦୦ ରୁ ୧୦୦୦ ଟଙ୍କାରେ ବିକ୍ରି କରୁଥିବାର ଅଭିଯୋଗ ହୋଇଛି କ୍ଷ ଯାହାଫଳରେ ଲୋକେ ଅସନ୍ତୋଷ ପ୍ରକାଶ କରି ରାସ୍ତା ଅବରୋଧ କରିଛନ୍ତି କ୍ଷ ଫଳରେ ରାସ୍ତାର ଉଭୟ ପଟେ ବହୁ ସଂଖ୍ୟାରେ ଯାନବାହାନ ଅଟକି ରହିଥିଲା । ଖବର ପାଇ ଘଟଣାସ୍ଥଳରେ ମୋଟୁ ପୁଲିସ ପହଂଚି ଲୋକଙ୍କୁ ବୁଝାସୁଝା କରିବା ପରେ ଚାଷୀ ମାନେ ରାସ୍ତାରୁ ହଟିଥିବାର ସୂଚନା ମିଳିଛି ।

# ବନ୍ୟପ୍ରାଣୀ ସ୍କାଡ଼ଙ୍କୁ ବକେୟା ଦରମା ଦାବି

ଜୟପୁର: ରାଜ୍ୟ ବନବିଭାଗ ରେ ଦୀର୍ଘ ବର୍ଷ ଧରି ଶହ ଶହ ଅସ୍ଥାୟୀ କର୍ମଚାରୀ ନିଜ ଜୀବନକୁ ବାଜି ଲଗେଇ ବନ୍ୟଜନ୍ତୁ ସୁରକ୍ଷା ଓ ଜଙ୍ଗଲ ସୁରକ୍ଷା ତଥା ବୃକ୍ଷ ରୋପଣ କାର୍ଯ୍ୟ କରି ଆସୁଛନ୍ତି । କିନ୍ତୁ ସେମାନଙ୍କୁ ୮ ଘଂଟା ବଦଳରେ ୧୨ ଘଂଟା ଦରକାର ପଡିଲେ ୧୫ ଘଂଟା କାର୍ଯ୍ୟ କରିବାକୁ ପଡୁଛି । ଆସନ୍ତା ୧୫ ଦିନ ଭିତରେ ୭ଦଫା ଦାବି ପୁରଣ ନକଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେବା ନିମନ୍ତେ ଜୟପୁର ଡିଭିଜନର ୬ଟି ରେଞ୍ଜର ୧୨୦ ଜଣ ଭୁବନେଶ୍ୱର ଅଭିମୁଖେ ବାହାରିଛନ୍ତି । ଜୟପୁର, ବୈପାରିଗୁଡା, କୁନ୍ଦୁରା, ବୋରିଗୁମ୍ମା, ରାମଗିରି, କୋଟପାଡ ର କର୍ମଚାରୀ ମାନେ ଏକତ୍ରିତ ହୋଇ ଭୁବନେଶ୍ୱର ଅଭିମୁଖେ ବାହାରିଛନ୍ତି । ସେମାନଙ୍କ ଦାବିଗୁଡିକ ମଧ୍ୟରେ ଦୀର୍ଘ ସେବା ଓ ଅସିମ ଅଭିଜ୍ଞତାକୁ ବିଚାର କରି କର୍ମଚାରୀଙ୍କୁ ସ୍ଥାୟୀ କରିବା, ସର୍ଭିତ ପ୍ରୋଭାଇଡର ଦ୍ୱାରା ନିଯୁକ୍ତ କର୍ମଚାରୀଙ୍କୁ ଦୈନିକ ମଜୁରିଆ ଭାବେ ବେତନ ବଦଳରେ ୩୦ ଦୋନର ଦରମା ସହ ଆଉଟସୋର୍ସିଂ କର୍ମଚାରୀମାନେ ପାଉଥିବା ବର୍ଦ୍ଧିତ ଦରମା ପ୍ରୋତ୍ସାହନ ଭତ୍ତା, ବାର୍ଷିକ ଛୁଟି ପ୍ରଦାନ କରିବା, ବନ୍ୟପ୍ରାଣୀଙ୍କ ଆକ୍ରମଣରେ ମୃତ ବା କର୍ତବ୍ୟ ସଂପାଦନ କାଳରେ ରୋଗାଗ୍ରସ୍ତ ହୋଇ ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କୁ ସର୍ବନିମ୍ନ ୨୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ଓ ପଙ୍ଗୁ କର୍ମଚାରୀଙ୍କୁ ୧୫ ଲକ୍ଷ ଟଙ୍କା ପ୍ରଦାନ କରିବା, ବିନ ଅପରାଧରେ ଛଟେଇ ହୋଇଥିବା କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ପ୍ରଦାନ କରିବା, ମନମୁଖୀ ଛଟେଇ ବନ୍ଦ ସହ ଚାକିରି ନିରାପତ୍ତା ଯୋଗାଇଦେବା, ବନ ବିଭାଗର ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍କାର୍ଡ, ପାରା ଫରେଷ୍ଟ ଇତ୍ୟାଦି ବିଭିନ୍ନ ସଂଜ୍ଞା ବଦଳରେ ଗୋଟିଏ ସାର୍ବଜନୀନ ସଂଜ୍ଞା ପ୍ରଦାନ କରିବା, ମାସିକ ପ୍ରାପ୍ୟ ଠିକ୍ ସମୟରେ ପ୍ରଦାନ କରିବା, ୬ ମାସ ଧରି ଦରମା ପାଇନଥିବା ବନ୍ୟପ୍ରାଣୀ ସ୍କାର୍ଡ ମାନଙ୍କୁ ତୁରନ୍ତ ଦରମା ପ୍ରଦାନ କରିବା, ସମସ୍ତ ଆସ୍ଥାୟୀ କର୍ମଚାରୀଙ୍କୁ ବିଭାଗ ନିମନ୍ତେ ଉଦ୍ଦିଷ୍ଟ ଖାକି ୟୁନିଫର୍ମ ବର୍ଷକୁ ଦୁଇହଳ ସୁରକ୍ଷା ଉପକରଣ, ଟର୍ଚ୍ଚ ଓ ବିଭାଗୀୟ ପରିଚୟ ପତ୍ର ପ୍ରଦାନ କରିବା ଆଦି ଦାବି ଉପସ୍ଥାପନ କରିଛନ୍ତି । ଆସନ୍ତା ୧୫ ଦିନ ମଧ୍ୟରେ ଏହାର ସମାଧାନ ନହେଲେ ଆସନ୍ତା କାଲି ଠାରୁ ଅରଣ୍ୟ ଭବନ ସମ୍ମୁଖରେ ଶାନ୍ତି ପୂର୍ଣ୍ଣ ଧାରଣା ଦେବା ପାଇଁ ନିଷ୍ପତି ନିଆଯାଇଛି ।

# ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷକଙ୍କ ବୈଠକ

ଜୟପୁର (ହି.ସ.)-କୋରାପୁଟ ଜିଲ୍ଲାର ଅବସରପ୍ରାପ୍ତ ଶିକ୍ଷକମାନଙ୍କ ଏକ ବୈଠକ ସ୍ଥାନୀୟ ସିଟି ଉଚ୍ଚ ବିଦ୍ୟାଳୟ ଜୟପୁରରେ ଅନୁଷ୍ଠିତ ହୋଇଛି । ଏଥିରେ ଅବସପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀନାଥ ମିଶ୍ର ସଭାପତିତ୍ୱ କରିଥିଲେ । ଅବସର ପରେ ସମାଜ ପାଇଁ କିଛି କରିବାକୁ ସମସ୍ତେ ମତ ପ୍ରକାଶ କରିଥଲେ । ସିଟି ଉଚ୍ଚ ବିଦ୍ୟାଳୟ ର ପ୍ରତିଷ୍ଠାତା ସଭ୍ୟ ଶଶି ପଟ୍ଟନାୟକ ଶିକ୍ଷା ର ବିକାଶ ପାଇଁ ଓ ଛାତ୍ର ଛାତ୍ରୀ ମାନଙ୍କ ବୈଧିକ ବିକାଶ ପାଇଁ ଆମ ବିଦ୍ୟାଳୟ ସବୁବେଳେ ସହଯୋଗ କରିବ ବୋଲି କହିଛନ୍ତି ।ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥିବା କୋଟପାଡ଼ ଜେ ଇ ଏଲ୍ ସି ଉଚ୍ଚ ବିଦ୍ୟାଳୟ ର ଅବସପ୍ରାପ୍ତ ଶିକ୍ଷକ ପ୍ରତାପ ମନ୍ତ୍ରୀ ଅବସରପ୍ରାପ୍ତ ଶିକ୍ଷକ ମାନଙ୍କ ଅନୁଭୂତି ଓ ଶିକ୍ଷା ଉପରେ ଏକ ପତ୍ରିକା ପ୍ରକାଶନ ପାଇଁ ପ୍ରସ୍ତାବ ରଖିଥିଲେ । ବରିଷ୍ଟ ଅବସପ୍ରାପ୍ତ ଶିକ୍ଷକ ପଂଚାନନ ଗୌଡ ଆମ ଅଂଚଳର ପିଲା କିପରି କର୍ମ ନିଯୁକ୍ତି ପାଇବେ ଓ ଗ୍ରାମାଚଂଳ ରେ ଥିବା ସାଧନ ର ଉପଯୁକ୍ତ ବିନିଯୋଗ କରି ଆମ ପିଲା କିପରି ଅଧିକ କୁଶଳୀ ହୋଇ ପାରିବେ ସେଥି ପାଇଁ ଆମେ କିଛି କରିବା ଉଚିତ୍ ବୋଲି କହିଛନ୍ତି । ପ୍ରତ୍ୟେକ ମାସର ଶେଷ ରବିବାର ଆମେ ଏକତ୍ରିତ ହୋଇ ଶିକ୍ଷା ଉପରେ ଆଲୋଚନା କରିବା ପାଇଁ ପ୍ରସ୍ତାବ ରଖିଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ପଣ୍ଡା ଅବସରପ୍ରାପ୍ତ ଶିକ୍ଷକ ମାନଙ୍କ ମଧ୍ୟରେ ସୁରେନ୍ଦ୍ର ପଟ୍ଟନାୟକ, ବିନୋଦ ପଟ୍ଟନାୟକ, କିଶୋର ଚନ୍ଦ୍ର ପଣ୍ଡା, ବିଜୟ ଭଟ୍ଟ, ଶ୍ରୀକାନ୍ତ ଦଣ୍ଡସେନା, ମହମ୍ମଦ ୱାହେଦ ସରିଫ, ଲକ୍ଷ୍ମୀଧର ବିଶ୍ୱାଳ, ଅରବିନ୍ଦ ମହାପାତ୍ର, କୃଷ୍ଣ ଚନ୍ଦ୍ର ମୌଳି ବାସୁଦେବ ସେନାପତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ । କାର୍ଯ୍ୟକ୍ରମର ସଫଳ ପରିଚାଳନା ପାଇଁ ସହଯୋଗ କରିଥିବା ଶିକ୍ଷକ ମାନେ ହେଲେ ପ୍ରତାପ ପଟ୍ଟନାୟକ, ରାମ ଚନ୍ଦ୍ର ପାଳ ଓ ପ୍ରଶାନ୍ତ କୁମାର ଦାସ । ଅବସପ୍ରାପ୍ତ ଶିକ୍ଷକ ପ୍ରଭାତ ରଥ ଧନ୍ୟବାଦ୍ ଅର୍ପଣ କରିଥଲେ ।

# ମେଗା ଚକ୍ଷୁ ଚିକିତ୍ସା ଶିବର

**୨୨ ଜଣଙ୍କ ମୋତିଆ ବିନ୍ଦୁ ଚିହ୍ନଟ**

କେନ୍ଦୁଝର, (ହି.ସ.)- କେନ୍ଦୁଝରଗଡ ପୌରପାଳିକାର ସ୍ୱାୟତ ଶାସନ ଦିବସ ପାଳନ ଅବସରରେ ନଗର ଭବନଠାରେ ଚକ୍ଷୁ ପରୀକ୍ଷା ଓ ମୋତିଆବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ, ଭୂମିକା ଚକ୍ଷୁ ଚିକିତ୍ସାଳୟ ଓ କେନ୍ଦୁଝରଗଡ ପୌରପାଳିକାର ମିଳିତ ସହଯୋଗରେ ବିଶାଳ ଚକ୍ଷୁ ପରୀକ୍ଷା ଶିବିରକୁ ପୌରାଧକ୍ଷା ନିକୁ ସାହୁ, ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ ଓ ସମାଜସେବୀ ଭକ୍ତବତ୍ସଳ ମହାନ୍ତି ଉଦଘାଟନ କରିଥିଲେ । ଭୂମିକାର ଜୋନାଲ ମ୍ୟାନେଜର କର୍ଣ୍ଣାଟ କିଶୋର ଜେନାଙ୍କ ମାର୍ଗଦର୍ଶନରେ ହସ୍ପିଟାଲ ମ୍ୟାନେଜର ରଣଜିତ କୁମାର ପଣ୍ଡା, ଅପଟମ ସୟନ ସୁନ୍ଦର ମାଇତି, ସ୍ୱାସ୍ଥ୍ୟସେବିକା ଅନିତା ରାଉଳ, ଭବସ୍ମିତା ପାତ୍ର, ଜସମିନ ମହାରଣା, ପୂଜାରାଣୀ ମହାନ୍ତି, ସୁପରିଟେଣ୍ଡେଣ୍ଟ ଡାକ୍ତର ପ୍ରଦିପ କୁମାର ବାରିକ ଚକ୍ଷୁ ପରୀକ୍ଷା କରିଥିଲେ । ପୌରପାଳିକାର ୨୧ଗୋଟି ୱାର୍ଡ ଅନ୍ତର୍ଗତ ୮୨ଟି ବସ୍ତିରୁ ୨୮୪ ଜଣ ବ୍ୟକ୍ତିଙ୍କର ଚକ୍ଷୁ ପରୀକ୍ଷା କରାଯାଇ ପ୍ରାଥମିକ ସେବା ଯୋଗାଇ ଦିଆଯାଇଛି । ସମସ୍ତ ରୋଗୀଙ୍କୁ କେନ୍ଦୁଝର ଡେଭଲପମେଂଟ ଟ୍ରଷ୍ଟ ତରଫରୁ ମାଗଣା ଔଷଧ ବଂଟନ କରାଯାଇଛି । ୫୫ ଜଣ ବରିଷ୍ଠ ନାଗରିକଙ୍କୁ ପରୀକ୍ଷା କରାଯାଇ ଚାଳିଶା ଚଷମା ବଣ୍ଟନ କରାଯାଇଛି । ଶିବିରରେ ୨୨ ଜଣ ମୋତିଆ ବିନ୍ଦୁ ଚିହ୍ନଟ କରାଯାଇ ଅସ୍ତ୍ର ଉପଚାର ପାଇଁ ମନୋନୀତ କରାଯାଇଛି । ଭୂମିକା ଚକ୍ଷୁ ଚିକିତ୍ସାଳୟର ବରିଷ୍ଠ କର୍ମୀ ବଳରାମ ମଲ୍ଲିକ, କ୍ଷେତ୍ରୀୟ ସଂଗଠକ ହିମାଂଶୁ କୁମାର ପାତ୍ର, ମଂଟୁ ନାୟକ,ସମସ୍ତ କାଉନସିଲର, ସ୍ୱଚ୍ଛସାଥି, ସୁପରଭାଇଜର ଉପସ୍ଥିତ ରହି ଚକ୍ଷୁ ଶିବିର ପରିଚାଳନା କରିଥିଲେ । ଟ୍ରଷ୍ଟର ଅଧ୍ୟକ୍ଷା ଅଧିବକ୍ତା ଜଗଜିତା ଦାସ ଅନ୍ଧତ୍ୱମୁକ୍ତ ଅଭିଯାନ ଜାରି ରହିବ ବୋଲି ଜଣାଇଛନ୍ତି ।

# କୁଲତା ସମାଜର ନୂଆଖାଇ ଭେଟଘାଟ୍

ସମ୍ବଲପୁର: କୁଲତା ସମାଜ ଆନୁକୂଲ୍ୟରେ ଦାନିପାଲି ସ୍ଥିତ ରଣେଶ୍ୱର ରାମଚଣ୍ଡୀ ସେବା ସଦନ ଠାରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୁଲତା ସମାଜର ସଭାପତି କୃପାସିନ୍ଧୁ ଖମାରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜର ଦୁଇଜଣ ବରିଷ୍ଠ ସଦସ୍ୟ ରାମଚନ୍ଦ୍ର ଭୋଇ ଏବଂ ଭୀମସେନ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ କୁଲତା ସମାଜ ପକ୍ଷରୁ ସମ୍ବଲପୁରରେ କରାଯାଉଥିବା ବିଭିନ୍ନ ବିକାଶ କାର୍ଯ୍ୟ ବିଷୟରେ ଆଲୋଚନା କରାଯାଇଥିଲା । ନୁଆଁଖାଇ କୁଲତା ସମାଜର ପ୍ରମୁଖ ପରମ୍ପରା ହୋଇଥିବା ସଭାପତି ଶ୍ରୀ ଖମାରୀ କହିଥିଲେ । ରଣେଶ୍ୱର ରାମଚଣ୍ଡୀ ମନ୍ଦିରର ପୂଜକ ଦେବୀ ପ୍ରସାଦ ଭୋଇ ପ୍ରାରମ୍ଭରେ ରଣେଶ୍ୱର ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା କରିଥିଲେ । ଏହାସହ ମନ୍ଦିର ଏବଂ ଘରେ ରରେଶ୍ୱର ରାମଚଣ୍ଡୀଙ୍କ ପୂଜାବିଧୀ ବିଷୟରେ ଅବଗତ କରାଇଥିଲେ । ଏହି ଅବସରରେ କୁଲତା ସମାଜର ଉପସଭାପତି ଦେବତମ ପ୍ରଧାନ, ସମ୍ପାଦକ ରଞ୍ଜନ ପାତ୍ର, ପୂର୍ବତନ ସଭାନେତ୍ରୀ ଯଶୋବନ୍ତୀ ନାୟକ ପ୍ରମୁଖ ମଂଚାସୀନ ରହିଥିଲେ । କୃଷୀ ହିଁ କୁଲତା ସମାଜର ପରିଚୟ ହୋଇ ରହିଆସିଥିବା ବେଳେ ଆଗକୁ ବ୍ୟବସାୟ କ୍ଷେତ୍ରରେ ମଧ୍ୟ ସମାଜକୁ ସୁଦୃଢ଼ କରାଯିବା ନେଇ ମତ ପ୍ରକାଶ ପାଇଥିଲା । କାର୍ଯ୍ୟକ୍ରମରେ ସହଯୋଗ କରିଥିବା ସମାଜର ବ୍ୟକ୍ତିବିଶେଷଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ଶିକ୍ଷାବିଦ ପ୍ରଦୀପ କୁମାର ସାହୁ, ଭବାନୀଶ ଭୋଇ, ପ୍ରିୟଙ୍କା ପ୍ରୀୟଦର୍ଶିନୀ ପ୍ରଧାନ, ଆଲୋକ ସାହୁ, ପରିଚାଳନା କରିଥିଲେ । ରଣେଶଶ୍ୱର ରାମଚଣ୍ଡୀ ଚେମ୍ବର ଅଫ କମର୍ସ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲା । କାର୍ଯ୍ୟକ୍ରମରେ ଅକ୍ଷୟ ପ୍ରଧାନ, ପ୍ରେମାନନ୍ଦ ସାହୁ, ଟିକେଶ୍ୱର ପ୍ରଧାନ, ଚିନ୍ମୟ ଭୋଇ, ଖୀରୋଦ ପ୍ରଧାନ, ସୁଦାମ ପ୍ରଧାନ, ନିର୍ମଳ ପ୍ରଧାନ, ସରୋଜ ପ୍ରଧାନ, ଦେବଦତ ସାହୁ, ହାରାଧନ ପ୍ରଧାନ, ଭକ୍ତବନ୍ଧୁ ପ୍ରଧାନ, ଆନନ୍ଦ ପ୍ରଧାନ, ଅଭିରାମ ଖମାରୀ, ସୁକାନ୍ତୀ ଗଡତିଆ, ସୁପ୍ରଭା ପ୍ରଧାନ, ଉର୍ମିଳା ବାରିକ, ବାସୁଦେବ ଭୋଇ, ସମାରୁ ବାରିକ, ଟଙ୍କଧର ବାରିକ, ଛେଲିଆ ପ୍ରଧାନ, ଜଟା ଭୂଷଣ ସାହୁ, ହୃଷିକେଶ ବଢ଼ାଇ, ମୁରଲୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

*ଯେଉଁ ସମାଜର ସଂଗଠନ ଯେପରି ସେହି ସଂଗଠନ ମାଧ୍ୟମରେ ସମାଜକୁ ଆଧୁନିକ ଯୁଗରେ ଆଗେଇ ନେବା ହେଉଛି ବିଜ୍ଞତାର କାର୍ଯ୍ୟ ।*

**(ଗାଁ ମଜଲିସ୍, ୩ୟ ଖଣ୍ଡ, ପୃଷ୍ଠା-୧୨୯)**

**-ଡକ୍ଟର ହରେକୃଷ୍ଣ ମହତାବ**

ପ୍ରଜାତନ୍ତ୍ର

ତା ୨।୯।୨୦୨୫ ■ ମଙ୍ଗଳବାର

# ମୋଦୀ-ଜିନ୍‌ପିଙ୍ଗ ସାକ୍ଷାତ

ସାତବର୍ଷ ପରେ ଭାରତ ଓ ଚୀନ ମଧ୍ୟରେ ଏକପ୍ରକାରେ ଅନୁକୂଳ ପରିବେଶ ସୃଷ୍ଟି ହେବା ସ୍ୱାଗତଯୋଗ୍ୟ ବିଷୟ । ଚୀନ ମାଟିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଚୀନ ରାଷ୍ଟ୍ରପତି ଶୀ ଜିନପିଙ୍ଗଙ୍କ ମଧ୍ୟରେ ପ୍ରତିନିଧି ମଣ୍ଡଳସ୍ତରରେ କଥାବାର୍ତ୍ତା ହୋଇଛି, ଯେଉଁଠି ଉଭୟ ଦେଶର ନେତା ମାନିଛନ୍ତି ଯେ ଦୁଇ ଦେ ମଧ୍ୟରେ ସଦ୍‌ଭାବ ଓ ସହଯୋଗ ଦୃଢ଼ ହେବା ଜରୁରୀ । ବିଶେଷକରି ଚୀନ ପକ୍ଷରୁ ବୁଝାଇବାକୁ ଉଦ୍ୟମ କରାହୋଇଛି ଯେ ଦୁଇଦେଶ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ନୁହନ୍ତି, ବରଂ ବିକାଶ କ୍ଷେତ୍ରରେ ସହଯୋଗୀ । ବାସ୍ତବରେ, ଭାରତର ଚୀନ ପ୍ରତି ସଦ୍‌ଭାବନା ସବୁବେଳେ ରହିଆସିଛି, କିନ୍ତୁ ଚୀନ ପକ୍ଷରୁ ନାନା ପ୍ରକାର ଆକ୍ରମଣାତ୍ମକ ବ୍ୟବହାରର ଦୁଃଖଦ ଇତିହାସ ରହିଛି । ବେଜିଂରେ ସୌଜନ୍ୟମୂଳକ କଥାବାର୍ତ୍ତା ସତ୍ତ୍ୱେ ସେ ଆକ୍ରମଣାତ୍ମକ ବ୍ୟବହାରକୁ ଭୁଲିଯାଇ ହେବ ନାହିଁ । ଅବଶ୍ୟ ଜିନପିଙ୍ଗଙ୍କ ଉତ୍ତମ ବକ୍ତବ୍ୟ ଆଶା ଜାଗ୍ରତ କରାଉଛି ଯେ ଚୀନ ଏବେ ଭାରତର ମହତ୍ତ୍ୱକୁ ନୂଆ ଢଙ୍ଗରେ ସ୍ୱୀକାର କରିବାକୁ ଚାହେଁ । ଜିନପିଙ୍ଗଙ୍କ ଭାବନା ସ୍ୱାଗତଯୋଗ୍ୟ ଯେତେବେଳେ ସେ କହୁଛନ୍ତି, "ଚୀନ ଓ ଭାରତ ଦୁଇଟି ସବୁଠାରୁ ସଭ୍ୟ ଦେଶ । ଆମେ ଦୁନିଆରେ ଦୁଇ ସର୍ବବୃହତ୍ତ ଜନସଂଖ୍ୟା ଥିବା ଦେଶ ଓ ଗ୍ଲୋବାଲ୍ ସାଉଥର ଅଂଶବିଶେଷ । ଆମକୁ ଭଲ ବନ୍ଧୁ ଓ ଭଲ ପଡ଼ୋଶୀ ହେବା ଜରୁରୀ ।"

ବିଶ୍ୱର ୨୮୦ କୋଟି ଲୋକ ଏହି ଦୁଇ ଦେଶରେ ରହୁଛନ୍ତି ଓ ଉଭୟ ଦେଶ ମଧ୍ୟରେ ଶାନ୍ତିପୂର୍ଣ୍ଣ ସମ୍ବନ୍ଧ ରହିବା ଜରୁରୀ । ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ମଧ ବହୁତ ଅଧିକ ଓ ଜଣେ, ଅନ୍ୟ ଜଣଙ୍କ ବିନା କାମ କରିପାରିବ ନାହିଁ । ଚୀନର କ୍ଷିପ୍ର ଅଭିବୃଦ୍ଧି ପ୍ରଶଂସାଯୋଗ୍ୟ ଓ ବିଶ୍ୱ ସ୍ତରରେ ଭାରତକୁ ମଧ ଅଣଦେଖା କରାଯାଇ ପାରିବ ନାହିଁ । ଉଭୟ ଦେଶ ମଧ୍ୟରେ ମତଭେଦ ରହିଛି ସତ, କିନ୍ତୁ ତାହାକୁ ବିବାଦରେ ପରିଣତ ହେବାକୁ ଦେବା ଆବଶ୍ୟକ ନୁହେଁ। ବିବାଦକୁ ବଢ଼ାଇବା ଅପେକ୍ଷା ରୋକିବା ଓ ସମାଧାନ କରିବାର ଦାୟିତ୍ୱ ଚୀନ ଉପରେ ଅଧିକ, କାରଣ ମହାଶକ୍ତି ହେବା ଲାଗି ତାହାର ରଣନୀତି ଓ ଆକାଂକ୍ଷା ଭାରତ ତୁଳନାରେ ବହୁତ ବିସ୍ତୃତ । ସେ ଅର୍ଥରେ ଭାରତ ମହତ୍ତ୍ୱାକାଂକ୍ଷୀ ରାଷ୍ଟ୍ର ନୁହେଁ କି ତାହାର ସାମ୍ରାଜ୍ୟବାଦ ପ୍ରତି କୌଣସି ଲାଳସା ଅଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କଥାବାର୍ତ୍ତା କାଳରେ ଉଚିତ ଢଙ୍ଗରେ କହିଛନ୍ତି ଭାରତ ପାରସ୍ପରିକ ବିଶ୍ୱାସ, ସମ୍ମାନ ଓ ସମ୍ବେଦନଶୀଳତା ଆଧାରରେ ଚୀନ ସହିତ ନିଜର ସମ୍ବନ୍ଧ ରକ୍ଷା ଲାଗି ପ୍ରତିବଦ୍ଧ । ପ୍ରଧାନମନ୍ତ୍ରୀ ମୋଦୀ ମଧ କହିଛନ୍ତି ଗତବର୍ଷ ସାମରିକ ସାମରିକ ଯବାନଙ୍କ ପ୍ରତ୍ୟାବର୍ତ୍ତନ ପରେ ସୀମାରେ ଶାନ୍ତି ଓ ସ୍ଥିରତା ଆସିଛି । ବାସ୍ତବରେ ଉଭୟ ଦେଶ ମଧ୍ୟରେ କୌଣସି ପ୍ରକାରର ସାମରିକ ବିବାଦ ନ ହେବା ଦରକାର ।

ଯେପରି ଭାବେ କିଛି ପଡ଼ୋଶୀ ଦେଶମାନଙ୍କ ସହ ଚୀନ ନିଜର ସୀମା ବିବାଦର ସମାଧାନ କରିଛି, ଠିକ୍ ସେହିପରି ଭାରତ ସହିତ ମଧ କରିବା ଦରକାର । ଅବଶ୍ୟ ଗତ ଏକବର୍ଷ ହେଲା ଭାରତ-ଚୀନ ସମ୍ବନ୍ଧରେ ସୁଧାର ଆସିଛି । କୈଳାସ ମାନସରୋବର ଯାତ୍ରା ଆରମ୍ଭ ହୋଇଛି । ଉଭୟ ଦେଶ ମଧ୍ୟରେ ସିଧା ବିମାନ ଚଳାଚଳ ଆରମ୍ଭ ହେବାକୁ ଯାଉଛି । ଗତବର୍ଷ ୨୦୨୪ରେ କଜାନଠାରେ ଦୁଇ ଦେଶର ଶୀର୍ଷ ନେତା ମିଶିଥିଲେ ଓ ତା'ପରେ ଦୁଇଦେଶ ମଧ୍ୟରେ ସମ୍ବନ୍ଧ ବୃଦ୍ଧିରେ ବହୁତ ସାଧାର ଆସିଛି । ଏପ୍ରକାର ସାକ୍ଷାତ ଆଲୋଚନା ଉଭୟପକ୍ଷ ଲାଗି ଲାଭଜନକ । ଏବେ ଉଭୟ ଦେଶ ଆଗକୁ ବଢ଼ିବା ଆବଶ୍ୟକ, ଯାହା ଫଳରେ ଉଭୟଙ୍କର ଫାଇଦା ହେବ । ବେଜିଂରେ ଉଭୟ ନେତା ଭେଟିବା ବିଶ୍ୱକୁ ଯେଉଁ ବାର୍ତ୍ତା ଦେବାକୁ ଚାହୁଁଛନ୍ତି, ତାହା ଦେଇଛନ୍ତି । ଏବେ ଆଗାମୀ ଭବିଷ୍ୟତରେ ସମ୍ବନ୍ଧକୁ ସୁଦୃଢ଼ କରିବା ପାଇଁ ଠୋସ୍ କାର୍ଯ୍ୟ କରିବା ଜରୁରୀ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଏଥରର ଚୀନ ଗସ୍ତ ଆଶାଜନକ ହେବ ନିଶ୍ଚୟ । ଗତ ୩୧ ଅଗଷ୍ଟରେ ତିୟାନଜିନଠାରେ ଅନୁଷ୍ଠିତ 'ସାଂଘାଇ ସହଯୋଗ ସଂଗଠନ'ର ଶିଖର ସମ୍ମିଳନୀ କାଳରେ ଉଭୟ ନେତାଙ୍କ ଦେଖାସାକ୍ଷାତ ଏକ ଆନନ୍ଦମୁଖର ବର୍ତ୍ତମାନ ବୋଲି କୁହାଯିବ, ଯାହା ଏକ ନୂତନ ଭବିଷ୍ୟତର ଆରମ୍ଭ ହୋଇପାରେ । □□

# ମାଆଙ୍କ ବିଶ୍ୱାସ

ଆମେମାନେ ଯେତେବେଳେ କୌଣସି ଏକ ଦୁର୍ଘଟଣା ବା କଷ୍ଟକୁ ସାମ୍ନା କରୁ ଆମ ପାଟିରୁ ବାହାରି ଆସେ 'ମାଆଲୋ' । ବାସ୍ତବିକ ମାଆର ପଣତ କାନି ଯେ ପ୍ରତିଟି ପିଲାର ସୁରକ୍ଷା ସଶକ୍ତ କବଚ ଅନେକ ଜାଣିନଥାନ୍ତି । ବାପ-ମାଆଙ୍କ ଠାରୁ ଶ୍ରେଷ୍ଠ ମୂର୍ତ୍ତିମନ୍ତ ଓ ଜୀବନ୍ତ ଭଗବାନ ଆମ ପାଇଁ ଆଉ କିଏ ଅଛନ୍ତି କି ? ଜଣେ ତା ଜୀବନରେ ବାପ-ମାଆଙ୍କୁ ଯଦି ଖୁସି ଓ ସୁଖ ପ୍ରଦାନ କରିପାରୁଛି ତାହାଲେ ତା ପାଖରେ ଭଗବାନଙ୍କ ସମସ୍ତ ଆଶୀର୍ବାଦ ଆପଣା ଛାଏଁ ମିଳିଯିବ । ମାଆଙ୍କ ବିଶ୍ୱାସର ପ୍ରସଙ୍ଗକୁ ନେଇ ଆଜିର ଆଧ୍ୟାତ୍ମିକ ଆଲୋଚନାଟି ରଖୁଛୁ । ଯୋଗାନନ୍ଦ ପରମହଂସଙ୍କ ନାମ ଭାରତ ତଥା ବିଦେଶମାନଙ୍କରେ ସୁପରିଚିତ । ତାଙ୍କୁ ଦ୍ୱିତୀୟ ବିବେକାନନ୍ଦ ବୋଲି କୁହାଯାଏ । ବିଦେଶରେ ତଥା ଭାରତରେ ଅମର ସଂସ୍କୃତିକୁ ପୁନଃ ପ୍ରଚଳନ କରାଇବାରେ ତାଙ୍କର ବହୁ ଅବଦାନ । ସେ ଆମ ଦେଶରେ ତଥା ଦେଶ ବାହାରେ ହଜାର ହଜାର ଶିଷ୍ୟଙ୍କ ଦ୍ୱାରା ପୂଜା ପାଉଛନ୍ତି । ସେ ଆମର ଗୌରବ ବୃଦ୍ଧି କରାଇ ନିଜକୁ ତଥା ଆମ ଦେଶକୁ ପୃଥିବୀର ଗୁରୁ କରାଇ ପାରିଛନ୍ତି ।

ତାଙ୍କ ପିଲାବେଳ କଥା । ଥରେ ସେ ସାଘାଂତିକ ବେମାର ପଡ଼ିଲେ । ତାଙ୍କ ବାପା ଜଣେ ଉଚ୍ଚ ପଦସ୍ଥ ଅଫିସର ଥିଲେ । ସେ ବହୁ ଅର୍ଥ ଖର୍ଚ୍ଚ କରି ଡାକ୍ତର ଲଗାଇ କୌଣସି ଥିରେ ରୋଗ ଭଲ କରାଇ ପାରିଲେ ନାହିଁ । ଦିନକୁ ଦିନ ଯୋଗାନନ୍ଦଙ୍କର ଅବସ୍ଥା ଖରାପ ଆଡ଼କୁ ଗତି କଲା । ମାଆ ତାଙ୍କ ବିଛଣା ପାଖରେ ରାତି ରାତି ଜଗି ବସନ୍ତି । ଜୀବନ ସଙ୍କଟାପନ୍ନ । ସବୁ ଆଉ ନିରାଶ ହୋଇ ବାପା ମାଆ ହତାଶ ହୋଇ ପଡ଼ିଥାନ୍ତି । ତା ବାପା ଓ ମାଆ ଉଭୟ ସେ ସମୟର ପ୍ରସିଦ୍ଧ ଗୁରୁ ଲାହିରି ମହାଶୟଙ୍କ ଶିଷ୍ୟ ଥିଲେ । ଯୋଗାନନ୍ଦଙ୍କ ଶୋଇବା ଘରେ ଲାହିରି ମହାଶୟଙ୍କୁ ଗୋଟିଏ ଛୋଟ ଫଟ ଟଙ୍ଗା ହୋଇଥାଏ । ସେଇ ଆଡ଼କୁ ଚାହିଁ ମାଆ ତାଙ୍କୁ କହିଲେ, 'ପୁଅରେ ମୋ ମନରେ ବିଶ୍ୱାସ ଆସୁଛି ତୁ ଯଦି ମୋ ଗୁରୁଙ୍କୁ ପ୍ରାର୍ଥନା କରିବୁ ସେ ତୋ ଜୀବନ ରକ୍ଷା କରିଦେଇ ପାରନ୍ତି ।' ସେତେବେଳକୁ ବିଛଣାରୁ ଉଠିବା କଥା ଦୂରେ ଥାଉ ସେଇ ବିଛଣାରେ ଥାଇ, ହାତ ଉଠାଇ ପ୍ରାର୍ଥନା କରିବାକୁ ମଧ ତାଙ୍କ ଶକ୍ତି ନଥାଏ । ମାଆଙ୍କ କଥା ଶୁଣି ସେ କେବଳ ଗୁରୁଙ୍କ ଫଟୋକୁ ଚାହିଁ ମନେ ମନେ ପ୍ରାର୍ଥନା ଜଣାଇଲେ । ସେଇ ଶଯ୍ୟାରେ ଥାଇ ସେ ଦେଖିଲେ ଯେ ଗୁରୁଙ୍କ ଫଟୋରୁ ଏକ ଉଜ୍ଜଳ ଆଲୋକ ବାହାରି ତାଙ୍କ ଛୋଟ ଶରୀରଟିକୁ ଆବୃତ କରି ପକାଉଛି ତାପର ମୁହୂର୍ତ୍ତରୁ ତାଙ୍କୁ ଭଲ ଲାଗିଲା, ହାତ ହଲାଇ ପାରିଲେ, ପାଟି ଖୋଲି କଥା କହିବାକୁ ଶକ୍ତି ଆସିଲା, ବିଛଣାରୁ ଉଠି ବସିବାକୁ ମଧ ବଳ ଆସିଲା । ସେ ଦେଖିଲେ ଯେ ତାଙ୍କ ମାଆ ବିଛଣା ପାଖରୁ ଉଠିଯାଇ ତାଙ୍କ ଗୁରୁଦେବଙ୍କ ଫଟୋ ପାଖରେ ମଥା ଗୁଞ୍ଜି କାନ୍ଦୁରେ ବାରମ୍ବାର ମଥା ଲଗାଇ ପ୍ରଣାମ କରୁଛନ୍ତି । ଯୋଗାନନ୍ଦ ଜାଣି ପାରିଲେ ଯେ ସେ ଯେଉଁ ଉଜ୍ଜଳ ଆଲୋକ ଦେଖିଛନ୍ତି ତାଙ୍କ ମାଆ ମଧ ତାକୁ ଦେଖି ପାରିଛନ୍ତି । ଗୁରୁଦେବଙ୍କୁ କୃତଜ୍ଞତା ଜଣାଇବା ପୂର୍ବରୁ ଯୋଗାନନ୍ଦ ବିଛଣାରୁ ଉଠି ମାଆଙ୍କ ପାଦ ତଳେ ପଡ଼ି ତାଙ୍କୁ ନିଜର ପ୍ରଣତି ଜଣାଇ କହିଲେ ମାଆ, ତୁମ ଗୁରୁଙ୍କ ଉପରେ ଥିବା ତୁମର ଦୃଢ଼ ବିଶ୍ୱାସ ଯୋଗୁଁ ମୁଁ ଆଜି ଜୀବନ ପାଇଲି ।'

ଦେବଦତ୍ତ ବିଶ୍ୱାଳ
ରାମଚହଟା, କଟକ

# ବୁମେରାଂ ହେବ ଟ୍ରମ୍ପଙ୍କ ନୀତି

**ସୌମେନ୍ଦ୍ର ଜେନା**

॥୨॥

ଭାରତ ଦକ୍ଷିଣ ଆମେରିକାର ଭେନେଜୁଏଲାଠାରୁ ତୈଳକ୍ରୟ କରୁଥିବା ଦୃଷ୍ଟିରୁ ଟ୍ରମ୍ପ ତିନୋଟି ଯୁଦ୍ଧପୋତ ଏବେ ଭେନେଜୁଏଲାର ଘେରାବନ୍ଦୀ ପାଇଁ ପଠାଇଛନ୍ତି । ଏହା ବଦଳରେ ଭେନେଜୁଏଲା ପା□ଲକ୍ଷ ସେନାଙ୍କୁ ସୁରକ୍ଷା ପାଇଁ ଲଗାଇଛି । କିନ୍ତୁ ଆଗାମୀ ଦିନରେ ଏହି ଘଟଣା ଆଉ ଏକ ଯୁଦ୍ଧକୁ ଡାକିପାରେ । ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ୍ ମାଡୁରୋ ଆମେରିକାର ରପ ଆଗରେ ମଥାନତ କରିବେ ନାହିଁ ବୋଲି ଘୋଷଣା କରିଛନ୍ତି । ୟୁଏସ୍ଏସ୍ ଆଇଓ ଜିମା, ୟୁଏସ୍ଏସ୍ ଲଡରଡାଲେ ଏବଂ ୟୁଏସ୍ଏସ୍ ଆ□ନିଓ ଯୁଦ୍ଧପୋତରେ ପ୍ରାୟ ୪୫୦୦ ଯବାନ ରହିଛନ୍ତି । ଏମାନଙ୍କ ଭିତରେ ୨୨୦୦ ମେରାଇନ ରହିଛନ୍ତି । ମାଡୁରୋ ନିଶା କାରବାରରେ ସଂପୃକ୍ତ ବୋଲି ଅଭିଯୋଗ କରି ଟ୍ରମ୍ପ ପ୍ରଶାସନ ତାଙ୍କୁ ଗିରଫ କରିବାଲାଗି ୫୦ ମିଲିଅନ ଡଲାର ପୁରସ୍କାର ଘୋଷଣା କରିଛି । ହେଲେ ଭେନେଜୁଏଲାର ବିଦେଶମନ୍ତ୍ରୀ ୟୁଭାନ ଗିଲ ଏହାକୁ ଆମେରିକାର ବିଫଳ ବିଦେଶ ନୀତି ଏବଂ ବିଶ୍ୱାସହୀନତା ବୋଲି କହି ସମାଲୋଚନା କରିଛନ୍ତି । ମେକ୍ସିକୋ ଏବଂ ଭେନେଜୁଏଲାରୁ ଆମେରିକାକୁ ନିଶାଦ୍ରବ୍ୟ ପ୍ରବେଶ କରୁଥିବା ଅଭିଯୋଗ ଆଣି ଟ୍ରମ୍ପ ପ୍ରଶାସନ ଏହା କରିଥିବା କଥା କହୁଥିଲେ ହେଁ ପ୍ରକୃତରେ ବ୍ରାଜିଲ ଏବଂ ଭେନେଜୁଏଲା ପରି ରାଷ୍ଟ୍ରର ଆମେରିକାକୁ ବିରୋଧ ହିଁ ଏହା ପଛରେ ମୁଖ୍ୟ କାରଣ ରହିଛି । ଭାରତ ପରି ଏସବୁ ରାଷ୍ଟ୍ର ଟ୍ରମ୍ପଙ୍କ କଥାକୁ ମାନିବାକୁ ପ୍ରସ୍ତୁତ ନଥିବାରୁ ଆମେରିକା ପ୍ରଶାସନ ନାଲିଆଖି ଦେଖାଇବା ପାଇଁ ଏହା କରିଥିବା କୁହାଯାଉଛି । ଆମେରିକାର ବାରଣ ସ□ ଭାରତ ଏବଂ ଚୀନ ଭେନେଜୁଏଲାଠାରୁ ତୈଳ ଆମଦାନୀ ଜାରି ରଖିଛନ୍ତି । ତୈଳ ରପ୍ତାନୀ ବନ୍ଦ କରି ଭେନେଜୁଏଲାର ଅର୍ଥନୀତିକୁ ନଷ୍ଟ କରିବାକୁ ଆମେରିକା ଷଡଯନ୍ତ୍ର କରିଆସିଛି । ତେବେ ଟ୍ରମ୍ପଙ୍କ ବିଦେଶନୀତି ତାଙ୍କ ପାଇଁ ବୁମେରାଂ ହୋଇଛି । ଦେଶ ଭିତରେ ଏବଂ ଦେଶ ବାହାରେ ବିରୋଧ ଦେଖି ଟ୍ରମ୍ପ ବିଚଳିତ ହୋଇଛନ୍ତି । ତେଣୁ ତାଙ୍କ କଥା ଓ କାମରେ ତାଳମେଳ ରହୁନଥିବା ସମସ୍ତେ ଦେଖିପାରୁଛନ୍ତି । ଆମେରିକା ଭିତରେ ଟ୍ରମ୍ପଙ୍କ ବିରୋଧ କରୁଥିବା ଲୋକଙ୍କ ହାର ୬୦ପ୍ରତିଶତରେ ପହ□ଛି । ବିରୋଧୀ ଦଳ ରିପବ୍ଲିକାନର ୫ଜଣଙ୍କ ମଧ୍ୟରୁ ଚାରି ଜଣ ଟ୍ରମ୍ପଙ୍କୁ ରୁଷିଆର ସମର୍ଥକ ଭାବେ ଚିତ୍ରଣ କରୁଛନ୍ତି । ରୁଷିଆଠାରୁ ଆମେରିକା ୟୁରାନିୟମ ଏବଂ ସାର ଆମଦାନୀ କରୁଥିବା ବେଳେ ଭାରତ ବିରୋଧରେ ତୈଳ ଆମଦାନୀ ଅଭିଯୋଗ ଆଣିବା ବୃଥା ବୋଲି ଆଲୋଚନା ହେଉଛି । ଚୀନ ବିରୋଧରେ ଶୁଳ୍କ ନ ଲଗାଇ ଭାରତ ବିରୋଧରେ କଟକଣା ଜାରି କରିବା ଘଟଣାକୁ ଉଦ୍ଦେଶ୍ୟମୂଳକ ବୋଲି ଆମେରିକାର ଅର୍ଥନୀତିଜ୍ଞମାନେ କହୁଛନ୍ତି । ଟ୍ରମ୍ପଙ୍କ ପଦକ୍ଷେପ ଯୋଗୁ ଅନେକ ରାଷ୍ଟ୍ର ଏବେ ଆମେରିକା ବିରୋଧରେ କହିବା ପରେ ଟ୍ରମ୍ପଙ୍କ ଚିନ୍ତା ବଢ଼ିଯାଇଛି ।

ୟୁକ୍ରେନ ମାମଲାରେ ଟ୍ରମ୍ପଙ୍କ ଖେଳ ଏବେ ଧରାପଡିଛି । ଟ୍ରମ୍ପ ପ୍ରଶାସନର ଜନୈକ ଅଧିକାରୀ କହିଛନ୍ତି ଯେ ଆମେରିକା ଯେଉଁ ଅସ୍ତ୍ରଶସ୍ତ୍ର ୟୁକ୍ରେନକୁ ବିକ୍ରି କରୁଛି ସେଥିରୁ ୧୦ ପ୍ରତିଶତ କମିଶନ ସରକାର ନେଉଛନ୍ତି । କୁହାଯାଉଛି ଯେ ନିକଟରେ ଯେତିକି ଅସ୍ତ୍ରଶସ୍ତ୍ର ୟୁକ୍ରେନକୁ ଯୋଗାଇ ଦିଆଯାଇଛି ସେଥିରୁ ଟ୍ରମ୍ପ ପ୍ରଶାସନ ପ୍ରାୟ ୪୦ ବିଲିଅନ ଡଲାର କେବଳ କମିଶନରେ ହିଁ ଅର୍ଜନ କରିଛନ୍ତି । କମ୍ପାନୀମାନଙ୍କ ଅସ୍ତ୍ରଶସ୍ତ୍ର ୟୁକ୍ରେନକୁ ଯାଉଛି ସତ, ହେଲେ ସେଥିରୁ ମଧ ଆମେରିକା ସରକାର କମିଶନ ସଂଗ୍ରହ କରିବାରେ ବ୍ୟସ୍ତ । ଏହି ପରିମାଣ ଅର୍ଥ ଭାରତର ରୁଷିଆଠାରୁ ତୈଳ ଆଣି ବିକ୍ରି କରିବା ଲାଭଠାରୁ ଢେର ଅଧିକ । ଏଥିରୁ ବୁଝି ହେବେ ଯେ ଆମେରିକା ସରକାର ଯୁଦ୍ଧ ଜାରି ରଖି କମିଶନ ନେବାରେ ବ୍ୟସ୍ତ ଥିବା ହେତୁ ଯୁଦ୍ଧ ବନ୍ଦ ପାଇଁ ଯେଉଁ କଥା କହୁଛନ୍ତି ସେଥିରେ ଆଦୌ ସତ୍ୟତା ନାହିଁ । ପୂର୍ବରୁ ଟ୍ରମ୍ପଙ୍କ ପୁଅ ପାକିସ୍ତାନରେ ବିଟକଏନ୍ ବ୍ୟବସାୟ କରୁଥିବା ହେତୁ ଟ୍ରମ୍ପଙ୍କ ପ୍ରଶାସନ ପାକ୍‌ର ନିକଟତର ରହିଥିବା କୁହାଯାଉଛି । ପାକ୍‌ର ଦାବି ଯୋଗୁ ବଲୋଚ ସଂଗଠନଗୁଡିକ ଉପରେ କଟକଣା ଜାରିକରି ସେଗୁଡିକୁ ସନ୍ତ୍ରାସବାଦୀ ସଂଗଠନ ଘୋଷଣା କରିଛି । ଅଥଚ ସନ୍ତ୍ରାସକୁ ପ୍ରୋତ୍ସାହନ ଦେଉଥିବା ପାକ୍ ସରକାରଙ୍କ ସହ ଟ୍ରମ୍ପଙ୍କ କେବଳ ଶ୍ରଦ୍ଧା ବଢିଛି ଯେ ତା'ନୁହେଁ ଏପରିକି ବଲୋଚସ୍ଥାନରେ ଥିବା ଖଣିଜ ସଂପଦକୁ ନିଜ ହାତକୁ ନେବାପାଇଁ ଆମେରିକା ପୁଞ୍ଜି ନିବେଶ କରିବାକୁ ଘୋଷଣା କରିଛି । ଖଣିଜ ସଂପଦ ଉପରେ ଆଖି ପକାଇଥିବା ଆମେରିକାକୁ ବଲୋଚମାନଙ୍କ ସହ ଲଢିବାକୁ ହେବ । ପୂର୍ବରୁ ଆଫଗାନିସ୍ଥାନରେ କୋଡିଏ ବର୍ଷ ଧରି ପଠାନ ବଲୋଚବାହିନୀ ସହ ଆମେରିକା ସେନା ଲଢି ଶେଷରେ ଗାଡି ବନ୍ଧୁକ, ଗୁଳିଗୋଳା ଛାଡି ଆମେରିକାକୁ ଫେରିଯିବାକୁ ବାଧ ହୋଇଥିଲା । ଏବେ ପୁନର୍ବାର ସେହି ସ୍ଥିତିର ପୁନରାବୃ□ ହେବ । ଏହି ଉଦ୍ଦେଶ୍ୟରେ ଏସ୍.ଜୟଶଙ୍କର କହିଛନ୍ତି ଯେ ପାକ୍-ଆମେରିକା ସଂପର୍କ ପରସ୍ପରକୁ ଠକିବା ଏବଂ ପରେ ଭୁଲିଯିବା ଉପରେ ଆଧାରିତ । ଆମେରିକା ଉପରେ ସନ୍ତ୍ରାସୀ ଆକ୍ରମଣ ପରେ ଆବୋଟାବାଦରେ ପାକ୍ ହିଁ ଲାଡେନ୍‌କୁ ଲୁଚାଇ ରଖିଥିଲା ତେଣୁ ଏହି ଦୁଇଦେଶର ସଂପର୍କ ନୀତି ଆଧାରିତ ନୁହେଁ । ଆମେରିକାର ବାଣିଜ୍ୟ ପରାମର୍ଶଦାତା ପିଟର ନଭାରୋ ଭାରତକୁ ବାରମ୍ବାର ଧମକ ଦେଇ ଆସୁଥିଲେ । କିନ୍ତୁ ଭାରତ ଚୀନ ସହ ସଂପର୍କ ବୃଦ୍ଧି କରିବାପରେ ଟ୍ରମ୍ପ ପ୍ରଶାସନର ମୁଣ୍ଡ ଖରାପ ହୋଇଯାଇଛି । ଚୀନ ଭାରତ ପାଇଁ ବଜାର ଖୋଲିବା ପରେ ଟ୍ରମ୍ପଙ୍କ ଖେଳ ଫେଲ ମାରିଯାଇଛି । ରୁଷିଆରେ ଭାରତର ବିଦେଶମନ୍ତ୍ରୀ ଜୟଶଙ୍କରଙ୍କ ସହ ସାକ୍ଷାତ ପରେ ରୁଷିଆର ରାଷ୍ଟ୍ରପତି ପୁଟିନ ଉ□ର ଗୋଲାର୍ଦ୍ଧ ଅ□ଳରେ ତୈଳ ଅନୁସନ୍ଧାନ ପାଇଁ ଭାରତ ନିବେଶ କରିବାକୁ କହିଛନ୍ତି । ସେହିପରି ଭାରତର ବିଦେଶମନ୍ତ୍ରୀ ଏସ୍.ଜୟଶଙ୍କର ରୁଷିଆର କମ୍ପାନୀମାନଙ୍କୁ ମେକ ଇନ୍ ଇଣ୍ଡିଆ ଅଭିଯାନରେ ସାମିଲ ହୋଇ ଭାରତୀୟ କମ୍ପାନୀମାନଙ୍କ ସହ ମିଶି ଉତ୍ପାଦନରେ ସାହାଯ୍ୟ କରିବାକୁ କହିଛନ୍ତି । ଏହା ଦେଖି ଟ୍ରମ୍ପଙ୍କ ମୁଣ୍ଡ ଖରାପ ହୋଇଯାଇଛି । କାରଣ ଜାପାନ ଭାରତରେ ୬୮ ବିଲିଅନ ଡଲାର ପୁଞ୍ଜିନିବେଶ କରିବାକୁ କହିଛି । ଆଗାମୀ ଦିନରେ ଭାରତରେ ବିକାଶହାର ଅଧିକ ରହିବ ବୋଲି ଜଣାଯାଉଥିବା ହେତୁ ଜାପାନ ନିଜ ନିବେଶର ସୁରକ୍ଷା ଚାହୁଁଛି । ଶୁଣାଯାଉଛି ଯେ ଆଗାମୀ ଦିନରେ ଜାପାନ ବ୍ରିକ୍ସ ଗୋଷ୍ଠୀରେ ସାମିଲ ହେବାକୁ ଯାଉଛି । କାରଣ ବ୍ରିକ୍ସରେ ଜାପାନ ପାଇଁ ଅନେକ ବାଣିଜ୍ୟିକ ସୁଯୋଗ ରହିଛି । ଟ୍ରମ୍ପଙ୍କ ଏସିଆ ପ୍ରତି ଦୃଷ୍ଟିକୋଣ ସଂକୀର୍ଣ୍ଣ ଥିବା ହେତୁ ଜାପାନ ଅସୁରକ୍ଷିତ ମନେକରୁଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଆମେରିକା ପ୍ରଭାବରୁ ମୁକ୍ତି ପାଇବାକୁ ଜାପାନ ଉଦ୍ୟମ କରିଆସିଛି । ଜାପାନର ଏହି ପଦକ୍ଷେପ ପରେ ଆମେରିକାର ଟ୍ରମ୍ପ ପ୍ରଶାସନର ନିଜ ହଜିଯାଇଛି । ଆମେରିକାର ମୁଣ୍ଡ ଖରାପ କରିବା ଦିଗରେ ଅଧିକ ସକ୍ରିୟ ରହିଛନ୍ତି ଏକ୍ସର ମାଲିକ ଏଲନ ମସ୍କ । ଗତ ମଇ ମାସରେ ଟ୍ରମ୍ପ ପ୍ରଶାସନରୁ ଇସ୍ତଫା ଦେଇ ଆମେରିକାରେ ନୂଆ ରାଜନୈତିକ ଦଳ ଗଠନ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ଜୁନ ମାସରେ ଏଲନ ମସ୍କ ଏକ୍ସରେ ହ୍ୱାଇଟ୍ ହାଉସର ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ କାର୍ଯ୍ୟାଳୟର ନିର୍ଦ୍ଦେଶକ ଥିବା ସର୍ଗିଓ ଗୋରଙ୍କୁ "ସାପ" ବୋଲି କହିଥିଲେ । ସେହି ସର୍ପ ଏବେ ଭାରତରେ ଆମେରିକାର ରାଷ୍ଟ୍ରଦୂତ ଭାବେ ନିଯୁକ୍ତି ପାଇବାକୁ ଯାଉଛନ୍ତି । ନିକଟରେ ତାଙ୍କ ନିଯୁକ୍ତି ବିଷୟ ଟ୍ରମ୍ପ ଘୋଷଣା କରିଛନ୍ତି । ସର୍ଗିଓ ଟ୍ରମ୍ପଙ୍କର ପୁରୁଣାବନ୍ଧୁ, ଟ୍ରମ୍ପଙ୍କ ପୁସ୍ତକର ପ୍ରକାଶକ, ନିର୍ବାଚନ ପ୍ରଚାର କାଳରେ ଟ୍ରମ୍ପଙ୍କ ପାଇଁ କାର୍ଯ୍ୟ କରିଥିଲେ । ୧୯୮୬ରେ ଉଜବେକିସ୍ତାନର ତାସ୍‌କେ□ ସହରରେ ସର୍ଗିଓଙ୍କ ଜନ୍ମ । ଭାରତକୁ ନିୟନ୍ତ୍ରଣ କରିବାକୁ ସର୍ଗିଓ ଆମେରିକାର ପ୍ରଶାସନକୁ ସାହାଯ୍ୟ କରିବେ ବୋଲି ଟ୍ରମ୍ପ ଆଶା ରଖିଛନ୍ତି ହେଲେ ମସ୍କଙ୍କ ଘୋଷିତ ସର୍ପ କେତେଦୂର ଭାରତରେ ସଫଳ ହେବେ ତାହା କେବଳ ସମୟ କହିବ । ଆମେରିକାକୁ ଇଙ୍ଗିତ କରି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ଆମେ ସ୍ଥିର ପାଣି ଦେଖି କୂଳରେ ବସିରହିବା ଲୋକ ନୋହୁଁ । ତୀବ୍ର ଜଳଧାରାର ମୋଡ ବଦଳାଇବା ହେଉଛି ଆମର କାମ । ଠିକ୍ ସେମିତି ଏସ୍.ଜୟଶଙ୍କର ଏକ ସାକ୍ଷାତକାର ଅବସରରେ କହିଛନ୍ତି ଯେ ରୁଷିଆଠାରୁ ତୈଳ ଗ୍ୟାସ କିଣିବାରେ ଆମର କିଛି ଅସୁବିଧା ନାହିଁ, ଯାହାର ଅସୁବିଧା ହେଉଛି ସେ କିଣି ନପାରେ । ବାରମ୍ବାର ଆମେରିକା ଭାରତକୁ ରୁଷିଆଠାରୁ ତୈଳ ଓ ଗ୍ୟାସ ନ କିଣିବାକୁ କହିଆସୁଛି । ଯାହାକୁ ଲକ୍ଷ୍ୟ କରି ମୋଦି ଲାଲକିଲ୍ଲା ଭାଷଣରେ କୌଣସି ବାହ୍ୟ ଚାପ ନିକଟରେ ଭାରତର ନଇଁବ ନାହିଁ ବୋଲି କହି ନିଜ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ । ତେଣୁ ଭାରତ ଟ୍ରମ୍ପଙ୍କ ନିର୍ଦ୍ଦେଶରେ ଯେ କାର୍ଯ୍ୟ କରିବ ନାହିଁ ତାହା ଏଥିରୁ ବୁଝିହେବ । ଆଗାମୀ ଦିନରେ ଭାରତର ପଦକ୍ଷେପ ଟ୍ରମ୍ପଙ୍କ ପାଇଁ ଚିନ୍ତାର କାରଣ ହେବ ।

ଭୁବନେଶ୍ୱର-୭୫୧୦୦୩

# ଗାଜାରେ ଦୁର୍ଭିକ୍ଷ

**ସୌଭାଗ୍ୟ ରଞ୍ଜନ ମହାନ୍ତି**

ଇସ୍ରାଏଲ -ହମାସ ମଧ୍ୟରେ ଯୁଦ୍ଧ ମଧ୍ୟରେ ଗାଜା'ରେ ଦୁର୍ଭିକ୍ଷ ନେଇ ଜାତିସଂଘ ଏଜେନସ୍ ଘୋଷଣା କରିବା ନିଶ୍ଚିତ ଭାବେ ଏକ ବିରଳ ଘଟଣା । ଜାତିସଂଘ ସମର୍ଥିତ ଇଂଟିଗ୍ରେଡେଟ ଫୁଡ୍ ସିକ୍ୟୁରିଟ୍ ଫେଜ୍ କ୍ଲାସିଫିକେସନ୍ (ଆଇପିସି)ର ୨୦ବର୍ଷର ଇତିହାସରେ ମାତ୍ର ୪ଥର ତଥା ୨୦୧୧ରେ ସୋମାଲିଆ, ୨୦୧୭ ଓ ୨୦୨୦ରେ ଦକ୍ଷିଣ ସୁଦାନ ଏବଂ ୨୦୨୪ରେ ସୁଦାନରେ ଦୁର୍ଭିକ୍ଷ ଘୋଷଣା କରିଥିଲା । ଏବେ ଏହି ତାଲିକାରେ ଗାଜା ଯୋଡି ହୋଇଯାଇଛି । ଗଲା ୨୨ତାରିଖ ଦିନ ଗାଜା ଦୁର୍ଭିକ୍ଷ ପ୍ରପିଡିତ ବୋଲି ଜାତିସଂଘ ଏଜେନସ୍ ଆଇପିସି ଘୋଷଣା କରିଛି । ୨୨ତାରିଖ ଦିନ ଆଇପିସି ପ୍ରକାଶ କରିଥିବା ରିପୋର୍ଟରେ କୁହାଯାଇଛି ଯେ, ଗାଜା ଉପରେ ଇସ୍ରାଏଲର ଆକ୍ରମଣ ଯୋଗୁଁ ଖାଦ୍ୟଭାବ ଏବଂ ଅନାହାରରେ ଶିଶୁମାନେ ଅନ୍ତସାରଶୂନ୍ୟ କଙ୍କାଳମୟ, ଜୀର୍ଣ୍ଣଶିର୍ଣ୍ଣ ହୋଇପଡିଥିବା ସ୍ପଷ୍ଟ ଦୃଶ୍ୟମାନ ହେଉଛି । ଯାହାକି ପୁଷ୍ଟିହୀନତା ଓ ଅନାହାର ମୃତ୍ୟୁର କାରଣ ହୋଇଛି । ଗାଜାରେ ଦୁର୍ଭିକ୍ଷ ସମ୍ପୂର୍ଣ୍ଣ ମଣିଷକୃତ ବୋଲି ଜାତିସଂଘ ଘୋଷଣା କରିଛି । ଗତ ଜୁଲାଇ ମାସରେ ଜାତିସଂଘ ଚେତାବନୀ ଦେଇ ଘୋଷଣା କରିଥିଲା ଯେ, ଗାଜା'ର କେତେକ ଅଂଚଳରେ ଦୁର୍ଭିକ୍ଷ ଭଳି ପରିସ୍ଥିତି ଉପୁଜିଥିବା ଦେଖାଦେଇଛି । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ବର୍ତ୍ତମାନଠାରୁ ଯଦି ମୁକାବିଲା ପଦକ୍ଷେପ ଗ୍ରହଣ କରାନଯାଏ, ତେବେ ଦୁର୍ଭିକ୍ଷ ପଡିବା ସୁନିଶ୍ଚିତ । ଏବେ ଦୁର୍ଭିକ୍ଷ ଗାଜାରେ ବିରାଜମାନ କରିସାରିଛି ବୋଲି ଆଇପିସି ଘୋଷଣା କରିଛି । ଉଲ୍ଲେଖଯୋଗ୍ୟ ଯେ, ଗାଜା ବିରୁଦ୍ଧରେ ଇସ୍ରାଏଲର ଯୁଦ୍ଧକୁ ଇତି ମଧ୍ୟରେ ଆସନ୍ତା ଅକ୍ଟୋବର ୭ତାରିଖରେ ୩ବର୍ଷ ପୁରିବାକୁ ଯାଉଥିବାବେଳେ ବର୍ତ୍ତମାନସୁଦ୍ଧା ବୋମା ଓ ରକେଟ ମାଡରେ ୬୦ ହଜାର ଲୋକଙ୍କର ମୃତ୍ୟୁ ଘଟିଲାଣି । ମୃତକଙ୍କ ମଧ୍ୟରେ ଅଧିକାଂଶ ଶିଶୁ ଅନ୍ତର୍ଭୁକ୍ତ ଥିବା କୁହାଯାଏ ।

ଇସ୍ରାଏଲ ଗାଜା ଅବରୋଧ ଏବଂ ଲଗାତାର ବୋମାମାଡ ଜାରି ରଖିଥିବାବେଳେ ଶରଣାର୍ଥୀ ଶିବିର, ଖାଦ୍ୟପାଇଁ ଧାଡିରେ ଥିବା ଶିଶୁ, ମହିଳା, ବୃଦ୍ଧ, ହସ୍‌ପିଟାଲ ଏବଂ ଶିକ୍ଷାନୁଷ୍ଠାନ ଗୁଡିକୁ ଟାର୍ଗେଟ କରିଛି । ନିକଟରେ ଇସ୍ରାଏଲର ବୋମାମାଡରେ ୫ଜଣ ସାମ୍ବାଦିକଙ୍କର ମୃତ୍ୟୁ ଘଟିଥିଲା । ବର୍ତ୍ତମାନ ସୁଦ୍ଧା ୧୯୨ଜଣ ସାମ୍ବାଦିକଙ୍କର ମୃତ୍ୟୁ ଘଟିଥିବା କୁହାଯାଏ । ଉଲ୍ଲେଖଯୋଗ୍ୟ ଯେ, ଇସ୍ରାଏଲର ଗାଜା ଅବରୋଧ ଏବଂ ଗାଜା ଦଖଲ ଅଭିଯାନ ଯୋଗୁଁ ଦୁର୍ଭିକ୍ଷ ପରିସ୍ଥିତି ଉପୁଜିଛି ବୋଲି ସ୍ୱୀକାର କରିବାକୁ ହେବ । ଆଇପିସିର ଦୁର୍ଭିକ୍ଷ ଘୋଷଣା ପରେ ଏବେ ଇସ୍ରଏଲର ପ୍ରଧାନମନ୍ତ୍ରୀ ବେଂଜାମିନ ନେତାନ୍ୟାହୁଙ୍କ ଉପରେ ଯୁଦ୍ଧ ବନ୍ଦ ପାଇଁ ଆନ୍ତର୍ଜାତିକ ଚାପ ବଢିବାରେ ଲାଗିଛି । ମାତ୍ର ଦୁର୍ଭିକ୍ଷ ଅଭିଯୋଗକୁ ଇସ୍ରାଏଲ ବୈଦେଶିକ ପ୍ରତ୍ୟାଖ୍ୟାନ କରିବା ସହ ହମାସ୍‌ର ମିଛ ପ୍ରଚାର ବୋଲି କହିଛି । କିନ୍ତୁ ଆଇପିସି ଏକାକୀ ଦୁର୍ଭିକ୍ଷ ଘୋଷଣା କରିନାହିଁ । ଗତ ମାସରେ ଡକ୍ଟରସ ଉଦାଉଟ୍ ବର୍ଡର, ଅକ୍ସଫାମ, ଆମେଷ୍ଟି ଇଂଟରନ୍ୟାଶନାଲ ପରି ଶତାଧିକ ସଂସ୍ଥାପକ୍ଷରୁ ଇସ୍ରାଏଲ ଭୋକିଲାଙ୍କ ପାଇଁ ସହାୟତା ଯୋଗାଣକୁ ବାଧା ଦେଉଥିବା ନେଇ ଘୋଷଣା କରିଥିଲେ । ଆହୁରି ମଧ ଯୁଦ୍ଧ ଆରମ୍ଭ ହେବା ଦିନ ଠାରୁ ବର୍ତ୍ତମାନ ସୁଦ୍ଧା ଅନାହାରରେ ୨୦୦ରୁ ଉର୍ଦ୍ଧ୍ୱ ଲୋକ ଓ ପିଲାଙ୍କର ମୃତ୍ୟୁ ଘଟିଥିବା ଖାଦ୍ୟ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ପକ୍ଷରୁ କୁହାଯାଇଛି । ସେହିପରି ଖାଦ୍ୟ ସହାୟତା ବଂଟନ ଶିବିରରେ ଇସ୍ରାଏଲର ଆକ୍ରମଣରେ ୧୩୦୦ରୁ ଉର୍ଦ୍ଧ୍ୱ ପାଲେଷ୍ଟାନୀୟଙ୍କ ମୃତ୍ୟୁ ଘଟିଥିବା କୁହାଯାଏ । ଏହା ନିସନ୍ଦେହ ଯେ, ଯୁଦ୍ଧ ବନ୍ଦ ପାଇଁ ଆନ୍ତର୍ଜାତିକ ଉଦ୍ୟମ କ୍ୱଚିତ ହୋଇଥିବାବେଳେ ଜାତିସଂଘ ନିରାପତା ପରିଷଦ ଏବଂ ସାଧାରଣ ପରିଷଦ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଅନ୍ୟପକ୍ଷରେ ଗତ ସପ୍ତାହରୁ ଇସ୍ରାଏଲ ତାର ଲଢେଇକୁ ଆହୁରି ଯୋରଦାର କରିବା ସହ ଲଢୁଆ ବିମାନ, ଟ୍ୟାଙ୍କର ଗାଜା ସହରରେ ପ୍ରସ୍ତୁତ ରଖିଥିବା ରିପୋର୍ଟ ପ୍ରକାଶ ପାଇଛି । ଆହୁରି ମଧ ହମାସକୁ ସମ୍ପୂର୍ଣ୍ଣ ନିପାତ ଓ ପଣବନ୍ଦୀମାନଙ୍କୁ ଖଲାସ କରିଥିବା ସତ୍ତ୍ୱେ ଇସ୍ରାଏଲ ଏବେ ଛଳନାପୂର୍ଣ୍ଣ ଯୁଦ୍ଧ ଚଳାଇଥିବା କୁହାଯାଇପାରେ । ସେହିପରି ୱେଷ୍ଟବ୍ୟାଙ୍କରେ ଥିବା ୩୪୦୦ ନୂତନ ଆଶ୍ରୟ ଗୃହକୁ ଦଖଲ କରିବା ସେନାକୁ ଅନୁମତି ଦେଇଛି । ୱେଷ୍ଟ ବ୍ୟାଙ୍କରେ ହମାସର ଉପସ୍ଥିତି ନଥିବା ଜେନେଭା ସମ୍ମିଳନୀ ଓ ୟୁରୋପୀୟ ସମୁଦାୟ କହିଛି ।

ଏହା ନିସନ୍ଦେହ ଯେ, ଗାଜା ଅକ୍ତିଆର ଏବେ ଇସ୍ରାଏଲର ଲକ୍ଷ୍ୟ ହୋଇଛି । ଏହା ସତ୍ୟ ଯେ, ଇସ୍ରାଏଲକୁ ବିଶ୍ୱର ପ୍ରାୟ ସମସ୍ତ ରାଷ୍ଟ୍ର ବିରୋଧ କରୁଥିବାବେଳେ ଆମେରିକା ଉଦ୍ଦେଶ୍ୟମୂଳକ ସମର୍ଥନ ଜାରି ରଖିଛି । ଆମେରିକାର ନୀରବତା ହିଁ ଇସ୍ରାଏଲକୁ କେବଳ ଯୁଦ୍ଧ ପାଇଁ ଉତ୍ସାହିତ କରିନାହିଁ, ଗାଜାରେ ଦୁର୍ଭିକ୍ଷକୁ ଆମନ୍ତ୍ରଣ କରିଛି ।

ଭୁବନେଶ୍ୱର
ମୋ:୭୯୭୮୬୬୬୪୦୩

## ସଂପାଦକଙ୍କୁ ପତ୍ର

### ଅଖଣ୍ଡତା ବଜାୟ ରହୁ

ମହାଶୟ,

ଆଞ୍ଚଳିକ ବୈଶମ୍ୟ, ବିଭେଦ, ଗରିବଙ୍କୁ ଶୋଷଣ , ଅଧିକାର ହାସଲ ନାଁରେ ରିତିମତ ରାଜନୀତି କରୁଛନ୍ତି କିଛି ମୁଷ୍ଟିମେୟ ଗୃହଶତ୍ରୁ । ବାରମ୍ବାର ଦେଶର ଭିନ୍ନଭିନ୍ନ ପ୍ରାନ୍ତରେ ଅସ୍ଥିରତା, ନକ୍ସଲ ହିଂସା ବଢି ଚାଲିଛି । ଗରିବ,ନିରିହ ଦେଶବାସୀଙ୍କୁ ଢାଲ ଭାବେ ବ୍ୟବହାର କରି ମିଥ୍ୟା ପ୍ରତିଶ୍ରୁତିର ମାଳମାଳ ଲୋଭ ଦେଖାଇ ରାଜନୀତିର ରୁଟି ଶେକା ଯାଉଛି । ଗରିବଙ୍କ ପାଇଁ ବରାଦ ଅର୍ଥକୁ ବାଟ ମାରଣ ପାଇଁ ସହରର ପଞ୍ଚ ତାରକା ହୋଟେଲରେ ମସୁଧା କରୁଛନ୍ତି କିଛି ନ୍ୟାସ୍ତସ୍ୱାର୍ଥ ଗୋଷ୍ଠୀ । ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଜାମ୍ମୁକାଶ୍ମୀରକୁ ଭାରତ ଠାରୁ ଅଲଗା କରିବାକୁ ବିଚ୍ଛିନ୍ନତାବାଦୀ ସଂଗଠନର ନେତା ମାନେ ପ୍ରୟାସ ଜାରି ରଖିଛନ୍ତି ।ଭାରତର ଉତ୍ତରପୂର୍ବ ରାଜ୍ୟର ନାଗରିକଙ୍କୁ ଜାଣିଶୁଣି ଅବହେଳା କରାଯାଉଥିବା କୁହାଯାଇ ଭାରତ ବିରୋଧରେ ନାରା ଦେବାକୁ ପ୍ଲାକାର୍ଡ ଧରେଇ ଦିଆ ଯାଉଛି । ଉଲଫା, ଏନଏସିଏନ,ଏନଏଲଏଫଟି ,ବୋଡ ଲ୍ୟାଣ୍ଡ ଗଠନ ପାଇଁ ବିଭିନ୍ନ ସଂଗଠନ ନାଁରେ ଦେଶ ବିରୋଧରେ ଏକାଠି କରାଯାଉଛି । ଖଟିଖିଆ ମାନଙ୍କୁ ଦେଶ ବିରୋଧରେ ବିଭ୍ରାନ୍ତିକର ଭାଷଣ ଦିଆଯାଇ ଉତ୍ତେଜିତ କରାଯାଇ ଅଖଣ୍ଡ ଭାରତବର୍ଷକୁ ଖଣ୍ଡଖଣ୍ଡ ପାଇଁ ପ୍ରୟାସ ହେଉଛି । ବୋଡଲ୍ୟାଣ୍ଡ, କୁଚବେହାର ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବି ଜୋରଦାର କରାଯାଉଛି । ଦକ୍ଷିଣ ଭାରତୀୟଙ୍କ ମନରେ ଦେଶର ରାଷ୍ଟ୍ରଭାଷାକୁ ନେଇ ବିଦ୍ୱେଶ ଭାବ ମଧ ସୃଷ୍ଟି କରାଯାଉଛି । ସେମାନଙ୍କୁ ଇଂରାଜି ଭାଷାକୁ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଉଛି କିନ୍ତୁ ନିଜର ରାଷ୍ଟ୍ରଭାଷା ହିନ୍ଦି କହିବା ପ୍ରତି ସେଭଳି ଶ୍ରଦ୍ଧା ସୃଷ୍ଟି କରାଯାଉନି । ତେଣୁ ଏସବୁ ପଛରେ କିଛି ଗୋଷ୍ଠୀ ରିତିମତ ଉଧମ କରୁଛନ୍ତି । ଧର୍ମନିରପେକ୍ଷ ଦେଶ ଭାରତକୁ କେବଳ ହିନ୍ଦୁରାଷ୍ଟ୍ର ବୋଲି ଆମର ଭିନ୍ନତା ମଧ୍ୟରେ ଏକତା ଏବଂ ଆମ ଭାଇଚାରା ପରମ୍ପରାରେ ବାରମ୍ବାର ଫାଟ ସୃଷ୍ଟି ପାଇଁ ପ୍ରୟାସ ହେଉଛି ।

ସୁଧାକର ସାହୁ, ପୁରୀ

# ଆପଣ ବି ଦେଇପାରିବେ ଅମୂଲ୍ୟ ଜୀବନ

**ଅଶ୍ୱିନୀ କୁମାର ବାରିକ**

ଅନ୍ୟର ଜୀବନ ବଞ୍ଚାଇବା ଠାରୁ ବଡ଼ ପୁଣ୍ୟ କ'ଣ ହୋଇପାରେ ? ବୋଧହୁଏ ଏଥିପାଇଁ ଲୋକମାନେ ରକ୍ତଦାନ କରିବାରେ ସନ୍ତୋଷ ପାଆନ୍ତି । ଯେ କୌଣସି ସ୍ୱାସ୍ଥ୍ୟବାନ ବ୍ୟକ୍ତି ରକ୍ତଦାନ କରିପାରନ୍ତି, କାରଣ ଏଥିରେ କୌଣସି କ୍ଷତି ନଥାଏ । ଆମ ଦେଶରେ ସ୍ୱାଧୀନତା ଦିବସ, ଗଣତନ୍ତ୍ର ଦିବସ, ଶହୀଦ ଦିବସ ଆଦି ଅବସରରେ ଗଣରକ୍ତଦାନ ଶିବିରମାନ ଆୟୋଜିତ ହେଉଥିବାବେଳେ ବର୍ଷର ବିଭିନ୍ନ ଦିବସରେ ରେଡ଼କ୍ରସ, ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ମାନେ ନିୟମିତ ରକ୍ତଦାନ ଶିବିରର ଆୟୋଜନ କରିଥାନ୍ତି । କିନ୍ତୁ ଏପର୍ଯ୍ୟନ୍ତ ଅନେକଙ୍କ ମନରେ ରକ୍ତଦାନକୁ ନେଇ ଭୟ ରହିଛି । କିଛି ଲୋକ ଭାବନ୍ତି ରକ୍ତଦେଲେ ଶରୀର ଦୁର୍ବଳ ହୋଇଯାଇପାରେ । ତା'ହେଲେ ଆସନ୍ତୁ ଜାଣିବା ରକ୍ତଦାନ ସମ୍ପର୍କରେ କିଛି ତଥ୍ୟ ।

ରକ୍ତଦାନ ପାଇଁ ଜଣଙ୍କର ଆବଶ୍ୟକୀୟ ଯୋଗ୍ୟତା ହେଉଛି ସେ ୧୮ରୁ ୬୦ ବର୍ଷ ବୟସ ଭିତରେ ହୋଇଥିବେ । ଓଜନ ୪୫ କିଗ୍ରା ବା ତାଠାରୁ ଅଧିକ । ପଲ୍‌ସ ରେଟ୍ (ନାଡ଼ିର ସ୍ପନ୍ଦନ) ଓ ବିପି ଉଭୟ ଠିକ୍ ଥିବ । ହିମୋଗ୍ଲୋବିନ (ଏଚ୍‌ବି) ଅତି କମ୍‌ରେ ୧୨.୫ ଥିବ । ଏହାର ପରବର୍ତ୍ତୀ ରକ୍ତଦାନ ଅତି କମ୍‌ରେ ୩ ମାସ ପୂର୍ବରୁ ହୋଇଥିବ । ଏହିମାନେ ହିଁ ରକ୍ତଦାନ କରିପାରିବେ । ଯଦି କୌଣସି ବ୍ୟକ୍ତି ବିପଜ୍ଜନକ ରୋଗରେ ଆକ୍ରାନ୍ତ ନହୋଇ ଅନ୍ୟ ସାଧାରଣ ରୋଗ ପାଇଁ ଚିକିତ୍ସିତ ହେଉଥିବେ ତେବେ ସେ ରକ୍ତଦାନ କରିପାରନ୍ତି । ରକ୍ତଦାନର ଚବିଶ ଘଣ୍ଟା ପୂର୍ବରୁ ନିଶାଦ୍ରବ୍ୟ ବା ମଦ୍ୟ ପାନ କରିଥିବା ଲୋକଙ୍କ କ୍ଷେତ୍ରରେ ସତର୍କତା ଲୋଡ଼ା ପଡ଼ିଥାଏ । ଏହାର ପ୍ରଭାବ ରକ୍ତ ନେଉଥିବା ବ୍ୟକ୍ତିର ରକ୍ତକୁ ଯାଉନାହିଁ ବରଂ ରକ୍ତଦାନ କରୁଥିବା ବ୍ୟକ୍ତିର ଅଙ୍ଗ ଅସୁସ୍ଥ ହୁଏ । କୌଣସି କାରଣବଶତଃ ଯେଉଁ ବ୍ୟକ୍ତି କ୍ରମାଗତ ଭାବରେ ଅସୁସ୍ଥ । ଗର୍ଭବତୀ ବା ପ୍ରସୂତି ମହିଳା ଏବଂ ଋତୁଚକ୍ର ମଧ୍ୟରେ ମହିଳାମାନେ ରକ୍ତଦାନ କରିପାରିବେ ନାହିଁ । ଯେଉଁମାନଙ୍କର ଭୂତାଣୁ ଜନିତ ସଂକ୍ରମଣ ଅଛି, ରକ୍ତଦ୍ୱାରା ଏହି ସଂକ୍ରମଣ ବ୍ୟାପିବାର ଆଶଙ୍କା ଥାଏ । ଲିଭର, ହୃତ୍‌ପିଣ୍ଡ, କିଡ଼ନୀ, ମସ୍ତିଷ୍କ ବା ଫୁସ୍‌ଫୁସ୍ ସମସ୍ୟା ଥିଲେ । ଶ୍ୱାସରୋଗ, କ୍ୟାନସର କିମ୍ବା ହେପାଟାଇଟିସ୍ ଥିଲେ । ଯେଉଁମାନେ ରକ୍ତଚାପ ଔଷଧ ଖାଉଛନ୍ତି ସେମାନେ ରକ୍ତଚାପ ନିୟନ୍ତ୍ରିତ ହେବା ପରେ ରକ୍ତ ଦେଇପାରନ୍ତି । ଥାୟରଏଡ଼ କିମ୍ବା ହରମୋନ ଅସନ୍ତୁଳନ ରୋଗ ଥିଲେ । ଯେଉଁ ବ୍ୟକ୍ତି ନିଜେ ରକ୍ତ ନେଇଥିବେ ବର୍ଷେ ପୂର୍ବରୁ ସେ ରକ୍ତଦାନ କରିପାରିବେ ନାହିଁ । ଜେନେଟିକ୍ ଡିଜଅର୍ଡ଼ର ବା ମାନସିକ ରୋଗ ଥିବା ବ୍ୟକ୍ତିମାନେ । ଡିପ୍ରେସନ ଔଷଧ ଖାଉଥିବା ଲୋକମାନେ ମଧ ରକ୍ତ ଦେଇପାରିବେ ନାହିଁ । ଯେଉଁ ମହିଳାମାନଙ୍କର ୬ମାସ ମଧ୍ୟରେ ଗର୍ଭପାତ ହୋଇଛି କିମ୍ବା ୧ବର୍ଷ ମଧ୍ୟରେ ଅସ୍ତ୍ରୋପଚାର ହୋଇଛି । କୁକୁର କାମୁଡ଼ା ଇଞ୍ଜେକ୍ସନ ନେଇଥିବା ଲୋକମାନେ ୧ବର୍ଷ ମଧ୍ୟରେ ରକ୍ତ ଦେଇପାରିବେ ନାହିଁ । କୁକୁର କାମୁଡ଼ିବା ପରେ ଇଞ୍ଜେକ୍ସନ ନେଇନଥିବା ବ୍ୟକ୍ତିମାନେ ସାରା ଜୀବନ ରକ୍ତ ଦେବେ ନାହିଁ । ହାଡ଼ ଭାଙ୍ଗିଥିଲେ, ଅସ୍ତ୍ରୋପଚାର ଏବଂ ଗଲ୍ ବ୍ଲାଡ଼ର ରିମୁଭ ହୋଇଥିବା ବ୍ୟକ୍ତିମାନେ ୬ ମାସ ମଧ୍ୟରେ ଦେଇପାରିବେ ନାହିଁ । ଅପସ୍ମାର କିମ୍ବା କୁଷ୍ଠରୋଗୀମାନେ ରକ୍ତଦାନ କରିପାରିବେ ନାହିଁ । ଏକାଧିକ ଯୌନ ସାଥୀ ଥିବା ବ୍ୟକ୍ତିମାନେ । ଟାଟୁ କରିଥିଲେ ୬ ମାସ ମଧ୍ୟରେ । ଦାନ୍ତ ଫିଲିଂ କରିଥିଲେ କିମ୍ବା ଚିକିତ୍ସା କରିଥିଲେ ୩ ମାସ ପର୍ଯ୍ୟନ୍ତ । ମ୍ୟାଲେରିଆ ହୋଇଥିଲେ ୩ମାସ ପର୍ଯ୍ୟନ୍ତ ଏବଂ ଟାଇଫଏଡ଼ ହୋଇଥିଲେ ୧ ବର୍ଷ ପର୍ଯ୍ୟନ୍ତ । ଯେଉଁ ବ୍ୟକ୍ତିଙ୍କ ଓଜନ ହଠାତ୍ ୫ / ୧୦ କେଜି କମ୍ ହୋଇଯାଏ ସେମାନେ ଯାଞ୍ଚ ପରେ ରକ୍ତ ଦେଇପାରନ୍ତି । ଯେଉଁମାନଙ୍କ ଠାରେ ଏଡ଼୍‌ସର କୌଣସି ଲକ୍ଷଣ ଅଛି । ଯେଉଁମାନଙ୍କର ହିମୋଗ୍ଲୋବିନ୍ ୧୮ ବା ୧୯ ଉପରକୁ ଚାଲିଯାଇଥିବ । ଯେଉଁମାନେ ଇନ୍‌ସୁଲିନ୍ ନେଉଛନ୍ତି । ଯଦି ରକ୍ତ ଶର୍କରା ଔଷଧ ଦ୍ୱାରା ନିୟନ୍ତ୍ରଣରେ ଅଛି ତା'ହେଲେ ରକ୍ତଦାନ କରିପାରିବେ । ଯେଉଁମାନଙ୍କର ମୁଣ୍ଡ ବ୍ୟଥା ବା ପେଟରୋଗ ଅଛି ।

ସଂପ୍ରତି ପ୍ରଚଣ୍ଡ ଗ୍ରୀଷ୍ମତାପ ଦେଖା ଦେଇଥିବାବେଳେ ପ୍ରାୟତଃ ଖରାଦିନେ ବିଭିନ୍ନ ରକ୍ତଭଣ୍ଡାରରେ ରକ୍ତ କମିଯାଏ । ଯାହାଫଳରେ ଗୁରୁତର, ମୁମୂର୍ଷୁ, ନିୟମିତ ରକ୍ତ ନେଉଥିବା ସିକିଲସେଲ ରୋଗୀମାନେ ଅନେକ ଅସୁବିଧାର ସମ୍ମୁଖୀ ହୋଇଥାନ୍ତି । ଏସବୁକୁ ଦୃଷ୍ଟିରେ ରଖି ଭାଇଚାରାର ସହର କଟକରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ଅନ୍ୟତମ ସମ୍ଭ୍ରାନ୍ତ କ୍ଲବ କଟକ କ୍ଲବରେ ରାଜ୍ୟର ଅଗ୍ରଣୀ ସମାଜ ସେବୀ ସଂଗଠନ ନାରାୟଣ ଚାରିଟେବଲ ଟ୍ରଷ୍ଟ ଓ କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତର ନିର୍ଭରଯୋଗ୍ୟ ଓ ପ୍ରଖ୍ୟାତ ଶାନ୍ତି ହସ୍ପିଟାଲର ମିଳିତ ସହଯୋଗରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ମୋଟ ୨୬୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । କଟକ କ୍ଲବର ସଭାପତି ତଥା ବିଶିଷ୍ଟ ସମାଜ ସେବୀ ସୁନାମଧନ୍ୟ ଡାକ୍ତର ଶ୍ରୀଜୟ ପଟ୍ଟନାୟକ, ସମ୍ପାଦକ ଶୁଭେନ୍ଦୁ ମୋହନ ପଟ୍ଟନାୟକ, ଉପସଭାପତି ଦେବେଶ ଦାସ, କୋଷାଧ୍ୟକ୍ଷ ସୁଦୀପ୍ତ ପୋଦାର ଓ ନାରାୟଣ ଚାରିଟେବଲ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସଦାଶିବ ପରିଡ଼ା, ଚନ୍ଦ୍ରଜିତ ମହାନ୍ତି ଶିବିରକୁ ଉଦଘାଟନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଅତିଥି ଭାବରେ କ୍ଲବର ପୂର୍ବତନ ସଭାପତି ଡାକ୍ତର ଜୟନ୍ତ ପଣ୍ଡା ଯୋଗଦାନ କରି ରକ୍ତଦାତାଙ୍କୁ ପ୍ରେରଣା ଦେଇଥିଲେ । ବାସ୍ତବରେ ହଜାର ବର୍ଷର ସହର କଟକରେ ଏପରି ରକ୍ତଦାନ ପାଇଁ ଯୁବ ବର୍ଗଙ୍କ ଭିତରେ ଆଗ୍ରହ ନିଶ୍ଚିନ୍ତ ଭାବେ ରକ୍ତଦାତାଙ୍କୁ ପ୍ରେରଣା ଯୋଗାଇବ ।

ଅନେକ ହୁଏତ ଜାଣି ନଥିବେ ଦୁର୍ଘଟଣାର ଆହତ ବ୍ୟକ୍ତିଟି ହୁଅନ୍ତୁ ବା ବଡ଼ ଅସ୍ତ୍ରୋପଚାର, ଅର୍ଗାନ୍ ଟ୍ରାନ୍ସପ୍ଲାଣ୍ଟ ହେଉ ବା ଥାଲାସେମିଆ, ଏନିମିଆ, କ୍ୟାନସର, କେମୋ ଥେରାପି, ଡାୟାଲିସିସ୍, ହେମୋଫିଲିଆ ବା ରକ୍ତ ସମ୍ବନ୍ଧିତ ଅନ୍ୟ ରୋଗ ମାନଙ୍କୁ ରକ୍ତ ଦରକାର ପଡ଼ିଥାଏ । ବାସ୍ତବରେ ରକ୍ତଦାନକୁ ନେଇ ଅନେକଙ୍କ ଭିତରେ ଅନେକ ଭ୍ରାନ୍ତି ଓ ଭୁଲ ବୁଝାମଣା ଥାଏ । ରକ୍ତଦାନ ଏକ ଶ୍ରେଷ୍ଠ ସେବା ଏବଂ ଯେଉଁମାନଙ୍କ ରକ୍ତରୁ ପ୍ଲାଜମା ବା ପ୍ଲାଟଲେକ୍ସ ନିଆଯାଇଛି ଯାଞ୍ଚ ପରେ ସବୁକିଛି ସାଧାରଣ ଥିଲେ ସେ ୭/ ୧୦ ଦିନ ପରେ ପୁଣି ରକ୍ତ ଦେଇପାରିବେ । ଯେଉଁମାନଙ୍କର ଓଜନ ୬୦ କେଜିରୁ କମ୍ ସେମାନେ ଥରକେ ସାଢ଼େ ୩୦୦ ମିଲିଲିଟର ରକ୍ତ ଦେଇପାରିବେ । ଓଜନ ୬୦ କେଜିରୁ ଅଧିକ ହେଲେ ସାଢ଼େ ୪୦୦ ମିଲିଲିଟର ରକ୍ତ ଦେଇପାରିବେ । ଆପଣ ଯେଉଁ ରକ୍ତଦାନ କରୁଛନ୍ତି ତାହାକୁ ଶରୀର ୨୧ ଦିନ ଭିତରେ ପୁନର୍ବାର ପ୍ରସ୍ତୁତ କରିପାରିବ । ପଇସା ବଦଳରେ ରକ୍ତ ମିଳେ ନାହିଁ, ରକ୍ତ ବଦଳରେ ରକ୍ତ ମିଳେ ବ୍ଲଡ଼ ବ୍ୟାଙ୍କରୁ । ଯଥାର୍ଥରେ କୁହାଯାଏ ରକ୍ତ ଦାନ ହେଉଛି ଜୀବନର ଶ୍ରେଷ୍ଠ ଦାନ । ରକ୍ତଦାନ ଜୀବନ ଦାନ ଏହି ମହାମନ୍ତ୍ରକୁ ଆପଣାଇ ଜୀବନରେ ରକ୍ତଦାନ ପରି ସେବା ଧର୍ମରେ ନିୟୋଜିତ ରହିବା ଯଥାର୍ଥରେ ମାନବୀୟମୂଲ୍ୟବୋଧର ପରିପ୍ରକାଶ ହୋଇଥାଏ ।

ବାଲିକୁଦା, ଜଗତସିଂହପୁର
ମୋ:୯୩୩୭୦୫୫୬୨୨

## ସରକାରୀ ଚାକିରିଆରୁ ବଡି ବିଲ୍ଡର

ଯାହା ନହୋଇଛି ବାଲ୍ୟ କାଳେ, ତାହା କି ହେବ ପାଚିଲା ବାଳେ'... ଏହି ଉକ୍ତିଟିକୁ ଭୁଲ ପ୍ରମାଣିତ କରି ଯାହା ନହୋଇଥିଲା ବାଲ୍ୟ କାଳେ ତାହାକୁ ବୃଦ୍ଧ କାଳରେ କରି ଦେଖାଇଛନ୍ତି ୬୫ ବର୍ଷିୟ ମନୋଜ ବିହାରୀ ଦାସ । 'ଏଜ୍ ଇଜ୍ ଜଷ୍ଟ ଏ ନମ୍ବର'ର ମଧ୍ୟ ଜ୍ୱଳନ୍ତ ଉଦାହରଣ ପାଲଟିଛନ୍ତି । ପରିଣତ ବୟସରେ ସେ ବିଦେଶରେ ଚମକି ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଯେଉଁ ବୟସରେ ଘରେ ବିଶ୍ରାମ ନେବା କଥା ସେହି ବୟସରେ ବଡି ବିଲ୍ଡିଂ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଥାଇଲାଣ୍ଡରେ ଆୟୋଜିତ ଏସିଆନ ବଡି ବିଲଡିଂ ଚାମ୍ପିୟନସିପରେ ଏହି ସଫଳତା ପାଇଛନ୍ତି ବାଲେଶ୍ୱରର ମନୋଜ ବିହାରୀ ଦାସ । ସରକାରୀ ଚାକିରିରୁ ଅବସର ପରେ ସେ ହୋଇଯାଇଛନ୍ତି ବଡି ବିଲ୍ଡର । ବୟସର ଅପରାହ୍ନରେ ଅନେକ ଶାରୀରିକ ଅକ୍ଷମତା ଯୋଗୁଁ ସଜ୍ୟାଶାୟୀ ହୋଇ ପଡନ୍ତି । କେହି କେହି ସୁସ୍ଥ ଥାଇ ବି କିଛି କାମ କରିବାକୁ ସକ୍ଷମ ହୋଇନଥାନ୍ତି । କିନ୍ତୁ ସେମାନଙ୍କ ମଧ୍ୟରୁ ଟିକିଏ ଭିନ୍ନ ଥିଲେ ମନୋଜ । ୬୫ ବର୍ଷ ବୟସରେ ବି ସେ ପୁରା ଫିଟ୍ ଅଛନ୍ତି । ତାଙ୍କୁ ଦେଖିଲେ କେହିବି ତାଙ୍କ ବୟସକୁ ବିଶ୍ୱାସ କରିବେନି । ଜଣେ ସରକାରୀ କର୍ମଚାରୀ ହୋଇ ମଧ୍ୟ ସେ ନିଜର ସ୍ୱାସ୍ଥ୍ୟ ପ୍ରତି ବେଶ ଯତ୍ନବାନ ଥିଲେ । ରେମୁଣା ବିଇଓ ଅଫିସରେ ମନୋଜ ଜଣେ ସେକ୍ସନ ଅଫିସର ଭାବେ କାର୍ଯ୍ୟ କରୁଥିଲେ । ୨୦୨୧ ମସିହା ଜୁନ ମାସରେ ସେ ଅବସର ନେଇଥିଲେ । ଚାହିଁଥିଲେ ପେନସନ ଟଙ୍କାରେ ବାକି ଜୀବନ ବୁଲା ବୁଲି କରି କାଟି ପାରିଥାନ୍ତେ । କିନ୍ତୁ ଘରେ ବସି ରହିବା ତାଙ୍କର ପସନ୍ଦ ନୁହଁ । ବିଭିନ୍ନ ସ୍ଥାନରେ ହେଉଥିବା ବଡି ବିଲ୍ଡିଂ ପ୍ରତିଯୋଗିତାରେ ଭାଗ ନେବା ଆରମ୍ଭ କରିଥିଲେ । ଚଳିତ ମାସ ୧୮ ତାରିଖରୁ ୨୫ ତାରିଖ ଯାଏ ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକରେ ଅନୁଷ୍ଠିତ ହୋଇଥିଲା ୫୭ତମ ଏସିଆନ ବଡି ବିଲ୍ଡିଂ ଚାମ୍ପିୟନସିପ । ସେଥିରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ ମାଷ୍ଟର ମେନ୍ସ ବଡି ବିଲ୍ଡିଂରେ ଅଂଶ ଗ୍ରହଣ କରିଥିଲେ ମନୋଜ । ଏଥିରେ ଏସିଆର ୨୨ ଟି ଦେଶର ୩୦ ପ୍ରତିଯୋଗୀ ଭାଗ ନେଇଥିଲେ । ଭାରତରୁ ଦୁଇଜଣ ପ୍ରତିନିଧିତ୍ୱ କରୁଥିଲେ । ସେମାନଙ୍କ ମଧ୍ୟରୁ ମନୋଜ ଥିଲେ ଜଣେ । ଶେଷରେ ୨୭ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ମେଡାଲ ହାସଲ କରିଥିଲେ । ଭାରତ ତଥା ଓଡ଼ିଶା ପାଇଁ ଗୌରବ ଆଣିଥିବା ମନୋଜ ଦାସଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ମନୋଜ ଥାଇଲାଣ୍ଡରୁ ଗତ ସୋମବାର ଦିନ ଘରକୁ ଫେରିଥିଲେ । ସେ ସବୁଦିନ ଯେଉଁ ଜିମ୍‌ରେ ବ୍ୟାୟାମ କରନ୍ତି ସେହି ଜିମ ଦ୍ୱାରା ତାଙ୍କ ପାଇଁ ଏକ ରୋଡ୍ ସୋର ଆୟୋଜନ କରାଯାଇଥିଲା ।



## ବିଶ୍ୱ ଚାମ୍ପିଅନ୍ ଅଧିନାୟକଙ୍କୁ ଚର୍ମ କର୍କଟ

ଅଷ୍ଟ୍ରେଲିଆ କ୍ରିକେଟ କିମ୍ବଦନ୍ତୀ ମାଇକେଲ୍ କ୍ଲାର୍କ ପୁଣି ଥରେ ଚର୍ମ କର୍କଟ ରୋଗରେ ପୀଡିତ ହୋଇଛନ୍ତି । କ୍ଲାର୍କ ଇନଷ୍ଟାଗ୍ରାମରେ ଫ୍ୟାନ୍ସଙ୍କୁ ଏହି ଅପଡେଟ୍ ସେୟାର କରିଛନ୍ତି । ତେବେ ତାଙ୍କ ନାକରେ କର୍କଟ ରୋଗ ଅସ୍ତ୍ରୋପଚାର ହୋଇଛି । ୪୪ ବର୍ଷୀୟ ପୂର୍ବତନ ଅଧିନାୟକ ପ୍ରଥମେ ୨୦୦୬ ମସିହାରେ ଏହି ରୋଗରେ ଚିହ୍ନଟ ହୋଇଥିଲେ । ଇନଷ୍ଟାଗ୍ରାମରେ କ୍ଲାର୍କ ସେୟାର କରିଥିବା ଫଟୋରେ ଦେଖାଯାଉଛି ତାଙ୍କ ନାକରେ ପ୍ଲାଷ୍ଟର ହୋଇଛି । କ୍ଲାର୍କ ଲେଖିଛନ୍ତି, 'ଚର୍ମ କର୍କଟ ଏକ ପ୍ରକୃତ ରୋଗ, ବିଶେଷକରି ଅଷ୍ଟ୍ରେଲିଆରେ । ଆପଣଙ୍କ ଚର୍ମ ଯାଂଚ କରିବା ପାଇଁ ମନେ ପକେଇ ଦଉଛି । ଆଗୁଆ ପ୍ରତିଶେଧକ ଚିକିତ୍ସା ଅପେକ୍ଷା ଭଲ କିନ୍ତୁ ମୋ କ୍ଷେତ୍ରରେ ନିୟମିତ ଯାଂଚ ଏବଂ ପ୍ରାରମ୍ଭିକ ଚିହ୍ନଟ ଗୁରୁତ୍ୱପୂର୍ଣ୍ଣ । ମୁଁ ବହୁତ କୃତଜ୍ଞ ଯେ ଡାକ୍ତର ଏହାକୁ ଶୀଘ୍ର ଧରିଥିଲେ ।' ଅଷ୍ଟ୍ରେଲିଆ ପାଇଁ ୧୧୫ ଟେଷ୍ଟ ଏବଂ ୨୪୫ ଦିନିକିଆ ଖେଳିଥିବା କ୍ଲାର୍କଙ୍କ ୨୦୨୨ ମାର୍ଚ୍ଚରେ କପାଳରୁ ଚର୍ମ କର୍କଟ ହଟାଇବା ପାଇଁ ଅସ୍ତ୍ରୋପଚାର କରାଯାଇଥିଲା । ଗତ ବର୍ଷ, ତାଙ୍କ ଛାତିରୁ ଏକ ବିପଜ୍ଜନକ ବେସାଲ୍ ସେଲ୍ କାର୍ସିନୋମା ବାହାର କରିବା ପାଇଁ ଅସ୍ତ୍ରୋପଚାର କରାଯାଇଥିଲା । ୨୦୨୩ ମସିହାରେ ଦି ଟେଲିଗ୍ରାଫ୍ ସହିତ କଥାବାର୍ତ୍ତାରେ କ୍ଲାର୍କ ଜଣେ କ୍ରିକେଟର ଭାବରେ ସୂର୍ଯ୍ୟକିରଣରେ ଦୀର୍ଘ ସମୟ ବିତାଇବା କାରଣରୁ ଚର୍ମ କର୍କଟ ହୋଇଥିବା କହିଥିଲେ । ସେ କହିଥିଲେ, 'କଳ୍ପନା କରନ୍ତୁ ଭାରତରେ ଦିନକୁ ଆଠ ଘଂଟା ସୂର୍ଯ୍ୟକିରଣରେ ଫିଲ୍ଡିଂ କରୁଛନ୍ତି, ବହୁତ ଖେଳାଳି ସବୁଜ ଟୋପି ପିନ୍ଧୁଛନ୍ତି, ତେଣୁ ଆପଣ ଆପଣଙ୍କ କାନ କିମ୍ବା ମୁହଁକୁ ସୁରକ୍ଷା ଦେଉନାହାଁନ୍ତି । ଆପଣ ଏକ ଛୋଟ ହାତର ସାର୍ଟ ପିନ୍ଧନ୍ତି, ତେଣୁ ଆପଣଙ୍କ ହାତ ଏବଂ ଉପର ବାହୁ ଖୋଲା ହୋଇଥାଏ ।' କ୍ଲାର୍କ ୭୪ଟି ଟେଷ୍ଟ ଏବଂ ୧୩୯ଟି ଦିନିକିଆରେ ଅଷ୍ଟ୍ରେଲିଆର ଅଧିନାୟକତ୍ୱ କରିଥିଲେ । ୨୦୧୩-୧୪ରେ ଦଳକୁ ୫-୦ ଆସେସ୍ ବିଜୟୀ କରିଥିଲେ ଏବଂ ୨୦୧୫ରେ ବିଶ୍ୱକପ୍ ଟାଇଟଲ୍ ଦେଇଥିଲେ । ବ୍ୟାଟ୍ ସହିତ ତାଙ୍କର ପ୍ରଭାବଶାଳୀ ପ୍ରଦର୍ଶନ ପାଇଁ ତାଙ୍କୁ ୨୦୧୩ରେ ଆଇସିସି କ୍ରିକେଟର୍ ଅଫ୍ ଦି ଇୟର ଏବଂ ଆଇସିସି ଟେଷ୍ଟ କ୍ରିକେଟର୍ ଅଫ୍ ଦି ଇୟର ପୁରସ୍କାର ଦିଆଯାଇଥିଲା ।



## ନୀରଜ ନେବେ ନେତୃତ୍ୱ

ଟୋକିଓରେ ସେପଟେମ୍ବର ୧୩ରୁ ୨୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତା ଲାଗି ୧୯ (୫ ମହିଳା) ଜଣିଆ ଭାରତୀୟ ଦଳ ରବିବାର ଘୋଷିତ ହୋଇଛି । ବିଶ୍ୱ ବିଜେତା ନୀରଜ ଚୋପ୍ରାଙ୍କ ନେତୃତ୍ୱରେ ଘୋଷିତ ଏହି ଦଳରେ ଓଡ଼ିଶାରୁ କେବଳ ଧାବକ ଅନିମେଷ କୁଜୁର ସ୍ଥାନ ପାଇଛନ୍ତି । ନୀରଜଙ୍କ ସହ ଜାଭଲିନ୍‌ରେ ୪ ଜଣ ସଚିନ ଯାଦବ, ଯଶବୀର ସିଂହ ଓ ରୋହିତ ଯାଦବ ରହିଛନ୍ତି । ନୀରଜ ?ଗତ ସଂସ୍କରଣ ବିଜେତା ଭାବେ ୱାଇଲ୍ଡ କାର୍ଡ ପାଇ ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ୩ ଭାରତୀୟ ଗୁଲବୀର ସିଂହ (୫୦୦୦ ମିଟର), ପ୍ରବୀଣ ଚିତ୍ରାଭେଲ (ଟ୍ରିପଲଜମ୍ପ) ଓ ପାରୁଲ ଚୌଧୁରୀ (୩୦୦୦ ମିଟର ଷ୍ଟିପଲ୍‌ଚେଜ୍) ଯୋଗ୍ୟତା ମାନଦଣ୍ଡ ପୂରଣ କରି ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଅନ୍ୟ ୧୫ ଜଣ ବିଶ୍ୱ ମାନ୍ୟତା ଅନୁଯାୟୀ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି । ଯୋଗ୍ୟତା ଅର୍ଜନ କରିଥିବା ଅବିନାଶ ସାବ୍‌ଲେ ଫିଟ୍ ନଥିବାରୁ ଚୟନରୁ ଓହରି ଯାଇଥିଲା ବେଳେ ସମାନ କାରଣରୁ ନନ୍ଦିନୀ ଅଗସାରା ଓ ଆକାଶଦୀପ ସିଂହଙ୍କୁ ଦଳରେ ସ୍ଥାନ ମିଳିନି । ନୀରଜ ଚୋପ୍ରା, ସଚିନ ଯାଦବ, ଯଶବୀର ସିଂହ, ରୋହିତ ଯାଦବ (ଜାଭ୍‌ଲିନ୍), ଗୁଲବୀର ସିଂହ (୫୦୦୦ ମିଟର), ପ୍ରବୀଣ ଚିତ୍ରାଭେଲ, ଅବଦୁଲ୍ଲା ଆବୁବାକର (ଟ୍ରିପଲ୍‌ଜମ୍ପ), ସର୍ବେଶ କୁଶାରେ (ହାଇଜମ୍ପ), ଅନିମେଷ କୁଜୁର (୨୦୦ ମିଟର), ମୁରଲୀ ଶ୍ରୀଶଙ୍କର (ଲଙ୍ଗଜମ୍ପ), ସର୍ବିନ ସେବାଷ୍ଟିଆନ୍ (୨୦ କିମି ରେସ୍‌ୱାକ୍), ସନ୍ଦୀପ, ରାମ ବାବୁ (୩୫ କିମି ରେସ୍‌ୱାକ୍), ଗୁଲବୀର ସିଂହ (୧୦୦୦୦ ମିଟର), ତେଜାସ ଶିର୍ସେ (୧୧୦ ମିଟର ବାଧାଦୌଡ଼) । ପାରୁଲ ଚୌଧୁରୀ, ଅଙ୍କିତା (୩୦୦୦ ମିଟର ଷ୍ଟିପଲ୍‌ଚେଜ୍), ଅନୁ ରାଣୀ (ଜାଭ୍‌ଲିନ୍), ପ୍ରିୟଙ୍କା ଗୋସ୍ୱାମୀ (୩୫ କିମି ରେସ୍‌ୱାକ୍), ପୂଜା (୧୫୦୦, ୮୦୦ ମିଟର) ।



## କ୍ଷତିପୂରଣ ରାଶି ବଢାଇଲା ଆରସିବି

ଆଇପିଏଲ ୨୦୨୫ ଫାଇନାଲରେ ପଞ୍ଜାବକୁ ହରାଇ ଟାଇଟଲ ହାସଲ କରିଥିଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ । ଟ୍ରଫି ଜିତିବା ପରେ ବିଜୟ ଉତ୍ସବ ମନାଇବା ପାଇଁ ବେଙ୍ଗାଲୁରୁ ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଏକ କାର୍ଯ୍ୟକ୍ରମ ରହିଥିଲା । ଏଥିପାଇଁ କ୍ରିକେଟ ଷ୍ଟାଡିୟମ ବାହାରେ ଅନେକ ଫ୍ୟାନ୍ସ ଜମା ହୋଇଥିଲେ । ଆଉ ଷ୍ଟାଡିୟମରେ ମାଗଣା ଏଂଟ୍ରି ନେଇ ଦଳାଚକଟା ଆରମ୍ଭ ହୋଇଥିଲା । ଫଳରେ ୧୧ ଜଣଙ୍କ ଜୀବନ ଚାଲିଯାଇଥିଲା । ଏବେ ଆରସିବି ଟିମ୍ ତରଫରୁ ଦଳାଚକଟାରେ ଜୀବନ ହରାଇଥିବା ପରିବାର ପାଇଁ କ୍ଷତିପୂରଣ ଘୋଷଣା କରିଛି । ପୂର୍ବରୁ ଜଉଇ ପକ୍ଷରୁ ଜାରି ହୋଇଥିବା ବୟାନ ମୁତାବକ, ମୃତକଙ୍କ ପରିବାରକୁ ୧୦-୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ନିଷ୍ପତି ନିଆଯାଇଛି । ଆରସିବି ତରଫରୁ ସୋସିଆଲ ମିଡିଆ ପ୍ଲାଟଫର୍ମରେ ପୋଷ୍ଟରେ ଲେଖାଯାଇଛି, ଜୁନ ୪ ୨୦୨୫ରେ ଆମ ହୃଦୟ ଭଙ୍ଗିଯାଇଥିଲା । ଆମେ ଆରସିବି ପରିବାରର ୧୧ ଜଣ ସଦସ୍ୟଙ୍କୁ ହରାଇଥିଲୁ, ଯେଉଁମାନେ ଆମର ଅଂଶ ଥିଲେ । ସେମାନଙ୍କ ଅନୁପସ୍ଥିତି ଆମ ସ୍ମୃତିରେ ରହିଯିବ । ସେମାନଙ୍କ ସ୍ଥାନ କେହି ପୂରଣ କରିପାରିବେ ନାହିଁ । କିନ୍ତୁ ଆମେ ସମ୍ମାନର ସହିତ ସେମାନଙ୍କ ପରିବାରକୁ ୨୫-୨୫ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବୁ । କେବଳ ଆର୍ଥିକ ସହାୟତା ନୁହେଁ, ବରଂ ଏକତା ଏବଂ ନିରନ୍ତର ଦେଖାଶୁଣା ପାଇଁ । ଆରସିବି କେୟାରର୍ସର ଆରମ୍ଭ । ସୂଚନାଯୋଗ୍ୟ, ଜୁନ୍ ୩ ତାରିଖରେ ଆଇପିଏଲ ୨୦୨୫ ଫାଇନାଲରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଜିତିବା ପରେ ବେଙ୍ଗାଲୁରୁରେ ବିଜୟ ଉତ୍ସବ ପାଇଁ ପ୍ରସ୍ତୁତି ହୋଇଥିଲା । ପ୍ରଥମେ ବିଜୟ ପରେଡ ପାଇଁ ଯୋଜନା ହୋଇଥିବା ବେଳେ ପରେ ଟ୍ରାଫିକ ଜାମ୍ ଦେଖି ବିଜୟ ପରେଡକୁ ଅନୁମତି ଦେଇନଥିଲା ବେଙ୍ଗାଲୁରୁ ପୋଲିସ । ବିଜୟ ପରେଡ ପରେ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ସମ୍ବର୍ଦ୍ଧନା ସମାରୋହ କାର୍ଯ୍ୟକ୍ରମ ରହିଥିଲା । ବିଜୟ ପରେଡ ପାଇଁ ଅନୁମତି ନ ମିଳିବାରୁ ଭିଡ଼ ଷ୍ଟାଡିୟମ ବାହାରେ ଜମା ହୋଇଥିଲା । ପ୍ରିୟ ଟିମକୁ ଦେଖିବା ପାଇଁ ଫ୍ୟାନ୍ସଙ୍କ ମଧ୍ୟରେ ଦଳାଚକଟା ଆରମ୍ଭ ହୋଇଯାଇଥିଲା । ଯେଉଁଥି ପାଇଁ ୧୧ ଜଣଙ୍କର ଜୀବନ ଚାଲିଯାଇଥିବା ବେଳେ ଅନେକ ଆହତ ହୋଇଥିଲେ ।



## ରଶ୍ମିତାଙ୍କୁ ପଚାରିଲେ ମୋଦି

ମନ୍ କି ବାତ୍‌ରେ ସ୍ଥାନ ପାଇଲେ ପୁଣି ଜଣେ ଓଡ଼ିଆ । ୧୨୫ ତମ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଓଡ଼ିଶାର ରଶ୍ମିତା ସାହୁଙ୍କୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଶ୍ରୀନଗରରେ ଆୟୋଜିତ ଖେଲୋ ଇଣ୍ଡିଆ ଜଳକ୍ରୀଡା ମହୋତ୍ସବରେ ଭାଗ ନେଇ କାନୋଇଂରେ (ନୌଚାଳନା) ଉଚ୍ଚକୋଟିର ପ୍ରଦର୍ଶନ କରି ୨ଟି ସ୍ୱର୍ଣ୍ଣ ଜିତିଥିଲେ ରଶ୍ମିତା । କ୍ରୀଡା ଜୀବନୀ ନେଇ ରଶ୍ମିତାଙ୍କ ସହ ଫୋନ ଯୋଗେ କଥା ହୋଇ ପଚାରି ବୁଝିଛନ୍ତି ମୋଦି । ମନ୍ କି ବାତରେ ମୋଦି କହିଥିଲେ ଯେ ଦେଶରେ ପ୍ରଥମ ଥର ପାଇଁ ଖେଲୋ ଇଣ୍ଡିଆ ଜଳକ୍ରୀଡା ମହୋତ୍ସବ ଆୟୋଜନ ହୋଇଥିଲା । ତାହା ପୁଣି ଶ୍ରୀନଗରର ଡାଲ ହ୍ରଦରେ ହୋଇଥିଲା । ଏହି ଉତ୍ସବ ଆୟୋଜନ କରିବାକୁ ପାଇଁ ଏହା ଅତ୍ୟନ୍ତ ଭଲ ସ୍ଥାନ । ଏହାର ଉଦ୍ଦେଶ୍ୟ ଜମ୍ମୁ କାଶ୍ମୀରରେ ଜଳକ୍ରୀଡା ମହୋତ୍ସବକୁ ଲୋକପ୍ରିୟ କରିବା । ଭାରତର ୮୦୦ରୁ ଅଧିକ ଆଥଲେଟ୍ସ ଏଥିରେ ଭାଗ ନେଇଥିଲେ । ମହିଳା ମାନେ ମଧ୍ୟ ପଛରେ ନଥିଲା । ଯେଉଁ ମାନେ ଏଥିରେ ଭାଗ ନେଇ ମେଡାଲ ଜିତିଛନ୍ତି ସମସ୍ତଙ୍କୁ ମୋର ଶୁଭେଚ୍ଛା । ଏଥି ସବୁଠାରୁ ଅଧିକ ମେଡାଲ ଜିତିଥିବା ରାଜ୍ୟ ହେଉଛି ମଧ୍ୟପ୍ରଦେଶ, ହରିୟାଣା ଓ ଓଡ଼ିଶା । ଏଥିରେ ଭାଗ ନେଇଥିବା ୨ ଜଣ ଖେଳାଳିଙ୍କ ସହ ମୁଁ କଥା ହେବାକୁ ଚିନ୍ତା କଲି । ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଓଡ଼ିଶାର ରଶ୍ମିତା ସାହୁ ।

**ରଶ୍ମିତା:** ମୁଁ ଓଡ଼ିଶାର ରଶ୍ମିତା ସାହୁ, ମୁଁ କାନୋଇଂ ଖେଳାଳି । ମୁଁ ୨୦୧୭ରୁ ସ୍ପୋର୍ଟ୍ସରେ ଯୋଗ ଦେଇ କାନୋଇଂ ଆରମ୍ଭ କରିଥିଲି । ନ୍ୟାସନାଲ ଚାମ୍ପିଅନସିପ ଓ ନ୍ୟାସନାଲ ଗେମ୍ସରେ ଅଂଶଗ୍ରହଣ କରିଛି । ନୌଚାଳନାରେ ମୁଁ ୪୧ଟି ମେଡାଲ ଜିତିଛି । ସେଥି ମଧ୍ୟରୁ ୧୩ଟି ଗୋଲ୍ଡ, ୧୪ ଟି ସିଲଭର ଓ ୧୪ଟି ବ୍ରୋଞ୍ଜ ରହିଛି । ମୁଁ ଯେଉଁ ଗାଁରେ ଜନ୍ମ ହେଇଛି ସେଠାରେ ଏହି ଖେଳର କିଛି ବି ନାହିଁ । ନଦୀକୁ ପହଁରି ବାକୁ ମୁଁ ଓ ମୋର ସାଙ୍ଗ ଯାଇଥିଲୁ , ସେଠାରେ ବୋଟିଂ ହେଉଥିବା ଦେଖିବାକୁ ପାଇଲି । ନଦୀର ପହଁରିବା ସମୟରେ ନୌଚାଳନା ଦେଖିଲି, ସେ ସମୟରେ ମୋତେ କିଛି ଜଣାନଥିଲା । ଏ ବିଷୟରେ ମୋ ସାଙ୍ଗକୁ ମୁଁ ପ୍ରଶ୍ନ କରିଥିଲି ଏହା କଣ । ସେ କହିଥିଲା ଯେ ଜଗତପୁରରେ ସାଇ ସ୍ପୋର୍ଟ୍ସ ସେଂଟର ଅଛି । ସେଠାରେ ଏହି ଖେଳ ହୋଇଥାଏ । ମୁଁ ବି ସେଠାକୁ ଯିବାକୁ ଚିନ୍ତା କରିଛି । ଏହାପରେ ମୋର ବି ଇଚ୍ଛା ହେଲା ଏଥିରେ ଯୋଗ ଦେବାକୁ, ମୋ ସାଙ୍ଗକୁ ଏ ବିଷୟରେ କହିଲି । ତା ପରେ ସେ ମୋତେ କହିଲା ସାଇ ସ୍ପୋର୍ଟ୍ସକୁ ଯିବାକୁ ପଡିବ । ଏନେଇ ବାପାଙ୍କୁ ଅନୁମତି ମାଗିଲି । ବାପା ମୋତେ ସେଠାକୁ ନେଇକି ଯାଇଥିଲେ, ସେଠାରେ କୋଚ କହିଥିଲେ ଟ୍ରାଏଲ ଫେବୃଆରୀ , ମାର୍ଚ୍ଚରେ ହେବ, ସେ ସମୟରେ ଆସିବା ପାଇଁ । ତାପରେ ମୁଁ ଟ୍ରାଏଲ ଦେଇଥିଲି । ଏହା ଛଡା ମୋତେ ରନିଂ ଭଲ ଲାଗେ, ଯେତେବେଳେ ଗାଁକି ଯାଏ ସେଠାରେ ଏକ ପୁରୁଣା ପଡିଆରେ ରନିଂ କରେ । ଫୁଟବଲ ବି ମୁଁ ଖେଳେ । ଯେତେବେଳେ ମୁଁ ତୃତୀୟରୁ ୧୦ ଶ୍ରେଣୀ ପଢୁଥିଲି ସବୁ ଖେଳରେ ପ୍ରଥମ ହେଉଥିଲି ।

**ମୋଦି:** ଯେଉଁ ମାନେ ଖେଳରେ ଆଗକୁ ଯିବାକୁ ଚାହିଁଛନ୍ତି ସେମାନଙ୍କୁ ଆପଣ କଣ କହିବେ ?

ରଶ୍ମିତା: ବହୁତ ଝିଅଙ୍କୁ ଘରୁ ବାହାରିବା ପାଇଁ ବାରଣ କରାଯାଏ । ଅନେକ ଅର୍ଥ ସମସ୍ୟା ପାଇଁ ଖେଳ ଛାଡିଦେଉଛନ୍ତି । ଖେଲୋ ଇଣ୍ଡିଆ ଦ୍ୱାରା ଅନେକଙ୍କୁ ଅର୍ଥର ଲାଭ ମଧ୍ୟ ମିଳୁଛି । ଏଥି ପାଇଁ ଅନେକ ଆଗକୁ ଯାଇ ପାରୁଛନ୍ତି । ଯେଉଁ ମାନେ ଖେଳୁଛନ୍ତି ସେମାନେ ଜମାବି ଛାଡନ୍ତୁନି, ଏହା ଦ୍ୱାରା ବହୁତ ଆଗକୁ ଯାଇ ହେବ । ଏହା ଦ୍ୱାରା ଶରୀର ଭଲ ରହିବା ଦେଶ ଦେଶ ପାଇଁ ମେଡାଲ ଜିତିବା ଆମର କର୍ତବ୍ୟ ।

କାନୋଇଂ କଣ ?

କାନୋଇଂ ଏକ ଜଳକ୍ରୀଡା । ଯେଉଁଥିରେ ଏକ ଛୋଟ ଡଙ୍ଗା ଯାହାକୁ କାନୋ କୁହାଯାଏ, ସିଙ୍ଗଲ-ବ୍ଲେଡ୍ ପ୍ୟାଡେଲ୍ ବ୍ୟବହାର କରି ଏହାକୁ ଚଲାଯାଇଥାଏ । ମନୋରଞ୍ଜନ ପାଇଁ ଏହାକୁ ଚାଳନା କରାଯାଇଥାଏ । ପର୍ଯ୍ୟଟନ, କ୍ୟାମ୍ପିଂ କିମ୍ବା ପ୍ରକୃତି ଉପଭୋଗ କରିବା ପରି ଏବଂ ଅଲିମ୍ପିକ୍ସରେ ସ୍ପ୍ରିଙ୍ଗ ଏବଂ ସ୍ଲାଲମ୍ ଇଭେଂଟ୍ ସମେତ ଏକ ପ୍ରତିଯୋଗିତାମୂଳକ ଖେଳ ଭାବରେ ମଧ୍ୟ ଉପଭୋଗ କରାଯାଇପାରିବ । ଏହି ଖେଳର ମୁଖ୍ୟ ବିଶେଷତା ହେଉଛି ଏକ ସିଙ୍ଗଲ-ବ୍ଲେଡ୍ ପ୍ୟାଡେଲ୍ ସହିତ ଏକ କାନୋ (ଏକ ଖୋଲା ଡଙ୍ଗା) ବ୍ୟବହାର, ଏହାକୁ କାୟାକିଂ ଠାରୁ ପୃଥକ କରିଥାଏ, ଯାହା ଏକ କାୟାକ (ଏକ ବନ୍ଦ ଡଙ୍ଗା) ଏବଂ ଏକ ଡବଲ-ବ୍ଲେଡ୍ ପ୍ୟାଡେଲ୍ ବ୍ୟବହାର କରାଯାଏ ।



## ଫେଡେରରଙ୍କୁ ପଛରେ ପକାଇଲେ ଜାନିକ୍ ସିନର

ୱିମ୍ବଲଡନ ୨୦୨୫ ବିଜେତା ଜାନିକ୍ ସିନର ଓପନ୍ ୨୦୨୫ରେ ମଧ୍ୟ ଚମତ୍କାର ପ୍ରଦର୍ଶନ କରୁଛନ୍ତି । ସେ ଟୁର୍ଣ୍ଣାମେଣ୍ଟର ତୃତୀୟ ରାଉଣ୍ଡରେ ଡେନିସ୍ ଶାପୋଭାଲୋଭଙ୍କୁ ପରାସ୍ତ କରି ଏବେ ଚତୁର୍ଥ ରାଉଣ୍ଡରେ ପହଂଚିଛନ୍ତି । ପ୍ରଥମ ସେଟ୍ ୫-୭ରେ ହାରିବା ପରେ, ୨୪ ବର୍ଷୀୟ ସିନର ଏକ ଚମତ୍କାର ପ୍ରତ୍ୟାବର୍ତନ କରିଥିଲେ ଏବଂ ପରବର୍ତୀ ତିନିଟି ସେଟ୍ ୬-୪, ୬-୩, ୬-୩ରେ ଜିତି ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଥିଲେ । ଏହି ବିଜୟ ଓପନ୍ ରେ ସିନରଙ୍କର ୨୦ତମ ବିଜୟ ଥିଲା । ଏହା ଉଲ୍ଲେଖନୀୟ ଯେ, ସେ ପୂର୍ବରୁ ଅନ୍ୟ ତିନିଟି ଗ୍ରାଣ୍ଡ ସ୍ଲାମ୍ ଟୁର୍ଣ୍ଣାମେଂଟ୍‌ରେ ପ୍ରତ୍ୟେକରେ ୨୦ ବିଜୟ ପଞ୍ଜିକୃତ କରିସାରିଛନ୍ତି ଏବଂ ଗ୍ରାଣ୍ଡ ସ୍ଲାମ୍ ରେ କ୍ରମାଗତ ବିଜୟ ପଞ୍ଜିକୃତ କରିଛନ୍ତି । ମ୍ୟାଚ୍ ପରେ ସିନର କହିଥିଲେ, 'ଦ୍ୱିତୀୟ ସପ୍ତାହ ସମ୍ପୂର୍ଣ୍ଣ ଭିନ୍ନ । ଆପଣ ପରଦା ପଛରେ କମ୍ ଲୋକଙ୍କୁ ଦେଖନ୍ତି । ଏହା ସର୍ବଦା ଏକ ଭଲ ସଙ୍କେତ ଯେ, ମୁଁ ଏପର୍ଯ୍ୟନ୍ତ ଏଠାରେ ଅଛି । ଏହା ଶାରୀରିକ ଏବଂ ମାନସିକ ଭାବେ ଆହୁରି କଷ୍ଟକର ହେଉଛି । ଏହା ନିଶ୍ଚିତ ଭାବେ ମୋ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ । ପ୍ରଥମ ଥର ପାଇଁ ମୁଁ ଏକ ଗ୍ରାଣ୍ଡସ୍ଲାମର ମୁଖ୍ୟ ଡ୍ରରେ ଖେଳିଥିଲି ଏବଂ ମୁଁ ଗତ ବର୍ଷ ଜିତିଥିଲି ।' ସିନର ୨୦ଟି ଗ୍ରାଣ୍ଡସ୍ଲାମ ଜିତିବାରେ ଚତୁର୍ଥ ସର୍ବକନିଷ୍ଠ ଖେଳାଳି ହୋଇଛନ୍ତି । ସେ ରୋଜର ଫେଡେରରଙ୍କୁ ପଛରେ ପକାଇଲେ, ଯିଏ ୨୦୦୬ରେ ୨୪ ବର୍ଷ ୨୯୪ ଦିନ ବୟସରେ ଏହି ସଫଳତା ହାସଲ କରିବାରେ ଚତୁର୍ଥ ଖେଳାଳି ହୋଇଥିଲେ । ଯେତେବେଳେ ସିନର ୨୪ ବର୍ଷ ୮ ଦିନ ବୟସରେ ଏହି ସଫଳତା ହାସଲ କରିଛନ୍ତି । ଏବେ କେବଳ ରାଫେଲ ନାଡାଲ (୨୩ ବର୍ଷ ୮୯ ଦିନ), ବୋରିସ୍ ବେକର (୨୩ ବର୍ଷ ୧୮୬ ଦିନ) ଏବଂ ନୋଭାକ୍ ଜୋକୋଭିଚ୍ (୨୩ ବର୍ଷ ୨୪୦ ଦିନ) ତାଙ୍କ ଆଗରେ ଅଛନ୍ତି । ବିଶେଷ କଥା ହେଉଛି ସିନର ମାତ୍ର ୨୪ ବର୍ଷ ବୟସରେ ସମସ୍ତ ଚାରିଟି ଗ୍ରାଣ୍ଡସ୍ଲାମ ଜିତିଛନ୍ତି । ଏହି ଇଟାଲୀୟ ଖେଳାଳି ୟୁଏସ୍ ଓପନର ଡିଫେଣ୍ଡିଂ ଚାମ୍ପିଅନ୍ ଏବଂ ଏଥର ମଧ୍ୟ ଟାଇଟଲ ଜିତିବାର ଜଣେ ଦୃଢ଼ ଦାବିଦାର । ସିନରଙ୍କ ପ୍ରତିଦ୍ୱନ୍ଦ୍ୱୀ କାର୍ଲୋସ ଆଲକାରାଜ ମାତ୍ର ୨୨ ବର୍ଷ ବୟସର ହୋଇଥିବାରୁ ତାଙ୍କୁ ଏହି ସମ୍ମାନଜନକ ତାଲିକାରେ ସାମିଲ କରାଯାଇପାରେ । ସେ ପୂର୍ବରୁ ଫ୍ରେଂଚ୍ ଓପନ୍ ଏବଂ ୱିମ୍ବଲଡନରେ ୨୦ଟି ବିଜୟ ହାସଲ କରିଛନ୍ତି । ଯେତେବେଳେ ସେ ୟୁଏସ୍ ଓପନ୍ ଠାରୁ ମାତ୍ର ୩ଟି ବିଜୟ ପଛରେ ଅଛନ୍ତି । ତଥାପି ଅଷ୍ଟ୍ରେଲିଆନ୍ ଓପନ୍ ରେ ତାଙ୍କର ୧୧ଟି ବିଜୟ ଅଛି ଏବଂ ତେଣୁ ସେ ୨୦୨୭ରେ ଏହି ମାଇଲଖୁଂଟରେ ପହଂଚିପାରିବେ ।



# ହତ୍ୟା ମାମଲାରେ ୩ ଜଣଙ୍କୁ ଆଜୀବନ କାରାଦଣ୍ଡ

ରାୟଗଡ଼ା : ଏକ ହତ୍ୟା ମାମଲାର ବିଚାର କରି ୩ ଜଣ ଅଭିଯୁକ୍ତଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ସହ ୫ ହଜାର ଟଙ୍କା ଜରିମାନା ପ୍ରଦାନ ପାଇଁ ରାୟ ଦେଇଛନ୍ତି ରାୟଗଡ଼ା ଅତିରିକ୍ତ ଜିଲା ଦୌରାଜଜ ଅଲ୍ପନା ସାଇଁ। ଏହି ମାମଲାରେ ବିଚାରଣା କରି ଶନିବାର ଅଭିଯୁକ୍ତ ଅଶୋକ ଗେଡ, ଭାଗିରଥୀ ଗେଡ ଓ ବିକ୍ରମ ଗେଡଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି ଅଦାଲତ। ହତ୍ୟା ଘଟଣାରେ ୨୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ପରେ ଦଫା ୩୦୨/୩୪ ଆପିସି, ଅ । ର ତ ବ ୍ଲ ୟ ୩(୧)(ଆ।ର)(ଏସ)/ ୩(୨)(ଭି)(ଭିଏ) ଏସସି ଏବଂ ଏସ ଟି (ପିଓଏ) ଆକ୍ଟରେ ବିଚାରଣା କରି ଆଜି ରାୟଗଡ଼ା ଅତିରିକ୍ତ ଜିଲା ଦୌରାଜଜ ଅଲ୍ପନା ସାଇଁ ୩ ଜଣ ଅଭିଯୁକ୍ତଙ୍କୁ ରାୟରେ ଉଲ୍ଲେଖ କରିଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକା ୬ ମାସ ସଶ୍ରମ କାରାଦଣ୍ଡ ପାଇଁ ଆଦେଶ ଦେଇଛନ୍ତି । ମିଳିଥିବା ସୂଚନା ମୁତାବକ, ଗତ ୨୦୨୩ ମସିହା ଜୁନ ୯ ତାରିଖ ସକାଳ ସମୟରେ କାଶୀପୁର ବ୍ଲକର ଗଜେନ୍ଦ୍ର ନାୟକ କଶନାଦୋରା ଗ୍ରାମରେ ଥିବା ଜମିରେ ସମତଳ ହେଉଥିବା କାର୍ଯ୍ୟକୁ ତଦାରଖ ପାଇଁ ଯାଇଥିଲେ । ଜେସିବି ମେଶିନ ଦ୍ୱାରା ଅପରେଟର ରଘୁ ଝୋଡିଆ ଏବଂ ତାଙ୍କର ସହଯୋଗୀ ଅନନ୍ତ ମାଝି ଏବଂ ଚେତନ୍ୟ ମାଝି ଏହି କାର୍ଯ୍ୟ କରୁଥିଲେ । ଉକ୍ତ ସମୟରେ ଭାଗିରଥୀ ଗେଡ ଓ ତାଙ୍କର ଦୁଇ ସହଯୋଗୀ ଅଶୋକ ଗେଡ ଓ ବିକ୍ରମ ଗେଡ ସେହି ସ୍ଥାନକୁ ଆସି ଆମ ଜମି କେଉଁଠି ଅଛି ଦେଖାଇଦେ କହିବା ସହ ସେମାନେ ସାଙ୍ଗରେ ଆଣିଥିବା ଟାଙ୍ଗିଆ ଦ୍ୱାରା ପ୍ରଥମେ ତାଙ୍କ ଗୋଡ ଏବଂ ପରେ ବେକକୁ ଆକ୍ରମଣ କରିଥିଲେ । ସେଠାରେ କାର୍ଯ୍ୟ କରୁଥିବା ଲୋକମାନେ ପାଟି କରିବାରୁ ସେମାନେ ଘଟଣାସ୍ଥଳରୁ ଦେଡି ପଳାଇଥିଲେ । ଜମିରେ କାର୍ଯ୍ୟ କରୁଥିବା ଲୋକ ମାନେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗଜେନ୍ଦ୍ରଙ୍କୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମତ୍ୟୁ ଘୋଷଣା କରିଥିଲେ । ଗଜେନ୍ଦ୍ରଙ୍କ ପୁଅ ମିହିର କୁମାର ନାୟକ ଏନେଇ କାଶୀପୁର ଥାନାରେ ଏକ ମାମଲା ରୁଜୁ କରିଥିଲେ । କାଶୀପୁର ପୋଲିସ ଘଟଣାର ତଦନ୍ତ କରି ୨୦୨୩ ଜୁନ ୧୨ ତାରିଖରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବ୍ୟବହୃତ ହୋଇଥିବା ୩ଟି ଟାଙ୍ଗିଆକୁ ଜବତ କରିଥିଲେ । ସରକାରଙ୍କ ତରଫରୁ ଏହି ମାମଲାକୁ ଏପିପି ରାମପ୍ରସାଦ ପାତ୍ର ପରିଚାଳନା କରୁଥିଲେ ।



ଦେବଗଡ଼ ମ୍ୟୁନିସ୍‌ପାଲିଟି ପକ୍ଷରୁ ସାୟତ୍ତ ଦିବସ ପାଳନ ଅବସରରେ ଉପସ୍ଥିତ ଅଛନ୍ତି କର୍ମଚାରୀ

# ଫସଲ ନଷ୍ଟକଲେ ହାତୀପଲ

କେନ୍ଦୁଝର: କେନ୍ଦୁଝର ଜିଲ୍ଲାରେ ହାତୀ ଉପଦ୍ରବ ଥମିବାର ନାଁ ନେଉନାହିଁ। ସଦର ବ୍ଲକ ଅନ୍ତର୍ଗତ କେରି ଗ୍ରାମରେ ୯ ଟିକିଆ ହାତୀ ପଲ ଗତକାଲି ରାତିରୁ ଗ୍ରାମ ନିକଟରେ ଡେରା ପକାଇଛନ୍ତି । ଏହି ହାତୀ ପଲ ଧାନ ଫସଲ ଖାଇବା ସହ ନଷ୍ଟ କରି ନିକଟସ୍ଥ ଜଙ୍ଗଲକୁ ପଳେଇଛନ୍ତି । ଏହି ହାତୀ ପଲ ଯେତିକି ଖାଇ ନାହାଁନ୍ତି ସେତିକି ମାଡ଼ି ଦଳି ନଷ୍ଟ କରି ଦେଇଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଫସଲ ନଷ୍ଟ ନେଇ କ୍ଷତିପୂରଣ ଦାବି କରିଛନ୍ତି ଗ୍ରାମବାସୀ।

# ମାଲକାନଗିରିରେ ୪ଟି ବହୁମୁଖୀ ଭବନର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ମାଲକାନଗିରି: ମାଲକାନଗିରି ସଦର ମହକୁମାରେ ବହୁମୁଖୀ ଭବନ ତଥା ମଲ୍ଟି ପୋରପୋଜ୍ ହଲ୍‌ର ଲୋକାର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧିନରେ ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିୟମ ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଭାସି ମାଧ୍ୟମରେ ୩ ଗୋଟି ବହୁମୁଖି ହଲ୍ ଓ ଗୋଟିଏ ଟାଉନ୍ ହଲ୍ ଅର୍ଥାତ୍ ଚାରି ଗୋଟି ହଲ୍‌ର ଲୋକାର୍ପଣ କରିଛନ୍ତି । ଜିଲ୍ଲା ପ୍ରଶାସନ ଓ ପୌର ପରିଷଦ ମାଲକାନଗିରି ଦ୍ୱାରା ଜିଲ୍ଲା ସ୍ତରୀୟ ସାୟତ ଶାସନ ଦିବସ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମାଲକାନଗିରି ପୌର ପରିଷଦ ଅଧ୍ୟକ୍ଷ ମନୋଜ ବାରିକ ଓ ପୌର ପରିଷଦ ଉପାଧ୍ୟକ୍ଷା କବିତା ମହନ୍ତଙ୍କ ସମେତ ପୌର ପରିଷଦ ର ୧୯ ଜଣ କାଉନସିଲର ଯୋଗଦେଇ ଥିଲେ । ମାଲକାନଗିରି ସୁକୁମା ରୋଡ ପାର୍ଶ୍ୱ ଚକ୍ରିଗୁଡ଼ା ଠାରେ ୩୦୦ ସିଟ୍ ବିଶିଷ୍ଟ, ତାରିଣୀ ମନ୍ଦିର ପଛ ପାର୍ଶ୍ୱ ସ୍ଥିତ ୫୦୦ ସିଟ୍ ବିଶିଷ୍ଟ ଓ ସ୍ୱଧାର ଗୃହ ନିକଟବର୍ତ୍ତୀ ୫୦୦ ସିଟ୍ ବିଶିଷ୍ଟ ମଲ୍ଟି ପୋର୍ପୋଜ ହଲ୍ ଏବଂ ୩୦୦ ସିଟ୍ ବିଶିଷ୍ଟ ମାଲକାନଗିରି ଟାଉନ୍ ହଲ୍ ର ଲୋକାର୍ପଣ ଦ୍ୱାରା ମାଲକାନଗିରି ଜିଲ୍ଲାବାସୀ ଉପକୃତ ହେବେ । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ ମୁଖ୍ୟମନ୍ତ୍ରୀଙ୍କୁ ଆଭାସି ମାଧ୍ୟମରେ ଧନ୍ୟବାଦ୍ ଜଣାଇଥିଲେ । ସେ କହିଥିଲେ ଯେ, ଜିଲ୍ଲାରେ ମାଲକାନଗିରି ଓ ବାଲିମେଳା ଦୁଇ ଗୋଟି ନଗରାଂଚଳରେ ୬ ଗୋଟି ମଲ୍ଟି ପୋରପୋଜ୍ ହଲ୍ କରାଯାଇଛି । ଏହାଦ୍ୱାରା ବିଶେଷ ଭାବେ ସୁଲଭ ଦରରେ ମାଙ୍ଗଳିକ କାର୍ଯ୍ୟ, ସଭା ସମିତି ଇତ୍ୟାଦି ହୋଇପାରିବ । ତତ୍ ସଙ୍ଗେ ସଙ୍ଗେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବନ୍ୟା ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରାଯାଇପାରିବ ବୋଲି ଜିଲ୍ଲାପାଳ କହିଛନ୍ତି । ସେହିପରି ମାଲକାନଗିରି ପୌରାଂଚଳର ଦୁଇ ଜଣ ମହିଳା ସ୍ନେହଲତା ମହାନ୍ତି ଓ ପ୍ରମିଳା କଟିମ୍ ମୁଖ୍ୟମନ୍ତ୍ରୀଙ୍କ ସହ ନିଜର ଅଭିଜ୍ଞତା ବାଂଟିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ଏବଂ ଜିଲ୍ଲା ପରିଷଦ ଅର୍ଥ ପରିଚାଳକ ମାନସ ମିଶ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପୌର ପରିଷଦ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ନାୟକ ପରିଚାଳନା କରିଥିବା ବେଳେ ପୌର ପରିଷଦ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ସୂଚନା ଯୋଗ୍ୟ ଏବଂ ଜିଲ୍ଲା ପାଇଁ ଖୁସିର ବିଷୟ ଖଇରପୁଟ ବ୍ଲକ ଆଦିମ ବଣ୍ଡା ଜନଜାତିଙ୍କ ଦ୍ୱାରା ପ୍ରସ୍ତୁତ ବିଡ୍ ୱର୍କ୍ ଫ୍ରେମ୍ କୁ ରାଜ୍ୟ ସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ଅନ୍ୟାନ୍ୟ ଅତିଥି ମାନଙ୍କୁ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି । ଆଦିମ ବଣ୍ଡା ଜନଜାତିଙ୍କ ଉତ୍ପାଦକୁ ଲୋକଲୋଚନକୁ ଆଣିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସ୍ୱତନ୍ତ୍ର ଭାବେ ଅର୍ଡର ଦେଇ ଏହି ବିଡ୍ ୱର୍କ କୁ ଆଜିର ଦିନରେ ଉପଯୋଗ କରିଛନ୍ତି।

# ଦୁର୍ଘଟଣାରେ ୧ ମୃତ,୪ ଆହତ

ମାଲକାନଗିରି : ଜିଲ୍ଲା ସୀମାନ୍ତ ଛତିଶଗଡ଼ର କଣ୍ଟା ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ହୋଇଛି । ଟ୍ରକ୍ ଓ କାର୍ ମଧ୍ୟରେ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ଆହତ ବ୍ୟକ୍ତିମାନଙ୍କୁ ଭଦ୍ରାଚଳମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି । ଆହତ ବ୍ୟକ୍ତିମାନଙ୍କୁ ଭଦ୍ରାଚଳମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି ।

# ବ୍ରାଉନସୁଗର ଜବତ, ଜଣେ ଗିରଫ

ବାରିପଦା,(ହି.ସ.) - ବାରିପଦା ସହରରେ ଅବୈଧ ନିଶା କାରବାର ରୋକିବାରେ ଅବକାରୀ ବିଭାଗକୁ ସଫଳତା ମିଳିଛି। ତୁଳସୀଚୌରା ଅଂଚଳରେ ଚଢ଼ାଉ କରି ବ୍ରାଉନସୁଗାର ଜବତ କରିବା ସହ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଜଣକ ହେଲେ ଭଞ୍ଜପୁର ଥାନା ଅନ୍ତର୍ଗତ ତକତପୁର ସ୍ଥିତ ଭିଆରପି କଲୋନୀ ଅଂଚଳର ଶମ୍ଭୁ ମୁଖୀ(୩୫)। ତା ପାଖରୁ ୬୧ ଗ୍ରାମ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୬ ଲକ୍ଷରୁ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାଯାଇଛି। ସୂଚନା ଅନୁଯାୟୀ, ବାରିପଦା ସହରରେ ବ୍ରାଉନ ସୁଗାର ଭଳି ମାରାତ୍ମକ ଧଳା ଜହର ନିଶା କାରବାର ଦିନକୁ ଦିନ କାୟା ବିସ୍ତାର କରିବାରେ ଲାଗିଛି। ଯାହାର କବଳରେ ଯୁବ ସମାଜ କବଳିତ ହୋଇ ଅନେକ ଅପରାଧିକ ମାମଲାରେ ଜଡିତ ରହିଥିବାର ନଜିର ରହିଛି। ବାରିପଦା ସହରର ତୁଳସୀଚୌରା ଓ ଶୁନଗଡ଼ିଆ ଅଂଚଳ ଏହାର ପେଣ୍ଠସ୍ଥଳ ସାଜିଛି। ଉକ୍ତ ସ୍ଥାନରେ ବ୍ରାଉନସୁଗାର କାରବାର ହେଉଥିବା ବେଳେ ବାରମ୍ବାର ଅଭିଯୁକ୍ତ ମାନେ ଗିରଫ ହେଉଛନ୍ତି। ଜାମିନରେ ଜେଲରୁ ବାହାରି ପୁଣି କାରବାର ଜାରି ରଖିଛନ୍ତି। ଯାହାକୁ ରୋକିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଥିଲା। ବାଲେଶ୍ୱରରୁ ବାରିପଦା ସହରକୁ ବ୍ରାଉନସୁଗାର ଅଣା ଯାଇ କାରବାର କରୁଛନ୍ତି। ଏନେଇ ବିଶ୍ୱସ୍ତସୂତ୍ରରୁ ଖବର ଅବକାରୀ ବିଭାଗ ଦାରୋଗାଡାହି ନୂଆ ବସ ଷ୍ଟାଣ୍ଡ ଅଂଚଳରେ ଚଢ଼ାଉ କରି ବ୍ରାଉନସୁଗାର ଜବତ କରିଛନ୍ତି। ତାଙ୍କ ପାଖରୁ ଏକ ବାଇକ ମଧ୍ୟ ଜବତ କରାଯାଇଛି। ସେ ନିୟମିତ ଭାବେ ବ୍ରାଉନସୁଗାର କାରବାର କରୁଥିବାର ଜଣାପଡିଛି। ତେବେ ଧଳା ଜହର ବେପାର କିଙ୍ଗପିନକୁ ଗିରଫ କରି ବେପାରର ମୂଳପୋଛ କରାଯିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଦାବି ହୋଇଛି। ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ବେଳେ ଘଟଣାରେ ଅନ୍ୟାନ୍ୟ କେଉଁ ମାନେ ସଂପୃକ୍ତ ରହିଛନ୍ତି, ସେନେଇ ତଦନ୍ତ ଜାରି ରହିଛି।

# ଯୋଡ଼ା ନଗର ନିଗମ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

ଚମ୍ପୁଆ: ଚମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା ନଗର ନିଗମର ପରିମଳ ବ୍ୟବସ୍ଥା ଅତି ଶୋଚନୀୟ ହୋଇ ପଡିଥିବା ଦେଖିବାକୁ ମିଳୁଛି । ଯାହାଦ୍ୱାରା ସ୍ଥାନୀୟ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । କାଗଜ କଲମରେ ସବୁ କାମ ଠିକଠାକ ଚାଲିଥିବାବେଳେ ପ୍ରକୃତପକ୍ଷେ କାର୍ଯ୍ୟ କ୍ଷେତ୍ରରେ ସେପରି ଦେଖିବାକୁ ମିଳୁନାହିଁ । ଯାଗା ଯାଗାରେ କୁଢ଼ କୁଢ଼ ଅଳିଆ ଗଦା ପଡି ରହୁଥିଲେ ମଧ୍ୟ ଯୋଡ଼ା ନଗର ନିଗମର ସେଥିପ୍ରତି ନଜର ନାହିଁ । ବର୍ଷାଦିନେ ଗ୍ରାସ କଟିଙ୍ଗ, ବ୍ଲିଚିଂ ଓ ମଶା ଧୂଆଁ ପରି ପ୍ରତିଷେଧକ ବ୍ୟବସ୍ଥା ନ ହେବାରୁ ମଶାର ପ୍ରାଦୁର୍ଭାବ ଅଂଚଳରେ ଅସହ୍ୟ ହୋଇ ପଡିଛି । ଅଳିଆ ବୁହା ଗାଡ଼ି ସପ୍ତାହରେ ମଧ୍ୟ ବସ୍ତି ଭିତରକୁ ଯିବା ଦେଖିବାକୁ ମିଳୁନାହିଁ । ଯାହାଦ୍ୱାରା ଲୋକମାନେ ରାସ୍ତା କଡରେ ଥିବା ଫାଙ୍କା ଜାଗାରେ ଅଳିଆ ପକାଉଥିବା ଦେଖିବାକୁ ମିଳୁଛି । ଯେପରି ନଗର ନିଗମର ସଫେଇ ବ୍ୟବସ୍ଥା ସହିତ କୌଣସି ସମ୍ପର୍କ ନ ଥିବା ପରି ଜଣାପଡୁଛି । ତେବେ ଭେଣ୍ଡର ବଦଳି ହେବା ପୂର୍ବରୁ ଦିନକୁ ୮୬ ଜଣ ଶ୍ରମିକ ଠିକ୍ ଠାକ୍ କାମ କରୁଥିବା ବେଳେ ନୂଆ ଭେଣ୍ଡର୍ ଦିନକୁ ୧୬୦ ଜଣ ଶ୍ରମିକଙ୍କୁ କାମରେ ଲଗାଉ ଥିଲେ ମଧ୍ୟ ସଫେଇ କାର୍ଯ୍ୟ ଠିକ୍ ଠାକ୍ ହୋଇ ପାରୁନାହିଁ । ଯାହାକୁ ନେଇ ଯୋଡ଼ା ନଗର ନିଗମର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏସମ୍ପର୍କରେ କାମକରୁଥିବା ଶ୍ରମିକ ମାନଙ୍କୁ ପଚାରିବାରୁ ପ୍ରତିଦିନ ୬୦ ରୁ ୭୦ ଜଣ ଶ୍ରମିକ କାମ କରିବାକୁ ଆସୁଥିବା କହୁଥିବା ବେଳେ ଏହି କାମକୁ ନେଇଥିବା ଭେଣ୍ଡର କଟକର କଳିଙ୍ଗ ବିକାଶ କନଷ୍ଟ୍ରକ୍ସନ ମାଲିକ ୧୬୦ ଜଣ ଶ୍ରମିକ କାମ କରୁଥିବା ପ୍ରକାଶ କରିବା ସହିତ ମୁଁ କେବଳ ଶ୍ରମିକ ମାନଙ୍କ ପେମେଂଟ ସମୟରେ କଟକରୁ ଯୋଡ଼ା ଯାଏ ଅନ୍ୟସମୟରେ ସୁପରଭାଇଜର ମାନେ କାମ ତଦାରଖ କରିଥାନ୍ତି ବୋଲି ପ୍ରକାଶ କରିଛନ୍ତି । ତେବେ ଯୋଡ଼ା ପରି ଉପାନ୍ତ ଆଦିବାସୀ ଅଧୁଷିତ ଅଂଚଳରେ ଭେଣ୍ଡର ଉପସ୍ଥିତ ରହୁନଥିବାରୁ କାମରେ ଠକେଇ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି । ଯଦି ଯୋଡ଼ାର ପରିମଳ ବ୍ୟବସ୍ଥା ଏପରି ରହେ ଆଗକୁ ଡେଙ୍ଗୁ, ମ୍ୟାଲେରିଆ ସହିତ ବିଭିନ୍ନ ପ୍ରକାର ଚର୍ମ ରୋଗ ଯେ ନ ବ୍ୟାପିବ ତାହା କହିହେବ ନାହିଁ । ତେଣୁ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି ।

# ମହମ୍ମଦଙ୍କ ଜୟନ୍ତୀ ପାଇଁ କୁଇଜ ପ୍ରତିଯୋଗିତା

ବଲାଙ୍ଗିର: ଏଥର ମୁସଲମାନ ଭାଇ ଭଉଣୀ ମାନେ ଧୁମ ଧାମରେ ଧର୍ମଗୁରୁ ମହମ୍ମଦଙ୍କ ଜନ୍ମ ଦିବସ ପାଳନ କରିବେ। ଏଥିପାଇଁ ଆଜି ଠୁଁ ବଲାଙ୍ଗିରରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏଥିରେ ଆଜି ସହରରେ ମୁସଲମାନ ସଂଗଠନ ଖିଦ୍ ମତେ ରସୁଲ ତରଫରୁ ଏକ କୁଇଜ ପ୍ରତିଯୋଗିତାର ଆୟୋଜନ ହୋଇଯାଇଛି। ଯେଉଁଥିରେ ତିନି ବର୍ଷରୁ ବୟସ୍କ ପର୍ଯ୍ୟନ୍ତ ବିଭିନ୍ନ ବର୍ଗକୁ ନେଇ ଏହି ପ୍ରତିଯୋଗିତା ଆୟୋଜନ ସ୍ଥାନୀୟ ପତିତ ପାବନ ଏକାଡେମୀ ସ୍କୁଲ ପରିସରରେ ସମାପନ ହୋଇଛି। ଯେଉଁଥିରେ ସହରର ୧୦୪ ରୁ ଅଧିକ ପ୍ରତିଯୋଗୀ ବିଭିନ୍ନ ବିଭିନ୍ନ ବର୍ଗର ଭାଗ ନେଇଥିଲେ। ତେବେ ଇସଲାମ ପ୍ରକୃତ ଜ୍ଞାନ ସାଙ୍ଗକୁ ସାଧାରଣ ଜ୍ଞାନ ଉପରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଜଜ୍ ଭାବରେ ମୁଫତି ଜନାବ ମହମ୍ମଦ ସାହିଦ ରାଜା, ଜନାବ କାଜି ମୁଫତି ମହମ୍ମଦ ନିୟୋଜିତ ଥିଲେ। ସେହିପରି ଖିଦ ମତେ ରସୁଲ ସଂଗଠନର ସଭାପତି ଶୟଦ୍ ଜମିଲ ହୁସେନ, ଉପସଭାପତି ବୁଷାକ ମହମ୍ମଦ, କୋଷାଧ୍ୟକ୍ଷ ଯୁନୈଦ୍ ଖାନ ସହ ସଂଗଠନର ସଦସ୍ୟ ତଥା ଆୟୋଜକ ମଣ୍ଡଳୀର ଶେଖ ଫିରାସତ୍ ଅଲ୍ଲୀ, ଅନ୍ୱର ଖାନ, ମହମ୍ମଦ ଇକବାଲ, ଇମାମ ନଫିସ ମହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ। ତେବେ କୃତି ପ୍ରତିଯୋଗୀଙ୍କୁ ଧର୍ମଗୁରୁ ମହମ୍ମଦଙ୍କ ଜୟନ୍ତୀ ଦିନ ପୁରସ୍କାର ବିତରଣ କରାଯିବ ବୋଲି ସଂଗଠନ ସୂଚନା ଦେଇଛି।

# ପାଠ୍ୟ ଉପକରଣ ବଣ୍ଟନ

କେନ୍ଦୁଝର: ଢେଙ୍କିକୋଟ ସରସ୍ୱତୀ ଶିଶୁ ମନ୍ଦିର ସଭାଗୃହରେ ଘଟଗାଁ ଏକଲ ବିଦ୍ୟାଳୟ ଅଭିଯାନର ପୁସ୍ତକ ଓ ପାଠ୍ୟ ଉପକରଣ ଦିଆଯାଇଛି । ଏହି ଅବସରରେ ଢେଙ୍କିକୋଟ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ଘଟଗାଁ ସଂଘର ସଭାପତି ଗୋବିନ୍ଦ ନାୟକ, ଏକଲ ବିଦ୍ୟାଳୟ ଅଭିଯାନର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟା ଲବଙ୍ଗଲତା ନାୟକ, ଶିଶୁ ବିଦ୍ୟାମନ୍ଦିର ଆଚାର୍ଯ୍ୟ ନିରଞ୍ଜନ ମହାନ୍ତ ଏବଂ ସଂଘ ପ୍ରଶିକ୍ଷକ ସୁଲୋଚନା ବେହେରାଙ୍କ ସହିତ ଆଚାର୍ଯ୍ୟା ମାନଙ୍କୁ ପାଠ୍ୟ ପୁସ୍ତକ ଉପକରଣ ବଣ୍ଟନ କରିଥିଲେ । ଘଟଗାଁ ବ୍ଲକ ବିଭିନ୍ନ ସ୍ଥାନରେ ତିରିଶଟି କେନ୍ଦ୍ରରେ ପ୍ରଥମରୁ ଅଷ୍ଟମ କ୍ଲାସ ପର୍ଯ୍ୟନ୍ତ ଗ୍ରାମର ଛାତ୍ର ଓ ଛାତ୍ରୀ ଏହି ଶିକ୍ଷାକେନ୍ଦ୍ରରେ ପାଠ ପଢିବାର ସୁଯୋଗ ପାଉଛନ୍ତି ଓ ଉପକୃତ ହେଉଥିବା କହିଛନ୍ତି ଗୋବିନ୍ଦ ଚନ୍ଦ୍ର ନାୟକ। ଏହି ମାସିକ କାର୍ଯ୍ୟକ୍ରମରେ କାର୍ଯ୍ୟକର୍ତ୍ତାଙ୍କ ଗହଣରେ ଉପସ୍ଥିତ ରହି ପ୍ରେରଣା ପାଇଥିଲେ ଆସିଥିବା ଏକଲ ର ସମସ୍ତ ଅଚାର୍ଯ୍ୟା।

# ଧର୍ମପରାୟଣ ବୃଦ୍ଧଙ୍କ ପରଲୋକ

ବଲାଙ୍ଗୀର: ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡା. ସୁନୀତା ହୋତାଙ୍କ ବାପା ବସନ୍ତ ହୋତା(୮୯)ଙ୍କ ପରଲୋକ ହୋଇଯାଇଛି । ବଲାଙ୍ଗୀର ତୁଳସୀନଗର ପଡ଼ା ସ୍ଥିତ ଜ୍ୱାଇଁ ଡ଼ା. ଗିରିଜା ଶଙ୍କର ଉଦଗାତା ଓ ଝିଅ ଡ଼ା. ସୁନିତା ହୋତାଙ୍କ ବାସଭବନରେ ଆଜି ସକାଳେ ତାଙ୍କର ଦେହାନ୍ତ ହୋଇଥିଲା । ସେ ସମ୍ବଲପୁର ଏଲ୍‌ଆର୍ ଲ' କଲେଜର ଅବସରପ୍ରାପ୍ତ ଷ୍ଟେନୋ ସହ ମେଡିକାଲ କଲେଜ ପ୍ରିନ୍ସିପାଲଙ୍କ ପିଏ ଭାବରେ କାର୍ଯ୍ୟ କରିଥିଲେ । ସେ ଜଣେ ମିଷ୍ଟାଭାଷୀ, ସରଳ, ଧର୍ମ ପରାୟଣ ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କର ବଡ଼ ଝିଅ ଡ଼ା. ସୁଜାତା ହୋତା ମଝିଆ ଝିଅ ସୁଚିତ୍ରା ହୋତା ଓ ସାନ ଝିଅ ଡ଼ା. ସୁନିତା ହୋତା ବଡ଼ ଜ୍ୱାଇଁ ଡ଼ା. ବୀରେନ୍ଦ୍ର ପୁରୋହିତ, ସାନ ଜ୍ୱାଇଁ ଡ. ଗିରିଜା ଶଙ୍କର ଉଦଗାତା, ନାତୁଣୀ ଡ଼ା. ଅନ୍ୟାନ୍ୟ ଓ ଡ଼ା. ଅନ୍ୱେଷା ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ବିଭୁତି ପଡ଼ା ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର ଅନୁଷ୍ଠିତ ହୋଇଥିଲା । ବଡ଼ ଝିଅ ସୁଜାତା ମୁଖାଗ୍ନି ଦେଇଥିଲେ ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ମାଲକାନଗିରି(ହି.ସ.)- ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିନ ଲୁଗେଲ ପଂଚାୟତର ଲୁଗେଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଲୁଗେଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିବା କାଲିମେଳା ବ୍ଲକର ଜଣାଶୁଣା ବରିଷ୍ଠ ଶିକ୍ଷକ ତପନ କୁମାର ବାଇନଙ୍କୁ ବିଦ୍ୟାଳୟ ପରିଚାଳନା କମିଟି, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ, ପଂଚାୟତ ସ୍ତରୀୟ ଶିକ୍ଷକ ଶିକ୍ଷୟତ୍ରୀ , ଗ୍ରାମବାସୀ ଓ ବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ତର ଫରୁ ଶ୍ରୀ ବାଇନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଅଧିକାରୀ ରମେଶ ଚନ୍ଦ୍ର ବାରୋଇ ଯୋଗ ଦେଇଥିବା ବେଳେ ଅନ୍ୟ ଅତିଥି ଭାବେ ସହ ଶିକ୍ଷାଧିକାରୀ ଧନେଶ୍ୱର ନାୟକ, ବିଜେପି ପୂର୍ବତନ ଜିଲ୍ଲା ସଭାପତି ନିମାଇଁ ପାଲ, ଜବାନ ପାଲ୍ଲୀ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ନବ କିଶୋର ମଲ୍ଲିକ ଏବଂ ଦାମୋଦର ଦୁରୁଆ ଯୋଗ ଦେଇଥିଲେ । ଏହି ସଭାକୁ ଶିକ୍ଷକ ସଚିନ କୃଷ୍ଣ ସାନା, କୃଷ୍ଣ ମଣ୍ଡଳ ଓ ଗୋଦାବରୀଶ ଦାସ ପରିଚାଳନା କରିଥିଲେ । ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷକ ପରିମଳ ସାନା, ସୁରେଶ ବଳ, ଅକ୍ଷୟ କୁମାର ରାଉତ, ଶିକ୍ଷୟତ୍ରୀ ପାର୍ବତୀ ପ୍ରଧାନ, ଲାଛି ସୋଡ଼ୀ, ସାବିତ୍ରୀ ମାଡ଼ୁମ ଏବଂ ଶିକ୍ଷକ ଗୋବିନ୍ଦ ମଣ୍ଡଳ ଉପସ୍ଥିତ ଥିଲେ । ଶେଷରେ ଉପସ୍ଥିତ ଅତିଥି ମାନେ ଶ୍ରୀ ବାଇନଙ୍କର ଦୀର୍ଘ ବର୍ଷର ଶିକ୍ଷକତା ଜୀବନରେ ତାଙ୍କର ଅବଦାନ, ନିଷ୍ଠା ଏବଂ ସଫଳତା ବିଷୟରେ ଉଚ୍ଚ ପ୍ରଶଂସା କରିବା ସହ ତାଙ୍କର ସୁଖମୟ ଓ ସ୍ୱାସ୍ଥ୍ୟକର ଭବିଷ୍ୟତ କାମନା କରିଥିଲେ ।

# ପୂର୍ବତନ ପୌର କାଉନସିଲର, ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କୁ ନେଇ ବୈଠକ

ଜୟପୁର : ଜୟପୁର ସହରର ଏକ ହୋଟେଲର ସମ୍ମିଳନୀ କକ୍ଷ ଠାରେ ପୂର୍ବତନ କାଉନସିଲର, ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷକଙ୍କୁ ନେଇ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା । ପୂର୍ବତନ କାଉନସିଲର ସୁରେଶ ଦାସ ଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟତଃ ଜୟପୁର ପୌରସଂସ୍କାର ବିଷୟକୁ ନେଇ ଆଲୋଚନା ହୋଇଥିଲା । ଜୟପୁର ସହରର ଦୃତଗତି ବୃଦ୍ଧି ପାଉଥିବା ଯୋଗୁଁ ଏହାର ଚାରିଦିଗରେ ରହିଥିବା ଆଖପାଖ ଗ୍ରାମାଚଂଳ ସହର ସହିତ ମିଶି ଯାଇଥିବା ଯୋଗୁଁ ଏହା ଅଂଚଳକୁ ପୌରାଚଂଳର ଅଧିନକୁ ନେଇ ଆୟୋତନ ଏବଂ ଜନସଂଖ୍ୟା ଅନୁଯାୟୀ ମହାନଗର ନିଗମରେ ପରିଣତ କରିବାକୁ ବୈଠକରେ ସମସ୍ତ ଉପସ୍ଥିତ ପୂର୍ବତନ କାଉନସିଲର, ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ମାନେ ମିଳିତ ଭାବେ ପ୍ରସ୍ତାବ ଗ୍ରହଣ କରିବାକୁ ସହ ଦାବି କରିଥିଲେ । ସେହିପରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହରୀ ବିକାଶ ଯୋଜନା ପୌରାଚଂଳରେ କାର୍ଯ୍ୟକାରୀ ଏବଂ ସଫଳତାକୁ ନେଇ ସମସ୍ତେ ଗୁରତ୍ୱ ପ୍ରଦାନ କରିଥିଲେ । ଏହି ଅବସରରେ ସମସ୍ତେ ଦଳବଳ ନିର୍ବିଶେଷରେ ଉପସ୍ଥିତ ରହିଥିଲେ । ଏହି ଅବସରରେ ଅତିଥି ଭାବ ପୂର୍ବତନ ପୌର ମନ୍ତ୍ରୀ ତଥା ଅଧ୍ୟକ୍ଷ ରବିନାରାୟଣ ନନ୍ଦ, ଆର.ପଦ୍ମା, ପୂର୍ବତନ ଉପାଧ୍ୟକ୍ଷ ସୂର୍ଯ୍ୟନାରାୟଣ ରଥ, କେ ପ୍ରସାଦ ରାଓ ପଟ୍ଟନାୟକ, ଦୁର୍ଗା ପ୍ରସାଦ ଶର୍ମା, ଅତିରିକ୍ତ ଉପଧକ୍ଷା ପଦ୍ମିନୀ ଦାଶ, ପୂର୍ବତନ କାଉନସିଲର ବିନୋଦ ମହାପାତ୍ର, ଉମାଚରଣ ମହାପାତ୍ର,ଆନନ୍ଦ ମହାପାତ୍ର , ନିହାର ବିଶୋୟୀ, ଦୁର୍ଗା ପ୍ରସାଦ ମିଶ୍ର, କୃଷ୍ଣ ଚନ୍ଦ୍ର ହୋତା, ବିନ୍ଦୁରାଣି ମିଶ୍ର, ଏ.ଶ୍ରୀନିବାସ ରାଓ, ରାମ ପ୍ରସାଦ ପଣ୍ଡା,ପ୍ରମୋଦ ମାଝି, ୱାଇ.ଏସ.ଖାନ୍ନା, ଶଶି ପଟ୍ଟନାୟକ, ଆଶୁତୋଷ ସାନ୍ତ୍ରାପାତ୍ର ପ୍ରମୁଖଙ୍କ ସମେତ ୬୦ ଜଣ ପୂର୍ବତନ କାଉନସିଲର ଉପସ୍ଥିତ ଥିଲେ । ସେହିପରି ଏହି ଅବସରରେ ବର୍ତମାନର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷ ବି.ସୁନିତା ଏବଂ ଅନ୍ୟାନ୍ୟ କାଉନସିଲର ମାନେ ଉପସ୍ଥିତ ଥିଲେ ।

# ସ୍ୱାୟତ ଶାସନ ଦିବସ ପାଳିତ

ଚମ୍ପୁଆ, (ହି.ସ.)- ସାରା ରାଜ୍ୟରେ ସ୍ୱାୟତ ଶାସନ ଦିବସ ପାଳନ କରା ଯାଉଥିବା ବେଳେ ଚମ୍ପୁଆ ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ମଧ୍ୟ ସ୍ୱାୟତ ଶାସନ ଦିବସ ମହା ଆଡମ୍ବର ସହକାରେ ପାଳିତ ହୋଇ ଯାଇଛି । ଚମ୍ପୁଆ ବିଜ୍ଞାପିତ ଅଂଚଳ ପରିଷଦର ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷା ସୁମିତ୍ରା ବେହେରାଙ୍କ ସହିତ ସମସ୍ତ କାଉନସିଲର, କର୍ମଚାରୀଙ୍କ ସମେତ ସ୍ୱଚ୍ଛସାଥି ମାନେ ଉପସ୍ଥିତ ଥିଲେ । ଏହି ଅବସରରେ ସକାଳୁ ପ୍ରଥମେ ରାମଧୂନ ଦିଆ ଯାଇଥିଲା । ଏହା ପରେ କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷଙ୍କ ଦ୍ୱାରା ଜାତୀୟ ପତକା ଉତୋଳନ କରାଯାଇ ଚମ୍ପୁଆର ବିଭିନ୍ନ ସ୍ଥାନରେ ସ୍ଥାପିତ ହୋଇଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ବିଜ୍ଞାପିତ ଅଂଚଳ ତରଫରୁ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ସମସ୍ତ ରୋଗୀ ଓ ଉପକାରାଗାରରେ ଥିବା କଏଦୀ ମାନଙ୍କୁ ଫଳ ବଂଟନ କରା ଯାଇଥିଲା । ଏହାପରେ ଧରଣୀଧର ନଗର ଭବନରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ବିଜ୍ଞାପିତ ଅଂଚଳ ପରିଷଦର ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥିଭାବେ ଚମ୍ପୁଆ ରେଞ୍ଜର ଅକ୍ଷୟ ଛତ୍ରୀୟା, ଉପଖଣ୍ଡ ପୋଲିସ ଅଧିକାରୀ ରଶ୍ମିରଞ୍ଜନ ସାହୁ, ଉପାଧ୍ୟକ୍ଷା ସୁମିତ୍ରା ବେହେରା, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ପରିଶେଷରେ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ପ୍ରକାଶ ଚନ୍ଦ୍ର କୁଣ୍ଡୁ ଓ ବିଜୟ କୁମାର ମିଶ୍ର ପରିଚାଳନା କରିଥିବା ବେଳେ ଚମ୍ପୁଆ ବିଜ୍ଞାପିତ ଅଂଚଳର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ସ୍ୱାୟତ୍ତ ଶାସନ ଦିବସ ପାଳିଲା କେନ୍ଦୁଝରଗଡ଼ ପୌରପାଳିକା

କେନ୍ଦୁଝର: ସ୍ୱାୟତ୍ତ ଶାସନ ଦିବସ କେନ୍ଦୁଝରଗଡ ପୌରପାଳିକାରେ ପାଳିତ ହୋଇଯାଇଛି । ମେଗା ଆଖି ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା । ପ୍ରଭାତ ଫେରି ସହ ସହରରେ ଥିବା ବିଭିନ୍ନ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ କରାଯାଇଥିଲା । ଏହା ପରେ ପୌରପାଳିକା ପକ୍ଷରୁ ସ୍ୱଚ୍ଛସାଥୀଙ୍କୁ ପୋଷାକ ବଂଟନ କରାଯାଇଥିଲା । ପରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ପୌରପାଳିକା ପକ୍ଷରୁ କରାଯାଇଥିଲା । ଉକ୍ତ ସମସ୍ତ କାର୍ଯ୍ୟକ୍ରମରେ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ, ଉପ ନଗରପାଳ ବରୋଦା ପ୍ରସନ୍ନ ଦାସଙ୍କ ସହ ସମସ୍ତ କାଉନସିଲର ଯୋଗଦେଇଥିଲେ ।

# ବୃକ୍ଷରୋପଣ କାର୍ଯ୍ୟକ୍ରମ

ଜୟପୁର,(ହି.ସ.)- ରୋଟାରୀ କ୍ଲବ ଅଫ୍ ଜୟପୁର ଏବଂ ୧ ଓଡ଼ିଶା ସାଧୀନ ପଦାତିକ କମ୍ପାନୀ ଏନସିସି ସହିତ ମିଳିତ ଉଦ୍ୟମରେ ଏହାର ବାର୍ଷିକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ପ୍ଲାଣ୍ଟସ୍ ହୋପ୍ ଫର୍ ଆୱାର ଏନଭାରମେଂଟକୁ ସଫଳତାର ସହିତ କରିଥିଲା । ଏହି କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ଚାରା ରୋପଣ କରାଯାଇଥିଲା ଯାହା ଏହି ଅଂଚଳରେ ପରିବେଶ ସଂରକ୍ଷଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି କାର୍ଯ୍ୟକ୍ରମକୁ କ୍ଲବ ସଭାପତି ଆରଟିଏନ ଅମର ବୁଧୱାର, କ୍ଲବ ସଚିବ ନାରଣ ନିସାଙ୍କୋ ବୋର୍ଡ ଅଫ୍ ଡାଇରେକ୍ଟର୍ସ, ରୋଟାରୀ କ୍ଲବ ଅଫ୍ ଜୟପୁରର ବରିଷ୍ଠ ସଦସ୍ୟ, ଇନର ହିଲ୍ କ୍ଲବ ଅଫ୍ ଜୟପୁରର ସଦସ୍ୟ, ଭିଡି କଲେଜର ଏନସିସି କ୍ୟାଡେଟ ମାନେ କରିଥିଲେ । ଏନସିସି କମାଣ୍ଡିଂ ଅଫିସର କର୍ଣ୍ଣେଲ ପ୍ରିତି ରଞ୍ଜନ ଦାଶ, ଭିଡି କଲେଜ ଏନସିସି ଏଏନଓ କ୍ୟାପଟେନ୍ ଡକ୍ଟର ଲକ୍ଷ୍ମଣ ପାତ୍ର ଏବଂ ବନ ଅଧିକାରୀଙ୍କ ଉତ୍ସର୍ଗୀକୃତ ସେବା ଏବଂ ସେମାନଙ୍କ ମାର୍ଗଦର୍ଶନ ସହ ସମର୍ଥନ ପାଇଁ ବିଶେଷ କୃତଜ୍ଞତା ଜଣାଇଥିଲେ । ରୋଟାରୀ କ୍ଲବ ଅଫ୍ ଜୟପୁରର କ୍ଲବ ସାମାଜିକ ସେବା ପ୍ରକଳ୍ପ ନିର୍ଦ୍ଦେଶକ ଆରଟିଏନଙ୍କୁ ମଧ୍ୟ ହାର୍ଦ୍ଦିକ ଅଭିନନ୍ଦନ ଜଣାଇ ଥିଲେ । ଶିବାଜୀ ପଟ୍ଟନାୟକ ଏବଂ କ୍ଲବ କରସପଣ୍ଡେଂଟ ଆରଟିଏନ ନିଶାନ ପଟ୍ଟନାୟକଙ୍କ ପ୍ରୟାସ ଏବଂ ସଦସ୍ୟଙ୍କ ପୂର୍ଣ୍ଣ ସମର୍ଥନ ସହିତ ଏନସିସି ଜୟପୁରଙ୍କ ସହଯୋଗରେ ଏହି ବାର୍ଷିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ପ୍ଲାଂଟସ୍ ହୋପ୍ ଫର୍ ଆୱାର ଏନଭାର୍ନମେଂଟ ୨୫-୨୬କୁ ଏକ ମହାନ ସଫଳତା ଦେଇଥିଲା । ଏହି ସହଯୋଗୀ ପ୍ରୟାସ ଏକ ସବୁଜ ଏବଂ ସ୍ଥାୟୀ ଅଟେ ଆସନ୍ତାକାଲି ପାଇଁ ଏକ ମିଳିତ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ଯାହା ସମ୍ପ୍ରଦାୟକୁ ପରିବେଶ ସଂରକ୍ଷଣ ପାଇଁ ସାମୂହିକ ପଦକ୍ଷେପ ନେବାକୁ ପ୍ରେରଣା ଦିଏ ବୋଲି ରୋଟାରିଆନ ମାନେ ମତବ୍ୟକ୍ତ କରିଥିଲେ ।

# ସୋନପୁର ପୌର ପରିଷଦ ଦ୍ୱାରା ଅଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ

ସୁବର୍ଣ୍ଣପୁର, (ହି.ସ.)- ରବିବାର ପୂର୍ବାହ୍ନରେ ସୋନପୁର ପୌର ପରିଷଦ ମଧ୍ୟରେ ସ୍ଥାପିତ ସମସ୍ତ ବରପୁତ୍ର ଓ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ଅଧ୍ୟକ୍ଷା ଓ ପୌର ପରିଷଦର ସଭ୍ୟ/ ସଭ୍ୟଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ତା'ପରେ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ପୌର ପରିଷଦର ଅଧ୍ୟକ୍ଷା ଶ୍ରୀମତି ତାମସି ତମସ୍ୱିତା ନାୟକଙ୍କ ଦ୍ୱାରା ଜାତୀୟ ପତାକା ଉତୋଳନ କରି ସ୍ୱାୟତ ଶାସନ ଦିବସ ପାଳନ କରାଯାଇଥିଲା । ଏହି ଅବସରରେ ସୋନପୁର ପୌର ପରିଷଦର ସମସ୍ତ ସଭ୍ୟ / ସଭ୍ୟା, ସମସ୍ତ କର୍ମଚାରୀ, ସୋନପୁର ସହରର ଜନ ସାଧାରଣଙ୍କ ସମେତ ପୂର୍ବତନ ଅଧ୍ୟକ୍ଷ କାଇଁରୁ ସାଇଁ, ବୁଦ୍ଧିଜୀବୀ ଓ ସମାଜ ସେବୀ ଶ୍ରୀବତ୍ସ ମଲ୍ଲିକ, ଗୋବିନ୍ଦ ମହାରଣାଙ୍କ ସମେତ ସୋନପୁର ସହରର ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ଏହାପରେ ପୂର୍ବାହ୍ନ ୧୦ଟା ସମୟରେ ସୋନପୁର ପୌର ପରିଷଦ ଦ୍ୱାରା ସୋନପୁର ଟାଉନ ହଲ ଠାରେ ଆନୁଷ୍ଠାନିକ ଭାବେ ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ସମାରୋହ ପାଳନ ଓ ଆଭାସି ମାଧ୍ୟମରେ ରାଜ୍ୟ ସ୍ତରୀୟ ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ସମାରୋହର ସିଧା ପ୍ରସାରଣ ଦେଖିବା ନିମନ୍ତେ ବ୍ୟବସ୍ଥା କରାଯାଇଥିଲା ହୋଇଥିଲା । ଏହି ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବରେ ବିଧାୟକ, ସୋନପୁର, ନିରଞ୍ଜନ ପୁଝାରୀ, ସମ୍ମାନିତ ଅତିଥି ଭାବରେ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ ନୃପରାଜ ସାହୁ, ଆରକ୍ଷୀ ଅଧିକ୍ଷକ, ସୁବର୍ଣ୍ଣପୁର ନାରାୟଣ ନାୟକ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ,ସୁବର୍ଣ୍ଣପୁର ତଥା ପ୍ରକଳ୍ପ ନିର୍ଦ୍ଦେଶକ, ଉଟଡଇ (ଡୁଡ଼ା) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର, ବନ ଖଣ୍ଡ ଅଧିକାରୀ, ସୁବର୍ଣ୍ଣପୁର ଶ୍ରୀ ମଦନଲାଲ ଶର୍ମା, ଅଧ୍ୟକ୍ଷା ପୌର ପରିଷଦ, ସୁବର୍ଣ୍ଣପୁର ଶ୍ରୀମତି ତାମସି ତାମସ୍ୱିତ ନାୟକ, ଉପାଧ୍ୟକ୍ଷା ଶ୍ରୀମତି ମଲିକା ଦାନି ଓ ଶ୍ରୀ ଋଷି ମାଝୀ, ନିର୍ବାହୀ ଅଧିକାରୀ, ପୌର ପରିଷଦ, ସୁବର୍ଣ୍ଣପୁର ଯୋଗଦାନ କରିଥିଲେ । ଏହି ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ପାଳନ ସମାରୋହରେ ସୋନପୁର ସହରର ବୁଦ୍ଧିଜୀବୀ, ପୌର ପରିଷଦର କର୍ମଚାରୀ, ସ୍ୱଚ୍ଛ ସାଥୀ ଓ ଜିଲ୍ଲା ପଂଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର, ଶ୍ରୀ ଅର୍ଜୁନ ମାଝୀଙ୍କ ସମେତ ଜନସାଧାରଣ ଯୋଗଦାନ କରିଥିଲେ । ଋଷି ମାଝୀ, ନିର୍ବାହୀ ଅଧିକାରୀ, ପୌର ପରିଷଦ, ସୋନପୁର ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ଏହି ସମାରୋହରେ ଅଧ୍ୟକ୍ଷା ଶ୍ରୀମତି ନାୟକ ସୋନପୁର ସହରର ସର୍ବାଙ୍ଗୀନ ବିକାଶ ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ । ମୁଖ୍ୟ ଅତିଥି ତଥା ସୋନପୁର ବିଧାୟକ, ନିରଂଜନ ପୁଝାରୀ, ତାଙ୍କ ଅଭିଭାଷଣରେ କହିଲେ ଯେ ସୋନପୁର ସହରରେ ଥିବା ସମସ୍ତ ଭିତିଭୂମିର ରକ୍ଷଣାବେକ୍ଷଣ କରିବା ସହିତ ନୂତନ ଭିତିଭୂମି ନିର୍ମାଣ କରି ଜନସାଧାରଣ ଙ୍କୁ ଉପଯୁକ୍ତ ମୌଳିକ ସେବା ଯୋଗାଇ ଦେବା ପାଇଁ ଗୁରୁତ୍ୱ ଦେଇଥିଲେ । ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ସମାରୋହରେ ଅତିଥି ମାନଙ୍କ ଦ୍ୱାରା ପୂର୍ବତନ ଅଧ୍ୟକ୍ଷ/ ଅଧ୍ୟକ୍ଷା ମାନଙ୍କୁ ଉପଢୌକନ ଓ ସ୍ମୃତି ଫଳକ ବା ଚିହ୍ନ ଦେଇ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯିବ ସଙ୍ଗେ ସଙ୍ଗେ ସୋନପୁର ପୌର ପରିଷଦର ବର୍ତମାନ ନିର୍ବାଚିତ ହୋଇ କାମ କରୁଥିବା ସମସ୍ତ ସଭ୍ୟ/ ସଭ୍ୟା, ଉପାଧ୍ୟକ୍ଷା ଓ ଅଧ୍ୟକ୍ଷାଙ୍କୁ ମଧ୍ୟ ସୋନପୁର ପୌର ପରିଷଦ ତରଫରୁ ଉପଢୌକନ ଓ ସ୍ମୃତି ଫଳକ ବା ଚିହ୍ନ ଦେଇ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଆଭାଷି ମାଧ୍ୟମରେ ରାଜ୍ୟ ସ୍ତରରେ ଅନୁଷ୍ଠିତ ହେଉଥିବା ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ସମାରୋହ ସିଧା ପ୍ରସାରଣ ସମସ୍ତେ ଏଲ୍‌ଇଡି ଟେଲିଭିଜନ ମାଧ୍ୟମରେ ଦେଖିଥିଲେ । ସମାରୋହ ଶେଷରେ ଋଷି ମାଝୀ, ନିର୍ବାହୀ ଅଧିକାରୀ, ପୌର ପରିଷଦ, ସୋନପୁର ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ପୃଥକ୍ ସ୍ଥାନରେ ଭସାଣିବେଳେ ଗୋଷ୍ଠୀ ସଂଘର୍ଷ, ଉତ୍ତେଜନା



**ଭୁବନେଶ୍ୱର (ପିପିଏସ୍):** ରାଜଧାନୀରେ ପୃଥକ୍ ସ୍ଥାନରେ ଗଣେଶ ଭସାଣିବେଳେ ଗୋଷ୍ଠୀ ସଂଘର୍ଷ ହୋଇଛି। ୟୁନିଟ୍ ୯ ଅଞ୍ଚଳରେ ଭସାଣିକୁ ନେଇ ଗଣ୍ଡଗୋଳ ଘଟିଥିବାବେଳେ ଏଥିରେ କିଛି ଯୁବକ ଆହତ ହୋଇଥିବା ଜଣାପଡ଼ିଛି। ସେହିପରି ପାତ୍ରପଡ଼ା ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଏକାଧିକ ଆହତ ହୋଇଛନ୍ତି। ସୂଚନା ଅନୁସାରେ, ରବିବାର ରାତିରେ ପାତ୍ରପଡ଼ା ଅଞ୍ଚଳରେ ଗଣେଶ ଭସାଣି ଚାଲିଥିଲା। ସେଚ୍ଚ ପୂର୍ବଦିନ ସରପଞ୍ଚଙ୍କ ଘର ନିକଟରେ ପାଇଥିବା ବେଳେ ବିପକ୍ଷ ଗୋଷ୍ଠୀର ଲୋକମାନେ ଅଟକାଇଥିଲେ। ଏହାପରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବା ସହ କଥା ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ଉଭୟପକ୍ଷର ମହିଳାମାନେ ମଧ୍ୟ ମାରପିଟ୍ ହୋଇଥିଲେ। ଭସାଣୀ କରୁଥିବା ଗୋଷ୍ଠୀର ଜୀବନ ସାମନ୍ତରାୟ ଆହତ ହୋଇଥିବାବେଳେ ଅପରପକ୍ଷର ଲୋକ ମଧ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଜୀବନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଏମ୍ସ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଖବରପାଇ ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ, ୨୦୧୫ ମସିହା ଜୁନ୍ ମାସରେ ଏକ ହତ୍ୟାକାଣ୍ଡ ଘଟିଥିଲା। ସେବେଠାରୁ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ସେହି ବିବାଦରୁ ଆଜି ଏଭଳି ଗୋଷ୍ଠୀ ସଂଘର୍ଷ ଘଟିଥିବା ପ୍ରାଥମିକ ଅନୁସନ୍ଧାନରୁ ପୁଲିସ ଜାଣିବାକୁ ପାଇଛି।

## ବିଏମ୍ସି ପକ୍ଷରୁ ସାୟତ୍ତ ଶାସନ ଦିବସ ପାଳିତ

# ବିଭିନ୍ନ ପ୍ରକଳ୍ପ ଉଦ୍ଘାଟନ ଓ ଶିଳାନ୍ୟାସ



**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ପକ୍ଷରୁ ସାୟତ୍ତ ଶାସନ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓ ଭୁବନେଶ୍ୱର ମେୟରଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଗତକାଲି ସକାଳ ୮ଟାରେ ବିଏମ୍ସି ମୁଖ୍ୟାଳୟରେ ମେୟର ସୁଲୋଚନା ଦାସ ପତାକା ଉତ୍ତୋଳନ କରିଥିଲେ। ମେୟର ଓ କମିସନ ସମସ୍ତ ଷ୍ଟାଣ୍ଡି କମିଟି ଅଧ୍ୟକ୍ଷ, ଅଧ୍ୟକ୍ଷା ଓ କର୍ପୋରେଟରଙ୍କ ଉପସ୍ଥିତିରେ ମୋଟ ୨୪ଟି ପ୍ରକଳ୍ପର ଉଦ୍ଘାଟନ କରାଯାଇଥିବା ବେଳେ ୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ବିଏମ୍ସି ଡାକ୍ତରଖାନା ଓ ଆଶ୍ରୟସ୍ଥଳୀରେ ଫଳ ବଣ୍ଟନ କରାଯାଇଥିଲା। ହ୍ୱାଟ୍ସଆପ ମାଧ୍ୟମରେ ବିଏମ୍ସି ଅଞ୍ଚଳ ଲୋକଙ୍କ ଅଭିଯୋଗ ଶୁଣିବା, ସେମାନଙ୍କର ସମସ୍ୟା ସମାଧାନ କରିବା, ଲୋକେ ବିଏମ୍ସି କାର୍ଯ୍ୟାଳୟକୁ ନ ଆସି ନିଜ ମୋବାଇଲରେ ସମସ୍ତ ପ୍ରକାର ଟାକ୍ସ ପ୍ରଦାନ କରିବା ଆଦି କାର୍ଯ୍ୟ ଘରେ ବସି କରିପାରିବେ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଜରିଆରେ ହୋଇଥିବା ଏହି ମୋବାଇଲ ଆପକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଆଜି ଲୋକାର୍ପଣ କରିଛନ୍ତି। ଜୟଦେବ ଭବନଠାରେ ଆୟୋଜିତ ସନ୍ଧ୍ୟା ଅଧିବେଶନର ସନ୍ତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ୩୩ଶହ କୋଟି ଟଙ୍କା ବ୍ୟୟରେ ନିକୋପାର୍କର ନବିକରଣ କରାଯିବ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଘୋଷଣା କରିଛନ୍ତି। ଏହାସହ ବିଏମସିର କର୍ମଚାରୀ ସଂଖ୍ୟା ବୃଦ୍ଧି କରିବା ଏବଂ ମଧ୍ୟବିତ୍ତ ପରିବାରର ଲୋକଙ୍କୁ ସ୍ୱଳ୍ପ ମୂଲ୍ୟରେ ଘର ଯୋଗାଇ ଦେବାକୁ ସେ କହିଛନ୍ତି। ଏହି ଅବସରରେ ଭୁବନେଶ୍ୱର ଅଞ୍ଚଳରୁ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ପଦ୍ମଶ୍ରୀ ପ୍ରଫେସର ଡକ୍ଟର ଅଶୋକ କୁମାର ମହାପାତ୍ର, ପଦ୍ମଶ୍ରୀ ଅଦ୍ୱୈତ ପ୍ରସାଦ ଗଡନାୟକ, ପଦ୍ମଶ୍ରୀ ଦୁର୍ଗାଚରଣ ରଣବୀର, ପଦ୍ମଶ୍ରୀ ଡକ୍ଟର ପ୍ରତିଭା ଶତପଥୀଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଚଳିତ ବର୍ଷ ଅରୁଣ କୁମାର ମହାନ୍ତି, ନିରାକାର ସାହୁ, ମନୋରଂଜନ ମହାନ୍ତି, ସୁନାରମ ସିଂ, ଗିରିଜା ନନ୍ଦନ ମହାନ୍ତି, ରୋହିତାଶ୍ୱ ଦଳାଇଙ୍କୁ ନଗର ବନ୍ଧୁ ସମ୍ମାନ ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ଫାଲକନ ରେସିଡେନ୍ସି, ବାଲାଜୀ ରେସିଡେଣ୍ଟସ ଓ୍ୱେଲଫେୟାର ସୋସାଇଟ୍, ଶ୍ରୀକ୍ଷେତ୍ର ଗ୍ରୀନଉଡ୍ ଆବାସିକ ସଂଗଠନକୁ ମଧ ସେମାନଙ୍କର ସେବାମୂଳକ କାର୍ଯ୍ୟକଳାପ ପାଇଁ ସମ୍ମାନିତ କରାଯାଇଛି। ବିଏମ୍ସି ଅଞ୍ଚଳରେ ଥିବା ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ବିଭିନ୍ନ ବର୍ଗରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ବିଶେଷ, ଅନୁଷ୍ଠାନକୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରପକ୍ଷେ ସହରରେ ଥିବା ସମସ୍ତ ପାର୍କରେ, ବିଭିନ୍ନ ପ୍ରତିଯୋଗିତା, ଯୋଗାଭ୍ୟାସ, ନୃତ୍ୟ, କ୍ରୀଡା ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଅତିରିକ୍ତ କମିସନର ରତ୍ନାକର ସାହୁ ଓ କୈଳାସ ଚନ୍ଦ୍ର ଦାସ। ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ସାଂସ୍କୃତିକ ଷ୍ଟାଣ୍ଡି କମିଟିର ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନ୍ୟ ଷ୍ଟାଣ୍ଡି କମିଟିର ଅଧ୍ୟକ୍ଷ, ଅଧ୍ୟକ୍ଷା, ସମସ୍ତ କର୍ପୋରେଟର, ବିଏମ୍ସିର ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ।

# ବରିଷ୍ଠ ନାଗରିକଙ୍କ ଜରାଶ୍ରମ ପରିଦର୍ଶନ

**ଭୁବନେଶ୍ୱର ( ପିପିଏସ୍):** ଭୁବନେଶ୍ୱର ବ୍ଲକ୍ ଲିଙ୍ଗିପୁରସ୍ଥିତ ନୀଳକଣ୍ଠେଶ୍ୱର ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗୌରାଙ୍ଗ ଚରଣ ତ୍ରିପାଠୀ ଓ ସମ୍ପାଦକ ରମା ଶଙ୍କର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ମଞ୍ଚର ସଦସ୍ୟ ମାନେ ଆଜି ରଘୁନାଥପୁର ଓ ନନ୍ଦନକାନନ ସ୍ଥିତ ଶିରିଡିସାଇ ଜରାଶ୍ରମ ପରିଦର୍ଶନ କରିଥିଲେ। ସେଠାରେ ଅନ୍ତେବାସୀଙ୍କ ସହ ଭାବର ଆଦାନପ୍ରଦାନ କରିବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଜୀବନର ପ୍ରତିଟି ମୁହୂର୍ତ୍ତ କାହାଣୀର ଅନୁଭୂତିକୁ ବଖାଣି ଥିଲେ। ବାପା, ମା' ଓ ଗୁରୁଜନ ସ୍ୱର୍ଗଠାରୁ ବଡ ସେମାନଙ୍କ ସ୍ନେହାଶୀର୍ବାଦ ପ୍ରତ୍ୟୋକ ପିଲାମାନଙ୍କ ପାଇଁ ଅତ୍ୟନ୍ତ କଲ୍ୟାଣକାରୀ ଓ ଶୁଭଦାୟକ। ସମାଜରେ ସେମାନଙ୍କ ସ୍ଥାନ ସର୍ବଦା ଉଚ୍ଚରେ। ସେମାନଙ୍କର ଜୀବନର ପ୍ରତିଟି ଅନୁଭୂତି ଅନୁକରଣୀୟ ଓ ଶିକ୍ଷଣୀୟ। ଯାହାକି ଆଜିର ଯୁବପିଢ଼ିଙ୍କ ନିମନ୍ତେ ନିହାତି ଜରୁରୀ ବୋଲି ଅନ୍ତେବାସୀମାନେ କହିଥିଲେ। ଉକ୍ତ ଜରାନିବାସର ସକ୍ରିୟ ସଭ୍ୟ ବିଜୟ କୁମାର ପାତ୍ରଙ୍କ ସହଯୋଗରେ ପାଇଁ ନାଗରୀକ ମଞ୍ଚର ସଦସ୍ୟ ମାନେ ସାଧୁବାଦ ଜଣାଇଥିଲେ। ନାଗରୀକ ମଞ୍ଚର ଏହି ପରିଦର୍ଶକ ବେଶ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ସ୍ନେହ ଓ ଭଲପାଇବା ଭିତରେ ଆତ୍ମୀୟତା ସୃଷ୍ଟି ହୋଇଥିଲା।

# ଡୁଡୁନ୍ ଫାଉଣ୍ଡେସନ ଟ୍ରଷ୍ଟର ବାର୍ଷିକୋତ୍ସବ



**ଭୁବନେଶ୍ୱର ( ପିପିଏସ୍):** ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା ପ୍ରତିଷ୍ଠାନର ଅଡିଟୋରିୟମଠାରେ ଡୁଡ୍ନୁ ଫାଉଣ୍ଡେସନ ଟ୍ରଷ୍ଟର ଷଷ୍ଠ ବାର୍ଷିକ ଉତ୍ସବ ସମ୍ମାନ ଏବଂ ୯୦ ପ୍ରତିଶତ ମାନସିକ ଅନଗ୍ରସର ୨୦ ତମ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଉଦ୍ଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାସ, କବି ରକ୍ଷକ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ପାଞ୍ଚଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଡୁଡ୍ନୁ ସମ୍ମାନ - ୨୦୨୫ରେ ସମ୍ମାନିତ କରାଯାଇଥିଲା। ସେହିପରି ୧୧ଟି ସାମାଜିକ ଅନୁଷ୍ଠାନମାନଙ୍କୁ 'ଡୁଡନୁ ପ୍ରେରଣା ସମ୍ମାନ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ସାଂସଦ ସୁଲତା ଦେଓ, ସମ୍ମାନିତ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ସାମାଜିକ କର୍ମୀ ଅରୁନ୍ଧତୀ ଦେବୀ, ଏମ୍ସିଏଲ୍ର ନୋଡାଲ ଅଫିସର ଶିଶିର କୁମାର ନାୟ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଡୁଡ୍ନୁ ଫାଉଣ୍ଡେସନ ଟ୍ରଷ୍ଟର ଅଧକ୍ଷା ଡ. ବନ୍ଦନା ହରିଚନ୍ଦନ ପରିଚାଳନା କରିଥିଲେ।

# ଓୟୁଏଟିରେ ବରିଷ୍ଠ କୃଷି ବୈଜ୍ଞାନିକ ସଂଘର ବାର୍ଷିକୋତ୍ସବ

**ଭୁବନେଶ୍ୱର ( ପିପିଏସ୍):** ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ବରିଷ୍ଠ କୃଷି ବୈଜ୍ଞାନିକ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ମନୋରଞ୍ଜନ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଡ. ଅଶୋକ କୁମାର ମହାପାତ୍ର ଯୋଗଦେଇ ଉପସ୍ଥିତ ଶତାଧିକ ୬୦ବର୍ଷ ଊର୍ଦ୍ଧ୍ୱ କୃଷି ବୈଜ୍ଞାନିକ ଡିନ, ପ୍ରଫେସରମାନଙ୍କୁ ଉଦ୍ବୋଧନ ଦେଇଥିଲେ। ସୁଷମ ଖାଦ୍ୟ, ନିୟମିତ ବ୍ୟାୟାମ ଆଦି ସ୍ୱାସ୍ଥ୍ୟ ସଚେତନା ଦେବା ସହିତ ସମସ୍ତଙ୍କର ଦୀର୍ଘାୟୁ କାମନା କରିଥିଲେ। ଏହି ଅବସରରେ ଆସନ୍ତା ବର୍ଷ ପାଇଁ ପ୍ରଫେସର ନିରୋଦ କୁମାର ଧଳ, ଡଂ ଜ୍ଞାନେନ୍ଦ୍ର ନାଥ ମହାନ୍ତି ଉପ ସଭାପତି, ପ୍ରଫେସର ପ୍ରଭୁ ଚରଣ ଲେଙ୍କା, ସମ୍ପାଦକ ଡ ପାଲଟା ସିଂହ, ଯୁଗ୍ମ ସମ୍ପାଦକ ଓ ଡ. ଦେବଦତ୍ତ ମିଶ୍ର କୋଷାଧକ୍ଷ ଭାବେ ମନୋନୀତ ହୋଇଛନ୍ତି। ସମ୍ପକାର ଡ. ନଟବର ଖୁଣ୍ଟିଆ, ପ୍ରଫୁଲ ସେନାପତି, ସୁଦର୍ଶନ ସାହୁ, ସଚିଦାନନ୍ଦ ପଣ୍ଡା, ପ୍ରଭାତ ଷଡ଼ଙ୍ଗୀଙ୍କୁ କାର୍ଯ୍ୟକାରୀ କମିଟିର ସଦସ୍ୟମାନଙ୍କୁ ନେଇ ଉପଦେଷ୍ଟା ରଖାଇଯାଇଛି ବୋଲି ବୈଜ୍ଞାନିକ ଦେବ ପ୍ରସାଦ ମଲ୍ଲିକ ସୂଚନା ଦେଇଥିଲେ।

# ଗୌରାଙ୍ଗ ସେବା ଫାଉଣ୍ଡେସନ୍ ଦ୍ୱାରା ଶ୍ରୀରାଧାଷ୍ଟମୀ ପାଳିତ

**ଭୁବନେଶ୍ୱର (ପିପିଏସ୍):** ଗୌରାଙ୍ଗ ସେବା ଫାଉଣ୍ଡେସନର ହରେକୃଷ୍ଣ ଭକ୍ତମାନେ ୩୧ ଅଗଷ୍ଟ ୨୦୨୫ରେ ରାଉରକେଲାସ୍ଥିତ ମେଫେୟାର ଓ୍ୱାର୍ଲ୍ଡ କପ୍ ଭିଲେଜ ଠାରେ ଏକ ଭବ୍ୟ ରାଧାଷ୍ଟମୀ ଉତ୍ସବ ଆୟୋଜନ କରିଥିଲେ। ଶ୍ରୀମତୀ ରାଧାରାଣୀଙ୍କ ଜନ୍ମ ଉପଲକ୍ଷେ ଏହି କାର୍ଯ୍ୟକ୍ରମରେ ବହୁ ଭକ୍ତଙ୍କ ସମାବେଶ ହୋଇଥିଲା ଯେଉଁମାନେ ଅତ୍ୟନ୍ତ ଉତ୍ସାହ ଏବଂ ଭକ୍ତିର ସହିତ ଉତ୍ସବରେ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ଏହି ଉତ୍ସବ ଆଧ୍ୟାତ୍ମିକ କୀର୍ତ୍ତନ ଏବଂ ଭଜନ ସହିତ ଆରମ୍ଭ ହୋଇଥିଲା ଯାହା ପରିବେଶକୁ ଆଧ୍ୟାତ୍ମିକ ଶକ୍ତିରେ ପରିପୂର୍ଣ୍ଣ କରିଥିଲା। ସହରର ଅନେକ ଅଞ୍ଚଳରୁ ଭକ୍ତମାନେ ଶ୍ରୀରାଧାକୃଷ୍ଣଙ୍କ ସ୍ତୁତି ଗାନ କରିବାକୁ ଏକତ୍ରିତ ହୋଇଥିଲେ, ଶ୍ରୀରାଧାକୃଷ୍ଣଙ୍କର ଦିବ୍ୟ ଲୀଳା ଏବଂ ଶିକ୍ଷାକୁ ମନେ ପକାଇଥିଲେ। ଶ୍ରୀକୃଷ୍ଣଙ୍କର କରୁଣାମୟ ସ୍ୱଭାବ - ଶ୍ରୀମତୀ ରାଧାରାଣୀଙ୍କ ମାଧ୍ୟମରେ କିପରି କୃଷ୍ଣଙ୍କ ନିକଟ ରେ ପହଞ୍ଚିବେ ଏବଂ ଶ୍ରୀ ରାଧାଷ୍ଟମୀର ମହତ୍ତ୍ୱ ବିଷୟରେ ଜ୍ଞାନପୂର୍ଣ୍ଣ ପ୍ରବଚନ ଦିଆଯାଇଥିଲା। ଫୁଲର ଏକ କୋମଳ ଶଯ୍ୟାରେ ଆଚ୍ଛାଦିତ ହେବା ପର୍ଯ୍ୟନ୍ତ, ଭଗବାନଙ୍କ ଉପରେ ବିଭିନ୍ନ ପ୍ରକାରର ପୁଷ୍ପ ବୃଷ୍ଟି କରାଯାଇଥିଲା। ଶ୍ରୀ ରାଧା କୃଷ୍ଣଙ୍କ ନିକଟରେ ମହାମଙ୍ଗଳ ଆରତୀ ଏବଂ ଛପନ ଭୋଗ (୫୬ଟି ବିଶେଷ ଭୋଗ) ଅର୍ପଣ କରାଯାଇଥିଲା। ରାଧାଷ୍ଟମୀର ମହା ସମାରୋହରେ ସମସ୍ତ ଭକ୍ତ ଅଂଶଗ୍ରହଣ କରିଥିଲେ।

# ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବ



**ଭୁବନେଶ୍ୱର (ପିପିଏସ୍):** ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଆୟୋଜିତ ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବ ଦ୍ୱିତୀୟ ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ନୃତ୍ୟ ମହୋତ୍ସବରେ ୨୦ଟି ନୃତ୍ୟଦଳ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ପଦ୍ମଶ୍ରୀ ପ୍ରିୟମ୍ବଦା ହେଜମାଦୀ, ନୃତ୍ୟଶିଳ୍ପୀ ସିକତା ଦାସ, ଗବେଷକ କୀର୍ତ୍ତନ ନାରାୟଣ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ 'ଗୋଟିପୁଅର ଉଦଗମ ଓ ବିକାଶ' ଶୀର୍ଷକକୁ ନେଇ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଗୋଟିପୁଅ ନୃତ୍ୟ ମାଧ୍ୟମରେ 'ଗୁରୁ ବନ୍ଦନା', 'ମଙ୍ଗଳାଚରଣ', 'ଦଶାବତାର', 'ବନ୍ଧନୃତ୍ୟ', 'ପଞ୍ଚଦେବ ସ୍ତୁତି' ଆଦିର ପ୍ରଦର୍ଶନ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ରହିଥିଲା। ଆରାଧନା ଡ୍ୟାନ୍ସ ଏକାଡେମୀ, ଗୁରୁ ମାଗୁଣୀ ଜେନା ଗୋଟିପୁଅ ନୃତ୍ୟ ପରିଷଦ, ଜୟଦେବ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପ୍ରତିଷ୍ଠାନ, ଶିବ ପାର୍ବତୀ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ, ଜୟ ମା ସିଂହ ବାହିନୀ, ସୃଷ୍ଟି ଫାଉଣ୍ଡେସନ ଟ୍ରଷ୍ଟ, ନାରାୟଣୀ ଗୋଟିପୁଅ କଳାପରିଷଦର ନୃତ୍ୟଶିଳ୍ପୀମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ତଥା ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶୁଚିସ୍ମିତା ମନ୍ତ୍ରୀ ପରିଚାଳନା କରିଥିଲେ।

# ରାଜଧାନୀରେ ପ୍ରତିଷ୍ଠା ହେବ ମନୋଜ ଦାସଙ୍କ ପ୍ରତିମୂର୍ତ୍ତି

**ଭୁବନେଶ୍ୱର (ପିପିଏସ୍):** ସମଗ୍ର ବିଶ୍ୱରେ ଓଡ଼ିଶାକୁ ଗୌରବାନ୍ୱିତ କରିଥିବା ମହାନ ଲେଖକ ମନୋଜ ଦାସଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ପ୍ରାୟ ୨ ବର୍ଷ ତଳେ ମନୋଜ ଦାସ ସ୍ମୃତି ସଂସଦ ପକ୍ଷରୁ ସଂସ୍କୃତି ବିଭାଗ ନିକଟରେ ଦାବି ହୋଇଥିଲା। ଗୀତଗୋବିନ୍ଦ ସଦନରେ ଆୟୋଜିତ ମନୋଜ ଦାସଙ୍କ ଜୟନ୍ତୀ ସଭାରେ ଏମିତି ଏକ ପ୍ରସ୍ତାବ ଆସିଥିଲା ଏବଂ ପରବର୍ତ୍ତୀ ସମୟରେ ମନୋଜ ଦାସ ସ୍ମୃତି ସଂସଦ ପକ୍ଷରୁ ଲିଖିତ ଭାବେ ବିଭାଗକୁ ଜଣାଯାଇଥିଲା। ପ୍ରତିମୂର୍ତ୍ତିଟି ବାଣୀବିହାର ପରିସରରେ ପ୍ରତିଷ୍ଠା ହେଉ ଏବଂ ତାଙ୍କ ନାମରେ ରାଜଧାନୀର ଏକ ରାସ୍ତାର ନାମକରଣ ହେଉ ବୋଲି ଦାବି ଉପସ୍ଥାପିତ ହୋଇଥିଲା। ବର୍ତ୍ତମାନ ସମୟରେ ଏହା ଖୁସିର ବିଷୟ କି ସରକାର ସ୍ମୃତି ସଂସଦର ପ୍ରଥମ ପ୍ରସ୍ତାବଟି ଗ୍ରହଣ କରି ଏକ ବିଶାଳ ବ୍ରୋଞ୍ଜ ପ୍ରତିମୂର୍ତ୍ତି ନିର୍ମାଣ ଲାଗି ଅର୍ଥ ମଞ୍ଜୁର କରିଛନ୍ତି। ଓଡ଼ିଶାର ବିଖ୍ୟାତ ଭାସ୍କର୍ଯ୍ୟ ଶିଳ୍ପୀ ସରୋଜ ଭଞ୍ଜ ଏହା ନିର୍ମାଣ କରୁଛନ୍ତି। ପୂର୍ବରୁ ମନୋଜ ଦାସଙ୍କ ଜନ୍ମ ସ୍ଥାନ ଶଙ୍ଖାରିଠାରେ ପ୍ରତିଷ୍ଠା ହୋଇଥିବା ଦୁଇ ଭାଇ ମନୋଜ ଓ ମନ୍ମଥଙ୍କ ପ୍ରତିମୂର୍ତ୍ତି ମଧ୍ୟ ଶିଳ୍ପୀ ସରୋଜ ନିର୍ମାଣ କରିଛନ୍ତି। ଖଣ୍ଡଗିରିସ୍ଥିତ ତାଙ୍କ ଓ୍ୱାର୍କସପ୍କୁ ଯାଇ ସ୍ମୃତି ସଂସଦ ପକ୍ଷରୁ ପ୍ଲାଷ୍ଟର ଅଫ୍ ପାରିସ୍ରେ ନିର୍ମିତ ପ୍ରତିମୂର୍ତ୍ତିର ପ୍ରାରମ୍ଭିକ ଛାଞ୍ଚ ଦେଖିବାକୁ ଯାଇଥିଲେ। ମାସେ ଦେଢ଼ମାସ ଭିତରେ ସଂପୂର୍ଣ୍ଣ ହୋଇ ପୂର୍ଣ୍ଣାଙ୍ଗ ବ୍ରୋଞ୍ଜ ପ୍ରତିମୂର୍ତ୍ତିରେ ପରିଣତ ହେଲେ ଏହା ଆହୁରି ଜୀବନ୍ତ ଲାଗିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ପ୍ରତିମୂର୍ତ୍ତି ନିର୍ମାଣ ଲାଗି ସଂସ୍କୃତି ବିଭାଗ ଅର୍ଥ ପ୍ରଦାନ କରିଥିବାରୁ ମନୋଜ ଦାସ ସ୍ମୃତି ସଂସଦ ଏବଂ ଓଡ଼ିଶାର ମନୋଜପ୍ରେମୀଙ୍କ ତରଫରୁ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କାଯାଇଛି। ସ୍ମୃତି ସଂସଦ ପକ୍ଷରୁ ଖୁବଶୀଘ୍ର ଉଚ୍ଚଶିକ୍ଷା ଓ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଭେଟିବା ସହ ବାଣୀବିହାର ପରିସରରେ ଏଥିପାଇଁ ଉପଯୁକ୍ତ ସ୍ଥାନ ନିରୂପଣ କରାଯିବ ବୋଲି ସୂଚନା ଦିଆଯାଇଛି।



# ପାର୍କିଂକୁ ନେଇ ଗଣ୍ଡଗୋଳ, ଫାଟିଲା ମୁଣ୍ଡ

**ଭୁବନେଶ୍ୱର ( ପିପିଏସ୍):** ପାର୍କିଂକୁ ନେଇ ଗଣ୍ଡଗୋଳ ଘଟିଛି। ସିକ୍ୟୁରିଟି ଗାର୍ଡ ଛୁରି ଦେଖାଇବାକୁ ନେଇ ଗଣ୍ଡଗୋଳ ବଢ଼ିଯାଇଥିଲା। ଏପରିକି ଅନ୍ୟଗୋଷ୍ଠୀ ସିକ୍ୟୁରିଟି ଗାର୍ଡକୁ ଠେଲିଦେବାରୁ ତାଙ୍କ ମୁଣ୍ଡ ଫାଟି ଯାଇଛି। ଏଭଳି ଘଟଣା ମଞ୍ଚେଶ୍ୱର ଥାନା ସତ୍ୟବିହାରରେ ଥିବା ଏକ ରେଷ୍ଟୁରାଣ୍ଟ ଆଗରେ ଘଟିଛି। ଏ ନେଇ ମଞ୍ଚେଶ୍ୱର ଥାନାରେ ସିକ୍ୟୁରିଟି ଗାର୍ଡ ଶିବ ପ୍ରସାଦ ଦାଶ ଏବଂ ପ୍ରତାପନଗରର ପ୍ରତୀକ ରାଉତ ଅଭିଯୋଗ କରିଛନ୍ତି। ପୁଲିସ ଦୁଇଟି ଅଭିଯୋଗକୁ ଗ୍ରହଣ କରି ତଦନ୍ତ କରୁଛି। ଅନ୍ୟପଟରେ ସିକ୍ୟୁରିଟି ଗାର୍ଡ ସଂଗୀନ ଅଭିଯୋଗ ଆଣିଛନ୍ତି। ତାଙ୍କ ସହ ଅନ୍ୟ ଗୋଷ୍ଠୀ ଗଣ୍ଡଗୋଳ କରି ଛୁରି ମାଡ଼ କରିଥିବା ଅଭିଯୋଗ କରିଛନ୍ତି। ପୁଲିସ ଦୁଇଟି ଅଭିଯୋଗ ଆଧାରରେ ତଦନ୍ତ କରୁଛି। ପୁଲିସ କହିଛି ଯେ, ଉକ୍ତ ରେଷ୍ଟୁରାଣ୍ଟକୁ ପ୍ରତୀକ ରାଉତ ଏବଂ ତାଙ୍କ ସହଯୋଗୀ ଖାଇବାକୁ ଆସିଥିଲେ। ସେମାନେ ଗାଡ଼ି ପାର୍କିଂରୁ ନେବା ସମୟରେ ଅନ୍ୟ ଗାଡ଼ି ସହ ପଛରୁ ସାମାନ୍ୟ ପିଟି ହୋଇଥିଲା। ଏହାପରେ ସିକ୍ୟୁରିଟି ଗାର୍ଡ ସହ ଗାଳିଗୁଲଜ ହୋଇଥିଲା। ପରେ ସିକ୍ୟୁରିଟି ଗାର୍ଡ ଛୁରି ବାହାର କରି ପ୍ରତୀକଙ୍କୁ ଦେଖାଇ ପଥରରେ କାର ଭଙ୍ଗାରୁଜା କରିଥିଲେ। ଏହାପରେ ପ୍ରତୀକ ଏବଂ ଅନ୍ୟମାନେ ସିକ୍ୟୁରିଟି ଗାର୍ଡଙ୍କୁ କାବୁ କରିବାକୁ ଯାଇ ଠେଲି ଦେଇଥିଲେ। ଫଳରେ ସେ ତଳେ ପଡ଼ି ତାଙ୍କ ମୁଣ୍ଡ ଫାଟିଯାଇଥିଲା। ତେଣୁ ଘଟଣାର ସତ୍ୟାସତ୍ୟ କ'ଣ ସେ ନେଇ ପୁଲିସ ତଦନ୍ତ କରୁଛି।

# ମହିଳାଙ୍କୁ ଦୁର୍ବ୍ୟବହାର କରି ଟଙ୍କା ଲୁଟ୍ ଅଭିଯୋଗରେ ୩ ଗିରଫ



**ଭୁବନେଶ୍ୱର (ପିପିଏସ୍):** ଓୟୋ ହୋଟେଲରେ ମହିଳାଙ୍କୁ ଦୁର୍ବ୍ୟବହାର କରି ଟଙ୍କା ଲୁଟ୍ ଘଟଣାରେ ୩ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ନିଆଳି ଥାନା ଅଞ୍ଚଳର ଅଂଶୁମାନ ସାଗର ଆପଟ ଓରଫ୍ ସାଗର (୨୩), ବିଶ୍ୱଜିତ ଜେନା ଓରଫ୍ ରଞ୍ଜନ (୨୦) ଓ ବାଙ୍କୀ କରବର ଗାଁର ପିଣ୍ଟନ କୁମାର ଦଳେଇ ଓରଫ୍ ଚାପଡ଼ (୨୯)। ପୁଲିସ ସୂଚନା ଅନୁସାରେ, ଗତ ଜୁଲାଇ ୨୭ ତାରିଖ ଦିନ ରାଣିକା ଦାଶ ଜଗମୋହନ ନଗର ସ୍ଥିତ ହାଉସଫୁଲ ଓୟୋରେ ଜନ୍ମଦିନ ପାଳନ କରୁଥିଲେ। ସେହି ସମୟରେ ସାଗର, ରଞ୍ଜନ ଓ ପିଣ୍ଟନ ହୋଟେଲରେ ପହଁଞ୍ଚି ମାଲିକଙ୍କୁ ଖୋଜିଥିଲେ। ମାଲିକ ନଥିବାରୁ ସେଠାରେ ଜନ୍ମଦିନ ପାଳନ କରୁଥିବା ରାଣିକା ଓ ତାଙ୍କ ସାଙ୍ଗମାନଙ୍କୁ ଦୁର୍ବବ୍ୟବହାର କରିଥିଲେ। ମାରଣାସ୍ତ୍ର ଦେଖାଇ ସହ ତାଙ୍କ ଠାରୁ ୨୦ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଯିବାବେଳେ ହୋଟେଲ କର୍ମଚାରୀଙ୍କୁ ମାଡ଼ ମାରି ୧୫ ଲକ୍ଷ ଟଙ୍କା ଲକ୍ଷ ଦାଦା ବଟି ମାଗିଥିଲେ। ଏନେଇ ରାଣିକା ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ସିସିଟିଭି କ୍ୟାମେରା ଫୁଟେଜରୁ ଅଭିଯୁକ୍ତମାଙ୍କୁ ଚିହ୍ନଟ କରିଥିଲା। ଆଜି ବରମୁଣ୍ଡା ବସଷ୍ଟାଣ୍ଡରୁ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ବାଇକରେ ଜବତ କରିଛି। ପୂର୍ବରୁ ପିଣ୍ଟନ ନାମରେ ସହିଦନଗର ଥାନାରେ ୭ଟି, ଖାରବେଳ ନଗର ଥାନାରେ ୪ଟି ଓ ମଞ୍ଚେଶ୍ୱର ଥାନାରେ ୩ଟି ମାମଲା ରହିଥିବା ଜଣାପଡ଼ିଛି। ସେହିଭଳି ଅଭିଯୁକ୍ତ ଅଂଶୁମାନ ଓ ବିଶ୍ୱଜିତ ନାଁ ରେ ନୂଆପଲ୍ଲୀ ଓ ନିମାପଡ଼ା ଥାନାରେ ଗୋଟିଏ ଲେଖାଁଏ ମାମଲା ରହିଥିବା ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଛି।

# ଟ୍ରାଫିକ୍ ନିୟମ ମାନୁନାହାନ୍ତି ବାଇକ୍ ଚାଳକ

**ଭୁବନେଶ୍ୱର ( ପିପିଏସ୍):** ରାଜଧାନୀରେ ଟ୍ରାଫିକ୍ ନିୟମର ଉଡ଼ିଛି ଧଜିଆ। ନିୟମ ଉଲ୍ଲଂଘନ କରି ରେସିଂ କରୁଛନ୍ତି ସୁପର ବାଇକ୍। ବିନା କୌଣସି ଅନୁମତିରେ ସୁପର୍ ବାଇକ୍ ନେଇ ଆୟୋଜନ ହେଉଛି ଇଭେଣ୍ଟ। ବାୟୁ ପ୍ରଦୂଷଣ ସହ ଶବ୍ଦ ପ୍ରଦୂଷଣ ହେଉଥିଲେ ବି ସେଥିପ୍ରତି କାହାରି ଖାତିର ନାହିଁ। ତା' ସାଙ୍ଗକୁ ଜୀବନକୁ ବାଜି ଲଗାଇ ବାଇକର ଦେଖାଉଛନ୍ତି ଷ୍ଟଣ୍ଟ। ଏଭଳି କିଛି ଆଶ୍ଚର୍ଯ୍ୟ କଲା ଭଳି ଦୃଶ୍ୟ ଏବେ ଦେଖିବାକୁ ମିଳିଛି ହଂସପାଳ ସିମ୍ଫୋନି ମଲ୍ ନିକଟରେ। ସୋସିଆଲ ମିଡିଆରେ ଏଭଳି ଭିଜୁଆଲ ଭାଇରାଲ ହେବା ପରେ ବିଭିନ୍ନ ମହଲରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତୁରନ୍ତ ପରିବହନ ବିଭାଗ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

# ଥମୁନି ଝାରପଡ଼ା ଦୁର୍ଗାପୂଜା ବିବାଦ

**ଭୁବନେଶ୍ୱର (ପିପିଏସ୍):** ଥମୁନି ଝାରପଡ଼ା ଦୁର୍ଗାପୂଜା ବିବାଦ। କୋର୍ଟଙ୍କ ହସ୍ତକ୍ଷେପ ପରେ ଏବେ ଝାରପଡ଼ାର ଦୁଇ ଅନୁଷ୍ଠାନ ଝାରପଡ଼ା ଦୁର୍ଗାପୂଜା ସମିତି ଓ ଝାରପଡ଼ା ଓ୍ୱେଲଫେୟାର ଆସୋସିଏସନ୍ ଅଲଗା ଅଲଗା ପୂଜା କରିବେ ବୋଲି ଅତିରିକ୍ତ ଡିସିପିଙ୍କ କୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ଏଥିରେ କିନ୍ତୁ ଗୋଟିଏ ଗୋଷ୍ଠୀ ଅସନ୍ତୁଷ୍ଟ ରହିଥିବା ଜଣାପଡ଼ିଛି। ଫଳରେ ଝାରପଡ଼ା ଓ୍ୱେଲଫେୟାର ଆସୋସିଏସନ୍ର କର୍ମକର୍ତ୍ତାମାନେ ଝାରପଡ଼ା ଦୁର୍ଗାପୂଜା ସମିତିର ନାମକୁ ବ୍ୟବହାର କରି ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହେଉଛି। ଝାରପଡ଼ା ଦୁର୍ଗାପୂଜା ସମିତିର ସଦସ୍ୟମାନେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଥାନାରେ ଏ ନେଇ ଏତଲା ଦେବା ସହ ଡିଜିଙ୍କ ପର୍ଯ୍ୟନ୍ତ ଅଭିଯୋଗ ଜଣାଇଥିଲେ ମଧ ପୁଲିସ ଚୁପ୍ ବସିଛି। କୋର୍ଟଙ୍କ ନିୟମ ଅବମାନନା କରାଯାଉଥିଲେ ମଧ ପୁଲିସ କାହା ଚାପରେ ନିରବଦ୍ରଷ୍ଟା ପାଲଟିଛି ଏହାକୁ ଏକ ପ୍ରେସ୍ମିଟ୍ରେ ଝାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ ପ୍ରଶ୍ନ କରାଯାଇଛି। ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ସମିତିର ଅଭିଯୋଗ ଅନୁଯାୟୀ, ୨୦୧୧ ମସିହାରୁ ଝାରପଡ଼ା ଦୁର୍ଗାପୂଜା ସମିତି ନାମରେ ଏଠାରେ ପୂଜା କରାଯାଉଥିଲା। ୧୪ ବର୍ଷ ହେବ ମହା ଆଡ଼ମ୍ବରରେ ଶାନ୍ତିପୂର୍ଣ୍ଣ ଭାବେ ପୂଜା କରାଯାଉଥିଲା। ଅଚାନକ ସମିତିର ସମ୍ପାଦକ ଏବଂ ସଭାପତିଙ୍କ ନାମରେ ୨୩ ଜୁନ୍ରେ ଆର୍ଥିକ ଅନିୟମିତତା ଅଭିଯୋଗ ଆସିଲା। ଆଉ ଅତିରିକ୍ତ ଜିଲ୍ଲାପାଳଙ୍କ ପାଖରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଗଲା। ସମିତି ସଦସ୍ୟମାନେ ସମସ୍ତ ତଥ୍ୟ ଦେବା ପରେ ଅତିରିକ୍ତ ଜିଲ୍ଲାପାଳ ସମିତି ସଦସ୍ୟଙ୍କୁ ୧୨ଅଗଷ୍ଟରେ ଅନିୟମିତତା ଅଭିଯୋଗରୁ କ୍ଲିନ୍‌ଚିଟ୍ ଦେଲେ।




ବିଜେପି ନେତା ଜଗନ୍ନାଥ ପ୍ରଧାନ ୨୦୧୪ ମସିହାରେ ଇସ୍ତଫା ଦେଇଥିଲେ। ତାଙ୍କୁ ବାରମ୍ବାର ଡାକାଯାଇଥିଲେ ମଧ ସେ ମୌଖିକ ଭାବେ ରାଜନୈତିକ କାର୍ଯ୍ୟକ୍ରମରେ ବ୍ୟସ୍ତଥିବା ଦର୍ଶାଇ ଆସି ନଥିଲେ। କିମ୍ବା ସଭ୍ୟ ଚାନ୍ଦା ଦେଇ ନଥିଲେ। ଏଣୁ ୨୦୧୮ ମସିହାରେ ସମିତିର ବାଇ ଲ ଅନୁଯାୟୀ ଜଗନ୍ନାଥ ପ୍ରଧାନଙ୍କୁ ବହିଷ୍କାର କରାଯାଇଥିଲା। ଉପ ଜିଲ୍ଲାପାଳଙ୍କ ରିପୋର୍ଟ ଆସିବା ପରେ ଗତ ୧୯ ତାରିଖରେ ଗ୍ରାମବାସୀ ମିଶି ପୂଜା ସ୍ଥାନକୁ ସଫା କଲେ। ଏହି ସମୟରେ ପୁଲିସ ଏଠାରେ ବିଏନ୍ଏସ୍ ଧାରା ୧୬୩ ଲଗାଇ ଏହାକୁ ନିଷିଧାଞ୍ଚଳ ଘୋଷଣା କରିଥିଲା। ପୁରୁଣା ନୂଆ କମିଟି ଦର୍ଶାଇ ପୁଲିସ ରିପୋର୍ଟ ପ୍ରସ୍ତୁତ କଲା। ଏହି ରିପୋର୍ଟ ଆଧାରରେ କୋର୍ଟରେ ମାମଲାର ଶୁଣାଣି ହେଲା। କୋର୍ଟ ଦୁଇ କମିଟି ଝାରପଡ଼ା ଦୁର୍ଗାପୂଜା ସମିତି ଓ ଝାରପଡ଼ା ଓ୍ୱେଲଫେୟାର ଆସୋସିଏସନ୍କୁ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ପୂଜା କରିବାକୁ ନିର୍ଦ୍ଦେଶ ଦେଲେ। ଏହା ସତ୍ତ୍ୱେ ମଧ ଝାରପଡ଼ା ଓ୍ୱେଲଫେୟାର ଆସୋସିଏସନ୍ ଏହାର ପ୍ରତିଦ୍ୱନ୍ଦ୍ୱୀ ଝାରପଡ଼ା ଦୁର୍ଗାପୂଜା ସମିତି ନାମକୁ ବ୍ୟବହାର କରି ଚାନ୍ଦା ମାଗିବା ଭଳି ବିଭିନ୍ନ ବେଆଇନ୍ କାର୍ଯ୍ୟ କରୁଥିବା ଅଭିଯୋଗ କରିଛି। ଏହାସହ ଏଭଳି ନାମ ବ୍ୟବହାର କରି କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଇଥିଲେ ମଧ ପୁଲିସ କାର୍ଯ୍ୟନୁଷ୍ଠାନ ନ ନେବା ଦୁର୍ଭାଗ୍ୟଜନକ ବୋଲି କୁହାଯାଉଛି। ସମାଧାନର ବାଟ ବାହାରିବା ପରେ ବି ଏହା ହୀନ ଚକ୍ରାନ୍ତ ବୋଲି ଝାରପଡ଼ା ଦୁର୍ଗାପୂଜା ସମିତିର ସମ୍ପାଦକ ଧରଣୀଧର ଜେନା, ଆବାହକ ଶ୍ରୀଧର ଜେନା, ସଭାପତି ଶିଖର ଚନ୍ଦ୍ର ଜେନା ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି।

## ପାକିସ୍ତାନରେ ଭୟଙ୍କର ବନ୍ୟା



ନୂଆଦିଲ୍ଲୀ: ପାକିସ୍ତାନର ପଞ୍ଜାବ ଓ ସିନ୍ଧ ପ୍ରଦେଶରେ ଭୀଷଣ ବନ୍ୟା। ଫଳରେ ଲକ୍ଷାଧିକ ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି। ଭାରତ ଦେଇ ପ୍ରବାହିତ ରାଭି, ସତଲେଜ ଓ ଚେନାବ ଭଳି ନଦୀ ଏବେ ବିପଦ ସଙ୍କେତ ଦେଇ ଗତି କରୁଛି। ଭାରତର ପଞ୍ଜାବରେ ପ୍ରବଳ ବନ୍ୟା କାରଣରୁ ଏହି ନଦୀର ପାଣି ପାକିସ୍ତାନର ପାଇଁ ବିପଦ ପାଲଟିଛି। ପଞ୍ଜାବର ୨୨୦୦ରୁ ଅଧିକ ଗାଁର ୨୦ ଲକ୍ଷରୁ ଅଧିକ ଲୋକ ନିଜ ଘର ଛାଡିବାକୁ ବାଧ ହୋଇଛନ୍ତି। ଚଳିତ ସପ୍ତାହରେ ପ୍ରବଳ ମୌସୁମୀ ବର୍ଷା ଓ ଭାରତ ଛାଡିଥିବା ଅତିରିକ୍ତ ପାଣି କାରଣରୁ ପଞ୍ଜାବର ନଦୀ ଚେନାବ ଓ ସତଲେଜରେ ପ୍ରବଳ ପାଣି ପଶି ଯାଇଥିଲା। ପଞ୍ଜାବର ଗ୍ରାମୀଣ ଅଞ୍ଚଳ ସହ ସହରୀ ଅଞ୍ଚଳ ଯେପରି ଲାହୋର ମଧ ଜଳମଗ୍ନ ହୋଇଯାଇଛି।

ପ୍ରଶାସନ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଦେଇଛି। ଯେଉଁଥିରେ ସେନା, ପୋଲିସ ଓ ଅନ୍ୟ ଏଜେନ୍ସି ରହିଛନ୍ତି। ଏପର୍ଯ୍ୟନ୍ତ ୭୫୦,୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ବନ୍ୟା କାରଣରୁ ଅତି କମ୍‌ରେ ୩୩ ଜଣଙ୍କ ମୃତ୍ୟୁ ହୋଇଛି। ସେଭଳି ଶତାଧିକ ଆହତ ହୋଇଛନ୍ତି। ପଶୁ ଓ ସମ୍ପତ୍ତିର ମଧ ପ୍ରବଳ କ୍ଷୟକ୍ଷତି ହୋଇଛି। ଏବେ ଏହି ବନ୍ୟା ସିନ୍ଧ ଆଡକୁ ବଢିବାରେ ଲାଗିଛି, ଯେଉଁଠି ପ୍ରଶାନ 'ସୁପର ଫ୍ଲଡ' ଆଲର୍ଟ ଜାରି କରିଛି। ମୁଖ୍ୟମନ୍ତ୍ରୀ ମୁରାଦ ଅଲ୍ଲୀ ରବିବାର ଗୁଡ୍ଡୁ ଓ ସକ୍କର ବ୍ୟାରାଜ ଗସ୍ତ କରି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ସେ କହିଛନ୍ତି, ଯଦି ପାଣି ୯ ଲକ୍ଷ୍ୟ କ୍ୟୁସେକରୁ ଅଧିକ ଆସେ ତେବେ ସିନ୍ଧ ନିକଟରେ ଥିବା ୧୫ ଜିଲ୍ଲାରେ ପ୍ରବଳ କ୍ଷୟକ୍ଷତି ହେବାର ସମ୍ଭାବନା ବଢିଯିବ।

ଏହାଦ୍ୱାରା ୧୬ ଲକ୍ଷ ଲୋକେ ପ୍ରଭାବିତ ହୋଇପାରନ୍ତି। ପ୍ରଶାସନ ସମ୍ବେଦନଶୀଳ ବନ୍ଧ ଉପରେ ନଜର ରଖିବା ବଢାଇ ଦେଇଛି। ସେଭଳି ପୋଲିସ ପିକେଟସ୍ ସ୍ଥାପିତ କରାଯାଉଛି। ଫଳରେ ଏହି ଅଞ୍ଚଳରେ ଅପରାଧ ଗତିବିଧିକୁ ରୋକି ହେବ। ସାରାଦେଶରେ ଜୁନ୍ ଶେଷ ପର୍ଯ୍ୟନ୍ତ ମୌସୁମୀ କାରଣରୁ ଆସିଥିବା ବନ୍ୟା ଓ ଭୂସ୍ଖଳନରେ ଅତି କମ୍‌ରେ ୮୫୪ ଜଣଙ୍କର ମୃତ୍ୟୁ ହୋଇ ସାରିଛି। ସେଭଳି ଅନେକ ଆହତ ହୋଇଛନ୍ତି।

## ସବୁ ରେକର୍ଡ ଭାଙ୍ଗିଲା ସୁନାଦର



ନୂଆଦିଲ୍ଲୀ: ଯାହା ଚର୍ଚ୍ଚା ହେଉଥିଲା ତାହା ସତ ହେଲା। ସେପ୍ଟେମ୍ବର ମାସ ପ୍ରଥମ ଦିନରୁ ହିଁ ସବୁ ରେକର୍ଡ ଭାଙ୍ଗିଲା ସୁନା ଦର। କେବଳ ସୁନା ନୁହେଁ ରୂପା ଦରରେ ମଧ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ସୋମବାର ଦିନ ସୁନାର ମୂଲ୍ୟରେ ୨୧୧୩ ଟଙ୍କା ବୃଦ୍ଧି ପାଇଁ ୧୦ ଗ୍ରାମ ପିଛା ୧,୦୫,୯୩୭ ଟଙ୍କାରେ ପହଞ୍ଚିଛି ଦର। ଯଦି ଦେଖିବା ଶୁକ୍ରବାର ଦିନ ସୁନାର ମୂଲ୍ୟ ୧୦ ଗ୍ରାମ ପିଛା ୧.୦୪,୦୯୦ ଟଙ୍କାରେ ପହଞ୍ଚିଥିଲା। ପରେ ଦରରେ କିଛିଟା କମିଥିଲା। ଆଉ ଏବେ ମାସ ଆରମ୍ଭରୁ ସବୁ ରେକର୍ଡ ଭାଙ୍ଗିଦେଲା।

ରୂପା ମୂଲ୍ୟ ବୃଦ୍ଧି: କେବଳ ସୁନା ନୁହେଁ ରୂପା ଦରରେ ମଧ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। କେବଳ ସୁନା ନୁହେଁ ରୂପା ମଧ ସବୁ ରେକର୍ଡ ଭାଙ୍ଗିଛି। ସୋମବାର ରୂପା ମୂଲ୍ୟ ୧.୨୪ ଲକ୍ଷ ଟଙ୍କା ଅତିକ୍ରମ କରିବା ସହ କିଲୋପ୍ରତି ୨୫୯୭ ଟଙ୍କା ବୃଦ୍ଧି ହୋଇଛି। ଏକ୍ସଚେଞ୍ଜରେ ଡିସେମ୍ବର ଡେଲିଭରି ପାଇଁ ରୂପା ଚୁକ୍ତିନାମାର ମୂଲ୍ୟ ୨୫୯୭ ଟଙ୍କା କିମ୍ବା ୨.୧୩ ପ୍ରତିଶତ ବୃଦ୍ଧି ପାଇ ପ୍ରତି କିଲୋଗ୍ରାମ ୧,୨୪,୪୭୦ ଟଙ୍କାରେ ପହଞ୍ଚିଛି। ଯାହାକି ଏପର୍ଯ୍ୟନ୍ତର ସବୁଠାରୁ ଅଧିକ ମୂଲ୍ୟ। ଏବଂ ଦୀର୍ଘ ୧୪ ବର୍ଷ ମଧ୍ୟରେ ସର୍ବାଧିକ।


## ଲୋକଙ୍କୁ ବୋକା ବନାଇ ପାରୁଥିବା ବ୍ୟକ୍ତି ଭଲ ନେତା ହୋଇପାରିବ: ନୀତିନ



ନାଗପୁର: କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ନିଜ ବୟାନ ପାଇଁ ସବୁବେଳେ ଚର୍ଚ୍ଚାରେ ଥାନ୍ତି। ଅନେକ ସମୟରେ ତାଙ୍କର ବୟାନକୁ ନେଇ ଖୁବ ଆଲୋଚନା ହୁଏ। ଏବେ ସେ ପୁଣି ସେଭଳି ଏକ ବୟାନ ଦେଇଛନ୍ତି, ଯାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ନାଗପୁରରେ ଏକ କାର୍ଯ୍ୟକ୍ରମରେ ଗଡକରୀ ରାଜନେତାଙ୍କ ବିଷୟରେ ଏପରି ଏକ ବୟାନ ଦେଇଛନ୍ତି, ଯାହା ଆପଣ କୌଣସି କେନ୍ଦ୍ରମନ୍ତ୍ରୀଙ୍କ ମୁହଁରୁ ଶୁଣି ନଥିବେ। ଲୋକମାନେ କୁହନ୍ତି ଯେ ରାଜନେତାମାନେ ଭୋଟ ପାଇବା ପାଇଁ ମିଥ୍ୟା ପ୍ରତିଶ୍ରୁତିର ଜାଲରେ ଜନତାଙ୍କୁ ଫସାଇ ଦିଅନ୍ତି। ସେମାନେ ଜନତାଙ୍କୁ ମୂର୍ଖ ବୋଲି ଭାବି ତାଙ୍କୁ ବୋକା ବନାନ୍ତି। ଏହା ସତ୍ୟ ବୋଲି କହି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି ଗଡ଼କରୀ। ନାଗପୁରରେ ଏକ କାର୍ଯ୍ୟକ୍ରମରେ ନୀତିନ ଗଡକରୀ କହିଥିଲେ ଯେ, 'ଯେଉଁ ପେସାରେ ମୁଁ କାମ କରୁଛି, ସେଠାରେ ସମ୍ପୂର୍ଣ୍ଣ ହୃଦୟର ସହିତ ସତ୍ୟ କହିବା ନିଷେଧ। ଯିଏ ଲୋକଙ୍କୁ ସବୁଠାରୁ ଭଲ ଭାବରେ ବୋକା କରିପାରିବ, ସେ ସର୍ବୋତ୍ତମ ନେତା ହୋଇପାରିବ।' ଗଡକରୀଙ୍କ ଏହି କଥା ଶୁଣି କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକେ ସମସ୍ତେ ହସିବାକୁ ଲାଗିଥିଲେ। କେହି ଆଶା କରିନଥିଲେ ଯେ, ଗଡକରୀ ଏହା କହିପାରିବେ। ଏତିକିରେ ନଅଟକି ସେ ଆହୁରି କହିଥିଲେ ଯେ, 'ଯେକୌଣସି ଜିନିଷ ହାସଲ କରିବା ପାଇଁ ସର୍ଟକଟ୍ ଅଛି।

ଜଣେ ବ୍ୟକ୍ତି ସର୍ଟକେଟ୍ ମାଧ୍ୟମରେ ଶୀଘ୍ର ଗନ୍ତବ୍ୟସ୍ଥଳରେ ପହଞ୍ଚିଯାଏ। ଯଦି ଆପଣ ନିୟମ ଭାଙ୍ଗି ରାସ୍ତା ପାର କରିବାକୁ ଚାହାଁନ୍ତି, ତେବେ ନିୟମ ଭାଙ୍ଗି ଆପଣ ତାହା କରିପାରିବେ। କିନ୍ତୁ ସର୍ଟକଟ୍‌ର ଗୋଟିଏ ଅର୍ଥ ହେଉଛି ଏହା ଖୁବ କମ ସମୟ ପାଇଁ ରହିଥାଏ। ସେଥିପାଇଁ ଆମକୁ ସଚ୍ଚୋଟତା, ବିଶ୍ୱସନୀୟତା, ସମର୍ପଣ, ସତ୍ୟର ମୂଲ୍ୟ ବୁଝାଯାଇଛି। ଯେପରି ଶ୍ରୀକୃଷ୍ଣ କହିଛନ୍ତି, ଶେଷରେ ସତ୍ୟ ସବୁବେଳେ ଜିତେ।'

## ଗାଜାରୁ ସ୍ଥାନାନ୍ତରିତ ହେବେ ୨୦ ଲକ୍ଷ ଲୋକ



ନୂଆଦିଲ୍ଲୀ: ଗାଜାକୁ ନେଇ ଆମେରିକା ଓ ଇସ୍ରାଏଲର ବଡ଼ ପ୍ଲାନ୍। ରାଷ୍ଟ୍ରପତି ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ମିଳିତ ଭାବେ ପ୍ରସ୍ତୁତ କରିଛନ୍ତି ବ୍ଲୁ-ପ୍ରିଣ୍ଟ। ଯାହାକୁ ନେଇ ଏବେ ସବୁଠି ଖୁବ୍ ଚର୍ଚ୍ଚା। ଟ୍ରମ୍ପ ପ୍ରଶାସନର ଅଧିକାରୀଙ୍କ ନିକଟରେ ଥିବା ଦସ୍ତାବିଜରୁ ଓ୍ୱାସିଂଟନ୍ ପୋଷ୍ଟରେ ଏଭଳି କିଛି ଦାବି ହୋଇଛି। ଏହି ରିପୋର୍ଟ ମୁତାବକ, ଗାଜାର ୨୦ ଲକ୍ଷ ଲୋକଙ୍କୁ ଅସ୍ଥାୟୀ ଭାବରେ ସ୍ଥାନାନ୍ତର କରାଯିବ। ସେମାନଙ୍କୁ ମିଶର, କତାର ଏବଂ ପାଲେଷ୍ଟାଇନର ଏକ ବଡ଼ ଅଞ୍ଚଳରେ ଅବସ୍ଥାପିତ କରାଯିବ। ଗାଜାର ପୁନର୍ବିକାଶ ନହେବା ପର୍ଯ୍ୟନ୍ତ ଲୋକମାନେ ଏହି ସ୍ଥାନରେ ଶରଣାର୍ଥୀ ହୋଇ ରହିବେ। ଏଥିପାଇଁ ଗାଜା ଛାଡ଼ିଥିବା ପାଲେଷ୍ଟିନୀୟଙ୍କୁ ଡିଜିଟାଲ ଟୋକନ ପ୍ରଦାନ କରାଯିବ। ଏହା ଛଡ଼ା ନଗଦ ଟଙ୍କା ମଧ ଦିଆଯିବ।

ଗାଜାରୁ ଅସ୍ଥାୟୀ ଭାବରେ ସ୍ଥାନାନ୍ତରିତ ଲୋକେ ଯେଉଁଠାରେ ରହିବେ, ସେଠାରେ ଖାଦ୍ୟପେୟର ସୁବିଧା ଉପଲବ୍ଧ ରହିବ। ଏହା ବ୍ୟତୀତ ଭଡ଼ା ସବ୍‌ସିଡି ମଧ ଦିଆଯିବ। ଗାଜାର ବାସିନ୍ଦାଙ୍କୁ ଅସ୍ଥାୟୀ ଭାବରେ ଏପରି ସ୍ଥାନାନ୍ତର କରିବା ଯୋଜନାକୁ 'ଭୋଲୁଣ୍ଟାରୀ ଡିପାର୍ଟ' କୁହାଯାଉଛି। ଯାହା ମାଧମରେ ଲୋକମାନେ ଅନ୍ୟ ଏକ ଦେଶକୁ ଯିବେ କିମ୍ବା ସେମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରଖିବାର ବ୍ୟବସ୍ଥା କରାଯିବ। ଗାଜାର ଲୋକଙ୍କୁ ପାଖାପାଖି ୪ ବର୍ଷ ପାଇଁ ଅନ୍ୟତ୍ର ରଖିବାକୁ କରାଯାଇଥିବା ଯୋଜନା ଉପରେ କାମ ଚାଲିଛି। ଏଥିପାଇଁ ସେମାନଙ୍କୁ ୪ ବର୍ଷ ପାଇଁ ଭଡ଼ା ସବସିଡି ଦିଆଯିବ ଏବଂ ବର୍ଷେ ପାଇଁ ଖାଦ୍ୟପେୟ ତଥା ଆତ୍ୟାବଶକୀୟ ଜିନିଷର ବ୍ୟବସ୍ଥା କରାଯିବ।

ଆମେରିକା ଏବଂ ଇସ୍ରାଏଲର ରଣନୀତିକାରମାନେ ଏହି ପ୍ଲାନର ଏକ ଆକର୍ଷଣୀୟ ନାମ ଦେଇଛନ୍ତି ଏବଂ ତାହା ହେଉଛି।


ଗାଜାକୁ ଟୁରିଷ୍ଟ ଡେଷ୍ଟିନେସନ୍‌ରେ ରୂପାନ୍ତରଣ କରିବାକୁ ଆମେରିକାର ପ୍ଲାନ୍ କରୁଛି। ସେଥିପାଇଁ ଗାଜାରେ ଏବଚ୍ଛବ ଞକ୍ସଙ୍କଙ୍କକ୍ତ ଜସଙ୍ଗସରକ୍ସବ ବିକଶିତ କରାଯିବ। ଏହା ବ୍ୟତୀତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭଳି ସ୍ମାର୍ଟ ସିଟି ଗଠନ କରାଯିବ। ସ୍କୁଲ, ହସ୍ପିଟାଲ, ଇଣ୍ଡଷ୍ଟ୍ରୀ, ଗ୍ରୀନ ସ୍ପେସ୍ ଭଳି ବ୍ୟବସ୍ଥା ରହିବା ସହ ବଡ଼ ବଡ଼ ଆପାର୍ଟମେଣ୍ଟ ମଧ ତିଆରି କରାଯିବ। ଗାଜାର ଯେଉଁ ଲୋକମାନଙ୍କୁ ଅସ୍ଥାୟୀ ଭାବରେ ଅନ୍ୟତ୍ର ସ୍ଥାନାନ୍ତର କରାଯିବ, ସେମାନଙ୍କୁ ଏହି ଆପାର୍ଟମେଣ୍ଟରେ ଫ୍ଲାଟ୍ ଦିଆଯିବ। ଗାଜାର ଲୋକମାନେ ନିଜ ଜାଗା ପରିବର୍ତ୍ତେ ମିଳିଥିବା ଡିଜିଟାଲ ଟୋକନ୍‌ର ବ୍ୟବହାର କରି ଫ୍ଲାଟ୍ ପାଇପାରିବେ। ଏହି ମାମଲାରେ ଏପର୍ଯ୍ୟନ୍ତ ଆମେରିକାର ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ। ଖବର କାଗଜରେ ପ୍ରକାଶ ପାଇଛି ଯେ, ଗାଜାକୁ ନେଇ କରାଯାଇଥିବା ଏହି ପ୍ଲାନ୍‌ରେ ଆମେରିକାର ଫଣ୍ଡର ଆବଶ୍ୟକତା ରହିବନି ବରଂ ଏହା ଲାଭଦାୟକ ହେବ। ଏହି ପ୍ରୋଜେକ୍ଟ ଜରିଆରେ ବିଶ୍ୱର ନିବେଶକଙ୍କୁ ଆମନ୍ତ୍ରଣ କରାଯିବ। ଇଲେକ୍ଟ୍ରିକ୍ ଯାନବାହନ ପ୍ଲାଣ୍ଟଠାରୁ ଆରମ୍ଭ କରି ଡାଟା ପର୍ଯ୍ୟନ୍ତ ସମସ୍ତ ସବୁକିଛି ଏଠାରେ ନିର୍ମାଣ କରାଯିବ। ଏହା ବ୍ୟତୀତ ବହୁତ ସୁଉଚ୍ଚ ଅଟ୍ଟାଳିକା ମଧ ନିର୍ମାଣ କରାଯିବ। ଏହି ପ୍ରୋଜେକ୍ଟରେ ପ୍ରାୟ ୧୦୦ ଅରବ ଡଲାରର ପ୍ରାରମ୍ଭିକ ନିବେଶ କରିବାର ଯୋଜନା ରହିଛି। ଏହା ପରେ ଏହି ପ୍ରୋଜେକ୍ଟ ନିଜେ ହିଁ ଫଣ୍ଡ ସୃଷ୍ଟି କରିବ।

## ଭୋଟର ତାଲିକାରୁ ନାଁ କାଟିବାକୁ ଅଧିକ ଆବେଦନ ଆସୁଛି : ନିର୍ବାଚନ କମିସନ




ନୂଆଦିଲ୍ଲୀ : ବିହାରରେ ଚାଲିଥିବା ସତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର)ର ଶୁଣାଣି ସୁପ୍ରିମକୋର୍ଟରେ ଜାରି ରହିଛି। ଏହି ସମୟରେ ନିର୍ବାଚନ କମିସନ ସୁପ୍ରିମକୋର୍ଟଙ୍କୁ କହିଥିଲେ ଯେ ବିହାରରେ ଭୋଟର ତାଲିକାରୁ ନାଁ କାଟିବାକୁ ଅଧିକ ଆବେଦନ ଆସୁଛି। କମିସନନଙ୍କ ଏହି ଉତ୍ତର ଶୁଣି କୋର୍ଟ ମଧ ତାଜୁବ ହୋଇଯାଇଥିଲେ। ଏହି ଶୁଣାଣି ସମୟରେ, ଓକିଲ ପ୍ରଶାନ୍ତ ଭୂଷଣ ସୁପ୍ରିମକୋର୍ଟକୁ କହିଥିଲେ ଯେ ଡ୍ରାଫ୍ଟ ତାଲିକାରେ ବାଦ ପଡିଥିବା ଲୋକଙ୍କ ପାଇଁ ଆପତ୍ତି ଅଭିଯୋଗ ଦାଖଲ କରିବାର ସମୟ ସୀମା ବୃଦ୍ଧି କରାଯିବା ଉଚିତ ଏବଂ ଆଧାରକୁ ଅପର୍ଯ୍ୟାପ୍ତ ବୋଲି କହି ଦାବିକୁ ଖାରଜ କରାଯିବା ଉଚିତ ନୁହେଁ। ଆବେଦନକାରୀଙ୍କ ଏହି ଦାବି ଉପରେ, ନିର୍ବାଚନ କମିଶନଙ୍କ ପକ୍ଷରୁ ଓକିଲ ରାକେଶ ଦ୍ୱିବେଦୀ କହିଛନ୍ତି ଯେ ସମୟ ସୀମା ବୃଦ୍ଧି କରିବା ଦ୍ୱାରା ନିର୍ବାଚନ ପ୍ରକ୍ରିୟା ବିଳମ୍ବ ହେବ। ରାକେଶ ଦ୍ୱିବେଦୀ କହିଛନ୍ତି, 'ରାଜନୈତିକ ଦଳଗୁଡ଼ିକ ନାମ ଯୋଡିବା ଅପେକ୍ଷା ନାମ ବାଦ ଦେବା ପାଇଁ ଅଧିକ ଆବେଦନ କରୁଛନ୍ତି। ଏହା ପ୍ରମାଣ କରେ ଯେ ଆମର ପ୍ରକ୍ରିୟା ସଠିକ୍।' ସେ କୋର୍ଟକୁ କହିଥିଲେ ଯେ ମୃତ୍ୟୁ ଭଳି ଅନେକ ଜିନିଷକୁ ଆଧାର କରାଯାଇ ନାଁ କାଟିବାକୁ ଆବେଦନ କରାଯାଉଛି। ଅନେକ କ୍ଷେତ୍ରରେ, ଭୋଟରମାନେ ନିଜେ ଆସି କହୁଛନ୍ତି ଯେ ସେମାନଙ୍କ ନାମ ଅନ୍ୟ କୌଣସି ସ୍ଥାନରେ ଭୋଟର ତାଲିକାରେ ଅଛି, ତେଣୁ ଏହାକୁ ଏଠାରୁ ବାଦ ଦିଆଯିବା ଉଚିତ।

## ମୋଦୀଙ୍କୁ ପୁଟିନ୍‌ଙ୍କ ଆଲିଙ୍ଗନ ଦେଖି ସହିପାରିଲେନି ଶେହବାଜ



ତିଆନଜିନ: ଚୀନର ତିଆନଜିନରେ ଅନୁଷ୍ଠିତ ଏସସିଓ ସମ୍ମିଳନୀରୁ ଏକ ରୋଚକ ଦୃଶ୍ୟ ସାମ୍ନାକୁ ଆସିଛି। ଯେଉଁଥିରେ ଦେଖିବାକୁ ମିଳିଛି ଯେ, ରୁଷ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏବଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପରସ୍ପର ସହ ଆଲୋଚନା କରୁଥିବାବେଳେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଏକ କୋଣରେ ମୁହଁ ପୋଚି ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି। ଶେହବାଜ ଖାଲି ଛିଡ଼ା ହୋଇ ନାହାନ୍ତି। ମୋଦି ପୁଟିନ୍ କଥା ହେଉଥିବାବେଳେ ସେମାନଙ୍କ କଣେଇ କଣେଇ ଚାହୁଁଥିଲେ ଶେହବାଜ। ଏହାପୂର୍ବରୁ ପୁଟିନ, ମୋଦି ଏବଂ ଚୀନ ରାଷ୍ଟ୍ରପତି ଜିନପିଙ୍ଗଙ୍କୁ ଏକାଠି ଛିଡ଼ା ହୋଇ କଥା ହେଉଥିବାର ଦେଖିବାକୁ ମିଳିଥିଲା।

ଏ ଫଟୋକୁ ମୋଦି ଏକ୍ସରେ ଶେୟାର କରିଛନ୍ତି। କ୍ୟାପ୍ସନରେ ଲେଖିଛନ୍ତି, ତିଆନଜିନରେ ବୈଠକ ଜାରି ରହିଛି। ପୁଟିନ୍, ଜିନପିଙ୍ଗଙ୍କ ସହ ଆଲୋଚନା ଚାଲିଛି।

ଏହାଛଡ଼ା ପୁଟିନ୍ ମୋଦି କୋଳାଗତ ଏବଂ ହସ୍ତମର୍ଦ୍ଦନ କରୁଥିବାର ଫଟୋ ମଧ ମୋଦି ଏକ୍ସରେ ପୋଷ୍ଟ କରିଥିବା ଦେଖିବାକୁ ମିଳିଛି। ଦୁଇ ଦେଶର ସମ୍ପର୍କୁ ନେଇ ମୋଦ ନିଜ ବିବୃତ୍ତିରେ କହିଛନ୍ତି ଯେ, ଭାରତ-ରୁଷର ସମ୍ପର୍କ ସବୁବେଳେ ଦୃଢ଼। କଠିନ ପରିସ୍ଥିତିରେ ଭାରତ-ରୁଷ ଏକାଠି ରହିବେ।

ଏହାସହ ଭାରତ-ରୁଷ ସକରାତ୍ମକ ଦିଗରେ ଆଗକୁ ବଢୁଥିବାବେଳେ ଦୁଇ ରାଷ୍ଟ୍ର କାନ୍ଧରେ କାନ୍ଧ ମିଳାଇ ଚାଲୁଛନ୍ତି। ସେପଟେ ୟୁକ୍ରେନ୍ ଯୁଦ୍ଧର ଅନ୍ତ ପାଇଁ ସ୍ଥାୟୀ ସମାଧାନର ଆବଶ୍ୟକତା ଥିବା କହିଛନ୍ତି ମୋଦି।

## ଆମେରିକା ପର୍ଯ୍ୟଟନ ଶିଳ୍ପକୁ ଝଟ୍‌କା



ନୂଆଦିଲ୍ଲୀ: ଚଳିତବର୍ଷ ଜୁନ୍‌ରେ ଆମେରିକାକୁ ଭାରତୀୟ ପର୍ଯ୍ୟଟକଙ୍କ ସଂଖ୍ୟାରେ ହ୍ରାସ ଦେଖାଦେଇଛି। ଦୁଇ ଦଶନ୍ଧିରେ ପ୍ରଥମ ଥର ପାଇଁ ଏହି ହ୍ରାସ ଘଟିଛି। ଆମେରିକାର ବାଣିଜ୍ୟ ବିଭାଗର ଜାତୀୟ ଭ୍ରମଣ ଏବଂ ପର୍ଯ୍ୟଟନ କାର୍ଯ୍ୟାଳୟ(ଏନ୍‌ଟିଟିଓ) ତଥ୍ୟ ଅନୁସାରେ, ୨୦୨୫ ଜୁନ୍‌ରେ ଆମେରିକାକୁ ୨.୧ ଲକ୍ଷ ଭାରତୀୟ ଭ୍ରମଣ କରିଛନ୍ତି, ଯାହାକି ୨୦୨୪ ଜୁନ୍‌ରେ ୨.୩ ଲକ୍ଷ ରହିଥିଲା। ଏ କ୍ଷେତ୍ରରେ ୮% ହ୍ରାସ ଘଟିଛି। ଏହି ହ୍ରାସ କେବଳ ଭାରତ କ୍ଷେତ୍ରରେ ଦେଖିବାକୁ ମିଳିନାହିଁ। ଏନ୍‌ଟିଟିଓ ତଥ୍ୟ ଅନୁସାରେ, ପୂର୍ବବର୍ଷ ତୁଳନାରେ ଚଳିତବର୍ଷ ଜୁନ୍‌ରେ ଆମେରିକାକୁ ମୋଟ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟାରେ ୬.୨% ହ୍ରାସ ଘଟିଛି। ମେ'ରେ ଏ କ୍ଷେତ୍ରରେ ୭%, ମାର୍ଚ୍ଚରେ ୮% ଏବଂ ଫେବ୍ରୁଆରୀରେ ୧.୯% ହ୍ରାସ ଘଟିଥିଲା। ଜାନୁଆରୀ ଏବଂ ଏପ୍ରିଲରେ ଏଥିରେ ଯଥାକ୍ରମେ ୦.୭% ଏବଂ ୧.୩% ବୃଦ୍ଧି ଘଟିଥିଲା। ଆମେରିକାର ପର୍ଯ୍ୟଟନ କ୍ଷେତ୍ର ପାଇଁ ଭାରତ ଚତୁର୍ଥ ବୃହତ୍ ବଜାର। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ଭିସା ନୀତି ଯୋଗୁ ସେଠାକୁ ଭାରତୀୟ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଇଛି।

## ବିଶ୍ୱ ଜଳବାୟୁରେ ସାଂଘାତିକ ପରିବର୍ତ୍ତନ



ନୂଆଦିଲ୍ଲୀ: ବିଶ୍ୱ ଜଳବାୟୁରେ ସାଂଘାତିକ୍ ପରିବର୍ତ୍ତନ। ସଙ୍କୁଚିତ ହେଉଛି ସର୍ବବୃହତ୍ତ ଲୁଣି ହ୍ରଦ। ଭୌଗୋଳିକ ମାନଚିତ୍ରରୁ ହଜିଯିବ ସମୁଦ୍ର। ସିଧାସଳଖ ପ୍ରଭାବିତ ହେବେ ୫ଦେଶ। ଗଭୀର ଚିନ୍ତା ପ୍ରକଟ କଲେ ପରିବେଶବିତ୍। ସଙ୍କଟରେ ଜଳବାୟୁ, ବିପଦରେ ଜବୀଜଗତ। ବିଶ୍ୱ ଜଳବାୟୁ ପରିବର୍ତ୍ତନର ପଦଚିହ୍ନ ଜଳ ଭାଗରୁ ଆରମ୍ଭ ହୋଇଛି। ଯାହା ଫଳରେ ସମୁଦ୍ର ଧୀରେ ଧୀରେ ପାଣି ଶୋଷିବାରେ ଲାଗିଲାଣି। ଏଭଳି ଲଗାତାର ଚାଲିଲେ ଏହା ପରିବେଶକୁ ପ୍ରଭାବିତ କରିବ ବୋଲି ବୈଜ୍ଞାନିକ ଏବଂ ପରିବେଶବିତ୍ ଚେତାବନୀ ଦେଇଛନ୍ତି। କାରଣ ବିଶ୍ୱର ସର୍ବବୃହତ ଲୁଣି ପାଣି ହ୍ରଦ ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। କାସ୍ପିୟାନ ସାଗର ଶୁଖୁଛି। ଏହା ବିଶେଷ କରି ବୈଶ୍ୱିକ ବାଣିଜ୍ୟ, ମାନବ କାର୍ଯ୍ୟକଳାପ ଏବଂ ସାମୁଦ୍ରିକ ପରିସଂସ୍ଥା ପ୍ରତି ଗଭୀର ବିପଦ ସୃଷ୍ଟି କରିବ। ଏହାର ସିଧାସଳଖ ପ୍ରଭାବ ଆଜରବୈଜାନ, ଇରାନ, କାଜାଖସ୍ତାନ, ରୁଷ୍ ଏବଂ ତୁର୍କମେନିସ୍ତାନ ଉପରେ ପଡ଼ିବ।

କାସ୍ପିୟାନ ସାଗର ଦ୍ରୁତ ଗତିରେ ଶୁଖୁଥିବାରୁ ଏହାକୁ ନେଇ ଚିନ୍ତା ପ୍ରକାଶ କରିଛି ଆଜରବୈଜାନ। ଗତ ପାଞ୍ଚ ବର୍ଷ ଭିତରେ ସମୁଦ୍ର ପତନ ୦.୯୩ ମିଟର, ଗତ ଦଶନ୍ଧିରେ ୧.୫ ମିଟର ଏବଂ ଗତ ୩୦ ବର୍ଷ ମଧ୍ୟରେ ୨.୫ ମିଟର ହ୍ରାସ ପାଇଛି। ପ୍ରତିବର୍ଷ ୨୦ରୁ ୩୦ ସେଣ୍ଟିମିଟର ପର୍ଯ୍ୟନ୍ତ ସମୁଦ୍ର ପତନ ହ୍ରାସ ପାଉଛି ବୋଲି ସମୁଦ୍ର ବିଜ୍ଞାନୀ ଆକଳନ କରିଛନ୍ତି। ଯାହା ଦୀର୍ଘକାଳୀନ ପରିବେଶୀୟ ସମସ୍ୟା ଏବଂ ଆର୍ଥିକ ଅର୍ଥିକ ସଙ୍କଟକୁ ଡାକି ଆଣୁଛି। କାରଣ ଆଜରବୈଜାନ, ଇରାନ, କାଜାଖସ୍ତାନ, ରୁଷ ଏବଂ ତୁର୍କମେନିସ୍ତାନ ସୀମାକୁ ଲାଗି କରି କାସ୍ପିୟାନ ସାଗରରେ ବଡ଼ ବଡ଼ ତୈଳ ଏବଂ ଗ୍ୟାସ୍ ଭଣ୍ଡାର ରହିଛି। କାସ୍ପିୟାନ ସି'ରେ ଜୀବିକାର ଗୁରୁତ୍ୱପୂର୍ଣ୍ଣ ଉତ୍ସ ମଧ ରହିଛି। ମାଛ ଧରିବା, ବାଣିଜ୍ୟ ଏବଂ କୃଷି ପାଇଁ ୧୦ ନିୟୁତରୁ ଅଧିକ ଲୋକ ଏହା ଉପରେ ନିର୍ଭର କରୁଛନ୍ତି। ପ୍ରାୟ ୪ ନିୟୁତ ଆଜରବୈଜାନର ଉପକୂଳରେ ଏବଂ ୧୫ ନିୟୁତ ଲୋକ ସମଗ୍ର ଅଞ୍ଚଳରେ ବସବାସ କରି ଜୀବିକା ନିର୍ବାହ କରୁଛନ୍ତି। ବିଶ୍ୱ ଜଳବାୟୁ ପରିବର୍ତ୍ତନ ଯୋଗୁଁ କାସ୍ପିୟାନ ସାଗର ସଙ୍କୁଚିତ ହେଉଥିବାରୁ ୨୦୨୫ର ପ୍ରଥମାର୍ଦ୍ଧରେ ତୈଳ ମାଲ୍ ପରିବହନ ୮.୧ଲକ୍ଷ ଟନ୍‌କୁ ହ୍ରାସ ପାଇଛି। ପୂର୍ବ ଆର୍ଥିକ ବର୍ଷ ଏହି ସମୟରେ ଏହା ୮.୮ ଲକ୍ଷ ଟନ୍ ଥିଲା। ସର୍ବବୃହତ ଲୁଣି ହ୍ରଦ ଶୁଖିଯିବା କେବଳ ବାଣିଜ୍ୟିକ କ୍ଷତି ନୁହେଁ ବରଂ ସମାନ ଧରଣର ପରିବେଶୀୟ କ୍ଷତି। ସମୁଦ୍ରର ଜଳ ସଙ୍କୁଚିତ ହେଉଥିବାରୁ ବିଶ୍ୱର ସର୍ବବୃହତ ଜୀବନ୍ତ ଜୀବାଶ୍ମ 'ଷ୍ଟର୍ଜନ' ମାଛ ତାହାର ୪୫% ବାସ ହରାଇବାରେ ଲାଗିଛି। କାହିଁକି ସଙ୍କୁଚିତ କାସ୍ପିୟାନ ସାଗର ? ଏଥିପାଇଁ କିଏ ଦାୟୀ ? ରଷ୍ ଜଳବାୟୁ ପରିବର୍ତ୍ତନକୁ ଦାୟୀ କରିଥିବା ବେଳେ ଆଜରବୈଜାନ ମସ୍କୋ ଉପରେ ସିଧା ସିଧା ଦୋଷ ଲଦିଛି। ରଷ୍, ଭୋଲଗା ନଦୀ ଉପରେ ବଡ଼ ବଡ଼ ଜଳଭଣ୍ଡାର ଏବଂ ବନ୍ଧ ବାନ୍ଧିଥିବାରୁ ଏଭଳି ସମସ୍ୟା ଉପୁଜିଛି ବୋଲି ଆଜରବୈଜାନ ଅଭିଯୋଗ ଅଣିଛି।

ତଥ୍ୟ କହୁଛି, କାସ୍ପିୟାନ ସାଗରରେ ୧୩୦ଟି ଛୋଟବଡ଼ ନଦୀ ଜଳ ନିଷ୍କାସନ କରୁଛନ୍ତି। ଏଥିମଧ୍ୟରୁ ଭୋଲଗା ନଦୀର ୮୦ ପ୍ରତିଶତ ପାଣି ବିଶ୍ୱର ବଡ଼ ଲୁଣି ହ୍ରଦରେ ଯାଇ ମିଶୁଛି। ମାତ୍ର ରଷ୍ ଭୋଗଲା ନଦୀର ପାଣିକୁ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ବିନିଯୋଗ କରୁଥିବାରୁ ହ୍ରଦର ଜଳସ୍ତର ଶୁଖିବାରେ ଲାଗିଛି ଏବଂ ସମୁଦ୍ର ସଙ୍କୁଚିତ ହେଉଛି। ଯାହା ଫଳରେ ତାପମାତ୍ରା ବୃଦ୍ଧି ପାଉଛି। ଆଗକୁ ଏହା ଉପରେ ଜରୁରୀ ପଦକ୍ଷେପ ନିଆନଗଲେ ଆରାଲ୍ ସାଗର ଭଳି କାସ୍ପିଆନ ସାଗର ସମ୍ପୂର୍ଣ୍ଣ ଭାବେ ଲୋପ ପାଇଯିବ ବୋଲି ସମୁଦ୍ର ବିଜ୍ଞାନୀ ଏବଂ ପରିବେଶ ବିତ୍ ଚେତାବନୀ ଦେଇଛନ୍ତି।

## ପାକିସ୍ତାନରେ ହେଲିକପ୍ଟର ଦୁର୍ଘଟଣା



ନୂଆଦିଲ୍ଲୀ: ପାକିସ୍ତାନରେ ଗିଲଗିଟ୍‌ବାଲ୍ଟିସ୍ତାନ ସରକାରଙ୍କ ଏକ ହେଲିକପ୍ଟର ଆଜି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ୨ ପାଇଲଟଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଛି। କୁହାଯାଉଛି କି, ଏକ ନୂଆ ପ୍ରସ୍ତାବିତ ହେଲିପ୍ୟାଡ ଉପରେ ଲ୍ୟାଣ୍ଡିଂ ପରୀକ୍ଷଣ କରିବା ସମୟରେ ଏହି ଦୁର୍ଘଟଣା ଘଟିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ବିମାନଟି ତଳକୁ ଖସିବା ସମୟରେ ଏଥିରେ ନିଆଁ ଲାଗିଯାଇଥିଲା। ଏନେଇ ଜଣେ ପୋଲିସ ଅଧିକାରୀ କହିଛନ୍ତି ଯେ, ସୋମବାର ଦେଶର ଉତ୍ତର ଭାଗରେ ଏକ ସରକାରୀ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି।

ଏଥିରେ ଥିବା ୫ ଜଣଙ୍କ ମୃତ୍ୟୁ ହୋଇଛି। ହେଲିକପ୍ଟରଟି ଏକ ନୂତନ ପ୍ରସ୍ତାବିତ ହେଲିପ୍ୟାଡ ଉପରେ ପରୀକ୍ଷଣ ଭାବରେ ଲ୍ୟାଣ୍ଡିଂ କରୁଥିଲା। ଏହି ସମୟରେ ଯାନ୍ତ୍ରୀକ ତ୍ରୁଟି କାରଣରୁ ତଳକୁ ଖସିପଡିଥିଲା। ମୃତକଙ୍କ ମଧ୍ୟରେ ଦୁଇ ଜଣ ପାଇଲଟ ଏବଂ ତିନି ଜଣ ଟେକନେସିଆନ୍ ଥିଲେ। ସକାଳ ପ୍ରାୟ ୧୦ ଟା ସମୟରେ ଏହି ଦୁର୍ଘଟଣା ଘଟିଛି। ସୂଚନାଥାଉକି, ପୂର୍ବରୁ ଖୈବର ପଖତୁନଖୱା ଅଂଚଳରେ ବନ୍ୟା ପ୍ରଭାବିତ କାର୍ଯ୍ୟରେ ନିୟୋଜିତ ଥିବା ସମୟରେ ଏକ ସରକାରୀ ଗଓ-୧୭ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ମଧ ୫ ଜଣଙ୍କ ମୃତ୍ୟୁ ହୋଇଥିଲା।

# ଶ୍ରମିକ ସଙ୍ଘ ପକ୍ଷରୁ ଖୋଲା ଟ୍ରେନରେ କୋଇଲା ପରିବହନକୁ ନେଇ ଏଆରଏମ୍ ଅଫିସ୍ ଆଗରେ ଧାରଣା

ତାଳଚେର, (ପିପିଏସ୍): ତାଳଚେର ଏକ କୋଇଲା ଖଣି ଭିତ୍ତିକ ଶିଳ୍ପାଞ୍ଚଳ ଏଠାରୁ ପ୍ରତିଦିନ ଶହେରୁ ଊର୍ଦ୍ଧ୍ୱ ଓ୍ୱାଗନ ଲୋଡ ହୋଇ ରାଜ୍ୟ ସହିତ ଭାରତର ବିଭିନ୍ନ ପ୍ରାନ୍ତକୁ ପରିବହନ ହୋଇଥାଏ କିନ୍ତୁ ପରିବେଶ ପ୍ରଦୂଷଣ ନିୟମ ୧୯୮୧ ଅନୁଯାୟୀ କୌଣସି ରାଷ୍ଟ୍ରୀୟ ଉଦ୍ୟଗ କିମ୍ବା ପରିବହନ କାରି ସଂସ୍ଥା ଗୁଡ଼ୁକ ବା ଖଣିଜ ପ୍ରଦର୍ଥ ପରିବହନ କଲାବେଳେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରତି ବିଶେଷ ଧ୍ୟାନ ଦେବେ ଯେବେ ଏହାର ଉଲ୍ଲଙ୍ଘନ ହେଉଥାଏ ତେବେ ପର୍ଯ୍ୟାୟ କର୍ମେ ଉକ୍ତ ସଂସ୍ଥା ଉପରେ ଆର୍ଥିକ ଜୋରିମାନା କରାଯାଏ ,ଦେବେ ସେ ପୁନର୍ବାର ଉକ୍ତ ଭୁଲ କରେ ତାର ଜୋରିମାନା ଡବଲ କରାଯାଇଥାଏ ଏହିଭଳି ଭାବରେ ତାଠାରୁ ଜୋରିମାନା ଆଦାୟ ହୁଏ କିନ୍ତୁ ଏବେ ସେଭଳି ନିୟମ କାର୍ଯ୍ୟକାରୀ ହେଉନ୍ଥି କାରଣ ଉଦ୍ୟଗି ମାନେ ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶ ମାନି ଚଳନ୍ତି , ତାଳଚେର ଏକ କୋଇଲା ଭିତ୍ତିକ ପ୍ରଦୂଷିତ ଅଞ୍ଚଳ ଏଠାରେ ପ୍ରତିଦିନ ଟ୍ରେନ ଗୋଡ଼ିକ ଖୋଲରେ ଗଡୁଛି,



ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳ ରେ ପ୍ରଦୂଷଣ ମାତ୍ରା ବଢ଼ି ଚାଲିଛି ତେଣୁ ଆଜି କଂଗ୍ରେସ ଶ୍ରମିକ ନେତା ରାଜ୍ କିଶୋର ସନ୍ଧୁ ସହସ୍ରାଧିକ ଲୋକଙ୍କ ସହିତ ତାଳଚେର ରେଲ ଷ୍ଟେସନ ସମ୍ମୁଖରେ ଏକ ହରତାଳ ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ , ରାଜ୍ କିଶୋର କହିଲେ ନିୟମ ଅଛି ପ୍ରତି କୋଇଲା ଟ୍ରେନ ଉପରେ ପାଲ ଘୋଡ଼ି କୋଇଲା ପରିବହନ ହେବା ଆବଶ୍ୟକ କିନ୍ତୁ ରାଜନେତିଙ୍କ ଚାପର ବଶବର୍ତ୍ତୀ ହୋଇ ଏ ଆର ଏମ୍ ପ୍ରଦୂଷଣ ବୋର୍ଡ ଓ ଶିଳ୍ପ କେନ୍ଦ୍ର ପ୍ରଦୂଷଣ ବୋର୍ଡ ନିୟମ ଅଣଦେଖା କରି ପ୍ରତିଦିନ ଖୋଲାରେ କୋଇଲା ପରିବହନ କରୁଥିବା ଶ୍ରୀଯୁକ୍ତ ସନ୍ଧୁ ଅଭିଯୋଗ କରିଥିଲେ। ଶୀଘ୍ର ଟ୍ରେନ ଗୁଡିକରେ ପାଲ ଘୋଡ଼ି କୋଇଲା ପରିବହନ କରିବାକୁ ଦାବି କରିଥିଲେ ,ଆଜିର ଏହି କାର୍ଯ୍ୟକ୍ରମରେ ଶ୍ରମିକ ନେତା ରାଜ୍ କିଶୋର ସନ୍ଧୁ ,ଉପସଭାପତି ଶ୍ରୀଯୁକ୍ତ ଭୂଁଆ, ଅଭୟ ପାଣି ସଂଘ ସଂପାଦକ ଓ ବହୁସଂଖ୍ୟାରେ ମହାନଦୀ ଠିକା ଶ୍ରମିକ ସଂଘର କର୍ମକର୍ତ୍ତା ଆନ୍ଦୋଳନ କରିଥିଲେ।

# ନୟାଗଡ଼ର ଅଗ୍ରଣୀ ଅନୁଷ୍ଠାନ ସୃଜନୀକା ତରଫରୁ ଜିଲ୍ଲାସ୍ତରୀୟ ନୃତ୍ୟ ପ୍ରତିଯୋଗିତା

ନୟାଗଡ଼ (ପିପିଏସ୍): ନୟାଗଡ ସ୍ଥାନୀୟ ଖଣ୍ଡପଡ଼ା ରୋଡ଼ ସ୍ଥିତ ନୀଳମାଧବ ହୋଟେଲରେ ସୃଜନିକା ପରିଷଦ ତରଫରୁ ଡ୍ୟାନ୍ସ ନୟାଗଡ ଡ୍ୟାନ୍ସ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ନୟାଗଡ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଉଦ୍ ଘାଟନ କରିଥିଲେ। ବିଚାରକ ଭାବେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଭଗବତୀ ଚରଣ ପଟ୍ଟନାୟକ, ଅଧ୍ୟାପକ ଡ଼. ଆଶୁତୋଷ ମିଶ୍ର, ଓ ପ୍ରଦୀପ କୁମାର ମହାପାତ୍ର ଯୋଗ ଦେଇଥିଲେ। ଉଦ୍ ଘାଟକ ଶ୍ରୀ ପଟ୍ଟନାୟକ ନୟାଗଡ ର କଳା , ସାହିତ୍ୟ ଓ ସଂସ୍କୃତି ଉପରେ ଆଲୋକପାତ କରି କହିଥିଲେ ଯେ ନୟାଗଡ ଗୋଟିଏ ଐତିହ ଓ ସଂସ୍କୃତି ସଂପନ୍ନ ଜିଲ୍ଲା । ସାହିତ୍ୟ ସଙ୍ଗୀତ ଓ ନୃତ୍ୟ କୌଣସି ଦିଗରେ ନୟାଗଡ ଜିଲ୍ଲା ପଛରେ ପଡ଼ିବ ନାହିଁ। ଏ ସବୁରେ ନୟାଗଡ ଆଗୁଆ । ୨୦ ଜଣ ପ୍ରତିଯୋଗୀ ସେମି ଫାଇନାଲ କୁ ଯୋଗ୍ୟ ବିବେଚିତ ହୋଇଛନ୍ତି ଏବଂ ଆଗାମୀ ୨୧ ତାରିଖ ରବିବାର ଦିନ ଡ୍ୟାନ୍ସ ନୟାଗଡ ଡ୍ୟାନ୍ସ ର ଫାଇନାଲ ଅନୁଷ୍ଠିତ ହେବ ବୋଲି ସୃଜନିକା ର ସଚିବ ଡ଼. ନିର୍ମଳ ଚନ୍ଦ୍ର ଶୂରଦେଓ ପ୍ରକାଶ କରିଛନ୍ତି । କ୍ଷଣପ୍ରଭା କର ଏହାକୁ ସଂଯୋଜନା କରିଥିବା ବେଳେ ଡ଼. ନିର୍ମଳ ଚନ୍ଦ୍ର ଶୂରଦେଓ ଏହାକୁ ପରିଚାଳନା କରିଥିଲେ।

## ପ୍ରେମ ସମ୍ପର୍କ ପରେ ପ୍ରତାରଣା

# ପ୍ରେମିକ ନାଁରେ ପ୍ରେମିକାର ଥାନାରେ ଅଭିଯୋଗ

ଅସ୍ତରଙ୍ଗ (ପିପିଏସ୍): ପୁରୀ ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ ଏକ ୧୭ବର୍ଷୀୟ ନାବାଳିକା କୁ ରଙ୍ଗ ନମ୍ବର ରେ କଲ କରି ପ୍ରେମ ଜାଲରେ ଫସାଇବା ସହ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରିଥିବା ନେଇ କାକଟପୁର ଥାନାରେ ନାବାଳିକା ଜଣକ ଅଭିଯୋଗ କରିଛନ୍ତି। ଖବର ମୁତାବକ ପୁରୀ ଜିଲ୍ଲା କାକଟପୁର ଥାନା ଅଂଚଳର ଜଣେ ୧୭ବର୍ଷୀୟ ନାବାଳିକାକୁ ଏକ ରଙ୍ଗ ନମ୍ବରରୁ କାକଟପୁର ଥାନା ଅଂଚଳର ଯୁବକ ଜଣକ ବାରମ୍ବାର ବାରମ୍ବାର ପ୍ରଲୋଭନ ଦେଖାଇ ଫୋନ କରିବା ସହ ବିବାହର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ନାବାଳିକା ଜଣକ ଅରାଜି ହେବାରୁ ଯୁବକ ଜଣକ ଆତ୍ମହତ୍ୟା କରିବାକୁ ଫୋନରେ କହିବାରୁ ନାବାଳିକା ଜଣକ ଯୁବକଙ୍କୁ ଭଲ ପାଇଁ ବସିଥିଲେ। ଏହାର ସୁଯୋଗ ନେଇ ବିଭିନ୍ନ ସମୟରେ ବିଭିନ୍ନ ଜାଗାକୁ ନେଇ ନାବାଳିକା ଅନିଚ୍ଛା ସତ୍ୱେ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରୁଥିଲେ। ନାବାଳିକା ଜଣକ ରାଜି ନ ହେବାରୁ ଅଶ୍ଳୀଳ ଫଟୋ ଭାଇରଲ କରିଦେବେ ବୋଲି ଧମକ ଦେଉଛନ୍ତି। କିନ୍ତୁ ବିଡ଼ମ୍ବନା ବିଷୟ ଅଗଷ୍ଟ ୩୧ ତାରିଖ ସନ୍ଧ୍ୟାରେ ନାବାଳିକା ଜଣକ ମଙ୍ଗଳା ମନ୍ଦିର ଦର୍ଶନ ସାରି ଘରକୁ ଫେରୁଥିବା ସମୟରେ ନାବାଳିକା ଓ ସାଙ୍ଗ କୁ ଉକ୍ତ ଯୁବକ ଜଣକ କନ୍ଦଳପୁର ରାସ୍ତାରେ ଗାଡି ଲଗାଇ ଜୋରଜବରଦସ୍ତ ଉଠାଇ ନେବା ପାଇଁ ଭିଡା ଓଟରା କରିଥିଲେ। ଯାହା ଫଳରେ ନାବାଳିକା ଟିର ଡ୍ରେସ କିଛି ମାତ୍ରାରେ ଚିରିଯାଇଥିଲା। କିନ୍ତୁ ନାବାଳିକା ଓ ସାଙ୍ଗ କୁ ପ୍ରେମିକ ସାଜିଥିବା ଯୁବକ ମାଡ଼ ମାରିବାରୁ ଦୁଇ ଝିଅ ଚିତ୍କାର କରିଥିଲେ। ଘଟଣା ସ୍ଥଳରେ କିଛି ଲୋକ ଉଦ୍ଧାର କରିଥିଲେ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଦୁଇ ଝିଅ ସନ୍ଧ୍ୟା ରେ ଏଭଳି ଆକ୍ରମଣ ଶିକାର ଜାଣିବା ପରେ ପୋଲିସ ସହାୟତା ଜରୁରୀ କାଳୀନ ନମ୍ବର ୧୧୨କୁ ଯୋଗାଯୋଗ କରିଥିଲେ ସମାଜସେବୀ କିନ୍ତୁ ପୋଲିସ ପହଂଚି ନଥିଲା। ଏ ଘଟଣା କୁ ନେଇ ସୋମବାର ସନ୍ଧ୍ୟା ସମୟରେ ନାବାଳିକା ଜଣକ କାକଟପୁର ଥାନାରେ ଯୁବକ ଙ୍କ ନାମରେ ଅଭିଯୋଗ ଦେଇଛନ୍ତି। କିନ୍ତୁ ଘଟଣା ସମ୍ପର୍କରେ କାକଟପୁର ଥାନା ଅଧିକାରୀ ବସନ୍ତ ସାହୁଙ୍କ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇନଥିଲା।

# ଓଟିଏମ୍ ଶ୍ରମିକ ଆନ୍ଦୋଳନର ୨୦ବର୍ଷ ପୂର୍ତ୍ତି ପାଳନ

ଚୌଦ୍ୱାର,(ପିପିଏସ୍): ବନ୍ଦ ଓଟିଏମ୍‌ର ପୁନରୁଦ୍ଧାର ଦାବିରେ ଓଟିଏମ୍ ବଞ୍ଚାଅ ସଂଗଠନ ଓ ବିରାଟ ଜନ କଲ୍ୟାଣ ସମିତି ତରଫରୁ ଗତ ୨୦୦୫ ମସିହା ସେପ୍ଟେମ୍ବର ୧ ତାରିଖରୁ ଆରମ୍ଭ କରାଯାଇଥିବା ଦିବାରାତ୍ର ଧାରଣା ଓ ଆନ୍ଦୋଳନର ୨୦ ବର୍ଷ ପୁରଣ ହୋଇଛି । ଏହି ଉପଲକ୍ଷେ ଓଟିଏମ୍ ଶ୍ରମିକ ଓ ଜନସାଧାରଣଙ୍କ ପ୍ରତିନିଧି ମାନେ ବନ୍ଦ ଓଟିଏମ୍ ଗେଟ ସମ୍ମୁଖରେ ଏକତ୍ରିତ ହୋଇ ଆନ୍ଦୋଳନର ପ୍ରତୀକ ଲାଲ ପତାକା ଉତ୍ତୋଳନ କରିଥିଲେ । ଓଟିଏମ୍ ଭିତ୍ତିଭୂମିରେ ଓଟିଏମ୍‌ର ପୁର୍ନପ୍ରତିଷ୍ଠା ଓ ସମସ୍ତ ଶ୍ରମିକ ଓ କର୍ମଚାରୀଙ୍କ ସମସ୍ତ ବକେୟା ପ୍ରାପ୍ୟ ପ୍ରଦାନ ଦାବିରେ ଏହି ଆନ୍ଦୋଳନ ଦୀର୍ଘଦିନ ଧରି ଚାଲିଥିବାବେଳେ ଗତ ୨୦୨୪ ମସିହା ଫେବୃୟାରୀ ୧୭



ତାରିଖରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଟିଏମ୍ ଜମିରେ ପ୍ରସ୍ତାବିତ ଟେକ୍ସଟାଇଲ ପାର୍କ ନିର୍ମାଣପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ପ୍ରତିଷ୍ଠିତ ଶିଳ୍ପଗୋଷ୍ଠୀ ୱେଲସ୍ପନ୍ କମ୍ପାନୀ ଏହି ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ଓ ପରିଚାଳନା ଦାୟିତ୍ୱ ନେଇଥିବା ବେଳେ ଏଯାବତ୍ ଏଦିଗରେ କୌଣସି ଅଗ୍ରଗତି ପରିଲକ୍ଷିତ ହୋଉନଥିବା ଆନ୍ଦାଳନକାରୀ ମାନେ ଅଭିଯୋଗ କରିଛନ୍ତି । ସୋମବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରମିକ ନେତା ଦୀପକ କୁମାର ବାରିକ୍ ଶ୍ରମିକ ଏକତା ପତାକା ଉତ୍ତୋଳନ କରିବା ପରେ ଆୟୋଜିତ ଏକ ବୈଠକରେ ବିଭୁପ୍ରସାଦ ରଥ, ଦୁଲାଳସେନ ସ୍ୱାଇଁ,ନବ କିଶୋର ଭୂୟାଁ,ବିଜୟ କୁମାର ସାହୁ,ସରୋଜ ନାୟକ, ଅଜୟ ପରିଡ଼ା, ବିଷ୍ଣୁ ଚରଣ ମହାରଣା, ବିଷ୍ଣୁ ଚରଣ ସ୍ୱାଇଁ ପ୍ରମୁଖ ଶ୍ରମିକ ପ୍ରତିନିଧି ଉଦ୍‌ବୋଧନ ଦେଇ କାରଖାନା ପ୍ରତିଷ୍ଠାଦିଗରେ ସରକାରଙ୍କ ଉଦାସିନତାର ବିରୋଧ କରି ବିଧିବଦ୍ଧ ଭାବେ କାରଖାନା ପ୍ରତିଷ୍ଠା ପାଇଁ ସରକାରଙ୍କ ଠାରେ ଦାବି ରଖିବା ସହିତ ପୂର୍ବବତ୍ ଧାରଣା କାର୍ଯ୍ୟକ୍ରମ ଜାରୀ ରଖିବାକୁ ନିଷ୍ପତ୍ତି ନେଇଥିଲେ ।

# ହତ୍ୟାକାରୀକୁ ଗିରଫ ଦାବିରେ ଥାନା ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା

ଗୋପ (ପିପିଏସ): ହତ୍ୟାକାରିକୁ ଗିରଫ ଦାବିରେ ଗୋପ ଥାନା ସମ୍ମୁଖରେ ଗୋପ ବ୍ଲକ ପୟରା ପଞ୍ଚାୟତ ଖଡ଼ିସ ଗ୍ରାମର ଶତାଧିକ ଗ୍ରାମବାସୀ ମହିଳା ଗୋପ ଥାନା ସମ୍ମୁଖରେ ଧାରଣା ରେ ବସିଛନ୍ତି। ସୂଚନା ଅନୁସାରେ ଖଡ଼ିସ ଗ୍ରାମର ତ୍ରିନାଥ ଭୋଇ ଏବଂ ସେହିଗ୍ରାମର ଦିଲ୍ଲୀପ ଭୋଇଙ୍କ ମଧ୍ୟରେ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ପରେ ଦିଲ୍ଲୀପ ତ୍ରିନାଥର ପରିବାରଙ୍କୁ ଫୋନ ଯୋଗେ ଧମକ ଚମକ ଦେଇଥିଲା ବୋଲି ତ୍ରିନାଥଙ୍କ ପିତା ବିବିନ କୁମାର ଭୋଇ ଅଭିଯୋଗ କରିଛନ୍ତି। ଏପଟେ ଭୋରୁ ଗ୍ରାମର ଏକ ଆମ୍ବ ଗଛରେ ତ୍ରିନାଥ ବେକରେ ଗାମୁଛା ଲଗାଇ ଝୁଲୁଥିବାର ଦେଖିବାକୁ ମିଳିଥିଲା। ଏନେଇ ଦିଲ୍ଲୀପ ତ୍ରିନାଥଙ୍କୁ ମାରି ଗଛରେ ଟାଙ୍ଗୀ ଦେଇଛି ବୋଲି ମୃତ ତ୍ରିନାଥଙ୍କ ପିତା ବିପିନ ଗୋପ ଥାନାରେ ଅଭିଯୋଗ କରିଛନ୍ତି। କିନ୍ତୁ ପୋଲିସ ଦୋଷୀ ବିରୁଦ୍ଧରେ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନେଇ ନଥିବାରୁ ଖଡ଼ିସ ଗ୍ରାମର ଶତାଧିକ ମହିଳା ନ୍ୟାୟ ଦାବିରେ ଗୋପ ଥାନା ସମ୍ମୁଖରେ ଧାରଣାରେ ବସିରହିଥିଲେ। ଘଟଣା ସ୍ଥଳରେ ନିମାପଡା ଏସ ଡି ପି ଓ ଜନାର୍ଦ୍ଦନ ପାଢ଼ୀ ଏବଂ ଗୋପ ଆଇ ଆଇ ସି ପ୍ରଶାନ୍ତ ପଢିହାରି ଧାରଣା ରେ ବସିଥିବା ଗ୍ରାମବାସୀଙ୍କୁ ବୁଝାସୁଜା କରିଥିଲେ। ପୋଲିସ ଏହି ଘଟଣାରେ ୨୮୪/୨୬ ଏକ ମାମଲା ରଜୁକରି ଦଫା ୨୯୬, ୧୧୫(୨), ୩୧୫(୩୧), ୧୦୩ (୧) ମକଦମା କରି ତଦନ୍ତ ଚଳାଇଛି। ତୁରନ୍ତ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିମାପଡା ଏସ ଡି ପିଓ ପ୍ରତିଶୃତି ଦେବା ପରେ ଗ୍ରାମବାସୀ ମାନେ ଧରଣାରୁ ଉଠିଥିଲେ।

## ଏନଏସି ଘୋଷଣାରେ କାକଟପୁରକୁ ଉପେକ୍ଷା

# ତୀବ୍ର ଆନ୍ଦୋଳନ ପାଇଁ ଲୋକେ ହେଲେଣି ସଜବାଜ

ଅସ୍ତରଙ୍ଗ (ପିପିଏସ୍): ରାଜ୍ୟ ସରକାରଙ୍କର ୩ପର୍ଯ୍ୟାୟରେ ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ଘୋଷଣା କୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିଲେ ବି ପୁରୀ ଜିଲ୍ଲା କାକଟପୁର ଏଥିରେ ଉପେକ୍ଷା କରାଯାଇଥିବା ଅଭିଯୋଗ ହୋଇଛି । ୩ଟି ପର୍ଯ୍ୟାୟରେ ସରକାର ୨୮ଟି ନୂଆ ଏନଏସି ଘୋଷଣା କରିଥିବା ବେଳେ ପୁରୀ ଜିଲ୍ଲା କାକଟପୁର ସାମିଲ କରାଯାଇନାହିଁ ଯାହାକୁ ନେଇ ଅଞ୍ଚଳବାସୀ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି ।

କାକଟପୁରକୁ ଏନଏସି କରିବାକୁ ଲୋକେ ଆନ୍ଦୋଳନକୁ ଓଲ୍‌ହାଇଥିଲେ। ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ କଂଗ୍ରେସ ତରଫରୁ ୧୨ଘଣ୍ଟିଆ ବନ୍ଦ ମଧ୍ୟ କରାଯାଇଥିଲା। ମାତ୍ର ସ୍ୱାୟତ୍ତ ଶାସନ ଦିବସରେ ତୃତୀୟ ଥର ଘୋଷଣାରେ ବି ସରକାର କାକଟପୁରକୁ ଏନଏସି ତାଲିକା ଭୁକ୍ତ ନ କରିବା ଯୋଗୁଁ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସ୍ଥାନୀୟ ବାସିନ୍ଦା ଏବେ ଠାରୁ ଚେତାବନୀ ଦେଲେଣି । ସେମାନଙ୍କ ଅଭିଯୋଗ ଅନୁସାରେ ନୂଆ ଏନଏସି ପାଇଁ ଜନସଂଖ୍ୟା, ଅଞ୍ଚଳ ପରିଧି ଓ ଅନ୍ୟାନ୍ୟ ସମସ୍ତ ପ୍ରକାର ଅନୁକୂଳ ଭିତ୍ତିଭୂମି ଉପଲବ୍ଧ ଥିବା ବେଳେ ରାଜନୀତି ପଶା ପାଲିରେ ପଡି ଏହି କାକଟପୁରକୁ ଅଣଦେଖା କରାଯାଉଛି । ସରକାର ପୁନର୍ବିଚାର ପାଇଁ ବିଭିନ୍ନ ମହଲରୁ ଦାବୀ ହୋଇଛି । ଅନ୍ୟ ପକ୍ଷରେ ବିଗତ ବିଜେଡି ସରକାର ସାଧାରଣ ନିର୍ବାଚନ ପୂର୍ବରୁ ଅର୍ଥାତ ୨୦୨୪ମସିହାରେ ଘୋଷଣା କରିଥିବା ଏନଏସିକୁ ଏବେର ସରକାର କାର୍ଯ୍ୟକାରୀ କଲେନି । ସେତେ ବେଳେ କାକଟପୁର କୁ ନୂଆ ଏନଏସି ତାଲିକା ଭୁକ୍ତ କରାଯାଇଥିଲା । ସରକାର ବଦଳିବା ପରେ ମଧ୍ୟ ଜନସାଧାରଣ ଆଶାବାଦୀ ଥିଲେ । ସମସ୍ତେ ଭାବିଥିଲେ କାକଟପୁରକୁ ବିଜେପି ସରକାର ଗୁରୁତ୍ୱ ଦେବେ । ମାତ୍ର ତୃତୀୟ ପର୍ଯ୍ୟାୟ ଘୋଷଣା ପରେ କାକଟପୁର ଅଞ୍ଚଳବାସୀଙ୍କ ଆଶା ପାଣି ଫୋଟକା ଭଳି ଉଭେଇ ଯିବାକୁ ବସିଛି । ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଆନ୍ଦୋଳନ ହିଁ ଏକ ମାତ୍ର ରାସ୍ତା ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି ।

## କେନ୍ଦ୍ରାପଡ଼ାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଜନଶୁଣାଣି

# ୧୯୫ଟି ଅଭିଯୋଗ ପଞ୍ଜିକୃତ



କେନ୍ଦ୍ରାପଡ଼ା, (ପିପିଏସ୍): କେନ୍ଦ୍ରାପଡ଼ା ପୌରପାଳିକା ଟାଉନ ହଲଠାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜିର ଅଭିଯୋଗ ଶୁଣାଣିରେ ମୋଟ ୧୯୫ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୧୭୬ଟି ବ୍ୟକ୍ତିଗତ ଏବଂ ୧୯ ଟି ସାମୂହିକ ଅଭିଯୋଗ ରହିଥିଲା। ଅଭିଯୋଗ ଗୁଡିକ ମଧ୍ୟରେ ସାମାଜିକ ସୁରକ୍ଷା , ସ୍ୱାସ୍ଥ୍ୟ, ପାନୀୟଜଳ, ଅବକାରୀ, ଶିକ୍ଷା, ମଙ୍ଗଳ ବିଭାଗ, ସମାଜ ମଙ୍ଗଳ ବିଭାଗ ବ୍ୟତୀତ ବ୍ୟାଙ୍କ ସଂକ୍ରାନ୍ତିୟ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୩ ଜଣଙ୍କୁ ୫୦ ହଜାର ଟଙ୍କା ଏବଂ ରେଡକ୍ରସ ପାଣ୍ଠିରୁ ଜଣଙ୍କୁ ୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କୋରଯାଇଛି । ଆଜି ପଞ୍ଜିକୃତ ହେଇଥିବା ଅଭିଯୋଗ ଗୁଡିକର ତୁରନ୍ତ ସମାଧାନ ଉପରେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ରଘୁରାମ ଆର ଆୟାର ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟମାନଙ୍କ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ)ରବୀନ୍ଦ୍ର କୁମାର ମଲ୍ଲିକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, କେନ୍ଦ୍ରାପଡ଼ା ବିଡ଼ିଓ ଅଭିଷେକ ସ୍ୱାଇଁ, ଡେପୁଟି କଲେକ୍ଟର ତୃପ୍ତି ମହାନ୍ତି ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ। ସୂଚନା ଯେ, ଆସନ୍ତା ସୋମବାର ଅର୍ଥାତ ୮ ତାରିଖ ଦିନ ଆଳି ବ୍ଲକ କାର୍ଯ୍ୟାଳୟ, ୧୫ ତାରିଖ ଦିନ ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟ ଏବଂ ୨୨ ତାରିଖ ଦିନ ଡେରାବିଶ ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ।

# ଭଦ୍ରକରେ ମିଳିତ ଜନଶୁଣାଣି ଶିବିର

ଭଦ୍ରକ, (ପିପିଏସ୍): ଆଜି ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ସଦଭାବନା ସଭା ଗୃହ ଠାରେ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ (ରାଜସ୍ୱ) ସହିତ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ ,ମୁଖ୍ୟ ଚିକିତ୍ସା ଅଧିକାରୀ ଡ ସୁଧି ରଞ୍ଜନ ନାୟକ,ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସମ୍ବିତ ମାଝୀ, ଡେପୁଟି



କଲେକ୍ଟର କାର୍ତିକ ନାଥ ମଣ୍ଡଳ, ଜ୍ଞାନ ରଂଜନ ସାହୁ , ସଂଗ୍ରାମ କେଶରୀ ଖୁଂଟିଆ ତହସିଲଦାର, ଭଦ୍ରକ ଓ ଅନ୍ୟ ବିଭାଗର ଅଧିକାରୀ ମାନେ ଯୋଗଦେଇଥିଲେ। ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରକୁ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଆଜିର ଜନଶୁଣାଣୀ ଶିବିରରେ ମୋଟ ୧୫୮ ଆବେଦନ ପତ୍ର ଦାଖଲ ହୋଇଥିଲା। ସେଥିରୁ ୧୩୩ ଟି ବ୍ୟକ୍ତିଗତ ଥିଲାବେଳେ , ୧୬ଟି ସାମୁହିକ ଥିଲା। ୧୮ ଟି ର ସମାଧାନ ସଙ୍ଗେ ସଙ୍ଗେ ହୋଇଥିଲା।ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ରୁ ୩ ଜଣଙ୍କୁ ଓ ରେଡକ୍ରସ ରୁ ୬ ଜଣଙ୍କୁ ମୋଟ ୬୦୦୦୦ଟଙ୍କା ପ୍ରଦାନ କରାଯାଇଥିଲା। ଆଜିର ଜନଶୁଣାଣୀ ରେ ମୁଖ୍ୟତଃ ରେସନ କାର୍ଡ, ମଧୁବାବୁ ପେନସନ, ପି ଏମ ଆଭାସ ଯୋଜନା ରେ ଗୃହ ବଂଟନ, ଜମିଜମା ସଂପର୍କିତ ଅଭିଯୋଗ ଦାଖଲ ହୋଇଥିଲା।

# ସମ୍ଭାବନା ସାହିତ୍ୟ ସଂସଦର କବିତା ଆସର

ଭଦ୍ରକ, (ପିପିଏସ୍): ସମ୍ଭାବନା ସାହିତ୍ୟ ସଂସଦର ୪ର୍ଥ ଶେଷ ରବିବାର ଭିନ୍ନ ସ୍ୱାଦର କବିତା ଆସର କବିତା କର୍ମଶାଳା ଯୁବକବି ଓ ଗୀତିକାର ସମ୍ଭାବନାର ସମ୍ପାଦକ ଋତୁରାଜ ଅକ୍ଷୟ ଙ୍କ ଦ୍ୱାରା ସ୍ଥାନୀୟ ଲୋକନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେଇଯାଇଛି । ଏହି ଆସରରେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ ଦୁଇ ଯୁବ କବୟିତ୍ରୀ ସୁଶ୍ରୀ ବିଳାସିନୀ ମହୁରୀ ଓ ଶ୍ରଦ୍ଧା ଞ୍ଜଳୀ ମିଶ୍ର। ଉଦଘାଟକଭାବେ ଇଂରାଜୀ ପ୍ର,ଡ଼, ଗୋଲକ ବିହାରୀ ସାହୁ ଯୋଗ ଦେଇଥିବା ବେଳେ ମୁଖ୍ୟ ଅତିଥିଭାବେ ଇଂରାଜି ପ୍ର,ଡ଼, ବାସୁଦେବ ବାରିକ ଯୋଗଦେଇଥିଲେ। ସଭାପତିତ୍ୱ କରିଥିଲେ ଉତରଓଡ଼ିଶା ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ



ନାଟ୍ୟଗୌରବ ପ୍ର, ଡ଼,ଅଟଳ ବିହାରୀ ନାୟକ।ପ୍ରେମ ପୃଥିବୀର ସମ୍ପାଦକ କୈଳାଶ ପଣ୍ଡା, ପ୍ର.କୈଳାଶ ଜେନା,ଆମ ସମସ୍ତ ଙ୍କର ପ୍ରିୟ ସମ୍ଭାବନାର କଳାସମ୍ପାଦକ ଚୂଡ଼ାମଣି ଦାସ ଉପସ୍ଥିତ ଥିଲେ।କବିତା ଗୁଡିକୁ ସମୀକ୍ଷା କରିଥିଲେ ଇଂରାଜି ପ୍ରାଧାପକକବି କିଶୋରପାଣିଗ୍ରାହୀ, କବିତା ସଂଯୋଜନା କରିଥିଲେ କବି ସୁକାନ୍ତ ବେହେରାଓ ରମାକାନ୍ତ ଜେନା କବିତା ଅସାରକୁ ସହଯୋଗକରିଥିଲେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ଜେନା, ଯୁବ କବୟିତ୍ରୀ ଦମୟନ୍ତୀ ରାଉତ ଓ ଶ୍ରଦ୍ଧାଞ୍ଜଳି ମିଶ୍ର।କବିତା ପାଠ କରିଥିଲେ ହାଟଡିହି କେନ୍ଦୁଝରରୁ ଆସିଥିବା ଅତିଥି କବି ମୁରଲୀ ବେହେରା, ଚତୃର୍ଭୁଜ ପହି, ନାରାୟଣ ସାହୁ, ହେମନ୍ତ ନାୟକ, ଅନନ୍ତ ନାରାୟଣ ମୁଦୁଲି, ବିଶ୍ୱଜିତ ସାହୁ।ନୀଳିମା ପଣ୍ଡା, ତିହିଡିର ଯୁବ କବି ସୁବ୍ରତ ମିଶ୍ର, କବୟିତ୍ରୀ କୃତୀଦୀପା କର, ସରୋଜିନୀ ନାୟକ, ଗୀତାଞ୍ଜଳି ଅଗସ୍ତି, ଅନିଶା ରଣା,ରାଜକିଶୋର ରାୟ,, ମୁକୁନ୍ଦ ଦେବ ନାୟକ, ଏଭି ରାଖାଲ ଚନ୍ଦ୍ର ସ୍ୱାଇଁ, ବୈକୁଣ୍ଠ ନାଥ ଓଝା, ପ୍ରମୋଦ ଅଗସ୍ତି,ଚର୍ଚ୍ଚିକା ମହାପାତ୍ର, ନିର୍ମଳ ରାଉତ, ରାଗନ୍ନାଥ ରାଉତ ଭରତ ଦାସ ମାର୍କୋଣ୍ଡା,ମୁସ୍ତାକ ଗହ୍ୱର, ଅବଦୁଲ ଦୟାନ, ଅରୂପାନନ୍ଦ ନାୟକ, ସୁମିତ୍ରା ପାଣି, ପ୍ରୀତିଲତା ପଣ୍ଡା, ବାବୁଲାଲ ଦାସ ଶଶାଙ୍କ ଶେଖର ପଣ୍ଡା, ମାନସ ପଣ୍ଡା, ସାବିତ୍ରୀ ବାନାର୍ଜୀ, ରମେଶ ଦାସ, ମନରଞ୍ଜନ ଦାସ, ନାରାୟଣ ଚନ୍ଦ୍ର ଲେଙ୍କା (ବନ୍ତ )ବିପ୍ଳବ ହୋତା। ସମ୍ଭାବନା ଶ୍ରେଷ୍ଠ କବିତା ସମ୍ମାନ କବି ରାମକୃଷ୍ଣ ରାଉତ, କୈଳାଶ ଦାସ ଙ୍କୁ ପ୍ରଦାନ କରାଯିବା ସହିତ ବିଚିତ୍ରା ନନ୍ଦ ଜେନା, ଶ୍ରଦ୍ଧାଞ୍ଜଳି ମିଶ୍ର ପ୍ରମୁଖଙ୍କୁ ଦିଆଯାଇଥିଲା।

# ପଟ୍ଟାମୁଣ୍ଡାଇ କଲେଜରେ ଏସଏଚଆରସି ସଚେତନତା ସଭା

କେନ୍ଦ୍ରାପଡ଼ା,(ପିପିଏସ):ସଂପ୍ରତି ସାରା ରାଜ୍ୟର ଛାତ୍ରଛାତ୍ରୀ ମହଲରେ ଦେଖା ଦେଇଥିବା ଆତ୍ମହତ୍ୟା ପ୍ରବଣତା ଦେଖାଦେଇଛିଓ ଏଭଳି ହୀନ ମାନସିକତା ବିରୋଧରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ରାଜ୍ୟ ମାନବିକ ଅଧିକାର ପରିଷଦ ପକ୍ଷରୁ ପଟ୍ଟାମୁଣ୍ଡାଇ କଲେଜ ଛାତ୍ରଛାତ୍ରୀମାନଙ୍କୁ ନେଇ 'ଆତ୍ମହତ୍ୟା ସମସ୍ୟାର ସମାଧାନ ନୁହେଁ' ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କେନ୍ଦ୍ରାପଡା ଜିଲ୍ଲା ସଭାପତି ପ୍ରତାପ ପାଢ଼ୀଙ୍କ ପୌରହିତ୍ୟରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ର, ରାଜ୍ୟ ମାନବିକ ଅଧିକାର ପରିଷଦ ସଭାପତି ସସ୍ମିତା ଦାସ ମୁଖ୍ୟବକ୍ତା କାର୍ଯ୍ୟକାରୀ ସଭାପତି ଶିବ ସୁନ୍ଦର ସ୍ୱାଇଁ, ସମ୍ପାଦକ ନାରାୟଣ ବିଶ୍ୱାଳ ପଟ୍ଟାମୁଣ୍ଡାଇ କଲେଜର ଅଧକ୍ଷ କ୍ୟାପଟେନ ମନୋଜ କୁମାର ପରିଡ଼ା, ଆଇ ସି ସି ଅଧକ୍ଷା ପ୍ରଧାପିକା ଡଃ ଅଞ୍ଜଳି ଦାଶ ଓ ଶକ୍ତିଶ୍ରୀ ସଶକ୍ତିକରଣ ସେଲ ସଂଯୋଜିକା ଅଧାପିକା ରଶ୍ମିତା ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଅସୀମ ସାହସ ଓ ଧର୍ଯ୍ୟର ସହିତ ସମସ୍ତ କଠିନ ପରିସ୍ଥିତିକୁ ସାମନା କରିବା ସହିତ ଆତ୍ମହତ୍ୟା ଭଳି ହୀନ ମାନସିକତାରୁ ଦୁରେଇ ରହି ସୁସ୍ଥ ସମାଜ ଗଠନରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେଓ ଛାତ୍ରଛାତ୍ରୀ ମାନଙ୍କୁ ଆତ୍ମହତ୍ୟା ଭଳି ନିଷ୍ପତ୍ତି ଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପଟ୍ଟାମୁଣ୍ଡାଇ କଲେଜ ପ୍ରାଧାପକ ଡଃ ସୁନିଲ୍ ପ୍ରଧାନ, ଡ଼ ରମେଶ ସାହୁ, ଅମୀୟ ଦାସ, ପ୍ରମୋଦ ସ୍ୱାଇଁ,ବୈକୁଣ୍ଠ ରାଉଳ ପରିଚାଳନା କରିଥିବା ବେଳେ ଅଧାପକ ଜିତେନ୍ଦ୍ର ମଲ୍ଲିକ ପୃଥ୍ୱୀରାଜ ବିଶ୍ୱାଳ, ସରୋଜକାନ୍ତ ନାୟକ, ସରୋଜିନୀ ମିଶ୍ର, ଭରତ ଭୂଷଣ ସାହୁ ରଞ୍ଜନ ବେହେରା ଶୁଭାଶିଷ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।







E-Mail I.D.-eepwdcuttack2@gmail.com
Tel./Fax No.(0671)-2973399

OFFICE OF THE SUPERINTENDING ENGINEER
CUTTACK (R&B) DIVISION NO.II: CUTTACK
GOVERNMENT OF ODISHA "e" procurement Notice
e-procurement Notice for Road works
Bid Identification No. S.E. CTC(R&B)-II-10 of 2025-26

1. Name of the work : 07 Nos of Road Works
2. Estimated Cost : Rs.8,08,186/-to Rs.43,14,115/-
3. Period of completion : 01 (One) calendar Month
4. Date & time of sale & receipt of bid: document : From 02.09.2025 to 5 PM of 11.09.2025
5. Last date/time of receipt of bids : 5 PM of 11.09.2025
6. Date & time of Opening of Bids : 11 AM of 12.09.2025
7. Name and address of the Officer Inviting Bid : Superintending Engineer, Cuttack (R&B) Division-II, Cuttack

Further details can be seen from the e-procurement portal http://www.tendersorissa.gov.in.
Any addendum/ corrigendum/ cancellation of tender can also be seen in the said website

**Sd:/-Superintending Engineer, Division Cuttack (R&B) Division-II**

**B-472** OIPR- **34137/11/0021/2526**



E-Mail I.D.-eepwdcuttack@gmail.com
Tel/Fax No.(0671)-2304128

OFFICE OF THE SUPERINTENDING ENGINEER
CUTTACK (R&B) DIVISION NO.I: CUTTACK
GOVERNMENT OF ODISHA
('e' PROCUREMENT NOTICE)
Bid Identification No. S.E. CTC(R&B)-32 of 2025-26

**TENDER CALL NOTICE**

1 The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on Percentage rate basis bid in Single cover system in ONLINE MODE from eligible contractor for Road works as mentioned below.
2. No. of Work : 10 Nos.
3. Nature of work. : Road works
4. Class of Contractor : "C" & "B" Class, "D" & "C" Class
5. Tender Paper Cost : -Rs.6000/- & Rs.4000/- (Online)
6. Available of bid documents in the website : From 03/09/2025 to 5PM of 10/09/2025
7. Date of Opening of Bid : 11AM of 11/09/2025
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

**Sd:/- (Er. Md. Shahbaz)**
**Superintending Engineer,**
**Cuttack (R&B) Division No.I**

**B-463-** OIPR- **34091/11/0097/2526**



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**RURAL WORKS DIVISION, KUCHINDA**
**e-Mail-eerw lichinda@yahoo.com**

1ª Corrigendum to Bid identification No. Tender online 03/RWD/Kuchinda/2025-26
Due to unavoidable circumstances, the following changes have been made in this office Bid identification no tender online 03/RWD/Kuchinda/2025-26
The following changes have been made:-

| Procurement Officer | Bid Identification No. | Availability of Tender Online for bidding | | Last date & time for seeking clarification | Date & Time of opening of tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Kuchinda | Tender online-03/RWD/KCD | 04.09.2025 at 11. A.M | 15.09.2025 at 5.00 P.M | 13.09.2025 at 5.00 A.M | 16.09.2025 at 11.00 A.M |

The 05 nos work of Annexture-I has been cancelled i.e.
Sl. No.05-S/R to Dispensary building at Sagaramal of Ayush Deptt. for amount of Rs.2.54 Lakhs
Sl. No.08-S/R to AEO Qtr. at Kusumi (R) for amount of Rs.2.54 Lakhs
SL. No.09-S/R to VAW Qtr. at Hinjirkela (R) for amount of Rs.2.54 Lakhs
Sl. No.10- S/R to VAW Qtr. at Ramtileimal (R) for amount of Rs.2.54 Lakhs
SL. No.26-S/R to VAW Qtr. at Bhojpur (R) for amount of Rs.2.54 Lakhs
All other terms and conditions remain unchanged.
Further details can be seen from the e-procurement portal www.tendersorissa.gov.in

**O-684- OIPR-25151/11/0028/2526**

**Sd:/-Superintending Engineer,**
**R.W. How Division, Kuchinda**

# ଭାରତର ଲଗାତାର ବିଜୟ: ହର୍ମନପ୍ରୀତ୍‌ଙ୍କ ଯୁଗଳ ଗୋଲ୍, ହାରିଲା ଜାପାନ



ରାଜଗିର: ବିହାରର ରାଜଗିରଠାରେ ଚାଲିଥିବା ଏସିଆ କପ୍ ହକି ପ୍ରତିଯୋଗିତାରେ ଭାରତ ଲଗାତାର ଦ୍ୱିତୀୟ ବିଜୟ ହାସଲ କରିଛି। ଅଧିନାୟକ ହର୍ମନପ୍ରୀତ୍ ସିଂହ (୫, ୪୬ ମିନିଟ୍) ପୁଣି ଥରେ ଚମତ୍କାର ପ୍ରଦର୍ଶନ କରି ଦୁଇଟି ପ୍ରଭାବୀ ଗୋଲ୍ ଦେବା ପରେ ଭାରତ ରବିବାର ଜାପାନକୁ ୩-୨ ଗୋଲ୍‌ରେ ପରାସ୍ତ କରିଛି। ଚୀନ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ହ୍ୟାଟ୍ରିକ୍ ଗୋଲ୍ ଦେଇଥିବା ହର୍ମନପ୍ରୀତ୍ ଦୁଇଟି ମ୍ୟାଚ୍‌ରେ ବ୍ୟକ୍ତିଗତ ଭାବେ ୫ଟି ଗୋଲ୍ ଦେଇ ନିଜ ବଳିଷ୍ଠ ନେତୃତ୍ୱ ଦକ୍ଷତାର ପରିଚୟ ଦେଇଛନ୍ତି। ଭାରତ ପାଇଁ ଅନ୍ୟ ଗୋଲ୍‌ଟି ମନଦୀପ ସିଂହ (୪ ମିନିଟ୍) ଦେଇଛନ୍ତି। ଅନ୍ୟପକ୍ଷରେ ଜାପାନର ଦୁଇଟି ଯାକ ଗୋଲ୍ କଓ୍ୱାବେ କୋଶାଇ (୩୮, ୫୯ ମିନିଟ୍) ଦେଇଛନ୍ତି। ଏହି ସଂଘର୍ଷପୂର୍ଣ୍ଣ ବିଜୟ ସହ ଭାରତ ସୁପର-୪ ବା ସେମିଫାଇନାଲ୍‌ରେ ଏକପ୍ରକାର ସ୍ଥାନ ସୁରକ୍ଷିତ କରି ନେଇଛି। ଘରୋଇ ଦଳ ତା'ର ଶେଷ ତଥା ତୃତୀୟ ଲିଗ୍ ମ୍ୟାଚ୍ ତିନି ଦଶନ୍ଧି ପରେ ଏସିଆ କପ୍ ଖେଳୁଥିବା କାଜାଖସ୍ତାନ ବିପକ୍ଷରେ ଖେଳିବେ। ତେବେ ଲଗାତାର ଦ୍ୱିତୀୟ ମ୍ୟାଚ୍ ପାଇଁ ଭାରତୀୟ ରକ୍ଷଣଭାଗ ଆଶାଜନକ ପ୍ରଦର୍ଶନ କରି ନପାରିବା ପ୍ରଶିକ୍ଷକ କ୍ରେଗ୍ ଫୁଲଟନ୍‌ଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଆସନ୍ତାବର୍ଷର ବିଶ୍ୱକପ୍ ଲାଗି ଯୋଗ୍ୟତା ଅର୍ଜନ କରିବା ଲାଗି ଏହି ପ୍ରତିଯୋଗିତା ଜିତିବା ଭାରତ ପାଇଁ ଏକାନ୍ତ ଅପରିହାର୍ଯ୍ୟ ଥିଲା ବେଳେ ଆଗାମୀ ମ୍ୟାଚ୍‌ଗୁଡ଼ିକରେ ଦଳକୁ ଏହି ଦୁର୍ବଳତା ଦୂର କରିବାକୁ ପଡ଼ିବ ବୋଲି ସ୍ୱୀକାର କରିଛନ୍ତି ସେ।

ଭାରତ ଏହି ମ୍ୟାଚ୍‌କୁ ସମସ୍ତଙ୍କ ପସନ୍ଦର ଦଳ ଭାବେ ପଡ଼ିଆକୁ ଓହ୍ଲାଇଥିଲା। ପ୍ରଥମ କ୍ୱାର୍ଟରର ଚତୁର୍ଥ ଓ ପଞ୍ଚମ ମିନିଟ୍‌ରେ ଦୁଇଟି ଗୋଲ୍ ଦେଇ ହର୍ମନପ୍ରୀତ୍‌ଙ୍କ ଦଳ ଏକଥାର ସମ୍ମାନ ବି ରଖିଥିଲା। ମନଦୀପ ସିଂହ ଏକ ସୁନ୍ଦର ଫିଲ୍ଡ ଗୋଲ୍ ଦେଇ ଭାରତକୁ ଆଗୁଆ କରିବା ପରେ ହର୍ମନପ୍ରୀତ୍ ପରବର୍ତ୍ତୀ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ରୂପାନ୍ତର କରି ଜାପାନ ଉପରେ ଅସହ୍ୟ ଚାପ ସୃଷ୍ଟି କରିଥିଲେ। ଏହା ସତ୍ତ୍ୱେ ଜାପାନ ଭାରତୀୟ ରକ୍ଷଣଭାଗକୁ ଆକ୍ରମଣ କରିବା ଜାରି ରଖିଥିଲା। ୩୮ ମିନିଟ୍‌ରେ ଯାହାର ଫଳ ଏହି ଦଳକୁ ମିଳିଥିଲା। କୋଶାଇଙ୍କ ଫିଲ୍ଡ ଗୋଲ୍‌ରେ ଜାପାନ ଗୋଲ୍ ବ୍ୟବଧାନକୁ ୨-୧କୁ କମାଇ ଦେଇଥିଲା। ତେବେ ୪୬ ମିନିଟ୍‌ରେ ହର୍ମନପ୍ରୀତ୍‌ଙ୍କ ଆଉ ଏକ ପେନାଲ୍ଟି କର୍ଣ୍ଣର ଗୋଲ୍ ବଳରେ ଭାରତ ୩-୧ରେ ଆଗୁଆ ହେବା ସହ ମ୍ୟାଚ୍‌କୁ ପୂରା ନିୟନ୍ତ୍ରଣକୁ ନେଇଯାଇଥିଲା। ତେବେ ଖେଳ ଶେଷ ହେବାର ଗୋଟିଏ ମିନିଟ୍ ପୂର୍ବରୁ ଭାରତୀୟ ରକ୍ଷଣଭାଗର କୋହଳ ମନୋଭାବକୁ ଠଉରାଇ କୋଶାଇ ବ୍ୟକ୍ତିଗତ ଭାବେ ଦ୍ୱିତୀୟ ଫିଲ୍ଡ ଗୋଲ୍ ଦେବା ପରେ ଭାରତର ବିଜୟ ବ୍ୟବଧାନ ୩-୨କୁ କମିଯାଇଥିଲା।

**୧୫୦ ମ୍ୟାଚ୍ କ୍ଲବ୍‌ରେ ପାଠକ:** ଭାରତୀୟ ଗୋଲ୍‌ରକ୍ଷକ କ୍ରିଶନ ବାହାଦୁର ପାଠକ ରବିବାର ଜାପାନ ବିପକ୍ଷରେ ୧୫୦ ଅନ୍ତର୍ଜାତୀୟ ହକି ମ୍ୟାଚ୍ ଖେଳିବାର ମାଇଲ୍‌ଖୁଣ୍ଟ ଛୁଇଁଛନ୍ତି। ପଞ୍ଜାବର କପୁରତାଲା ବାସିନ୍ଦା ୨୮ବର୍ଷୀୟ ପାଠକଙ୍କୁ ଏଥିଲାଗି ହକି ଇଣ୍ଡିଆ ସମ୍ବର୍ଦ୍ଧିତ କରିଛି। ଭାରତ-ଜାପାନ ମ୍ୟାଚ୍ ଅବସରରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କି ଓ ମହାସଚିବ ଭୋଳାନାଥ ସିଂହ ସମ୍ମାନିତ କରିଥିଲେ। କିଂବଦନ୍ତି ଗୋଲ୍‌ରକ୍ଷକ ପିଆର ଶ୍ରୀଜେଶଙ୍କ ଉତ୍ତରାଧିକାରୀ ମାନ୍ୟତା ଲାଭ କରିଥିବା ପାଠକ ୨୦୧୮ ମସିହାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ବରିଷ୍ଠ ବର୍ଗରେ ଅନ୍ତର୍ଜାତୀୟ କ୍ୟାରିୟର୍ ଆରମ୍ଭ କରିଥିଲେ। ସେବେଠାରୁ ଭାରତୀୟ ହକି ଦଳର ସେ ନିୟମିତ ସଦସ୍ୟ ରହି ଆସିଥିଲା ବେଳେ ଏକାଧିକ ପ୍ରତିଯୋଗିତାରେ ଭାରତକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ତୁଲାଇଛନ୍ତି। ଶ୍ରୀଜେଶଙ୍କ ଉପସ୍ଥିତି ସତ୍ତ୍ୱେ କଠିନ ପରିଶ୍ରମ ଓ ଅପୂର୍ବ ଏକାଗ୍ରତା ବଳରେ ନିଜ ପାଇଁ ଭାରତୀୟ ହକିରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ୧୫୦ ମ୍ୟାଚ୍‌ରେ ଭାରତର ପ୍ରତିନିଧିତ୍ୱ କରିବା ଗର୍ବ ଓ ଗୌରବର ବିଷୟ ବୋଲି ଉଲ୍ଲସିତ ପାଠକ ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ମହିଳା ବିଶ୍ୱକପ: ବିଜେତା ଦଳକୁ ମିଳିବ ୪୦ କୋଟି



ଲଣ୍ଡନ : ମହିଳା କ୍ରିକେଟର ଲୋକପ୍ରିୟତାକୁ ପ୍ରୋତ୍ସାହିତ କରିବା ଏବଂ ପୁରୁଷ କ୍ରିକେଟରଙ୍କ ପରି ସେମାନଙ୍କୁ ସମାନ ସମ୍ମାନ ଦେବା ପାଇଁ, ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ୨୦୨୫ ମହିଳା ଦିନିକିଆ ବିଶ୍ୱକପର ପୁରସ୍କାର ରାଶି ଉଲ୍ଲେଖନୀୟଭାବେ ବୃଦ୍ଧି କରିଛି। ଏବେ ଚାମ୍ପିଅନ୍ ଦଳକୁ ପ୍ରାୟ ୪୦ କୋଟି ଟଙ୍କା ଦିଆଯିବ।

ଉଲ୍ଲେଖନୀୟ ଯେ ୨୦୨୫ ମହିଳା ଦିନିକିଆ ବିଶ୍ୱକପ୍ ସେପ୍ଟେମ୍ବର ୩୦ରୁ ଖେଳାଯିବ। ଏଥର ଏହି ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟ ଭାରତ ଏବଂ ଶ୍ରୀଲଙ୍କା ଦ୍ୱାରା ମିଳିତ ଭାବରେ ଆୟୋଜନ କରାଯାଉଛି। ଏହି ବିଶ୍ୱକପରେ ମୋଟ ଆଠଟି ଦଳ ଅଂଶଗ୍ରହଣ କରିବେ। ୨୦୨୫ ମହିଳା ଦିନିକିଆ ବିଶ୍ୱକପ୍ ସେପ୍ଟେମ୍ବର ୩୦ରୁ ଖେଳାଯିବ। ଏଥର ଏହି ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟ ଭାରତ ଏବଂ ଶ୍ରୀଲଙ୍କା ଦ୍ୱାରା ମିଳିତ ଭାବରେ ଆୟୋଜନ କରାଯାଉଛି। ଏହି ବିଶ୍ୱକପରେ ମୋଟ ଆଠଟି ଦଳ ଅଂଶଗ୍ରହଣ କରିବେ।

ଏହି ବିଶ୍ୱକପରେ, ବିଜେତା ଦଳକୁ ୪୪.୮୦ ଲକ୍ଷ ଡଲାର (ପ୍ରାୟ ୩୯.୫୫ କୋଟି ଟଙ୍କା) ପୁରସ୍କାର ରାଶି ମିଳିବ, ଯାହା ଏହି ଟୁର୍ଣ୍ଣାମେଣ୍ଟରେ ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ପୁରସ୍କାର ରାଶି ହେବ। ସେହିପରି ରନର୍ସ ଅପ ଦଳକୁ ୨.୨୪ ନିୟୁତ ଡଲାର ବା ୧୯.୭୭ କୋଟି ଟଙ୍କା ମିଳିବ। ଆଇସିସି ଏହି ଟୁର୍ଣ୍ଣାମେଣ୍ଟ ପାଇଁ ମୋଟ ୧୩.୮୮ ମିଲିୟନ ଡଲାର (ପ୍ରାୟ ୧୨୨.୫ କୋଟି ଟଙ୍କା) ପୁରସ୍କାର ରାଶି ଘୋଷଣା କରିଛି। ଗତ ବିଶ୍ୱକପରେ ମୋଟ ପୁରସ୍କାର ରାଶି ମାତ୍ର ୩୧ କୋଟି ଟଙ୍କା ଥିଲା। ଅର୍ଥାତ ଏଥର ପୁରସ୍କାର ରାଶି ୨୯୭ ପ୍ରତିଶତ ବୃଦ୍ଧି ପାଇଛି।


# ବିଶ୍ୱ ଦୌଡ଼କୁଦ: ନୀରଜ ନେବେ ଭାରତର ନେତୃତ୍ୱ



ଭୁବନେଶ୍ୱର: ଟୋକିଓରେ ସେପ୍ଟେମ୍ବର ୧୩ରୁ ୨୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତା ଲାଗି ୧୯ (୫ ମହିଳା) ଜଣିଆ ଭାରତୀୟ ଦଳ ରବିବାର ଘୋଷିତ ହୋଇଛି। ବିଶ୍ୱ ବିଜେତା ନୀରଜ ଚୋପ୍ରାଙ୍କ ନେତୃତ୍ୱରେ ଘୋଷିତ ଏହି ଦଳରେ ଓଡ଼ିଶାରୁ କେବଳ ଧାବକ ଅନିମେଷ କୁଜୁର ସ୍ଥାନ ପାଇଛନ୍ତି। ନୀରଜଙ୍କ ସହ ଜାଭଲିନ୍‌ରେ ୪ ଜଣ ସଚିନ ଯାଦବ, ଯଶବୀର ସିଂହ ଓ ରୋହିତ ଯାଦବ ରହିଛନ୍ତି। ନୀରଜ ଗତ ସଂସ୍କରଣ ବିଜେତା ଭାବେ ୱାଇଲ୍ଡ କାର୍ଡ ପାଇ ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ୩ ଭାରତୀୟ ଗୁଲବୀର ସିଂହ (୫୦୦୦ ମିଟର), ପ୍ରବୀଣ ଚିତ୍ରାଭେଲ (ଟ୍ରିପଲଜମ୍ପ) ଓ ପାରୁଲ ଚୌଧୁରୀ (୩୦୦୦ ମିଟର ଷ୍ଟିପଲ୍‌ଚେଜ୍) ଯୋଗ୍ୟତା ମାନଦଣ୍ଡ ପୂରଣ କରି ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅନ୍ୟ ୧୫ ଜଣ ବିଶ୍ୱ ମାନ୍ୟତା ଅନୁଯାୟୀ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଯୋଗ୍ୟତା ଅର୍ଜନ କରିଥିବା ଅବିନାଶ ସାବ୍‌ଲେ ଫିଟ୍ ନଥିବାରୁ ଚୟନରୁ ଓହରି ଯାଇଥିଲା ବେଳେ ସମାନ କାରଣରୁ ନନ୍ଦିନୀ ଅଗସାରା ଓ ଆକାଶଦୀପ ସିଂହଙ୍କୁ ଦଳରେ ସ୍ଥାନ ମିଳିନି।

**ଭାରତୀୟ ଦଳ:** ନୀରଜ ଚୋପ୍ରା, ସଚିନ ଯାଦବ, ଯଶବୀର ସିଂହ, ରୋହିତ ଯାଦବ (ଜାଭ୍‌ଲିନ୍), ଗୁଲବୀର ସିଂହ (୫୦୦୦ ମିଟର), ପ୍ରବୀଣ ଚିତ୍ରାଭେଲ, ଅବଦୁଲ୍ଲା ଆବୁବାକର (ଟ୍ରିପଲ୍‌ଜମ୍ପ), ସର୍ବେଶ କୁଶାରେ (ହାଇଜମ୍ପ), ଅନିମେ?ଷ କୁଜୁର (୨୦୦ ମିଟର), ମୁରଲୀ ଶ୍ରୀଶଙ୍କର (ଲଙ୍ଗଜମ୍ପ), ସର୍ବିନ ସେବାଷ୍ଟିଆନ୍ (୨୦ କିମି ରେସ୍‌ୱାକ୍), ସନ୍ଦୀପ, ରାମ ବାବୁ (୩୫ କିମି ରେସ୍‌ୱାକ୍), ଗୁଲବୀର ସିଂହ (୧୦୦୦୦ ମିଟର), ତେଜାସ ଶିର୍ସେ (୧୧୦ ମିଟର ବାଧାଦୌଡ଼)। ପାରୁଲ ଚୌଧୁରୀ, ଅଙ୍କିତା (୩୦୦୦ ମିଟର ଷ୍ଟିପଲ୍‌ଚେଜ୍), ଅନୁ ରାଣୀ (ଜାଭ୍‌ଲିନ୍), ପ୍ରିୟଙ୍କା ଗୋସ୍ୱାମୀ (୩୫ କିମି ରେସ୍‌ୱାକ୍), ପୂଜା (୧୫୦୦, ୮୦୦ ମିଟର)।

# ପଡ଼ିଆରେ ରନ୍ ବର୍ଷା କଲେ ଟିମ୍ ସେଫର୍ଟ



ନୂଆଦିଲ୍ଲୀ: କାରିବିଆନ୍ ପ୍ରିମିୟର ଲିଗ୍ ୨୦୨୫ରେ ବ୍ୟାଟ୍ସମ୍ୟାନ ଟିମ୍ ସେଫର୍ଟ ଏକ ବିସ୍ଫୋରକ ଏବଂ ଐତିହାସିକ ଇନିଂସ ଖେଳିଥିଲେ, ସେ ୪୦ ବଲ୍ ରେ ଶତକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ସିପିଏଲ ଇତିହାସରେ ଦ୍ରୁତତମ ଶତକ ହାସଲ କରିବାରେ ସେ ଆନ୍ଦ୍ରେ ରସେଲଙ୍କ ସମକକ୍ଷ ହୋଇଛନ୍ତି। ନ୍ୟୁଜିଲ୍ୟାଣ୍ଡର ଏହି ବିସ୍ଫୋରକ ଖେଳାଳି ସିପିଏଲରେ ସେଣ୍ଟ ଲୁସିଆ କିଙ୍ଗସ୍ ପାଇଁ ଖେଳୁଛନ୍ତି। ସେ ୩ଟି ରେକର୍ଡ ମଧ୍ୟ ଭାଙ୍ଗିଛନ୍ତି।

ଟିମ୍ ସେଫର୍ଟ ଏହି ଇନିଂସରେ କେବଳ ଛକା ଏବଂ ଚୌକା ମାଧ୍ୟମରେ ୯୪ ରନ କରିଥିଲେ। ସେ ୯ ଛକା (୫୪ ରନ) ଏବଂ ୧୦ ଚୌକା (୪୦ ରନ) ମାରିଥିଲେ। ସେଣ୍ଟ ଲୁସିଆ ଏହି ମ୍ୟାଚରେ ଆଣ୍ଟିଗୁଆ ଏବଂ ବାର୍ବୁଡା ଫାଲକନ୍ସକୁ ୬ ୱିକେଟରେ ପରାସ୍ତ କରିଥିଲା। ଟିମ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରବିବାର ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଆଣ୍ଟିଗୁଆ ଏବଂ ବାର୍ବୁଡା ଫାଲକନ୍ସ ୨୦୪ ରନ କରିଥିଲେ। ଆମିର ଜାଙ୍ଗୁ ୫୬ ରନ, ସାକିବ ଅଲ୍ ହାସନ ୨୬ ବଲ୍ ରେ ୬୧ ରନ କରିଥିଲେ। ଫାବିଆନ୍ ଆଲେନ୍ ୧୭ ବଲ୍ ରେ ୩୮ ରନ କରିଥିଲେ।


ସିପିଏଲ୍ ରେ ଦ୍ରୁତତମ ଶତକ ବ୍ୟତୀତ ସେ ଆଉ ୩ଟି ରେକର୍ଡ ଭାଙ୍ଗିଦେଇଥିଲେ। ଟିମ୍ ସେଫର୍ଟ ସେଣ୍ଟ ଲୁସିଆ କିଙ୍ଗସ୍ ପାଇଁ ଏକ ଇନିଂସରେ ସର୍ବାଧିକ ବାଉଣ୍ଡାରୀ ମାରିବାର ରେକର୍ଡ ଭାଙ୍ଗିଦେଇଛନ୍ତି। ସେ ଏହି ଇନିଂସରେ କେବଳ ଛକା ଏବଂ ଚୌକା ସାହାଯ୍ୟରେ ୯୪ ରନ୍ କରିଥିଲେ। ପୂର୍ବରୁ ଏହି ରେକର୍ଡ ଫାଫ୍ ଡୁ ପ୍ଲେସିସ୍ ଙ୍କ ନାମରେ ଥିଲା, ଯିଏ ବାଉଣ୍ଡାରୀରୁ ୮୨ ରନ୍ କରିଥିଲେ। ସେ ଏହି ଫ୍ରାଞ୍ଚାଇଜ୍ ପାଇଁ ସବୁଠାରୁ ବଡ଼ ଇନିଂସ ଖେଳିଥିବା ବ୍ୟାଟ୍ସମ୍ୟାନ୍ ମଧ୍ୟ ହୋଇଛନ୍ତି, ଏହି କ୍ଷେତ୍ରରେ ସେ ଡୁ ପ୍ଲେସିସ୍ (୧୨୦)ଙ୍କ ରେକର୍ଡ ମଧ୍ୟ ଭାଙ୍ଗିଛନ୍ତି।

ଏହା ସହିତ ଟିମ୍ ସେଫର୍ଟ ସେଣ୍ଟ ଲୁସିଆ କିଙ୍ଗସ୍ ପାଇଁ ଏକ ଇନିଂସରେ ସର୍ବାଧିକ ଛକା ମାରିଥିବା ବ୍ୟାଟ୍ସମ୍ୟାନ୍ ହୋଇଛନ୍ତି। ସେ ମୋଟ ୯ ଛକା ମାରିଥିଲେ, ପୂର୍ବରୁ ଏହି ରେକର୍ଡ କିରନ୍ ପୋଲାର୍ଡଙ୍କ ନାମରେ ଥିଲା ଯିଏ ଏକ ଇନିଂସରେ ୮ ଛକା ମାରିଥିଲେ।


## ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୩୧ ଅଗଷ୍ଟରୁ ୦୬ ସେପ୍ଟେମ୍ବର ୨୦୨୫ **ଦକ୍ଷିଣ ଲଢ଼େଇ !**




ଉପ ରାଷ୍ଟ୍ରପତି ପଦରୁ ଜଗଦୀପ ଧନଖଡ଼ଙ୍କ ରହସ୍ୟଜନକ ଇସ୍ତଫା ପରେ ଯେଉଁ ପଲିଟିକାଲ ଭାକ୍ୟୁମ୍ ସୃଷ୍ଟି ହୋଇଥିଲା, ତାହାର ପୂରଣ ପାଇଁ ଆରମ୍ଭ ହୋଇଯାଇଛି କସରତ୍। 'ତାମିଲ' ପ୍ରାର୍ଥୀ କରି ଏନ୍‌ଡିଏ ଯେଉଁ ରିଜିଅନାଲ୍ ସେଣ୍ଟିକ୍ କାର୍ଡ ଖେଳିଲା, ତାହାକୁ ନେଇ ବଡ଼ ଚେକ୍‌ମେଟ୍ ଦେଇଛନ୍ତି ବିରୋଧୀ। ଏଥର ଉପ ରାଷ୍ଟ୍ରପତି ନିର୍ବାଚନରେ ଦେଖିବାକୁ ମିଳିବ ତାମିଲ ବନାମ ତେଲୁଗୁ ଲଢ଼େଇ।

**ଜାତୀୟ:** ମହାବିନାଶରୁ ମହାନ ଶିକ୍ଷା
**ଅନ୍ତର୍ଜାତୀୟ:** ୮ ଦଶନ୍ଧି ପରେ
**ବିଶେଷ ପ୍ରସଙ୍ଗ:** ନୀରବ ମହାମାରୀ
**ନାରୀ:** : ବିନା ମୂଲ୍ୟରେ ଗ୍ଲୋଇଂ ତ୍ୱଚା ଚାହୁଁଛନ୍ତି କି ?
**କ୍ଷୁଦ୍ରଗଳ୍ପ:** ବଡ଼ଘର ବଡ଼ ଗୁମର କଥା
**ଚଳଚ୍ଚିତ୍ର:** ଏହି ସବୁ ଷ୍ଟାର୍ କରିବେ ଅଙ୍ଗଦାନ **ଚଳଚ୍ଚିତ୍ର:** : ଗାନ୍ଧୀ ଭୂମିକାରେ ଅନୁପମ
**ଖେଳ:** ଅ: ଶେଫାଳିଙ୍କ ସ୍ଥାନ ନାହିଁ, ଫସିଲେ ଆକାଶଦୀପ
**ମୀନାବଜାର:** ସ୍ୱାଭିମାନ , ଚର୍ଚ୍ଚାରେ: ସାଇକେଲ ମେକାନିକଙ୍କ ସାହିତ୍ୟ ନିଶା, ବିଜ୍ଞାନ: ଏଆଇ ଧରିଲା ବ୍ରହ୍ମାଣ୍ଡର ଅଦ୍ଭୁତ ଘଟଣା, ପର୍ଯ୍ୟଟନ: ମା' କାତ୍ୟାୟିନୀ ଶକ୍ତିପୀଠ, ବାସ୍ତୁ: କେଉଁ ଜିନିଷ ଘରେ ରଖିବା ସବୁଠୁ ବଡ଼ ଅଶୁଭ, ସତନ୍ତ୍ର ପ୍ରସଙ୍ଗ: ଜଳୁଛି ନାରୀ, ଆଞ୍ଚଳିକ: ସଂଗ୍ରାମୀ ସାନାୟା, ଗପ: ବଡ଼ଘର ବଡ଼ ଗୁମର କଥା, ଧର୍ମ: ପ୍ରତ୍ୟେକ ଦିନ ଗାଈର ଏହି ଅଙ୍ଗକୁ କରନ୍ତୁ ସ୍ପର୍ଶ, କବିତା: ନାଁଟି ମୋର ଡ଼ିଙ୍କି, ଜାଣନ୍ତି କି ? :କାର୍ଗିଲ ଯୁଦ୍ଧରେ ଖର୍ଚ୍ଚ ହୋଇଥିଲା ଏତିକି ଟଙ୍କା, ସ୍ୱାସ୍ଥ୍ୟ: ଶୋଇବା ପୂର୍ବରୁ ସୁଣ୍ଠି ପାଣି ଏହିପରି ଆହୁରି ଅନେକ ପ୍ରସଙ୍ଗ।

**ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ**


# ରାହୁଲଙ୍କୁ ରାଜସ୍ଥାନ ରୟାଲ୍ସରୁ ବାହାର କରିଦିଆଯାଇଛି: ଏବି ଡିଭିଲିୟର୍ସ



ନୂଆଦିଲ୍ଲୀ : ଗୋଟାଏ ସିଜିନ୍ ପରେ ରାଜସ୍ଥାନ ରୟାଲ୍ସର ମୁଖ୍ୟ ପ୍ରଶିକ୍ଷକ ପଦ ଛାଡିଛନ୍ତି କ୍ରିକେଟର ରାହୁଲ ଦ୍ରାବିଡ। ଦଳ ଭଲ ପ୍ରଦର୍ଶନ ନକରିବାରୁ ସେ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି। ଜୟପୁର-ଭିତ୍ତିକ ଫ୍ରାଞ୍ଚାଇଜ୍ ଶନିବାର ଏକ୍ସରେ ଏହି ଘୋଷଣା କରିଥିଲା। ଗୋଟାଏ ସିଜିନ୍ ପରେଦ୍ରାବିଡ ତାଙ୍କ ପଦରୁ ଇସ୍ତଫା ଦେବା ଖବରକୁ ଫ୍ରାଞ୍ଚାଇଜ୍ ନିଶ୍ଚିତ କରିଥିଲା। ଏବେ ଏହା ଉପରେ ପ୍ରତିକ୍ରିୟା ରଖିଛନ୍ତି ପୂର୍ବତନ ଦକ୍ଷିଣ ଆଫ୍ରିକା ୱିକେଟକିପର-ବ୍ୟାଟସମ୍ୟାନ୍ ଏବଂ ଅଧିନାୟକ ଏବି ଡିଭିଲିୟର୍ସ। ଏହି ଖବର ପାଇବା ପରେ ସେ ଏକ ବିସ୍ଫୋରକ ଦାବି କରିଛନ୍ତି।

ପୂର୍ବତନ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବ୍ୟାଟ୍ସମ୍ୟାନ ଏବି ଡିଭିଲିୟର୍ସଙ୍କ ଅନୁଯାୟୀ, ଫ୍ରାଞ୍ଚାଇଜି ଦ୍ୱାରା ତାଙ୍କୁ ଦିଆଯାଇଥିବା ବଡ଼ ଦାୟିତ୍ୱ ଗ୍ରହଣ କରିବାକୁ ମନା କରିବା ପରେ ରାଜସ୍ଥାନ ରୟାଲ୍ସରୁ ତାଙ୍କୁ ବାହାର କରିଦିଆଯାଇଛି। ତାଙ୍କ କହିବା ମୁତାବକ, 'ମୋତେ ଏପରି ଲାଗୁଛି ଯେପରି ମାଲିକ କିମ୍ବା ପରିଚାଳନା କମିଟି ଏହି ନିଷ୍ପତ୍ତି ନେଇଛନ୍ତି। ସେମାନେ ତାଙ୍କୁ ଦଳରେ ବଡ଼ ଭୂମିକା ଗ୍ରହଣ କରିବାର ବିକଳ୍ପ ଦେଇଥିଲେ। ହେଲେ ସେ ଏହାକୁ ଏକ ପ୍ରକାର ପ୍ରତ୍ୟାଖ୍ୟାନ କରିଥିଲେ। ହୁଏତ ରାହୁଲ ବଡ଼ ଦାୟିତ୍ୱ ନନେଇ ଡଗ୍ ଆଉଟରେ ରହିବାକୁ ଚାହୁଁଥିଲେ। ହୁଏତ ଏହା ତାଙ୍କର ନିଷ୍ପତ୍ତି ଥିଲା। ମୁଁ ଜାଣିନାହିଁ। କିନ୍ତୁ ଆମେ ଆଗକୁ ଜାଣିବୁ। ମୁଁ ନିଶ୍ଚିତ ଯେ, ଭବିଷ୍ୟତରେ ସେ ଏହା ବିଷୟରେ କହିବେ।'

# ଆଇଏଲଟି-୨୦ ନିଲାମରେ ସାମିଲ ହେବେ ଅଶ୍ୱିନ



ନୂଆଦିଲ୍ଲୀ : ଭାରତୀୟ କିମ୍ବଦନ୍ତୀ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଅନ୍ତର୍ଜାତୀୟ ଓ ଆଇପିଏଲରୁ ଅବସର ନେବା ପରେ ଏବେ ଇଣ୍ଟରନ୍ୟାସନାଲ ଲିଗ୍ ଟ୍ୱେଣ୍ଟି-୨୦ରେ ଖେଳିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ଅଶ୍ୱିନ ଆଇଏଲ ଟ୍ୱେଣ୍ଟି-୨୦ ଖେଳାଳି ନିଲାମ ଲାଗି ନାମ ପଞ୍ଜୀକରଣ କରିଛନ୍ତି। ଆଇଏଲ ଟ୍ୱେଣ୍ଟି-୨୦ ଲିଗ୍ ଚତୁର୍ଥ ସଂସ୍କରଣ ଆସନ୍ତା ଡିସେମ୍ବର ୨ରୁ ୨୦୨୬ ଜାନୁଆରୀ ୪ ପର୍ଯ୍ୟନ୍ତ ୟୁଏଇରେ ଖେଳାଯିବ। ଏଥିପାଇଁ ଖେଳାଳି ନିଲାମ ସେପ୍ଟେମ୍ବର ୩୦ରେ ହେବ। ନିଲାମରେ ସାମିଲ ପାଇଁ ନାମ ପଞ୍ଜୀକରଣର ଶେଷ ସମୟ ସେପ୍ଟେମ୍ବର ୧୦ ରହିଛି। ଉକ୍ତ ଲିଗ୍‌ରେ ପୂର୍ବରୁ ଅମ୍ବାତି ରାୟୁଡୁ, ରବିନ ଉଥପ୍ପା ଓ ୟୁସୁଫ ପଠାନ ଖେଳୁଛନ୍ତି। ଅଶ୍ୱିନ ୨୦୨୪ ଡିସେମ୍ବରରେ ଅଷ୍ଟ୍ରେଲିଆ ଗସ୍ତ ସମୟରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ଅନୀଲ କୁମ୍ବଲେଙ୍କ ୬୧୯ ୱିକେଟ ପରେ ଅଶ୍ୱିନ ଟେଷ୍ଟ କ୍ରିକେଟରେ ଭାରତ ପାଇଁ ଦ୍ୱିତୀୟ ସର୍ବାଧିକ ୫୩୭ଟି ୱିକେଟ ନେଇଛନ୍ତି। ୨୦୨୫ ଆଇପିଏଲରେ ଚେନ୍ନଇ ସୁପରକିଙ୍ଗସ ପକ୍ଷରୁ ଖେଳିଥିଲେ। ଅଶ୍ୱିନ ଗତ ୨୭ରେ ଆଇପିଏଲରୁ ଅବସର ନେଇ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଥିଲେ।

# ଓଡ଼ିଶା ପ୍ରୋ ଟି-୨୦ ଲିଗ୍: ବ୍ରେଟ ଲି ବ୍ରାଣ୍ଡ ଆମ୍ବାସାଡର




କଟକ : ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ସେପ୍ଟେମ୍ବର ୨୦୨୫ରେ ଆରମ୍ଭ ହେବାକୁ ଥିବା ଓଡ଼ିଶା ପ୍ରୋ ଟି-୨୦ ଲିଗ୍ (ଓପିଟିଏଲ୍) ପାଇଁ ପୂର୍ବତନ ଅଷ୍ଟ୍ରେଲିଆ ଦ୍ରୁତ ବୋଲର ବ୍ରେଟ ଲି ଓ ଦେବାଶିଷ ମହାନ୍ତିଙ୍କୁ ବ୍ରାଣ୍ଡ ଆମ୍ବାସାଡର ଘୋଷଣା କରିଛି। ଏହି ଫ୍ରାଞ୍ଚାଇଜି ଭିତ୍ତିକ ଟୁର୍ଣ୍ଣାମେଣ୍ଟ ୧୫ରୁ ୨୪ ସେପ୍ଟେମ୍ବର ମଧ୍ୟରେ ଦିବାରାତ୍ର ମ୍ୟାଚ୍ ଆକାରରେ ଖେଳାଯିବ।

୬ଟି ଫ୍ରାଞ୍ଚାଇଜି ଟିମ୍‌ରେ କେବଳ ଓଡ଼ିଆ ଖେଳାଳି ସାମିଲ ହେବେ। ଫ୍ରାଞ୍ଚାଇଜି ପାଇଁ ୭ରୁ ୧୩ ସେପ୍ଟେମ୍ବର ଯାଏଁ (ଓସିଏ) ୱେବସାଇଟ୍‌ରେ ଆବେଦନ କରାଯାଇପାରିବ। ଅରିଭୋ ସ୍ପୋର୍ଟ୍ସ ପରିଚାଳନା ଦାୟିତ୍ୱ ନେବ। (ଓପିଟିଏଲ୍) ଉଦୀୟମାନ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏକ ପ୍ଲାଟଫର୍ମ ହେବ। ଓସିଏ ସଚିବ ସଞ୍ଜୟ ବେହେରା କହିଛନ୍ତି, "ଏହି ଲିଗ୍ ଓଡ଼ିଶାରେ କ୍ରିକେଟ୍‌ରେ ପରିବର୍ତ୍ତନଶୀଳ ପଦକ୍ଷେପ। ଏହା ଭାରତୀୟ ଘରୋଇ କ୍ରିକେଟ୍‌ରେ ପ୍ରମୁଖ ଶକ୍ତି ହେବ।"


ସଂପାଦକ : ଭର୍ତ୍ତୃହରି ମହତାବ ❐ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❐ Regional Office- BBSR, Ph- 2393583